# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୧/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, February 21/2023 | Page 16 | ₹ 7.00

୪୯ଶ ଭାଗ ୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 89 | ମୂଲ୍ୟ ₹୭/-




**ମନ୍ଧାନାଙ୍କ କ୍ୟାରିୟର ଶ୍ରେଷ୍ଠ ବ୍ୟାଟିଂ**

ଆୟର୍ଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଭାରତର ସ୍ମୃତି ମନ୍ଧାନା ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮୭ରନ ସଂଗ୍ରହ କରିଛନ୍ତି।

୧୬

୧୨

**ମା' ବାପାଙ୍କୁ ଦେଢ଼ଶହ କୋଟିର ଘର ଉପହାର**

ତାମିଲ ଅଭିନେତା ଧନୁଷ୍ ନିକଟରେ ଏକ ବିଳାସପୂର୍ଣ୍ଣ ଘର କିଣି ତାକୁ ତାଙ୍କ ମା' ବାପାଙ୍କୁ ଉପହାରରେ ଦେଇଛନ୍ତି।





ସମସ୍ତ କମ୍ୟୁନିଟି ସପୋର୍ଟ କର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ୬ କ୍ୟାଡରର ଭତ୍ତା ଶତପ୍ରତିଶତ କରିବା, ସିଏଫ୍‌ସି ଘର ଯୋଗାଣ ଆଦି ୧୦ ଦଫା ଦାବି ନେଇ ଅଲ୍ ଓଡିଶା ଗ୍ରାମ ପଞ୍ଚାୟତ ଲେଭଲ୍ ଫେଡେରେଶନ (ଜିପିଏଲ୍‌ଏଫ୍) ମିଶନଶକ୍ତି କର୍ମୀ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ମହାସମାବେଶ। **(ଫଟୋ-ମନୋରଞ୍ଜନ)**

# ୬୪୧୨ ଜନବସତିକୁ ରାସ୍ତା ନାହିଁ

- **କୋରାପୁଟ ଜିଲାରେ ସର୍ବାଧିକ ୮୪୮**
- **ସୁଯୋଗର ଫାଇଦା ନେଉଛି ଆନ୍ଧ୍ର**
- **ରିପୋର୍ଟ ମାଗିଲା ଗ୍ରାମ୍ୟ ନିର୍ମାଣ ବିଭାଗ**

ଯାଜପୁର ଅଫିସ,୨୦।୨

ରାଜ୍ୟରେ ଏବେବି ୬,୪୧୨ ଜନବସତିକୁ ରାସ୍ତା ସଂଯୋଗ ହୋଇପାରିନାହିଁ। ଏଥିରେ କୋରାପୁଟ ଜିଲାରେ ସର୍ବାଧିକ ୮୪୮ ଜନବସତି ରହିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ର ସ୍ୱତନ୍ତ୍ର ତଥ୍ୟଭିତ୍ତିକ ସଫ୍ଟୱେର 'ଅନ୍‌ଲାଇନ୍ ମ୍ୟାନେଜମେଣ୍ଟ ମନିଟରିଂ ଆଣ୍ଡ ଆକାଉଣ୍ଟିଂ ସିଷ୍ଟମ(ଓଏମ୍‌ଏମ୍‌ଏଏସ୍)' ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗର ସମସ୍ତ ଅଧୀକ୍ଷଣ ଏବଂ ନିର୍ବାହୀ ଯନ୍ତ୍ରୀଙ୍କୁ ୨୭।୨।୨୦୨୩ ସୁଦ୍ଧା ସବିଶେଷ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ(ପ୍ଲାନ୍ ରୋଡ୍) ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ହେଲେ ଦେଶ ସ୍ୱାଧୀନତାର ଏତେ ବର୍ଷ ପରେ ବି ଏତେସଂଖ୍ୟକ ଜନବସତିକୁ ରାସ୍ତା ହୋଇ ନ ପାରିବା ସରକାରୀ ଯୋଜନାଗୁଡ଼ିକର ବିଫଳତାକୁ ପ୍ରମାଣିତ କରୁଛି। କେତେକ ପ୍ରଭାବଶାଳୀ ନେତାଙ୍କ ଦ୍ୱାରା ଦୁର୍ନୀତିଗ୍ରସ୍ତ ଅଧିକାରୀ/କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଥିବାରୁ ବିକାଶର ପଥ ଏଭଳି ଭାବେ ଉନ୍ମୁକ୍ତ ହୋଇ ପାରୁନାହିଁ। ଏହାର ସୁଯୋଗରେ କୋରାପୁଟ ଜିଲା କୋଟିଆ ଅଞ୍ଚଳର ଆଦିବାସୀଙ୍କ ଅତି ନିକଟତର ହେବାକୁ ଆନ୍ଧ୍ରପ୍ରଦେଶ ସରକାର ଉଦ୍ୟମ କରୁଛନ୍ତି ବୋଲି ମତପ୍ରକାଶ ପାଉଛି।

ଗ୍ରାମାଞ୍ଚଳରେ ବିକାଶଧାରା କିଭଳି ଅପହଞ୍ଚ ତାହା ଓଏମ୍‌ଏମ୍‌ଏଏସ୍ ରିପୋର୍ଟ ସ୍ପଷ୍ଟ କରିଦେଉଛି। ଗମନାଗମନର ସୁବିଧା ଥିବା ଅଞ୍ଚଳକୁ ବିକଶିତ ବୋଲି ଧରାଯାଏ। କାରଣ ଗମନାଗମନ ବ୍ୟବସ୍ଥାକୁ ଆଧାର କରି ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିଥାଏ। କିନ୍ତୁ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଇଚ୍ଛାଶକ୍ତି ଅଭାବରୁ କେବଳ ରାସ୍ତା ନୁହେଁ, ଅନେକ ବିକାଶମୂଳକ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇପାରୁନାହିଁ। ଏବେ ଓଏମ୍‌ଏମ୍‌ଏଏସ୍ ରିପୋର୍ଟ ପ୍ରକାଶ ପାଇବାରେ ଗ୍ରାମ୍ୟ ନିର୍ମାଣ ବିଭାଗ ତତ୍ପର ହୋଇଉଠିଛି। ରାସ୍ତା ନ ଥିବା ଜନବସତିର ଚିହ୍ନଟ କରି ତାହାକୁ ପୂର୍ବରୁ କୌଣସି ଯୋଜନାରେ ସାମିଲ କରାଯାଇଛି କି ନାହିଁ ତାହା ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଉକ୍ତ ସ୍ଥାନଗୁଡ଼ିକୁ ବର୍ତ୍ତମାନ ଯିବା ପାଇଁ ଥିବା ବ୍ୟବସ୍ଥା, ମୁଖ୍ୟ ରାସ୍ତାଠାରୁ କେତେ ଦୂରତା ☞ପୃଷ୍ଠା-୪

## ଯୁବତୀଙ୍କ ବିବାହ ବୟସ ବୃଦ୍ଧି ଆବେଦନ ଖାରଜ

### ପାର୍ଲାମେଣ୍ଟ ଉପରେ ନିଷ୍ପତ୍ତି ଛାଡ଼ିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୨(ପି.ଟି.):** ଯୁବତୀଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ନିମନ୍ତେ ସୁପ୍ରିମକୋର୍ଟରେ ହୋଇଥିବା ଆବେଦନ ଖାରଜ ହୋଇଯାଇଛି। ଯୁବତୀଙ୍କ ବିବାହ ପାଇଁ ବୟସ ସୀମା ସମ୍ବିଧାନରେ ନିର୍ଦ୍ଧାରିତ ହୋଇଛି। ଏହାର ପରିବର୍ତ୍ତନ କେବଳ ପାର୍ଲାମେଣ୍ଟରେ ହୋଇପାରିବ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ପି.ଏସ୍. ନରସିଂମା ଏବଂ ବିଚାରପତି ଜେ.ବି. ପଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଆଇନରେ ଯୁବକଙ୍କ ବିବାହ ବୟସ ସୀମା ୨୧ ବର୍ଷ ଥିବାବେଳେ ଯୁବତୀଙ୍କ ବୟସ ୧୮ ରଖାଯାଇଛି। ଏହି ବୟସ ବିଭେଦ ସମ୍ବିଧାନର ଧାରା ୧୪, ୧୫ ଏବଂ ୨୧ର ବିରୁଦ୍ଧାଚରଣ କରୁଛି। ତେଣୁ ଯୁବତୀଙ୍କ ବିବାହ ବୟସ ସୀମାକୁ ଯୁବକଙ୍କ ଭଳି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କିଭ୍‌ରେ ବାଇଡେନ୍**

# ନବ ଦାସ ପ୍ରସଙ୍ଗ ବିରୋଧୀଙ୍କ ଅସ୍ତ୍ର

## ଆଜିଠାରୁ ବିଧାନସଭା

- **ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ସରକାରଙ୍କୁ ଘେରିବେ ବିରୋଧୀ**
- **ଭାଜପାକୁ ଅଡୁଆ ମହିଳା ପୋଲିସ ଅଧିକାରୀ ପ୍ରସଙ୍ଗ**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ବିଧାନସଭା ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏହି ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୨୧ରୁ ମାର୍ଚ୍ଚ ୧ ଓ ୨ୟ ପର୍ଯ୍ୟାୟ ମାର୍ଚ୍ଚ ୧୦ରୁ ଏପ୍ରିଲ ୬ ତାରିଖ ଯାଏ ଚାଲିବ। ପ୍ରଥମ ଦିବସର ଗୃହକାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ। ଫେବୃୟାରୀ ୨୪ରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ବଜେଟ ଉପସ୍ଥାପନ କରିବେ। ତେବେ ଏହି ଅଧିବେଶନ ଗତ ଅଧିବେଶନ ତୁଳନାରେ ଅଧିକ ସରଗରମ ହେବା ସମ୍ଭାବନା ରହିଛି। ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ପୋଲିସ ଅଧିକାରୀ ଗୁଳିକରି ହତ୍ୟା କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରିବାକୁ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦେଇଛନ୍ତି। ଏଥିସହିତ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ କ'ଣ ଏବେ ବି ତାହା ଅସମାହିତ ହୋଇ ରହିଛି। କ୍ରାଇମବ୍ରାଞ୍ଚ ତଦନ୍ତରେ ବିରୋଧୀ ଭାଜପା ଓ କଂଗ୍ରେସ ସନ୍ତୁଷ୍ଟ ନୁହନ୍ତି। ଏହାକୁ ନେଇ ଉଭୟ ଦଳ ସରକାରଙ୍କୁ ଆକ୍ରମଣ ଜାରି ରଖିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଚଳିତ ବିଧାନସଭାରେ ବିରୋଧୀ ଆକ୍ରମଣକୁ ଆହୁରି ଜୋର୍‌ଦାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ରାଜ୍ୟରେ ହତ୍ୟା, ଅପହରଣ, ବଳାତ୍କାର, ନାରୀ ନିର୍ଯାତନା ବଢ଼ିଚାଲିଛି। ବିଧାନସଭାରେ ଦଳ ପକ୍ଷରୁ ଏହାକୁ ମୁଖ୍ୟ ପ୍ରସଙ୍ଗ କରାଯିବ। ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ୨୩ ଦିନ ବିତିଯାଇଥିଲେ ସୁଦ୍ଧା ପ୍ରକୃତ ଷଡ଼ଯନ୍ତ୍ରକାରୀଙ୍କୁ ଧରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ଓଡ଼ିଶାର ଲୋକମାନେ ନ୍ୟାୟ ପାଇବା ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି। ଏ ନେଇ ସରକାରଙ୍କଠାରୁ କୈଫିୟତ ତଲବ କରାଯିବ। ଏଥିସହିତ ଚାଉଳ ହଡ଼ପ, ପ୍ରଧାନ ମନ୍ତ୍ରୀ ଆବାସ, ଧାନମଣ୍ଡି, ଏମ୍‌ଏସ୍‌ପି, ସ୍ୱାସ୍ଥ୍ୟସେବା, ବେକାରି, ଦାଦନ ସମସ୍ୟା, ପ୍ରାଥମିକ ଶିକ୍ଷା ଆଦି ସମସ୍ୟାକୁ ନେଇ ସରକାରଙ୍କଠାରୁ କୈଫିୟତ ତଲବ କରାଯିବ ବୋଲି ସେ କହିଛନ୍ତି। ଏଥିସହ ଭାଜପା ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବାନ୍ଧବୀ ସୋମାଲିକା ଦାଶଙ୍କ ପ୍ରସଙ୍ଗ ଉଠାଇବ। ନିକଟରେ ସୋମାଲିକା ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ଭେଟି ଏହି ପ୍ରସଙ୍ଗ ଉଠାଇବାକୁ ଅନୁରୋଧ କରିଛନ୍ତି। ତେବେ ମହିଳା ପୋଲିସ ଅଧିକାରୀଙ୍କୁ ଧକ୍କା ମାରିବା ପ୍ରସଙ୍ଗକୁ ନେଇ ଭାଜପା ଅଡୁଆରେ ପଡ଼ିଛି। ଶାସକ ଦଳ ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତାଙ୍କୁ ଟାର୍ଗେଟ୍ କରିଛି। ବିଧାନସଭାରେ ଦଳକୁ ବିଜେଡିର କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ।

ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଆଇନଶୃଙ୍ଖଳାକୁ ବିଧାନସଭାରେ ମୁଖ୍ୟ ଅସ୍ତ୍ର କରିବାକୁ ରଣନୀତି ପ୍ରସ୍ତୁତ କରିଛି। ମଙ୍ଗଳବାର ପୂର୍ବାହ୍ନରେ କଂଗ୍ରେସ ବିଧାୟକ ଦଳରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହି ଘଟଣାର ତଦନ୍ତ ବାଟବଣା ହେଉଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ହତ୍ୟାକାଣ୍ଡ ପଛରେ ବହୁ ନେତା ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିବା ସହ ଦଳ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ମାର୍ଚ୍ଚ ୧୩ରେ ରାଜଭବନ ସମ୍ମୁଖରେ ଆନ୍ଦୋଳନ କରିବା ନେଇ ନିଷ୍ପତ୍ତି ନେଇଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଆସନ୍ତା ଅଧିବେଶନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ☞ପୃଷ୍ଠା-୪

# ଘରେ ପଶି ଏସିଡ୍ ମାଡ଼

## ଦ୍ୱିତୀୟ ସ୍ତ୍ରୀ, ୨ ଶିଶୁ ସମେତ ୪ ଗୁରୁତର

ବାଲେଶ୍ୱର ଅଫିସ, ୨୦।୨

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଭୀମପୁରା ଗ୍ରାମରେ ସ୍ପଷ୍ଟ ଦିବାଲୋକରେ ଘରେ ପଶି ଏସିଡ୍ ମାଡ଼ ଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିରେ ଆକ୍ରମଣକାରୀଙ୍କ ଦ୍ୱିତୀୟ ସ୍ତ୍ରୀ, ୨ଶିଶୁଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏସିଡ୍ ଫିଙ୍ଗିଥିବା ଯୁବକଜଣକ ଫେରାର ହୋଇଯାଇଛନ୍ତି। ଏନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଆହତମାନେ ହେଲେ ଭୀମପୁରା ଗ୍ରାମର କାର୍ତ୍ତିକ ସିଂଙ୍କର ଦୁଇ ଝିଅ ବର୍ଷା ସିଂ (୨୨) ଓ ବନିତା ସିଂ (୨୧), ବର୍ଷାଙ୍କ ୬ ବର୍ଷର ଝିଅ ଓ ୮ ମାସର ପୁଅ।

ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ ନୟାପାଟଣା ଗ୍ରାମର ଚନ୍ଦନ କୁମାର ରଣା (୨୮) ଭୀମପୁରା ଅଞ୍ଚଳର ଏକ ଗହଣା ଦୋକାନରେ ସୁନାରି ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ତାଙ୍କର ବନିତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରାୟ ଦେଢ଼ ମାସ ପୂର୍ବେ ଉଭୟେ ବିବାହ କରିଥିଲେ। ମାତ୍ର ପୂର୍ବରୁ ଚନ୍ଦନ ବିବାହିତ ଏବଂ ତାଙ୍କର ଦୁଇ ସନ୍ତାନ ରହିଥିବା ବିବାହ ପରେ ବନିତା ଜାଣିବାକୁ ପାଇଥିଲେ। ପରେ ବନିତା ବାପଘରକୁ ପଳାଇ ଆସିବା ସହ ଭୀମପୁରାରେ ଭଡ଼ା ନେଇ ରହୁଥିବା ବଡ଼ ଭଉଣୀ ବର୍ଷାଙ୍କ ଘରେ ଆଶ୍ରୟ ନେଇଥିଲେ। ସେ ସହଦେବଖୁଣ୍ଟା ଥାନାରେ ଚନ୍ଦନଙ୍କ ବିରୋଧରେ ଏତଲା ମଧ୍ୟ ଦେଇଥିଲେ। ୧୫ ଦିନ ତଳେ ଥାନାରେ ଚନ୍ଦନ ଓ ବନିତା ଉଭୟଙ୍କଠାରୁ ଅଲଗା ରହିବା ନେଇ ଦୁଇ ପରିବାର ମଧ୍ୟରେ ବୁଝାମଣା ହୋଇଥିଲା। ଏପରିକି କେହି କାହା ସହ ସମ୍ପର୍କ ରଖିବେ ନାହିଁ ବୋଲି ଉଭୟ ଚନ୍ଦନ ଓ ବନିତା ପ୍ରତିଶ୍ରୁତି ଦେଇଥିଲେ। ତେବେ ସୋମବାର ପୂର୍ବାହ୍ନ ୧୧ଟା ବେଳେ ☞ପୃଷ୍ଠା-୪

# ସୁଯୋଗ ମିଳିଲେ ଗୋପାଳ ଭଳି ଗୁଳି କରିଦେବି

## ପୂର୍ବତନ ବିଧାୟକଙ୍କୁ କନଷ୍ଟେବଲଙ୍କ ହତ୍ୟା ଧମକ

### ନେତାଙ୍କୁ ପୋଲିସ ଭୟ

- **ଡିଜିପିଙ୍କ ନିର୍ଦ୍ଦେଶ ପରେ ବନ୍ଧୁକ ଜବତ ସୂଚନା**
- **ଘଟଣା ସମ୍ବେଦନଶୀଳ, ତଦନ୍ତସାପେକ୍ଷ: ରାଧାରାଣୀ**

ସମ୍ବଲପୁର,୨୦।୨(ବ୍ୟୁରୋ)

ଜାନୁୟାରୀ ୨୯ରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଝାରସୁଗୁଡା ଜିଲା ଗାନ୍ଧୀ ଛକ ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ। ଏହି ଘଟଣାରେ ରାଜ୍ୟ ପୋଲିସ ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରେ ଏହାକୁ ନେଇ ସମାଲୋଚନା କରାଯାଇଥିଲା। ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ ହୋଇଥିଲେ ମଧ୍ୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ୨୨ଦିନ ପରେ ବି କାରଣ ସ୍ପଷ୍ଟ କରିପାରି ନାହିଁ। ଏବେ ଉକ୍ତ ଜିଲାର କୋଲାବିରା ଥାନାରେ ଜଣେ ପୋଲିସ କନଷ୍ଟେବଲ ପୂର୍ବତନ ବିଧାୟକଙ୍କୁ ଗୁଳିକରି ହତ୍ୟା କରିବାକୁ ଧମକ ଦେବା ଘଟଣା ପୋଲିସ ବିଭାଗକୁ ଆହୁରି ଅଡୁଆରେ ପକାଇ ଦେଇଛି।

ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ କନଷ୍ଟେବଲଙ୍କୁ ଦିଆଯାଇଥିବା ବନ୍ଧୁକ ପୋଲିସ ବିଭାଗ ଜବତ କରିନେଇଥିବା ଜଣାପଡ଼ିଛି। ରବିବାର ଏହି ଘଟଣା ଘଟିଥିବା ବେଳେ ପୋଲିସ ନିଜ ଦୋଷ ଦୁର୍ବଳତା ଯେଭଳି ପଦାକୁ ନ ଆସୁ ସେଥିପାଇଁ ଚପାଇବାକୁ ଉଦ୍ୟମ କରୁଛି। ହେଲେ ସୋମବାର ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରବିବାର କନଷ୍ଟେବଲ ଜଣଙ୍କ ଥାନା ଭିତରେ ହୋ ହଲ୍ଲା କରିଥିଲେ। ବ୍ରଜରାଜନଗରର ଜଣେ ପୂର୍ବତନ ବିଧାୟକ ତାଙ୍କୁ ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଛନ୍ତି। ତାଙ୍କ ଉପରେ ବହୁତ ରାଗ ରହିଛି। ଯଦି ସୁଯୋଗ ମିଳେ ଗୋପାଳ ଭଳି ଗୁଳିକରି ହତ୍ୟା କରିଦେବି ବୋଲି କହିଥିଲେ। ଏହାକୁ ନେଇ ଥାନା ପରିସରରେ ତୁମୁଳକାଣ୍ଡ ଘଟିଥିଲା। ଏନେଇ କୋଲାବିରା ଥାନା ଅଧିକାରୀ ଝାରସୁଗୁଡ଼ା ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଥିଲେ। ଏସ୍‌ପି ଡିଜିପିଙ୍କୁ ଅବଗତ କରାଇଥିଲେ। ପରେ ଉକ୍ତ କନଷ୍ଟେବଲଙ୍କୁ ଦିଆଯାଇଥିବା ବନ୍ଧୁକ ତାଙ୍କଠାରୁ ଜବତ କରାଯାଇଥିବା କୁହାଯାଉଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନବ ଦାସ ହତ୍ୟା ଘଟଣା ପରେ ପୋଲିସ ରାଜନେତାଙ୍କ ପାଇଁ ବିପଦ ବୋଲି ଆଲୋଚନା ହେଉଛି। ☞ପୃଷ୍ଠା-୪

# କିଭ୍ ଗସ୍ତରେ ବାଇଡେନ୍

## ୫୦୦ ନିୟୁତ ଡଲାରର ସାମରିକ ସହାୟତା ଘୋଷଣା

କିଭ୍,୨୦।୨

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଆସନ୍ତା ୨୪ ତାରିଖରେ ବର୍ଷେ ପୂରିବ। ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ଅଚାନକ ୟୁକ୍ରେନ୍ ରାଜଧାନୀ କିଭ୍ ଗସ୍ତ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଯୁଦ୍ଧର ପ୍ରଥମ ବର୍ଷ ପୂର୍ତ୍ତି ପୂର୍ବରୁ ୟୁକ୍ରେନ୍‌କୁ ଆଉ ୫୦୦ ନିୟୁତ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଓ ସାମରିକ ସହାୟତା ଯୋଗାଇଦେବା ଲାଗି ବାଇଡେନ୍ ପ୍ରତିଶ୍ରୁତି ଦେଇଛନ୍ତି। ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ଆମେରିକା ରାଷ୍ଟ୍ରପତିଙ୍କର ଏହା ପ୍ରଥମ କିଭ୍ ଗସ୍ତ। ସେ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିବା ☞ପୃଷ୍ଠା-୪



ୟୁକ୍ରେନ୍ ଗସ୍ତରେ ସୋମବାର ଯାଇଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଆଲିଙ୍ଗନ କରୁଛନ୍ତି।

**ବୋମା ଆତଙ୍କ: ଲକ୍ଷ୍ନୌ ଗଲା ଦେଓଘର ବିମାନ**

ବୋମା ରହିଥିବା ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିବା ପରେ ସୋମବାର ନୂଆଦିଲ୍ଲୀରୁ ଦେଓଘର ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ଉତ୍ତରପ୍ରଦେଶର ଲକ୍ଷ୍ନୌକୁ ନିଆଯାଇଥିଲା। ଆବଶ୍ୟକ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଯାଞ୍ଚ ପରେ ୬ଇ ୬୧୯୧ ବିମାନକୁ ପୁନର୍ବାର ଦେଓଘର ଯିବା ଲାଗି ଅନୁମତି ମିଳିଥିଲା। ସୁରକ୍ଷା ସଂସ୍ଥା ନିୟମ ଅନୁଯାୟୀ ତଦନ୍ତ କରାଯାଇଥିଲା ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ତେବେ ବିମାନରେ କେତେଜଣ ଯାତ୍ରୀ ଥିଲେ ଜଣାପଡ଼ିନାହିଁ।



## ସଂକ୍ଷେପରେ

### ବ୍ରାଜିଲରେ ବର୍ଷା ବିପ୍ୱାତ: ୩୬ ମୃତ

**ସାଓ ପାଉଲୋ,୨୦।୨:** ବ୍ରାଜିଲର ଉତ୍ତର ଭାଗରେ ଥିବା ସାଓ ପାଉଲୋ ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନରେ ୩୬ ଜଣଙ୍କ ମୃତ୍ୟୁ ଘଟିଲାଣି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଇଛି। ବନ୍ୟାରେ ସାଓ ସେବାଷ୍ଟିଓ, ଉବାଟୁବା, ଇଲାବେଲା ଏବଂ ବେର୍ଟିଓଗା ସହର ଅଧିକ କ୍ଷତିଗ୍ରସ୍ତ ହୋଇଛି। ଭୂସ୍ଖଳନରେ ମାଟିତଳେ ରହିଯାଇଥିବା ଲୋକଙ୍କୁ ଉଦ୍ଧାର ଲାଗି ଉଦ୍ୟମ ଜାରି ରହିଛି। ବର୍ଷା ବିପ୍ୱାତ ଲାଗିରହିଥିବାରୁ କାର୍ନିଭାଲ ଉତ୍ସବକୁ ବାତିଲ କରିଦିଆଯାଇଛି। ଭୂସ୍ଖଳନରେ ୫୦ରୁ ଊର୍ଦ୍ଧ୍ୱ ଘର ଭୁଶୁଡ଼ିଥିବାବେଳେ ବହୁ ଲୋକ ନିଖୋଜ ଅଛନ୍ତି।

### ପାକିସ୍ତାନରେ ବସ୍ ଖାତକୁ ଖସି ୧୫ ମୃତ

**ଲାହୋର,୨୦।୨:** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ବରଯାତ୍ରୀମାନଙ୍କୁ ନେଇ ବିବାହ ଉତ୍ସବରୁ ଫେରୁଥିବା ଏକ ଦ୍ରୁତଗାମୀ ବସ୍ ଗଭୀର ନାଳକୁ ଖସିପଡ଼ିବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬୦ ଜଣ ଆହତ ହୋଇଛନ୍ତି। ବସ୍‌ଟି ଇସ୍‌ଲାମାବାଦରୁ ଲାହୋର ଯାଉଥିବାବେଳେ ରବିବାର ବିଳମ୍ବିତ ରାତିରେ କଲ୍ଲାର କହର ସଲ୍ଟ ରେଞ୍ଜ ଅଞ୍ଚଳରେ ଓଲଟି ପଡ଼ିଥିଲା। ଓଲଟିବା ପୂର୍ବରୁ ଏହା ବିପରୀତ ଦିଗରୁ ଆସୁଥିବା ୩ଟି ଗାଡ଼ିକୁ ଧକ୍କା ଦେଇଥିଲା। ବସ୍‌କୁ କାଟି ମୃତାହତମାନଙ୍କୁ ବାହାର କରାଯାଇଥିଲା। ଆହତଙ୍କୁ ରାୱଲପିଣ୍ଡି ଏବଂ ଇସ୍‌ଲାମାବାଦର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

### ଝାଡଖଣ୍ଡ ଚିଫ୍ ଜଷ୍ଟିସ୍ ଭାବେ ଶପଥ ନେଲେ ଜଷ୍ଟିସ୍ ସଞ୍ଜୟ ମିଶ୍ର

**ରାଞ୍ଚି, ୨୦।୨:** ଝାଡ଼ଖଣ୍ଡ ହାଇକୋର୍ଟ ଚିଫ୍ ଜଷ୍ଟିସ୍ ଭାବେ ସୋମବାର ଶପଥ ନେଇଛନ୍ତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର। ରାଜ ଭବନରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଜଷ୍ଟିସ୍ ସଞ୍ଜୟଙ୍କ ଶପଥ ଗ୍ରହଣ କରାଇଥିଲେ। ସଞ୍ଜୟ ମିଶ୍ର ଝାଡ଼ଖଣ୍ଡ ହାଇକୋର୍ଟର ୧୪ତମ ମୁଖ୍ୟ ବିଚାରପତି। ଏନେଇ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍, କ୍ୟାବିନେଟ ସଦସ୍ୟ, ବହୁ ଜଜ୍ ଯୋଗ ଦେଇଥିଲେ।



### ୨୬ରେ ହାଜର ପାଇଁ ସିସୋଡିଆଙ୍କୁ ସିବିଆଇ ସମନ

**ନୂଆଦିଲ୍ଲୀ,୨୦।୨:** ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ଅନିୟମିତତା ମାମଲାରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଆସନ୍ତା ୨୬ ତାରିଖରେ ହାଜର ହେବା ଲାଗି ସିବିଆଇ ସୋମବାର ସମନ ଜାରି କରିଛି। ଆମ୍ ଆଦ୍‌ମୀ ପାର୍ଟି ନେତା ସିସୋଡିଆଙ୍କୁ ରବିବାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାରେ ହାଜର ହେବା ପାଇଁ ପୂର୍ବରୁ ନୋଟିସ ହୋଇଥିବାବେଳେ ଦିଲ୍ଲୀ ସରକାରଙ୍କ ବଜେଟ କାର୍ଯ୍ୟ ପାଇଁ ସେ କିଛିଦିନ ସମୟ ମାଗିଥିଲେ। ସିବିଆଇ ମଧ ତାଙ୍କ ଅନୁରୋଧ ରକ୍ଷା କରି ଜେରା ସମୟ ପରିବର୍ତ୍ତନ କରିବାକୁ ରାଜି ହୋଇଥିଲା। ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆଙ୍କୁ ଗତବର୍ଷ ଅକ୍ଟୋବର ୧୭ରେ ସିବିଆଇ ଜେରା କରିବା ସହ ତାଙ୍କ ଘର ଓ ବ୍ୟାଙ୍କ ଲକର ଯାଞ୍ଚ କରିଥିଲା। ଏହି ମାମଲାରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ସିସୋଡିଆଙ୍କ ନାମ ନାହିଁ। ତେବେ ତାଙ୍କ ସମେତ ଅନ୍ୟ କେତେଜଣଙ୍କ ବିରୋଧରେ ତଦନ୍ତ ଜାରି ରହିଛି।



ଜମ୍ମୁ-କଶ୍ମୀରର ରମ୍ବାନ ଜିଲାରେ ଭୂସ୍ଖଳନ ଯୋଗୁ ସଙ୍ଗଲଦାନ-ଗୁଲ୍ ରାସ୍ତା ଫାଟି ନଷ୍ଟ ହୋଇଯାଇଛି।

# ଶାଶୁ, ସ୍ୱାମୀଙ୍କୁ ଖଣ୍ଡ ଖଣ୍ଡ କଲେ ମହିଳା

- ବନ୍ଧୁଙ୍କ ସହ ମିଶି କରିଥିଲେ ହତ୍ୟା
- ମେଘାଳୟରେ ନେଇ ଫୋପାଡ଼ିଥିଲେ

**ଗୁଆହାଟୀ, ୨୦।୨**

ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ଶ୍ରଦ୍ଧା ୱାଲକର, ନିକ୍କି ଯାଦବ ଓ ମେଘା ହତ୍ୟାକାଣ୍ଡ ପରେ ଆସାମରୁ ଆଉ ଏକ ଚକିତ କଲାଭଳି ଘଟଣା ସାମ୍ନାକୁ ଆସିଛି। ଆସାମର ବନ୍ଦନା କଲିତା(୩୨) ତାଙ୍କ ଶାଶୁ ଏବଂ ସ୍ୱାମୀଙ୍କୁ ହତ୍ୟା କରି ଗିରଫ ହୋଇଛନ୍ତି। ଦୁଇ ବନ୍ଧୁ ଦାନ୍ତି ଡେକା ଏବଂ ଅରୂପ ଡେକାଙ୍କ ସହଯୋଗରେ ବନ୍ଦନା ଏହି ଜଘନ୍ୟ କଣ୍ଡ କରିଥିବା ପୋଲିସ କହିଛି। ସ୍ୱାମୀ ଅମରଜ୍ୟୋତି ଦେ(୩୫) ଏବଂ ଶାଶୁ ଶଙ୍କରୀ ଦେ(୬୨)ଙ୍କୁ ୭ ମାସ ପୂର୍ବରୁ ତିନି ଅଭିଯୁକ୍ତ ହତ୍ୟା କରିଥିଲେ। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ ପଚରାଉଚରା କରୁଛି। ହତ୍ୟାକାଣ୍ଡକୁ ଭିନ୍ନ ରୂପ ଦେବା ଲାଗି ବନ୍ଦନା ନୂନମତି ଥାନାରେ ଗତ ସେପ୍ଟେମ୍ବରରେ ଅମରଜ୍ୟୋତି ଓ ଶଙ୍କରୀ ନିଖୋଜ ଥିବା ଅଭିଯୋଗ କରିଥିଲେ। ଶଙ୍କରୀ ନିଖୋଜ ଥବା ସତ୍ତ୍ୱେ ତାଙ୍କ ଏଟିଏମ୍ କାର୍ଡ ବ୍ୟବହାର ହେଉଥିବା ତାଙ୍କ ପୁତୁରା ନିର୍ମାଲ୍ୟ ଅଭିଯୋଗ କରିଥିଲେ। ଶଙ୍କରୀ ଓ ଅମରଜ୍ୟୋତିଙ୍କୁ ଅପହରଣ କରାଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଦୁଇଟି ଅଭିଯୋଗକୁ ଭିତ୍ତି କରି ପୋଲିସର ତଦନ୍ତ କରିଥିଲେ ହେଁ କୌଣସି ସଫଳତା ମିଳି ନ ଥିଲା। ପୋଲିସ ତଦନ୍ତରେ ଅବହେଳା କରୁଥିବା ଫେବୃୟାରୀ ୧୪ରେ ବନ୍ଦନା ଗୁଆହାଟୀ ପୋଲିସ କମିଶନରଙ୍କ ଅଫିସରେ ଅଭିଯାଗ କରିଥିଲେ। ଏହାପରେ ପୋଲିସର ସ୍ୱତନ୍ତ୍ର ଟିମ୍ ଘଟଣା ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ପୋଲିସ ବନ୍ଦନା ଓ ନିର୍ମାଲ୍ୟଙ୍କୁ ପଚରାଉଚରା କରିଥିଲା। ଦୁଇଦିନର ଜେରା ପରେ ବନ୍ଦନା ପୋଲିସ ଆଗରେ ସତ ମାନି ଯାଇଥିଲେ। ବନ୍ଧୁ ଦାନ୍ତି ଡେକାଙ୍କ ସହଯୋଗରେ କଟା ଶରୀରକୁ ମେଘାଳୟ ନେଇ ଫୋପାଡ଼ି ଦେଇଥିଲେ। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



ବନ୍ଦନା କଲିତା



ଶଙ୍କରୀ ଦେ | ଅମରଜ୍ୟୋତି ଦେ

# ଇସିଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଗଲେ ଉଦ୍ଧବ ଗୋଷ୍ଠୀ

**ନୂଆଦିଲ୍ଲୀ/ମୁମ୍ବାଇ,୨୦।୨**

ନିର୍ବାଚନ କମିଶନ (ଇସି) ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ଅସଲ ଶିବସେନା ଭାବେ ସ୍ୱୀକୃତି ଦେବା ସହ ନିର୍ବାଚନୀ ଚିହ୍ନ 'ଧନୁତୀର' ପ୍ରଦାନ କରିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୋମବାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୀଘ୍ର ଶୁଣାଣି ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠରେ ପିଟିଶନ ଉପସ୍ଥାପନ କରାଯାଇଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଛନ୍ତି। ତେବେ ସିଜେଆଇ କୌଣସି ନିର୍ଦ୍ଦେଶ ଦେବାକୁ ମନା କରିଦେଇଛନ୍ତି। ଶୁକ୍ରବାର ଇସି ଏକନାଥ ଗୋଷ୍ଠୀଙ୍କୁ ଧନୁତୀର ଚିହ୍ନ ପ୍ରଦାନ କରିବା ସହ ଉଦ୍ଧବ ଠାକ୍‌ରେ ଗୋଷ୍ଠୀଙ୍କ ମଶାଲ ଚିହ୍ନ କାଏମ ରଖିଥିଲେ। ଶିବସେନାର ୫୫ ନିର୍ବାଚିତ ବିଧାୟକ ପାଇଥିବା ଭୋଟର ୭୬ ପ୍ରତିଶତ ଏକନାଥ ଗୋଷ୍ଠୀ ସପକ୍ଷରେ ଯାଇଥିବାବେଳେ ଉଦ୍ଧବ ଗୋଷ୍ଠୀଙ୍କୁ ୨୩.୫ ପ୍ରତିଶତ ମିଳିଥିବା ଇସି କହିଥିଲେ।

**ନିର୍ବାଚନ କମିଶନ ଭାଙ୍ଗିଦେବାକୁ ଦାବି**



ଉଦ୍ଧବ ଠାକ୍‌ରେ

ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଭୁଲ୍ ଏବଂ ଗ୍ରହଣୀୟ ନୁହେଁ ବୋଲି ଶିବସେନା (ୟୁବିଟି) ଅଧକ୍ଷ ଉଦ୍ଧବ କହିଛନ୍ତି। ଏଭଳି ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ ନିଷ୍ପତ୍ତି ଅର୍ଥ ବଳ ବିନା ହୋଇପାରିବ ନାହିଁ। ତେଣୁ ନିର୍ବାଚନ କମିଶନଙ୍କୁ ଭାଙ୍ଗିଦେବା ସହ ନିରପେକ୍ଷ କମିଶନ ନିଯୁକ୍ତି ଲାଗି ସେ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ସେ ପର୍ଯ୍ୟନ୍ତ ଇସିଙ୍କ କାର୍ଯ୍ୟ ସୁପ୍ରିମକୋର୍ଟ ପରିଚାଳନା କରିବା ଉଚିତ ବୋଲି ଉଦ୍ଧବ କହିଛନ୍ତି।

# ଛତିଶଗଡ଼ କଂଗ୍ରେସ ନେତାଙ୍କ ଘରେ ଇଡି ଚଢ଼ାଉ

**ନୂଆଦିଲ୍ଲୀ,୨୦।୨**

କୋଇଲା ଲେଭି ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଛତିଶଗଡ଼ର କେତେଜଣ କଂଗ୍ରେସ ନେତାଙ୍କ ଘରେ ଚଢ଼ାଉ କରିଛି। ଛତିଶଗଡ଼ ରାଜଧାନୀ ରାୟପୁରରେ ଆସନ୍ତା ୨୪ରୁ କଂଗ୍ରେସର ୩ ଦିନିଆ ମହାସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହାର ୩ ଦିନ ପୂର୍ବରୁ ଇଡି ଚଢ଼ାଉକୁ ନେଇ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। କେନ୍ଦ୍ର ସରକାର ପ୍ରତିଶୋଧ ଓ ଉତ୍ପୀଡ଼ନର ତୃତୀୟ ଗ୍ରେଡ୍ ରାଜନୀତି କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଏହା ଅମୃତ କାଳ ନୁହେଁ ଅଘୋଷିତ ଏମର୍ଜେନ୍ସି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ଗଣତନ୍ତ୍ରର ସଂହାରକାରୀ ବୋଲି ଅଭିହିତ କରିଛନ୍ତି।

**ପ୍ରତିଶୋଧର ତୃତୀୟ ଗ୍ରେଡ୍ ରାଜନୀତି: ବିରୋଧୀ**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଇଡି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଗତ ୯ ବର୍ଷ ମଧ୍ୟରେ ଇଡି କରିଥିବା ଚଢ଼ାଉ ମଧ୍ୟରୁ ୯୫ ପ୍ରତିଶତ ବିରୋଧୀ ଦଳ ନେତାମାନଙ୍କ ବିରୋଧରେ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ନେତା। ମୋଦି ସରକାର ଇଡିର ଦୁରୁପଯୋଗ କରି ରାୟପୁର ଅଧିବେଶନ ପୂର୍ବରୁ ଭାଜପାର ଭୀରୁତାକୁ ପ୍ରଦର୍ଶିତ କରିଥିବା ଖାର୍ଗେ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବିରୋଧୀ ଦଳର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଦୁର୍ନୀତି କାରଣରୁ କଂଗ୍ରେସ କ୍ଷମତାରୁ ହଟିଥିଲା। ଏହି ଦଳ ଦୁର୍ନୀତି ପ୍ରସଙ୍ଗରେ କହିବା ଠିକ୍ ନୁହେଁ ବୋଲି ନିର୍ମଳା କହିଛନ୍ତି।

# କର୍ଣ୍ଣପ୍ରୟାଗରେ ଭୁଶୁଡ଼ିବା ସ୍ଥିତିରେ ୨୮ ଘର

**କର୍ଣ୍ଣପ୍ରୟାଗ,୨୦।୨**

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ଜୋଷୀମଠ ପରେ କର୍ଣ୍ଣପ୍ରୟାଗର ଅନେକ ଘରେ ଫାଟ ସୃଷ୍ଟି ହୋଇଛି। ଏହି ଫାଟଗୁଡ଼ିକ ଦ୍ରୁତ ବଢୁଥିବାରୁ ୨୮ଟି ଘର ଭୁଶୁଡ଼ିବା ଅବସ୍ଥାକୁ ଆସିଲାଣି। ଚାମୋଲି ଜିଲାପାଳ ହିମାଂଶୁ ଖୁରାନା, କର୍ଣ୍ଣପ୍ରୟାଗ ଏସ୍‌ଡିଏମ୍ ହିମାଂଶୁ କାଫଲତିଆ, ବିଧାୟକ ଅନିଲ ନୌଟିୟାଲ ଏବଂ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଏନ.କେ. ଜୋଷୀ ରବିବାର ବହୁଗୁଣା ନଗର, ସୁଭାଷ ନଗର ଏବଂ ଉପର ବଜାର ଯାଇ ପ୍ରଭାବିତ ଘରଗୁଡ଼ିକୁ ଅନୁଧ୍ୟାନ କରିଛନ୍ତି। ନିରାପତ୍ତା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଅନୁରୋଧ କରିଥିଲେ। ପ୍ରଭାବିତ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଉକ୍ତ ଘରେ କ୍ରାକୋମିଟର ଲଗାଇ ଫାଟ କେତେ ବଢୁଛି ଅନୁଧ୍ୟାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



କର୍ଣ୍ଣପ୍ରୟାଗ ଅଞ୍ଚଳରେ ଏକ ଘରେ ଫାଟ ସୃଷ୍ଟି ହୋଇଛି।

### ରୁଷିଆ ଗସ୍ତରେ ଚାଇନାର ଶୀର୍ଷ କୂଟନୀତିଜ୍ଞ

**ହଂକଂ,୨୦।୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ୟୁକ୍ରେନ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିବା ଲାଗି ସୋମବାର କିଭ୍‌ରେ ପହଞ୍ଚିଥିବାବେଳେ ଚାଇନାର ଶୀର୍ଷ କୂଟନୀତିଜ୍ଞ ୱାଙ୍ଗ ୟି ରୁଷିଆ ଗସ୍ତରେ ଯାଉଛନ୍ତି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମୁଖ୍ୟ ବୈଦେଶିକ ନୀତି ଉପଦେଷ୍ଟା ୱାଙ୍ଗ ୮ଦିନିଆ ୟୁରୋପ ଗସ୍ତର ଅଂଶ ସ୍ୱରୂପ ମସ୍କୋରେ ପହଞ୍ଚିବେ। ରୁଷିଆ ୟୁକ୍ରେନ୍ ଯୁଦ୍ଧକୁ ଆସନ୍ତା ଶୁକ୍ରବାର ବର୍ଷେ ପୂରିବାକୁ ଯାଉଥିବାବେଳେ ଏହାର ୩ ଦିନ ପୂର୍ବରୁ ବାଇଡେନ୍ ଏବଂ ୱାଙ୍ଗଙ୍କ ଗସ୍ତ ବିଶ୍ୱର ଦୁଇ ସୁପରପାୱାର ମଧ୍ୟରେ ଭୂରାଜନୈତିକ ଫାଟକୁ ଆହୁରି ଶାଣିତ କରିବ ବୋଲି କୁହାଯାଉଛି।



ୱାଙ୍ଗ ୟି

# ତୁର୍କୀରୁ ଫେରିଲେ ଆର୍ମି ମେଡିକାଲ ଟିମ୍



ତୁର୍କୀରେ 'ଅପରେଶନ୍ ଦୋସ୍ତ'ରେ ସାମିଲ ଆର୍ମି ମେଡିକାଲ ଟିମ୍ ସୋମବାର ଗାଜିଆବାଦସ୍ଥିତ ହିଣ୍ଡୋନ ଏୟାରବେସ୍‌ରେ ପହଞ୍ଚିଛନ୍ତି।

**ନୂଆଦିଲ୍ଲୀ, ୨୦।୨**

ଭୂକମ୍ପରେ ପ୍ରଭାବିତ ତୁର୍କୀରେ ଦୁଇ ସପ୍ତାହ ଧରି ମେଡିକାଲ ରିଲିଫ୍ ଅପରେଶନ୍ ସାରି ଆର୍ମିର ମେଡିକାଲ ଟିମ୍ ସୋମବାର ଭାରତ ଫେରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଟୁଇଟର ପୋଷ୍ଟ ଜରିଆରେ ଏହାର ସୂଚନା ଦେଇଛନ୍ତି। 'ଅପରେଶନ୍ ଦୋସ୍ତ'ରେ ସାମିଲ ହୋଇଥିବା ଆର୍ମି ମେଡିକାଲର ୯୯ ଜଣିଆ ଟିମ୍ ସୋମବାର ଦିନ ଗାଜିଆବାଦସ୍ଥିତ ହିଣ୍ଡୋନ ଏୟାରବେସ୍‌ରେ ପହଞ୍ଚିଥିଲେ। ଏହି ଟିମ୍ ତୁର୍କୀର ଇସ୍କେଣ୍ଡରନ୍ ଏବଂ ହତାୟରେ ପାଖାପାଖି ୩୦ଟି ଫିଲ୍ଡ ହସ୍ପିଟାଲ ପରିଚାଳନା କରୁଥିବାବେଳେ ୪,୦୦୦ ରୋଗୀଙ୍କୁ ଟିମ୍ ପକ୍ଷରୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଗତ ୬ ତାରିଖରେ ପ୍ରଳୟଙ୍କରୀ ଭୂକମ୍ପ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ତୁର୍କୀ ଓ ସିରିଆରେ ସର୍ଚ୍ଚ ଓ ଉଦ୍ଧାର କାର୍ଯ୍ୟ ପାଇଁ ଭାରତ ପକ୍ଷରୁ ଅପରେଶନ୍ ଦୋସ୍ତ ଆରମ୍ଭ କରାଯାଇଥିଲା। ଭୂମିକମ୍ପରେ ଦୁଇ ଦେଶର ୪୬,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ତୁର୍କୀରୁ ଫେରିଥିବା ସେନା ମେଡିକାଲ ଟିମ୍‌କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଗତ କିଛି ବର୍ଷ ହେବ ଭାରତ ସମଗ୍ର ବିଶ୍ୱରେ ନିଃସ୍ୱାର୍ଥ ଦେଶ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ନେପାଳ ଭୂମିକମ୍ପ ହେଉ ଅବା ମାଲଦ୍ୱୀପ ଏବଂ ଶ୍ରୀଲଙ୍କା ସଙ୍କଟ ପ୍ରତ୍ୟେକ ଦେଶକୁ ସେମାନଙ୍କ ଅସୁବିଧା ସମୟରେ ଭାରତ ପ୍ରଥମେ ସହାୟତାର ହାତ ବଢ଼ାଇଛି। ଏନ୍‌ଡିଆର୍‌ଏଫ୍ ଉପରେ ଥିବା ଲୋକଙ୍କ ଭରସା ଆଗ ଅପେକ୍ଷା ବଢ଼ିଛି। ବିଶ୍ୱର ସବୁଠୁ ଶ୍ରେଷ୍ଠ ରିଲିଫ୍ ଏବଂ ରେସ୍କ୍ୟୁ ଟିମ୍ ହେବା ଲକ୍ଷ୍ୟରେ ଭାରତ ଥିବା ମୋଦି କହିଛନ୍ତି।

# ଆଇଏଏସ୍‌ଙ୍କ ଆପତ୍ତିଜନକ ଫଟୋ ଭାଇରାଲ କଲେ ମହିଳା ଆଇପିଏସ୍

**ବେଙ୍ଗାଲୁରୁ, ୨୦।୨**

କର୍ନାଟକରେ ଆଇପିଏସ୍, ଆଇଏଏସ୍ କଳି ଏବେ ରାଜ୍ୟ ରାଜନୀତିକୁ ସରଗରମ କରିଛି। ରବିବାର ଆଇପିଏସ୍ ଅଧିକାରୀ ଡି. ରୁପା ମୋଉଦଗିଲ ଆଇଏଏସ୍ ଅଫିସର ରୋହିଣୀ ସିନ୍ଧୁରିଙ୍କ ଆପତ୍ତିଜନକ ଫଟୋ ଫେସ୍‌ବୁକ୍‌ରେ ଅପ୍‌ଲୋଡ୍ କରିଥିଲେ। ରୋହିଣୀ ଏହି ଫଟୋକୁ ୨୦୨୧ରୁ ୨୦୨୨ ମଧ୍ୟରେ ୩ ପୁରୁଷ ଆଇଏଏସ୍ ଅଫିସରଙ୍କୁ ପଠାଇଥିବାବେଳେ ସେ ସେବା ଆଚରଣ ଉଲ୍ଲଂଘନ କରିଥିବା ରୁପା କହିଛନ୍ତି। ଏହା ପୂର୍ବରୁ ଶନିବାର ରୋହିଣୀଙ୍କ ଦୁର୍ନୀତିର ଏକ ତାଲିକା ରୁପା ପ୍ରକାଶ କରିଥିଲେ। ରୁପା ଏ ନେଇ କର୍ନାଟକ ମୁଖ୍ୟମନ୍ତ୍ରୀ ବାସଭରାଜ ବୋମାଇ ଏବଂ ମୁଖ୍ୟ ଶାସନ ସଚିବ ବନ୍ଦିତା ଶର୍ମାଙ୍କୁ ଅବଗତ କରାଇଥିବା କହିଛନ୍ତି। ଆଇପିଏସ୍ ଅଧିକାରୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ରୋହିଣୀ। ତାଙ୍କ ଚରିତ୍ର ସଂହାର କରିବା ଲାଗି ରୁପା ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ଷ୍ଟାଟସ୍‌ରୁ ଫଟୋ ସ୍କ୍ରିନ୍‌ସଟ୍ ଜରିଆରେ ସଂଗ୍ରହ କରିଛନ୍ତି। ଏଥିସହ ରୋହିଣୀ ଯେଉଁ ଆଇଏଏସ୍ ଅଧିକାରୀଙ୍କୁ ନିଜ ଫଟୋ ଶେୟାର କରିଛନ୍ତି ସେମାନଙ୍କ ନାଁ ଗଣମାଧ୍ୟମରେ କହିବା ଲାଗି ରୁପାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ରୁପା ମାନସିକ ରୋଗରେ ଆକ୍ରାନ୍ତ ବୋଲି ରୋହିଣୀ ଗଣମାଧ୍ୟମକୁ କହିଛନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ପୋଲିସ ମୁଖ୍ୟ ଅବଗତ ଅଛନ୍ତି। ରୁପା କର୍ନାଟକ ହସ୍ତତନ୍ତ ବିକାଶ ନିଗମର ପ୍ରବନ୍ଧ ନିର୍ଦ୍ଦେଶକ ଦାୟିତ୍ୱରେ ଥିବାବେଳେ ରୋହିଣୀ ହିନ୍ଦୁ ଧର୍ମୀୟ ସଂସ୍ଥାନ ଏବଂ ଚାରିଟେବୁଲ ଏଣ୍ଡାଓମେଣ୍ଟ ଡିପାର୍ଟମେଣ୍ଟର ଆୟୁକ୍ତ ଦାୟିତ୍ୱରେ ଅଛନ୍ତି।



ଡି. ରୁପା ମୋଉଦଗିଲ

# ୧୧ ଜଣଙ୍କୁ ମୃତ୍ୟୁଦଣ୍ଡ ଦାବିକଲେ ଗୁଜରାଟ ସରକାର

**ନୂଆଦିଲ୍ଲୀ,୨୦।୨**

୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା ବିରଳରୁ ବିରଳତମ ଅପରାଧ ହୋଇଥିବାରୁ ଦୋଷୀସାବ୍ୟସ୍ତ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ଗୁଜରାଟ ସରକାର ସୋମବାର ସୁପ୍ରିମକୋର୍ଟରେ ଦାବି କରିଛନ୍ତି। ଉକ୍ତ ଅପରାଧୀମାନଙ୍କ ମୃତ୍ୟୁଦଣ୍ଡକୁ ଗୁଜରାଟ ହାଇକୋର୍ଟ ଆଜୀବନ ଜେଲ୍‌ରେ ପରିବର୍ତ୍ତନ କରିଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଗୁଜରାଟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି ଦୋଷୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଦାବି କରିଥିଲେ। ୨୦୦୨ ଫେବୃୟାରୀରେ ଗୁଜରାଟର ଗୋଧ୍ରା ଷ୍ଟେଶନରେ ସାବରମତି ଏକ୍ସପ୍ରେସ୍‌ର ବଗିରେ ନିଆଁ ଲଗାଇଦିଆଯିବାରୁ ମହିଳା ଓ ଶିଶୁଙ୍କ ସମେତ ୫୯ ଜଣ ଦଗ୍ଧ ହୋଇଥିଲେ। ବଗିକୁ ବାହାରପଟୁ ଲକ୍ କରିଦିଆଯାଇଥିବାରୁ କେହି ବାହାରି ପାରି ନ ଥିଲେ। ଗୁଜରାଟ ସରକାରଙ୍କ ନୀତି ଅନୁଯାୟୀ ଅପରାଧୀମାନେ ସମୟ ପୂର୍ବରୁ ଜେଲ୍‌ରୁ ମୁକ୍ତ ହେବା ଲାଗି ହକ୍‌ଦାର ଥିଲେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ମେହେଟ୍ଟା କହିଥିଲେ, ଉକ୍ତ ମାମଲା ସହ ଟାଡା ଲାଗୁ ହୋଇଥିବାରୁ ଏହା ବିରଳରୁ ବିରଳତମ ଅପରାଧ। ଅପରାଧୀମାନଙ୍କୁ ଦିଆଯାଇଥିବା ପ୍ରକୃତ ଦଣ୍ଡ ଏବଂ ସେମାନେ ବର୍ତ୍ତମାନ ସୁଦ୍ଧା ଜେଲ୍‌ରେ କେତେ ବର୍ଷ କଟାଇଛନ୍ତି, ତାହାର ସବିଶେଷ ରିପୋର୍ଟ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ଉଭୟ ପକ୍ଷର ଆଇନଜୀବୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



**ସୁପ୍ରିମକୋର୍ଟରେ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା**




# ଅଧ୍ୟାପକଙ୍କ ଯୁକ୍ତ୨, ଯୁକ୍ତ୩ ପରୀକ୍ଷା ବର୍ଜନ ଚେତାବନୀ

## ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘର ମହାସମାବେଶ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ସମାନ ଗ୍ରେଡ୍ ପେ' ଆଧାରରେ ସମାନ ଦରମା ବୃଦ୍ଧି, ସମସ୍ତଙ୍କୁ ପେନସନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଭଳି ୪ ଦଫା ଦାବି ନେଇ ସୋମବାର ପୁଣିଥରେ ମହାସମାବେଶ କରିଛନ୍ତି ଅଧ୍ୟାପକ ଓ କର୍ମଚାରୀ। ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଅହୋରାତ୍ର ଧାରଣାର ୭ଦିନ ପରେ ମଧ୍ୟ ସରକାର ନିରବ ରହିବା ପ୍ରତିବାଦରେ ସୋମବାର ଲୋୟର ପିଏମଜିଠାରେ ଏହି ମହାସମାବେଶ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ସରକାର କିଛି କର୍ମଚାରୀ ଓ ଅଧ୍ୟାପକଙ୍କୁ ଅନୁକମ୍ପା ଦେଖାଇ ପ୍ରାୟ ୧୦ହଜାର ଟଙ୍କାର ଦରମା ତାରତମ୍ୟ ଘୋଷଣା କରିଛନ୍ତି। ୪,୨୦୦ ଗ୍ରେଡ୍ ପେ' ପାଉଥିବା ୪୮ ବର୍ଗର ପିଇଟି ଲାଇବ୍ରେରିଆନ୍ ଓ ଡେମୋନଷ୍ଟ୍ରେଟରମାନେ ୪,୬୦୦ ଗ୍ରେଡ୍ ପେ' ପାଉଥିବା ୬୬୨ ବର୍ଗ କଲେଜ ଅଧ୍ୟାପକଙ୍କଠାରୁ ପାଖାପାଖି ୮ ହଜାର ଟଙ୍କା ଅଧିକ ପାଇବେ। ଖାଲି ସେତିକି ନୁହେଁ, ୪୨୦୦ ଗ୍ରେଡ୍ ପେ' ପାଉଥିବା ସ୍କୁଲ ଶିକ୍ଷକଙ୍କ ଠାରୁ ମଧ୍ୟ ଏହି ବର୍ଗର ଅଧ୍ୟାପକମାନେ ପାଖାପାଖି ୬ ହଜାର ଟଙ୍କା କମ୍ ଦରମା ପାଇବେ। ନିଯୁକ୍ତିରେ ବରିଷ୍ଠ ଓ ସମାନ ପଦ୍ଧତିରେ ନିଯୁକ୍ତି ପାଇଥିଲେ ମଧ୍ୟ ୬୬୨ ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ଉପେକ୍ଷା କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ। ନିଷ୍ପତ୍ତିର ଶୀଘ୍ର ପୁନର୍ବିଚାର କରା ନ ଗଲେ ଆଗକୁ ଆମରଣ ଅନଶନ ଭଳି ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ ଯୁକ୍ତ୨ ଓ ଯୁକ୍ତ୩ ବାର୍ଷିକ ପରୀକ୍ଷାରେ ଅସହଯୋଗ କରିବା ସହ ମୂଲ୍ୟାଙ୍କନ ବର୍ଜନ ଭଳି ନିଷ୍ପତ୍ତି ନିଆଯିବ ବୋଲି ସଂଘ ସଭାପତି ଗୋଲକ ନାୟକ, ସାଧାରଣ ସମ୍ପାଦକ ସତାପଉଦ୍ଦିନ ଅହମ୍ମଦ ଓ ଡ. ଗଗନ ବେଉରା, ଡ. ତପନ ଜେନା, ରଞ୍ଜନ ପ୍ରଧାନ ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି।



ସମାନ ଗ୍ରେଡ୍ ପେ' ଆଧାରରେ ସମାନ ଦରମା ବୃଦ୍ଧି ସହ ୪ ଦଫା ଦାବିରେ ନିଖିଳ ଓଡ଼ିଶା ୬୬୨ (ଯୁକ୍ତ୨ ଓ ଯୁକ୍ତ୩) ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

# ଅନ୍ତେବାସୀ ଜାପାନିଜ୍ ଏନ୍‌ସେଫାଲାଇଟିସ୍‌ରେ ଆକ୍ରାନ୍ତ

## ପୁରୁବାଇ କନ୍ୟାଶ୍ରମରେ ମୃତ୍ୟୁ ଘଟଣା

ବାଲେଶ୍ୱର ଅଫିସ/ ସୋର, ୨୦।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ପୌରାଞ୍ଚଳ ଅଧୀନ ଗାନ୍ଧୀ ସେବାସଂଘ ପୁରୁବାଇ କନ୍ୟାଶ୍ରମରେ ଅଜଣା ରୋଗ ବ୍ୟାପିବାର କାରଣ ସ୍ପଷ୍ଟ ହୋଇଛି। କନ୍ୟାଶ୍ରମର ୫ ଅନ୍ତେବାସୀ ଜାପାନିଜ୍ ଏନ୍‌ସେଫାଲାଇଟିସ୍(ମସ୍ତିଷ୍କ ସଂକ୍ରାମକ ରୋଗ)ରେ ଆକ୍ରାନ୍ତ ଥିବା ରକ୍ତ ନମୁନା ପରୀକ୍ଷା ରିପୋର୍ଟରୁ ଜଣାପଡ଼ିଛି। ସ୍ଥିତି ଅନୁଧ୍ୟାନ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଗୁରୁତର ଥିବା ୫ ଅନ୍ତେବାସୀଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ୨ଜଣ ଆଇସିୟୁରେ ଥିବା ବେଳେ ଅନ୍ୟ ୧୯ଜଣ ସୋର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଅନ୍ତେବାସୀ ଜାପାନିଜ୍ ଏନ୍‌ସେଫାଲାଇଟିସରେ ଆକ୍ରାନ୍ତ ହେବା ଜଣାପଡିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ, ଜିଲା ପ୍ରଶାସନ, ସୋର ପୌର ପରିଷଦ ତତ୍ପରତା ପ୍ରକାଶ କରିଛି। ସୋର ପୌରାଞ୍ଚଳ ପକ୍ଷରୁ କନ୍ୟାଶ୍ରମ ପରିସରରେ ମଶାଧୂଆଁ ପ୍ରୟୋଗ କରାଯିବା ସହ ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇଛି। ସେହିପରି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପକ୍ଷରୁ କନ୍ୟାଶ୍ରମ ଆଖପାଖରେ ଘୁଷୁରି ପାଳନ କିମ୍ବା ଅନ୍ୟାନ୍ୟ ଦିଗ ଉପରେ ନିରୀକ୍ଷଣ କରାଯାଉଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ ପ୍ରକାଶ କରିଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ପରିଚାଳିତ ଗାନ୍ଧୀ ସେବା ସଂଘ ପୁରୁବାଇ ଘରୋଇ କନ୍ୟାଶ୍ରମରେ ୧ମରୁ ୧୦ମ ଶ୍ରେଣୀ ଯାଏ ମୋଟ୍ ୧୫୫ ଅନ୍ତେବାସୀ ରହି ଆସୁଛନ୍ତି। ଗତ ୧୭ ତାରିଖରେ ମଧ୍ୟାହ୍ନଭୋଜନ ଖାଇବା ପରେ ୨୭ଜଣ ଜ୍ୱର, ପେଟବ୍ୟଥା ଓ ମୁଣ୍ଡବିନ୍ଧାରେ ଆକ୍ରାନ୍ତ ହୋଇଥିଲେ। ସେଥିମଧ୍ୟରୁ ୩ଜଣ ଗୁରୁତର ହୋଇପଡ଼ିବାରୁ ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଆଇସିୟୁରେ ରଖାଯାଇଥିଲା। ସେଠାରେ ୧୦ମ ଶ୍ରେଣୀ ଛାତ୍ରୀ ନୀଳଗିରି ଅଞ୍ଚଳର ରୁବିନା ସିଂଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର, ଜିଲା ସ୍ୱାସ୍ଥ୍ୟ ବିଭାଗ, ଜିଲା ଖାଦ୍ୟ ସୁରକ୍ଷା ବିଭାଗ ଓ ଶିଶୁ ମଙ୍ଗଳ କମିଟିର ଅଧିକାରୀମାନେ ଆଶ୍ରମରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଏକ ଡାକ୍ତରୀ ଦଳ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୯ଜଣ ଅନ୍ତେବାସୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer and Gold voucher (wherever applicable) on selected models/ variants. Above mentioned savings amount is the value of maximum savings on selected models. *Terms and conditions apply. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. #As certified by Test agency under Rule 115(G) of CMVR 1989. This fuel efficiency is for AMT variant. ^For details on functioning of safety features, including air bag, kindly refer to the Owner's Manual. Creative Visualization. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 28th February, 2023.

**ଆଜିର ମନ୍ତବ୍ୟ**

"ଏନ୍‌ଡିଆର୍‌ଏଫ୍ ଉପରେ ଲୋକଙ୍କ ଭରସା ଆହୁରି ବଢ଼ିଛି। ଭାରତ ବିଶ୍ୱର ସବୁଠୁ ଶ୍ରେଷ୍ଠ ରିଲିଫ୍ ଏବଂ ରେସ୍କ୍ୟୁ ଟିମ୍ ହେବାକୁ ଯାଉଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଞ୍ଚାଇଥିବୁ ମାରିବୁ ନାହିଁ,
ଗୋଡ଼ାଇଥିବୁ ଧରିବୁ ନାହିଁ।**

ମାଡ଼ ଦେବାର ପ୍ରତିକ୍ରିୟା ବେଳେବେଳେ ଭୟଙ୍କର ହୋଇଥାଏ। ତେଣୁ ମାଡ଼ଦେବାକୁ ଉଞ୍ଚାଇବା ବା ଧମକ ଦେବା ଯଥେଷ୍ଟ ହୋଇଥାଏ। ସେହିପରି ଜଣେ ଅପରାଧୀ ବ୍ୟକ୍ତିକୁ ଗୋଡ଼େଇବାରେ କ୍ଷତି ନ ଥିବା ବେଳେ ତାକୁ ଧରିବାରେ ବିପଦ ରହିଥାଏ। ପ୍ରତିଶୋଧ ନେବାର ବା ଆକଟ କରିବାର ପ୍ରଣାଳୀକୁ ଏଠାରେ ଦର୍ଶାଯିବା ସହ ଗୁରୁତର ଘଟଣା ନ ଘଟେଇବା ଲାଗି ଏପରି ଉପଦେଶ ଦିଆଯାଇଛି।

**ଉକୁଣି ମୁଣ୍ଡେ କି ଖୋଷା,
ଓଲେଇ ତୁଣ୍ଡେ କି ଓଷା ?**

ମୁଣ୍ଡରେ ଉକୁଣି ଥିଲେ ସ୍ଥିର ଖୋଷା ପାରି ହୋଇ ନଥାଏ। ସେହିପରି ଯିଏ ରୋଷେଇଶାଳରେ ରହି ପାଟିରେ ସର୍ବଦା କିଛି ନା କିଛି ଖାଇ ଚାଲିଥାଏ, ତା' ପାଇଁ ଉପବାସ ରହିବାର ମୂଲ୍ୟ କିଛି ରହି ନଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗୋପାଳ ମାନସିକ ରୋଗୀ

## କ୍ରାଇମ୍‌ବ୍ରାଞ୍ଚକୁ ରିପୋର୍ଟ ଦେଲା ମେଡିକାଲ ଟିମ୍

**କଟକ ଅଫିସ,୨୦।୨**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସ ଜଣେ ମାନସିକ ରୋଗୀ। ତାଙ୍କର ଦୀର୍ଘଦିନ ଧରି ମାନସିକ ଅସୁସ୍ଥତାର ଇତିହାସ ରହିଛି। ଗୋପାଳଙ୍କ ମାନସିକ ଅସୁସ୍ଥତାର ସ୍ଥିତି ପରୀକ୍ଷା ପାଇଁ ଗଠିତ ସ୍ୱତନ୍ତ୍ର ମେଡିକାଲ ବୋର୍ଡର ୪ଜଣିଆ ମାନସିକ ରୋଗ ବିଶେଷଜ୍ଞ କ୍ରାଇମ୍‌ବ୍ରାଞ୍ଚକୁ ଏଭଳି ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ମାନସିକ ଅସୁସ୍ଥତା ସମ୍ପର୍କିତ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଆହୁରି ଚିକିତ୍ସା ପରୀକ୍ଷାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ କମିଟି ମତ ଦେଇଛନ୍ତି। ମେଡିକାଲ ବୋର୍ଡର ଏହି ରିପୋର୍ଟ ଉପରେ କ୍ରାଇମ୍‌ବ୍ରାଞ୍ଚ କର୍ଣାଟକର ବେଙ୍ଗାଲୁରୁସ୍ଥିତ ନିମହାନ୍ସଠାରେ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ସଂକ୍ରାନ୍ତୀୟ ମୂଲ୍ୟାୟନ ପାଇଁ ଅନୁମତି ଦେବାକୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି–୧ କୋର୍ଟରେ ଆବେଦନ କରିଥିଲା। ୪ଜଣିଆ ମେଡିକାଲ ବୋର୍ଡର ସଦସ୍ୟମାନେ ପୂର୍ବରୁ ଗୋପାଳଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଉଚ୍ଚତର ପରୀକ୍ଷା ପାଇଁ ସୁପାରିସ୍ କରିଥିବା ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କ୍ରାଇମ୍‌ବ୍ରାଞ୍ଚର ଏହି ଆବେଦନକୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି ଖାରଜ କରିଦେଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କ ମାନସିକ ଅସୁସ୍ଥତାର ପରୀକ୍ଷା ନିମନ୍ତେ ଅଦାଲତ ଅନୁମତି ଦେବାକୁ ଉଚ୍ଚତର ଫୋରମରେ ଆବେଦନ କରିବ ବୋଲି ଜଣାପଡ଼ିଛି।



ଗତ ଜାନୁୟାରୀ ୨୯ ତାରିଖରେ ବ୍ରଜରାଜନଗର ଗାନ୍ଧୀ ଛକଠାରେ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯିବାର ଏକ ଫଟୋ ଏବେ ସୋସିଆଲ୍ ମିଡିଆରେ ଘୂରିବୁଲୁଛି। ଏହି ଫଟୋରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସ ଗୁଳି ମାରୁଥିବାର ପୋଜିଶନ୍ ଦେଖିବାକୁ ମିଳୁଥିବାବେଳେ ବନ୍ଧୁକ ଦେଖାଯାଉନାହିଁ।

# ଗୋପାଳଙ୍କୁ ଜେଲରେ ସୁରକ୍ଷା ଦେବା ନେଇ ମାମଲା

**ନବ ଦାସ ହତ୍ୟା ଘଟଣା**

**କଟକ ଅଫିସ,୨୦।୨**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳ ଦାସ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ନେଇ ସୋମବାର ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରାଯାଇଥିବା ଆବେଦନକାରୀ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗତ ୨୯।୧।୨୦୨୩ରେ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାରେ କାର୍ଯ୍ୟରତ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇ ପୋଲିସ ଗିରଫ କରିଥିଲା। ମାମଲାର ତଦନ୍ତ ସହ ସତ୍ୟ ଉନ୍ମୋଚନ ପାଇଁ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ ବିଭିନ୍ନ ଜାଗାକୁ ନେବା ସହ ନାନା ପରୀକ୍ଷା କରାଇଛି। ହେଲେ ଏଯାଏ ସର୍ବସମ୍ମୁଖକୁ ସତ୍ୟ ଆସିପାରିନାହିଁ। ପୂର୍ବତନ ମନ୍ତ୍ରୀ ଦାସ ତାଙ୍କର କାର୍ଯ୍ୟକଳାପ ପାଇଁ ଲୋକପ୍ରିୟ ଥିଲେ। ସ୍ପଷ୍ଟ ଦିବାଲୋକରେ ତାଙ୍କର ହତ୍ୟା ସମଗ୍ର ରାଜ୍ୟ ପାଇଁ ଏକ ଗୁରୁତର ପ୍ରସଙ୍ଗ। ଗୋପାଳ ନିଜ ପୋଲିସ ଚାକିରି କାଳରେ ବହୁ ପୁରସ୍କାର ପାଇଛନ୍ତି। ସେ ନିଜ କାର୍ଯ୍ୟରେ ବହୁ ତତ୍ପର ଥିବାବେଳେ ତାଙ୍କ ବିରୋଧରେ କୌଣସି ଫୌଜଦାରି କାର୍ଯ୍ୟକଳାପ ନ ଥିଲା। ପୂର୍ବତନ ମନ୍ତ୍ରୀ ଦାସଙ୍କ ସହିତ ତାଙ୍କର ବି କୌଣସି ରାଜନୈତିକ ସମ୍ପର୍କ ବା ପ୍ରତିଦ୍ୱନ୍ଦ୍ୱିତା ନ ଥିଲା। ଏବେ ଗୋପାଳଙ୍କୁ ତଦନ୍ତକାରୀ ସଂସ୍ଥା ଓ କେତେକ ରାଜନୈତିକ ଦଳ ନିନ୍ଦିତ କରୁଛନ୍ତି। ପ୍ରତି ମୁହୂର୍ତ୍ତରେ ତାଙ୍କ ଜୀବନ ବିପଦରେ ରହିଛି। ସେହିପରି ତାଙ୍କ ପରିବାର ସଦସ୍ୟମାନେ ମଧ୍ୟ ଭୟାତୁର ଜୀବନ ବିତାଉଛନ୍ତି। ଗୋପାଳ ଜଣେ ପୋଲିସ ଅଧିକାରୀ ହୋଇଥିବାବେଳେ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ସେ ସମ୍ପୃକ୍ତ ଥିବା ସନ୍ଦେହ ସୃଷ୍ଟି କରୁଛି। ରାଜନୈତିକ ବ୍ୟକ୍ତିମାନେ ସମାଜରେ ସୁରକ୍ଷିତ ନ ଥିବା ବେଳେ ସାଧାରଣ ଲୋକେ ନିଜକୁ କେବେ ସୁରକ୍ଷିତ ମନେ କରୁନାହାନ୍ତି। ଗୋପାଳ ଯଦିଓ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ନଜରରେ ରହୁଛନ୍ତି, ତଥାପି ତାଙ୍କର ତଥା ତାଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆବେଦନରେ ଦର୍ଶାଯାଇଛି। ଏଥିରେ ପୋଲିସ ଡିଜି, ଚୌଦ୍ୱାର ଜେଲ ଅଧୀକ୍ଷକ, ଜେଲ ବିଭାଗ ଆଇଜି ଏବଂ ଆଇଟି ସେଲ୍ ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ତୀର୍ଥଯାତ୍ରାରେ ଗଲେ ୯୭୦ ବରିଷ୍ଠ ନାଗରିକ

**ବାଲେଶ୍ୱର ଷ୍ଟେଶନରୁ ଛାଡ଼ିଲା ସ୍ୱତନ୍ତ୍ର ଟ୍ରେନ୍**

**ବାଲେଶ୍ୱର ଅଫିସ, ୨୦।୨**

'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା–୨୦୨୩'ରେ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲାରୁ ୯୭୦ ତୀର୍ଥଯାତ୍ରୀ ଓ ୩୦ ଏସ୍କର୍ଟ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ଋଷିକେଶ ଓ ହରିଦ୍ୱାର ତୀର୍ଥସ୍ଥଳୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ସୋମବାର ବାଲେଶ୍ୱର ରେଳଷ୍ଟେଶନରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଯାତ୍ରାକୁ ଭୋଗରାଇ ବିଧାୟକ ଅନନ୍ତ ଦାସ, ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଓଟିଡିସିର ଅଧ୍ୟକ୍ଷ ଲେନିନ ମହାନ୍ତି, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରାର ସଫଳତା କାମନା କରିବା ସହ ଯାତ୍ରା ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ତୀର୍ଥଯାତ୍ରୀମାନଙ୍କର ଶୁଭମନାସି ଥିଲେ। ଶେଷରେ ନିମନ୍ତ୍ରିତ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରା ସାରି ସେମାନେ ଆସନ୍ତା ୨୫ତାରିଖରେ ଫେରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

ରାଜ୍ୟ ସରକାର ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ଗତ ୨୦୧୬ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥଳୀ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି। ଏହି ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଜିଲା ପ୍ରଶାସନ ସହାୟତାରେ ନିଜ ଗ୍ରାମରୁ ସଦର ମହକୁମାରେ ପହଞ୍ଚିଥିଲେ। ସେଠାରୁ ବାଲେଶ୍ୱରଠାରେ ଥିବା ନୋଡିରେ ରବିବାର ଆସି ପହଞ୍ଚିଥିଲେ। ସେଠାରେ ସେମାନଙ୍କର ପଞ୍ଜୀକରଣ କରାଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା। ସରକାରୀ ଭାବେ ସେମାନଙ୍କର ରହଣି, ଖାଦ୍ୟପାନୀୟ ଆଦି ବ୍ୟବସ୍ଥା ସହ ଆମୋଦ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ସୋମବାର ପୂର୍ବାହ୍ନରେ ବାଲେଶ୍ୱର ଜିଲା ପ୍ରଶାସନ ବ୍ୟବସ୍ଥାରେ ସେମାନଙ୍କୁ ଷ୍ଟେଶନ ଅଣାଯାଇ ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ଆଇଆର୍‌ସିଟିସି ତରଫରୁ ଫୁଲ, ଚନ୍ଦନ ଓ ମାଳା ଦେଇ ସ୍ୱାଗତ କରାଯାଇଥିଲା। ଏହି ଯାତ୍ରା ନିମନ୍ତେ ସେମାନଙ୍କୁ ଏକ ପରିଚୟପତ୍ର, ରେଳଟିକେଟ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ଥିବା ଏକ କିଟ୍ ପ୍ରଦାନ କରାଯାଇଥିଲା। ଆଇଆର୍‌ସିଟିସି ଦ୍ୱାରା ଯାତ୍ରା ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କର ରହିବା, ଯିବାଆସିବା, ଖାଦ୍ୟପାନୀୟ ବ୍ୟବସ୍ଥା ସହ ଗସ୍ତ ଜଗୁଆଳି, ପଥ ପ୍ରଦର୍ଶକ, ଯାତ୍ରୀବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି।



ତୀର୍ଥଯାତ୍ରୀଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ଆଲୋଚନା କାଳରେ ମନକଥାକୁ ମନ ଭିତରେ ଚାପିରଖିବାକୁ ପଡ଼ିପାରେ। ବିଭିନ୍ନ ବାଟରେ ଅର୍ଥବ୍ୟୟ ଜନିତ ପରିବାରରେ ମତାନ୍ତର ସୃଷ୍ଟିହେବ। ପାଖ ଲୋକଟିକୁ ସାହାଯ୍ୟ କରିବାକୁ ଯାଇ ପରେ ଅନୁତାପ କରିବେ। ବ୍ୟବସାୟିକ ସ୍ଥିତି ମଧ୍ୟମ ପ୍ରକାର ରହିବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିଲେ ମଧ୍ୟ ସାମାନ୍ୟ ବିଶ୍ରାମ ସୁଯୋଗ ପାଇବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ବୁଝାମଣା ଅଭାବରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଛୋଟ କଥାକୁ ବଡ଼ ଆକାରରେ ଚିନ୍ତାକରି ପରିବାରରେ କଳହ ଲାଗିବ। ହାତ ଖାଲି ନ ରହିଲେ ମଧ୍ୟ ଆଶାନୁରୂପ ଫଳ ପାଇପାରିବେ ନାହିଁ।

**ମିଥୁନ** ପରିବାରରେ ମତଭେଦ କାରଣରୁ କଳହ ସୃଷ୍ଟି ହୋଇପାରେ। ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ପରୋକ୍ଷ ଶତ୍ରୁତା କାରଣରୁ ସହକର୍ମୀ କେହି ବିଶୃଙ୍ଖଳା ପ୍ରଦର୍ଶନ କରିପାରନ୍ତି। କାମ ହାସଲ କରିବେ ମାତ୍ର ଏଥିପାଇଁ ବହୁତ ହଇରାଣ ହେବାକୁ ପଡ଼ିବ।

**କର୍କଟ** ଆଜି ହଠାତ୍ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ପୁନଶ୍ଚ କର୍ମକ୍ଷେତ୍ରରେ ମଧ୍ୟ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

**ସିଂହ** ଭ୍ରମଣଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବିବାଦୀୟ ଘଟଣାରେ ଆତ୍ମୀୟଙ୍କ ସାନ୍ତ୍ୱନା ମନରେ ଆଶ୍ୱସ୍ତି ଭରିପାରେ। ଘର ଅପେକ୍ଷା ବାହାରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଟଙ୍କା ଆଜି ପାଇବେ।

**କନ୍ୟା** ନିରଳସ କର୍ମଦକ୍ଷତା ହେତୁ ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କହିବାରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସ୍ୱାର୍ଥହାନି ଆଳ ଦେଖାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବା ସମୟରେ ସମସ୍ୟା ଉପୁଜିବ।

**ତୁଳା** କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ଉଚ୍ଚ ପ୍ରଶଂସିତ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ବନ୍ଧୁମାନଙ୍କୁ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ଆତ୍ମତୃପ୍ତି ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ଯାହା କରନ୍ତୁନା କାହିଁକି, ଆଜି ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସବୁ ଭଲ ହେଲେ ମଧ୍ୟ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ନିଜ ନିଜର ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଦାଉ ସାଧିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପୂର୍ବାଷାଢ଼ା ନକ୍ଷତ୍ର ହାତପାହାନ୍ତାରେ ସୁଯୋଗ ପାଇବେ।

**ମକର** ବହୁ ଦିନରୁ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବିବାଦୀୟ ପରିସ୍ଥିତିରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ଗହଣରେ ମାଙ୍ଗଳିକ କାମରେ ବ୍ୟସ୍ତ ରହିବେ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ,ଯାହାକି ସମସ୍ୟା ସୃଷ୍ଟି କରିପାରେ। କେତେକ ଘଟଣାରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ମଙ୍ଗଳବାର, ଫେବୃୟାରୀ ୨୧ ତାରିଖ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି। ରାଶିନକ୍ଷତ୍ର– ଦିବା ଘ.୦୯।୦୧ ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୮ ଗତେ, ଘ.୧୦।୫୧ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୨ ଗତେ, ଘ.୦୪।୫୮ ମଧ୍ୟେ, ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

### ଯୁବତୀଙ୍କ ବିବାହ...

୨୧ବର୍ଷ କରାଯିବା ଆବଶ୍ୟକ ବୋଲି ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଆବେଦନ କରିଥିଲେ। ଆବେଦନର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି ଯେ, କୌଣସି ଆଇନ ପରିବର୍ତ୍ତନ କରିବା ପାଇଁ ପାର୍ଲାମେଣ୍ଟକୁ କୋର୍ଟ ନିର୍ଦ୍ଦେଶ ଦେଇପାରିବେ ନାହିଁ। ଆଇନର ପରିବର୍ତ୍ତନ ପାର୍ଲାମେଣ୍ଟରେ ହୋଇପାରିବ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଯଦି ଆମେ ଯୁବତୀଙ୍କ ବୟସ ସୀମା ୧୮କୁ ଉଠାଇ ଦେବୁ, ତେବେ କୌଣସି ବୟସ ସୀମା ରହିବ ନାହିଁ ଏବଂ ଜଣେ ୫ବର୍ଷୀୟା ଶିଶୁ ମଧ୍ୟ ବିବାହଯୋଗ୍ୟା ହୋଇପାରିବେ। ତେଣୁ ସମ୍ବିଧାନରେ ଥିବା ଆଇନକୁ ପାର୍ଲାମେଣ୍ଟରେ ପରିବର୍ତ୍ତନ କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

୨୦୨୧ରେ ଯୁବତୀମାନଙ୍କ ବିବାହ ବୟସକୁ ୨୧କୁ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଏକ ବିଲ୍ ଆଗତ କରିଥିଲେ। ଉକ୍ତ ବିଲ୍ ପାର୍ଲାମେଣ୍ଟ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିବାବେଳେ ଅଦ୍ୟାବଧି ବିଚାରାଧୀନ ରହିଛି। ଆବେଦନକାରୀଙ୍କ ଯୁକ୍ତି ହେଲା,ଯଦି ଅଦାଲତ ଯୁବତୀଙ୍କ ବିବାହ ବୟସ ୧୮କୁ ଉଠାଇ ଦେବେ, ତେବେ ତାହା ହିନ୍ଦୁ ବିବାହ ଆଇନର ଧାରା ୫ ଅନୁସାରେ ସ୍ୱତଃଭାବେ ସମସ୍ତଙ୍କ ପାଇଁ ୨୧ ବର୍ଷ ହୋଇଯିବ। ହେଲେ ଆବେଦନକାରୀଙ୍କ ଏହି ଯୁକ୍ତିକୁ ଅଦାଲତ ଗ୍ରହଣ କରିପାରି ନ ଥିଲେ। ସମ୍ବିଧାନ ଧାରା ୩୨କୁ ଅଣଦେଖା ନ କରିବାକୁ ଖଣ୍ଡପୀଠ କହିଥିଲେ। କିଛି ପ୍ରସଙ୍ଗ ରହିଛି, ଯାହାକି ପାର୍ଲାମେଣ୍ଟରେ ହିଁ ନିଷ୍ପତ୍ତି ନିଆଯାଇଥାଏ। ଆମେ ଆଇନ ତିଆରି କରିପାରିବୁ ନାହିଁ। ଏପରି କି ଆମେ ସମ୍ବିଧାନର ଏକମାତ୍ର ତତ୍ତ୍ୱାବଧାରକ ନୋହୁଁ, ପାର୍ଲାମେଣ୍ଟର ମଧ୍ୟ ଦାୟିତ୍ୱ ରହିଛି। ଏହି ପ୍ରସଙ୍ଗରେ ଆବେଦନକାରୀ ଲ' କମିଶନଙ୍କ ନିକଟରେ ଆବେଦନ କରିବାକୁ ଅନୁମତି ଲୋଡ଼ିବା ପ୍ରସଙ୍ଗରେ ଅଦାଲତ କହିଛନ୍ତି ଯେ, ଖଣ୍ଡପୀଠ କାହାକୁ ଲ' କମିଶନଙ୍କ ଦ୍ୱାରସ୍ଥ ହେବାରୁ ବାରଣ କରିନାହାନ୍ତି। ତେଣୁ ଏଥିପାଇଁ କୌଣସି ଅନୁମତିର ଆବଶ୍ୟକତା ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

### କିଭ୍ ଗସ୍ତରେ...

ସମୟରେ ସାରା ରାଜଧାନୀରେ ଏୟାର ରେଡ୍ ସାଇରନ୍ ବାଜୁଥିଲା। ବାଇଡେନ୍ କହିଛନ୍ତି, ଗତବର୍ଷ ଫେବୃୟାରୀରେ ପୁଟିନ୍ ଯେତେବେଳେ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କଲେ, ସେ ଏହାକୁ ଏକ ଦୁର୍ବଳ ଦେଶ ଭାବିବା ସହ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ସମନ୍ୱୟ ନ ଥିବା ଧରିନେଇଥିଲେ। ଆମ୍ଭେମାନେ ଅଧିକ ସମୟ ତିଷ୍ଠି ରହିପାରିବୁ ନାହିଁ ବୋଲି ପୁଟିନ୍‌ଙ୍କ ଧାରଣା ଥିଲା। ତେବେ ତାଙ୍କର ସମସ୍ତ ଧାରଣା ଭୟଙ୍କର ଭୁଲ୍ ପ୍ରମାଣିତ ହୋଇଥିବା ବାଇଡେନ୍ କହିଛନ୍ତି। ଯୁଦ୍ଧରେ ୟୁକ୍ରେନ୍‌କୁ ଅତ୍ୟଧିକ ମୂଲ୍ୟ ଦେବାକୁ ପଡ଼ିଛି ଏବଂ ତାହାଠୁ ଅଧିକ ସେମାନଙ୍କର ତ୍ୟାଗ ବୋଲି ଆମେରିକା ରାଷ୍ଟ୍ରପତି କହିଥିଲେ।

ପୂର୍ବରୁ ସୂଚନା ପାଇ ନ ଥିବା ୟୁକ୍ରେନ୍ ସାମରିକ ଅଧିକାରୀମାନେ ବାହାର ରାସ୍ତାରେ ପଙ୍‌କ୍ତିରା ଦେଇଥିଲେ। ବାଇଡେନ୍ ଜେଲେନସ୍କିଙ୍କ ସହ ଯାଇ ରୁଷିଆ ଯୁଦ୍ଧରେ ପ୍ରାଣବଳି ଦେଇଥିବା ୟୁକ୍ରେନ୍ ସୈନ୍ୟମାନଙ୍କୁ ସ୍ମାରକୀ ପ୍ରାଚୀରରେ ପୁଷ୍ପଗୁଚ୍ଛ ଅର୍ପଣ କରି କିଛି ସମୟ ନୀରବ ପ୍ରାର୍ଥନା କରିଥିଲେ। ଅସ୍ତ୍ର ଯୋଗାଣ ବଢ଼ାଇବା ସହ ୟୁକ୍ରେନ୍‌ର ଆଞ୍ଚଳିକ ସଂହତି ବଜାୟ ରଖିବା ଲାଗି ଆମେରିକା ପ୍ରତିଶ୍ରୁତିବଦ୍ଧ ବୋଲି ବାଇଡେନ୍ କହିଛନ୍ତି। ଆକାଶ ମାର୍ଗ ଆକ୍ରମଣରୁ ୟୁକ୍ରେନ୍ ଜନସାଧାରଣଙ୍କ ସୁରକ୍ଷା ପାଇଁ ଜରୁରୀ ଅସ୍ତ୍ର, କମାଣ ଗୁଳିଗୋଳା, ଆଣ୍ଟି–ଆର୍ମୋର ସିଷ୍ଟମ, ଏୟାର ସର୍ଭିଲାନ୍ସ ରାଡାର ଆଦି ଯୋଗାଇ ଦିଆଯିବ ବୋଲି ବାଇଡେନ୍ କହିଥିବା ହ୍ୱାଇଟ୍‌ହାଉସ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ସମସ୍ତ ୟୁକ୍ରେନୀୟଙ୍କ ସହାୟତା ପାଇଁ ବାଇଡେନ୍‌ଙ୍କ ଗସ୍ତ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଜେଲେନସ୍କି କହିଛନ୍ତି।

ବର୍ଷେ ହେଲା ଚାଲିଥିବା ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ଉଭୟ ପକ୍ଷରୁ ଅନେକ ନିହତ ହେଲେଣି। ବହୁ ସହର ଧ୍ୱଂସ ସ୍ତୂପରେ ପରିଣତ ହୋଇଛି। ୟୁକ୍ରେନ୍‌ର ପାଖାପାଖି ଏକପଞ୍ଚମାଂଶ ଦଖଲ କରିଥିବା ରୁଷିଆ ଦାବି କରିଛି। ଅନ୍ୟପକ୍ଷରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍‌କୁ ବହୁ ବିଲିୟନ ଡଲାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ପୁଣି ୫୦୦ ନିୟୁତ ଡଲାର ମୂଲ୍ୟର ଅସ୍ତ୍ର ଓ ଅନ୍ୟାନ୍ୟ ସାମରିକ ସହାୟତା ଯୋଗାଇଦେବାକୁ କହିଛନ୍ତି। ଏଥିସହିତ ସେମାନେ ରୁଷିଆ ଉପରେ କଟକଣା ବଢ଼ାଇଛନ୍ତି।

### ନବ ଦାସ ପ୍ରସଙ୍ଗ...

ହେବ ଦଳର ମୁଖ୍ୟ ପ୍ରସଙ୍ଗ। ରାଜ୍ୟରେ ଆଇନର ଶାସନ ନାହିଁ। ଜଙ୍ଗଲି ଶାସନ ଚାଲିଛି। କ୍ୟାବିନେଟ୍ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରସଙ୍ଗର ୧ ନମ୍ବରରେ ରହିଛି। ଏଥିସହିତ ଚାଷୀମାନଙ୍କ ଅଭାବୀ ଧାନ ବିକ୍ରି , ବେକାରି ସମସ୍ୟା, ଦରଦାମ୍ ବୃଦ୍ଧି, ମହିଳା ନିର୍ଯାତନା, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ମୌଳିକ ସମସ୍ୟା ଆଦି ପ୍ରସଙ୍ଗ ଉଠିବ। ରାଜ୍ୟରେ ଚାଷୀମାନେ ଅଧା ଧାନ ବିକ୍ରି କରିପାରିନାହାନ୍ତି। ବେକାରି ସମସ୍ୟା ଉତ୍କଟସ୍ତରରେ ରହିଛି। ବଲାଙ୍ଗୀର ଜିଲାରୁ ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ସ୍କୁଲ୍ କଲେଜରେ ଶିକ୍ଷକ ନାହାନ୍ତି। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ରାଜ୍ୟ ସରକାର ବିଭିନ୍ନ ସମୟରେ ବିଧାନସଭାରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଏ ନେଇ ସରକାରଙ୍କଠାରୁ ଜବାବ ମଗାଯିବ ବୋଲି ସେ କହିଛନ୍ତି।

ବିରୋଧୀଙ୍କୁ ମୁକାବିଲା କରିବାକୁ ଶାସକ ଦଳ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ମଙ୍ଗଳବାର ପୂର୍ବାହ୍ନରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏଥିରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତେବେ ଭାଜପାକୁ ଘେରିବା ପାଇଁ ଶାସକ ଦଳ ମହିଳା ପୋଲିସ ଅଧିକାରୀଙ୍କୁ ଧକ୍କା ମାରିବା ଘଟଣାକୁ ପ୍ରସଙ୍ଗ କରିବା ନେଇ ସୂଚନା ମିଳିଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ଶାସକ ବିଜେଡି ଟାର୍ଗେଟ କରିଛି। ତାଙ୍କର ଇସ୍ତଫା ଦାବିକରି ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଜାରି ରଖିଛି। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ଭାଜପାକୁ ଶାଣିତ ଆକ୍ରମଣ କରିବା ଯୋଜନାରେ ବିଜେଡି ରହିଛି। ତେବେ ଆସନ୍ତା ଅଧିବେଶନ ବେଶ୍ ସରଗରମ ହେବା ନେଇ ସୂଚନା ମିଳିଛି।

### ୬୪୧୨ ଜନବସତିକୁ...

ଏବଂ ରାସ୍ତା ନିର୍ମାଣ ପାଇଁ ଆନୁମାନିକ ବ୍ୟୟ ଅଟକଳ ଆଦି ତଥ୍ୟ ଦେବାକୁ ନିର୍ଦ୍ଦେଶପତ୍ରରେ ଦର୍ଶାଯାଇଛି। ଓଏମ୍‌ଏମ୍‌ଏସ୍ ରିପୋର୍ଟ ଅନୁସାରେ କୋରାପୁଟ ଜିଲା ବ୍ୟତୀତ କଳାହାଣ୍ଡି ଜିଲାରେ ୭୨୩, ବାଲେଶ୍ୱରରେ ୪୦୧, ରାୟଗଡ଼ାରେ ୩୩୦, ସମ୍ବଲପୁରରେ ୩୫୭, ଅନୁଗୋଳରେ ୩୨୫, ବଲାଙ୍ଗୀରରେ ୨୦୨, ବରଗଡ଼ରେ ୨୦୮, ଭଦ୍ରକରେ ୧୩୦, ବୌଦ୍ଧରେ ୭୫, କଟକରେ ୧୨୭, ଦେବଗଡ଼ରେ ୧୫୪, ଢେଙ୍କାନାଳରେ ୩୦୬, ଗଜପତିରେ ୨୧୨, ଗଞ୍ଜାମରେ ୧୬୦, ଜଗତ୍‌ସିଂହପୁରରେ ୧୨୨, ଯାଜପୁରରେ ୨୪, ଝାରସୁଗୁଡାରେ ୮୨, କନ୍ଧମାଳରେ ୨୦୭, କେନ୍ଦ୍ରାପଡ଼ାରେ ୫୭, କେନ୍ଦୁଝରରେ ୭୮, ଖୋର୍ଦ୍ଧାରେ ୧୨୦, ମାଲକାନଗିରିରେ ୧୮୩, ମୟୂରଭଞ୍ଜରେ ୧୮୮, ନବରଙ୍ଗପୁରରେ ୮୫, ନୟାଗଡ଼ରେ ୧୯୮, ପୁରୀରେ ୨୭୯, ସୋନପୁରରେ ୪୫ ଓ ସୁନ୍ଦରଗଡ଼ ଜିଲାରେ ୧୮୬ ଜନବସତିକୁ ଉପଯୁକ୍ତ ଯୋଗାଯୋଗ ବ୍ୟବସ୍ଥା ହୋଇ ପାରିନାହିଁ। ସୂଚନାଯୋଗ୍ୟ ଯେ, ୨୦୧୯ ଜୁନ୍‌ରେ ଅନୁଷ୍ଠିତ ବିଧାନସଭାରେ ଅସଂଯୋଜିତ ଜନବସତିକୁ ୨୦୧୯–୨୦ ସୁଦ୍ଧା ସଂଯୋଗୀକରଣ କରାଯିବାର ଯୋଜନା ରହିଛି ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବିଭାଗୀୟ ପ୍ରତିଶ୍ରୁତି ଫସରଫାଟିଛି। ଏଭଳି ସରକାରୀ ଅବହେଳା କାରଣରୁ ରାଜ୍ୟର ସୀମାନ୍ତ ଅଞ୍ଚଳକୁ ପଡ଼ୋଶୀ ରାଜ୍ୟଗୁଡ଼ିକ ପକ୍ଷରୁ କରାୟତ୍ତ କରିବା ଲାଗି ଜୋରଦାର ଉଦ୍ୟମ କରାଯାଉଛି। ଏଥିଯୋଗୁ ଆନ୍ତଃରାଜ୍ୟ ସୀମା ବିବାଦ ମୁଣ୍ଡ ଟେକୁଛି। କୋଟିଆ ଗ୍ରାମପୁଞ୍ଜକୁ ଉଦାହରଣ ଭାବେ ନିଆଯାଇପାରେ। ସେଠାରେ ଆନ୍ଧ୍ରର ମନ୍ତ୍ରୀ, ନେତା ଓ ପ୍ରଶାସନିକ ଅଧିକାରୀ ନିୟମିତ ବ୍ୟବଧାନରେ ପ୍ରବେଶ କରି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅଧିବାସୀମାନଙ୍କୁ ସଚେତନ କରୁଛନ୍ତି। ଅନ୍ୟପକ୍ଷେ ଏହାକୁ ପ୍ରତିହତ କରିବାକୁ ଓଡ଼ିଶାର ବଳ ପାଉ ନ ଥିବାରୁ ଅଧିକାରୀମାନେ ହାତ ଟେକି ଦେଇଥିବା ନଜିର ରହିଛି। ଅନ୍ୟ ଏକ ଉଦାହରଣ ଯାଜପୁର ଜିଲା ନଗଡ଼ାକୁ ନିଆଯାଇପାରେ। ଏଠାରେ ଉତ୍ତମ ଗମନାଗମନର ସୁବିଧା ନ ଥିବାରୁ ସରକାରୀ ଯୋଜନା ଅପହଞ୍ଚ ହୋଇପଡ଼ିଥିଲା। ଫଳରେ ନଗଡ଼ାର ବହୁ ଶିଶୁ ଅପପୁଷ୍ଟିର ଶିକାର ହୋଇ ପ୍ରାଣ ହରାଇଥିଲେ, ଯାହାକି ସାରା ଦେଶରେ ଚହଳ ପକାଇଥିଲା। ରାସ୍ତା ନ ଥିବା ଜନବସତିରେ ନଗଡ଼ା ଭଳି ସ୍ଥିତି ରହିଥିଲେ ସୁଦ୍ଧା ତାହା ଲୋକଲୋଚନକୁ ଆସିପାରୁନାହିଁ। ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାର ଅନେକ ଗ୍ରାମକୁ ଏବେ ସୁଦ୍ଧା ରାସ୍ତା ସଂଯୋଗ ହୋଇପାରିନାହିଁ। ତେଣୁ ଉକ୍ତ ଗ୍ରାମଗୁଡ଼ିକୁ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି।

### ସୁଯୋଗ ମିଳିଲେ...

ଘଟଣା ସମ୍ପର୍କରେ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଭାଜପା ନେତ୍ରୀ ରାଧାରାଣୀ ପଣ୍ଡା କହିଛନ୍ତି, ବ୍ରଜରାଜନଗରବାସୀ ଓ ସରକାରୀ କର୍ମଚାରୀମାନଙ୍କ ସହ ତାଙ୍କର ସୁସମ୍ପର୍କ ରହିଛି। ହେଲେ ଜଣେ ପୂର୍ବତନ ବିଧାୟକଙ୍କୁ ହତ୍ୟା କରିବାକୁ ଧମକ ଦେବା ଘଟଣା ବିଚଳିତ କରିଛି। ସମ୍ପୃକ୍ତ କନଷ୍ଟେବଲଙ୍କୁ ସେ ଜାଣି ନାହାନ୍ତି। ଏ ଘଟଣା ଅତି ସମ୍ବେଦନଶୀଳ। କେବଳ ତାଙ୍କ ବନ୍ଧୁକ ଜବତ କଲେ ହେବ ନାହିଁ। କେଉଁ କାରଣରୁ ସେ ହତ୍ୟା ଧମକ ଦେଲେ, ଉଦ୍ଦେଶ୍ୟ କ'ଣ ରହିଛି ତାହାକୁ ନେଇ ତଦନ୍ତ କରାଯାଉ। ପୂର୍ବତନ ବିଧାୟକମାନଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଝାରସୁଗୁଡା ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଉକ୍ତ କନ୍‌ଷ୍ଟେବଲ ଡ୍ୟୁଟି ସମୟରେ ବିଶୃଙ୍ଖଳା କରୁଥିବା ଅଭିଯୋଗ ହେବା ପରେ ପ୍ରାୟ ଏକସପ୍ତାହ ତଳେ ତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

### ଘରେ ପଶି...

ଚନ୍ଦନ ଭୀମପୁରାସ୍ଥିତ ବର୍ଷାଙ୍କ ଭଡ଼ାଘରକୁ ଯାଇ ବନିତାଙ୍କୁ ସାଙ୍ଗରେ ନେଇଯିବାକୁ ଡାକିଥିଲେ। ବନିତା ଏବଂ ବଡ଼ ଭଉଣୀ ବର୍ଷା ଘରୁ ବାହାରକୁ ଆସିବାରୁ ଚନ୍ଦନଙ୍କର ସେମାନଙ୍କ ସହ ଯୁକ୍ତିତର୍କ ହୋଇଥିଲା। ବନିତା ଯିବାକୁ ଅମଙ୍ଗ ହୋଇଥିଲେ। ଏଥିରେ ଚନ୍ଦନ ଉତ୍ତ୍ୟକ୍ତ ହୋଇ ସାଙ୍ଗରେ ଆଣିଥିବା ଏସିଡ୍ ପ୍ରଥମେ ବନିତା ଉପରକୁ ପକାଇଥିଲେ। ଅଧିକ ମାତ୍ରାରେ ଏସିଡ୍ ବନିତାଙ୍କ ଉପରେ ପଡ଼ିଥିବା ବେଳେ ତାଙ୍କ ଶରୀର ୮୦ରୁ ଅଧିକ ଭାଗ ପୋଡ଼ିଯାଇଛି। ବର୍ଷା ଓ ସେଠାରେ ଛିଡ଼ା ହୋଇଥିବା ତାଙ୍କ ଦୁଇ ଶିଶୁଙ୍କ ଉପରେ ମଧ୍ୟ ଏସିଡ୍ ପଡ଼ିବାରୁ ସେମାନଙ୍କ ଶରୀରର ବିଭିନ୍ନ ଅଂଶ ଜଳିଯାଇଛି। ବର୍ଷାଙ୍କ ୮ମାସର ପୁଅର ହାତ ଏବଂ ଗୋଡ଼ରେ ପଡ଼ିଥିବା ବେଳେ ତାଙ୍କ ଝିଅର ଦେହ ଏବଂ ଗୋଡ଼ରେ ଏସିଡ୍ ପଡ଼ିଛି। ବନିତାଙ୍କ ସହ ଅନ୍ୟମାନଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବନିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଗୁରୁତ୍ୱର ସହ ନେଇଛନ୍ତି। ସେ କହିଛନ୍ତି ଯେ, ସମ୍ପୃକ୍ତ ଅଭିଯୁକ୍ତ ଚିହ୍ନଟ ହୋଇଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ।

# ସଂସ୍କାରରୁ ଜଣାପଡ଼ିଥାଏ ଶିକ୍ଷା

**ସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ହୋଇ ରହୁଥିବା ଜଣେ ମେଧାବୀ ଛାତ୍ର ସମାଜ ପାଇଁ କିଛି କରିବା ଆଉ ଆଗାମୀ ପିଢ଼ି ତା'ର ସୁଫଳ ପାଇବେ ସେ ସମସ୍ତ ପରିକଳ୍ପନା ମଧ୍ୟରେ ପୁରୁଣା କାଳର ଗୁରୁକୁଳ ଶିକ୍ଷା ବିଂଶ ଶତାବ୍ଦୀରେ ଟାଇମ୍ସ ଗୁରୁକୁଳ ନାମରେ ଏକ ଆଧୁନିକ ଗୁରୁକୁଳ ଶିକ୍ଷାନୁଷ୍ଠାନର ଆରମ୍ଭ ହୋଇଥିଲା। ବହୁ ଘାତପ୍ରତିଘାତ ମଧ୍ୟରେ ସେ ତାଙ୍କର ସ୍ୱପ୍ନର ଅନୁଷ୍ଠାନକୁ ଶିଖରରେ ପହଞ୍ଚାଇବାରେ ପ୍ରାୟ ସଫଳ ହୋଇଥିବା ବେଳେ ବର୍ତ୍ତମାନ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି। ସେହି ଆଧୁନିକ ଗୁରୁକୁଳ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଶାରଦା ପ୍ରସାଦ ମିଶ୍ରଙ୍କ ସହ ଧରିତ୍ରୀର ବିଶେଷ ବାର୍ତ୍ତାଳାପ...**

ଧରିତ୍ରୀ | OrissaPOST
BUSINESS EMINENCE AWARDS



ଡ. ଶାରଦା ପ୍ରସାଦ ମିଶ୍ର

**ପ୍ର– ସାମାଜିକ କାର୍ଯ୍ୟକଳାପରୁ ଶିକ୍ଷାନୁଷ୍ଠାନର ପରିକଳ୍ପନା କିଭଳି ସୃଷ୍ଟି ହୋଇଥିଲା?**

ଉ– ଭୁବନେଶ୍ୱରରେ ଜନ୍ମ ହୋଇଥିବାରୁ ସହର ଆମ ପାଇଁ ବେଶ୍ ପରିଚିତ ଥିଲା। ଏଠାରେ ପାଠପଢ଼ା ସାଙ୍ଗକୁ ଉଭୟ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମରେ ମୁଁ ଓତପ୍ରୋତ ଭାବେ ଜଡ଼ିତ ହେଉଥିଲି। ଏପରିକି ସମୟ କ୍ରମେ ମନରେ କିଛି ନୂଆ କରିବାର ଆଶା ଓ ଆକାଂକ୍ଷାରୁ ସୃଷ୍ଟି ହୋଇଥିଲା ଏକ ଭିନ୍ନ ଧରଣର ଶିକ୍ଷାନୁଷ୍ଠାନର ପରିକଳ୍ପନା। ବିଂଶ ଶତାବ୍ଦୀରେ ବିଗିଡ଼ିଯାଉଥିବା ଶିକ୍ଷାକୁ ଭିନ୍ନ ଏକ ପରିଭାଷାରେ ପ୍ରତିଷ୍ଠା କରିବାର ଲକ୍ଷ୍ୟରେ ସୃଷ୍ଟି ହୋଇଥିଲା ସହରର ପ୍ରଥମ ଗୁରୁକୁଳଭିତ୍ତିକ ଶିକ୍ଷାନୁଷ୍ଠାନ। ବହୁ ଘାତପ୍ରତିଘାତ ଓ କଠିନ ପରିଶ୍ରମ ପରେ ଆରମ୍ଭ ହୋଇଥିଲା ଗୁରୁକୂଳ ଶିକ୍ଷାଦାନ।

**ପ୍ର– ବର୍ତ୍ତମାନର ଶିକ୍ଷା ପଦ୍ଧତି ଆଜିର ଛାତ୍ର ସମାଜ ପାଇଁ କେତେ ଉପଯୋଗୀ ?**

ଉ– ବର୍ତ୍ତମାନର ଶିକ୍ଷାଦାନ ଭିନ୍ନ ଏକ ମାନସିକତାରେ ଅଗ୍ରସର ହେଉଛି। ଉଭୟ ଶିକ୍ଷାନୁଷ୍ଠାନ ଓ ଅଭିଭାବକ ନମ୍ବର ପଛରେ ପଡ଼ିଛନ୍ତି। କେବେ ଭାବି ନାହାନ୍ତି ବର୍ତ୍ତମାନ ସମୟ ପାଇଁ ଶିକ୍ଷା ଯେତିକି ପରିମାଣର ଆବଶ୍ୟକ ଓ ଦକ୍ଷତା ବୃଦ୍ଧି ମଧ୍ୟ ସମପରିମାଣରେ ଆବଶ୍ୟକ ହୋଇଥାଏ। ହେଲେ ସର୍ବୋପରି ପାଠ ସହ ଭଲ ମଣିଷ ହେବାକୁ ପ୍ରାୟ ଅଭିଭାବକ ଇଚ୍ଛା ପ୍ରକାଶ କରିଥାନ୍ତି। ଆଗାମୀ ଦିନରେ ମଧ୍ୟ ଶିକ୍ଷାର ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି, ନଚେତ୍ ନମ୍ବର ପଛରେ ପଡ଼ି ପିଲାର ଭବିଷ୍ୟତ ଅନ୍ଧାର ହୋଇଯିବ। ସେ ଯେଉଁ ଶିକ୍ଷା ପ୍ରତି ଅଧିକ ଇଚ୍ଛା ପ୍ରକାଶ କରୁଛି ତାକୁ ସେହି ଶିକ୍ଷା ପ୍ରଦାନ କରିବାକୁ ହେବ।

**ପ୍ର– ଜାତୀୟ ଶିକ୍ଷା ନୀତିକୁ କିଭଳି ଦେଖୁଛନ୍ତି? ଏହା ବିଶେଷ କରି ଓଡ଼ିଶାରେ କିଭଳି ପ୍ରଭାବ ପକାଇବ ବୋଲି ଭାବୁଛନ୍ତି?**

ଉ– ଦୀର୍ଘ ବର୍ଷର ପାଠପଢ଼ା ଶେଷକରି ପିଲାଟି ଶେଷରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିଥାଏ। ହେଲେ ବର୍ତ୍ତମାନ ଯେଉଁ ଜାତୀୟ ଶିକ୍ଷାନୀତି ବିଷୟରେ ଚର୍ଚ୍ଚା ହେଉଛି, ତାହା ଏକ ପ୍ରକାର ଭିନ୍ନ ରହିଛି। ସେଥିରେ ସବୁ କ୍ଷେତ୍ରର ବିକାଶ ହୋଇପାରିଲା ଭଳି ଶିକ୍ଷା ପଦ୍ଧତିକୁ ପ୍ରଚଳନ କରାଇବାର ବ୍ୟବସ୍ଥା ରହିଛି। ଯେ ପର୍ଯ୍ୟନ୍ତ ତାହା ଲାଗୁ ନ ହୋଇଛି, ସେ ବିଷୟରେ ବିସ୍ତୃତ ଆଲୋକପାତ କରିବା ବାହୁଲ୍ୟ ହେବ ବୋଲି ମୁଁ ଜଣେ ଶିକ୍ଷାବିତ୍ ଭାବେ ଆଶା କରୁଛି।

**ପ୍ର– ଟିଏସ୍‌ଜି ଗୁରୁକୁଳ କ'ଣ ପାଇଁ ସ୍ୱତନ୍ତ୍ର ଓ କାହିଁକି ଜଣେ ଅଭିଭାବକ ରାଜ୍ୟର ଅନ୍ୟ ଶିକ୍ଷାନୁଷ୍ଠାନ ଛାଡ଼ି ଏଠାରେ ପଢ଼ାଇବେ?**

ଉ– ଶିକ୍ଷାନୁଷ୍ଠାନ ତ ସବୁ ସମାନ, ହେଲେ କେଉଁଠି କିଛି କିଛି ଭିନ୍ନତା ରହିଥାଏ। ହେଲେ ଟିଏସ୍‌ଜି ଗୁରୁକୁଳ ରାଜ୍ୟରେ ଏଭଳି ଏକ ଘରୋଇ ଶିକ୍ଷାନୁଷ୍ଠାନ, ଯାହା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନ ସହ ତୁଳନା କରି ନ ଥାଏ। କାରଣ ଏଠାରେ ଖାଲି ଯେ ପାଠପଢ଼ା ହୁଏ କିମ୍ବା ଅନ୍ୟ ସ୍କୁଲ ଭଳି ବୋର୍ଡିଂ କିମ୍ବା ଡେ ବୋର୍ଡିଂର ସେବା ଓ ସୁବିଧା ଯୋଗାଇ ଦିଆଯାଏ ନାହିଁ। ଏପରି କି ପିଲା ପ୍ରଥମେ ଅନୁଭବ କରିଥାଏ ଯେ ତା'ର ଆଉ ଗୋଟିଏ ଘର ମଧ୍ୟ ଅଛି। ବିଶେଷକରି ପିଲାର ଶିକ୍ଷାଠାରୁ ଆରମ୍ଭ କରି ସଂସ୍କୃତି ଏବଂ ଆଚରଣ ଓ ଉଚ୍ଚାରଣର ବିକାଶ ସାଙ୍ଗକୁ ନିଜର ଦକ୍ଷତା କ୍ଷେତ୍ରରେ ମଧ୍ୟ ପରିପ୍ରକାଶ ପାଇଁ ଆବଶ୍ୟକ ସୁବିଧା ଏଠାରେ ମିଳିଥାଏ। ସେହିଭଳି ଅନ୍ୟ ସ୍କୁଲ ଭଳି ପରୀକ୍ଷାରେ ମଧ୍ୟ ଭଲ ଫଳାଫଳ ହାସଲ କରିବା ପାଇଁ ଆବଶ୍ୟକ ପରିଶ୍ରମ ଉଭୟ ପିଲା ଓ ଶିକ୍ଷକ ମିଳିତ ଭାବେ ପ୍ରୟାସ କରିଥାନ୍ତି, ଯାହା ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ ନ ଥିବ। ଏପରି କି ଉଚ୍ଚଶିକ୍ଷା ପରେ ପିଲା ଜଣେ ସଂସ୍କାରୀ ମଣିଷ ଭାବେ ଦୁନିଆରେ ପରିଚିତ ହୋଇଥାଏ। ଏଭଳି ଅନେକ ଉଦାହରଣ ରହିଛି, ଯେଉଁଥିପାଇଁ ଅଭିଭାବକ ଜଣକ ତା'ର ପିଲାକୁ ବିନା କୌଣସି ବାଧାରେ ଆମ ପାଖରେ ଛାଡ଼ି ଦେଇଯାଇଥାଏ।

**ପ୍ର– ପ୍ରତିଯୋଗିତାମୂଳକ ବଜାରରେ ଏଭଳି ଏକ ଭିନ୍ନ ଧରଣର ପ୍ରତିଷ୍ଠାନକୁ କିଭଳି ପରିଚାଳିତ କରୁଛନ୍ତି?**

ଉ– ବର୍ତ୍ତମାନ ସବୁ କ୍ଷେତ୍ରରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହା ମଧ୍ୟରେ ପ୍ରତିଷ୍ଠାନକୁ ପରିଚାଳନା କରିବା କଷ୍ଟକର ହେଲେ ମଧ୍ୟ ଏକ ଭିନ୍ନ ପରିବେଶ ଓ ଶିକ୍ଷା ପ୍ରତି ରହିଥିବା ଦୁର୍ବଳତା ଯୋଗୁ ତାହା ଆଗକୁ ଆଗକୁ ବଢ଼ିଚାଲିଛି।

**ପ୍ର– ଆଗାମୀ ଦିନର କାର୍ଯ୍ୟକ୍ରମ ଓ ଯୋଜନା କ'ଣ ରହିଛି?**

ଉ– ମଣିଷର ମନ ସର୍ବଦା ବିଚଳିତ ହୋଇଥାଏ। ଏପରି କି ସେ ବହୁତ କିଛି କରିବାର ଆଶା କରିଥିଲେ ମଧ୍ୟ ତାହା ଆଶାରେ ରହିଯାଏ। କେତେକ ଆଶା ପୂରଣ ହେଲେ ମଧ୍ୟ ମନର ଆକାଂକ୍ଷା ପୂରଣ ହୋଇ ନ ଥାଏ। ବର୍ତ୍ତମାନ ଟାଇମ୍ସ ଗ୍ରୁପ୍ ଟିଏସ୍‌ଜି ଗୁରୁକୁଳ ସ୍କୁଲ ଏବଂ ସାଇ ସବୁରୀ ନର୍ସିଂ ଆଣ୍ଡ ହେଲ୍‌ଥ ସାଇନ୍ସ କଲେଜ ସାଙ୍ଗକୁ ଏକ ମଧ୍ୟମ ବର୍ଗର ଚିକିତ୍ସାଳୟ ସାଇ ସବୁରୀ ହସ୍ପିଟାଲ ମଧ୍ୟ ରହିଛି। ସେସବୁର ବିକାଶ ଓ ସଫଳତା ପାଇଁ ଆବଶ୍ୟକ ଭିତ୍ତିଭୂମିର ଉନ୍ନତୀକରଣ କରାଯାଉଛି। ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମନୋରମ ପରିବେଶ ମଧ୍ୟରେ ଶାନ୍ତିନିକେତନ ବା ପ୍ଲିଜାଣ୍ଟ ହୋମ୍ ପ୍ରତିଷ୍ଠା କରି ସବୁ ବର୍ଗର ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି।

## ଶିଶୁଙ୍କ ଲାଗି 'ଯାଦୁଇ ପିଟାରା' ଉନ୍ମୋଚନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଶିଶୁଙ୍କୁ ଖେଳ, ଗୀତ ଓ କାହାଣୀ ଜରିଆରେ ପାଠ ପଢ଼ିବା ପାଇଁ ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଖିବା ଓ ଶିଖାଇବାର ଉପକରଣ ୨ ପିଟାରାର ଉନ୍ମୋଚନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପାଠପଢା ଦୃଶ୍ୟପଟ୍ଟକୁ ଅଧିକ ଜୀବନ୍ତ କରିବା ଦିଗରେ ଏହା ଏକ ଐତିହାସିକ ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ୩ ବର୍ଷରୁ ୮ ବର୍ଷ ଶିଶୁଙ୍କ ପାଇଁ ଖେଳ ଆଧାରିତ ଶିକ୍ଷା ଶିଖିବା ଏବଂ ଶିଖାଇବାର ଉପକରଣ ଶୁଭାରମ୍ଭ ହୋଇଯାଇଛି। ଯାଦୁଇ ପିଟାରା ଏଭଳି ଏକ ପଦକ୍ଷେପ, ଯେଉଁଥିରେ ପିଲାମାନେ ବିଭିନ୍ନ ଖେଳ, ଗୀତ, କାହାଣୀ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ପିଲାମାନେ ପାଠ ପଢିବେ। ଜାତୀୟ ଶିକ୍ଷା ନୀତି ଆଧାରରେ ଯାଦୁଇ ପିଟାରା ଜାତୀୟ ପାଠ୍ୟକ୍ରମ ରୂପରେଖ(ଏନ୍‌ସିଏଫ୍) ଅଧୀନରେ ବିକଶିତ ହୋଇଥିବା ବେଳେ ଏହା ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ରହିଛି। ନୂଆ ଶିକ୍ଷା ନୀତିର କଳ୍ପନାରେ ପାଠପଢା ଏବଂ ଶିକ୍ଷା ବାତାବରଣକୁ ସମୃଦ୍ଧ କରିବା ଏବଂ ଉଲ୍ଲାସର ସହ ପାଠପଢାକୁ ଶିଶୁକୈନ୍ଦ୍ରିକ କରିବା ଦିଗରେ ଏହା ଏକ ବୃହତ ପଦକ୍ଷେପ। ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ଏବଂ ନୂତନ ଶିକ୍ଷା ନୀତିର ଚିଠା ପ୍ରସ୍ତାବ ପ୍ରସ୍ତୁତକାରୀ ପଦ୍ମବିଭୂଷଣ କେ. କସ୍ତୁରିରଙ୍ଗନଙ୍କୁ ଧନ୍ୟବାଦ ଦେଇଛନ୍ତି।




ବୈଦ୍ୟନାଥ ଘରେ ଡାକ୍ତର
ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, କାମଦୁଧା ରସ |
| ଆନିମିଆ | ହେମୋପ୍ଲସ୍, ନୱାୟସ୍ ଲୌହ |
| ଆର୍ଥ୍ରାଇଟିସ୍, ଗାଉଟ୍, ରୁମାଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ |
| ଡାଇବେଟିସ୍ | ମଧୁମେହାରୀ ଦାନା, ଡାଇବେଟ୍ ଗାର୍ଡ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ, ପ୍ରୋଷ୍ଟେଡ୍ |
| ଗ୍ୟାସ୍, ପେଟ ଫାମ୍ପିବା | ଗୌସାନ୍ତକ ଟ୍ୟାବ୍, ଚିତ୍ରକାଦି ବଟି |
| ଉଚ୍ଚ କୋଲେଷ୍ଟ୍ରଲ୍ | ଗୁଡହାର୍ଟ, କୋଲେଷ୍ଟ ଗାର୍ଡ |
| ଅନିଦ୍ରା | ନାଇଟ୍‌ଜ୍, ବ୍ରାହ୍ମୀ ବଟି |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ |
| ଲ୍ୟୁକୋରିଆ | ଲ୍ୟୁକୋନିଲ୍, ପତ୍ରାଙ୍ଗାସବ |
| ଯକୃତ ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ୍ |
| ସ୍ମୃତି ବର୍ଦ୍ଧକ | ମେମୋରେକ୍ସ, ଶଙ୍ଖପୁଷ୍ପି ସରବତ |
| ଅନିୟମିତ ଋତୁସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ପାଇଲ୍ସ | ପାଇରାଇଡ୍‌ସ୍ ଟ୍ୟାବ୍, ପାଇରାଇଡ୍‌ସ୍ ଅଏଣ୍ଟମେଣ୍ଟ |
| ଚାପ ଏବଂ ଚିନ୍ତା | ଷ୍ଟ୍ରେସ୍ ଗାର୍ଡ, ଷ୍ଟ୍ରେସ୍ ଗାର୍ଡ ମସାଜ ଅଏଲ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905













## ପ୍ରଫେସର ପ୍ରସନ୍ନ ସ୍ୱାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର, ୨୦।୨(ବ୍ୟୁରୋ)



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ସୋମବାର ପ୍ରଫେସର ସ୍ୱାଇଁଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେ ତିନିବର୍ଷ ପାଇଁ କୁଳପତି ପଦବୀରେ ରହିବେ। ପ୍ରଫେସର ସ୍ୱାଇଁଙ୍କର ୩୧ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ସେ ୧୦ଟି ପୁସ୍ତକ ରଚନା କରିଥିବାବେଳେ ଦୁଇ ଡିଲିଟ୍, ୧୫ ପିଏଚ୍‌ଡି ଏବଂ ୫୬ ଏମ୍‌ଫିଲ ସ୍କଲାରଙ୍କୁ ସଫଳତାର ସହିତ ଗାଇଡ୍ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଗତ ଜାନୁଆରୀ ୬ରେ ମଧ୍ୟପ୍ରଦେଶ ଅମରକଣ୍ଟକସ୍ଥିତ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟିର କୁଳପତି ଭାବେ ଦାୟିତ୍ୱ ନେଇଥିଲେ। ସେବେଠାରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ଖାଲି ପଡ଼ିଥିଲା। ରାଜ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଅତିରିକ୍ତ କୁଳପତି ଦାୟିତ୍ୱରେ ଥିଲେ। ବର୍ତ୍ତମାନ ପ୍ରଫେସର ସ୍ୱାଇଁ ନୂତନ କୁଳପତି ଭାବେ ଦାୟିତ୍ୱ ତୁଲାଇବେ। ନୂତନ ନିଯୁକ୍ତି ପାଇବା ପରେ ପ୍ରଫେସର ସ୍ୱାଇଁ କହିଛନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଯେଉଁଭଳି ଭିତ୍ତିଭୂମି ରହିଛି, ସବୁ ଛାତ୍ରୀଛାତ୍ର ତା'ର ଭଲ ଉପଯୋଗ କରନ୍ତୁ। ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ଏଠାରେ ସବୁକିଛି ଭଲ ହେବା ଦରକାର। ଏ ଦିଗରେ ମୁଁ ନିଶ୍ଚୟ କାର୍ଯ୍ୟ କରିବି ଏବଂ ମୋ କାର୍ଯ୍ୟଧାରାରେ ସମସ୍ତେ ଯେପରି ସନ୍ତୁଷ୍ଟ ହେବେ ସେଥିପ୍ରତି ଗୁରୁତ୍ୱ ଦେବି ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି।

## ଆନନ୍ଦପୁର ରକ୍ତଭଣ୍ଡାରରେ ନିଆଁ

ଆନନ୍ଦପୁର, ୨୦।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାରରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏକ ଫ୍ରିଜ୍‌ରେ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଫ୍ରିଜ୍ ଥିବା ରୁମ୍‌ରୁ ହଠାତ୍ ଧୂଆଁ ବାହାରିବାରୁ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫ୍ରିଜ୍‌ରେ ଥିବା ୪ ୟୁନିଟ୍ ରକ୍ତ ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ଅନ୍ୟ କୌଣସି ସାମଗ୍ରୀ କିମ୍ବା ଆସବାବପତ୍ର କ୍ଷତି ହୋଇ ନ ଥିବା ରକ୍ତଭଣ୍ଡାରର ଅଧିକାରୀ ଡା. ବେଞ୍ଜାମିନ ସିର୍କା ସୂଚନା ଦେଇଛନ୍ତି।


DSPL - 462

ଠିକ୍ ସମୟରେ ସଠିକ୍ ଟୀକାଦେଇ ଆପଣଙ୍କ ଶିଶୁକୁ ସୁରକ୍ଷିତ ରଖନ୍ତୁ ।




ଟୀକାକରଣ ସୂଚୀ

| ବୟସ | ଟୀକା |
|---|---|
| ଜନ୍ମ ସମୟରେ | ବିସିଜି,ଓପିଭି, ହେପାଟାଇଟିସ୍- ବି (ଜନ୍ମ ମାତ୍ରା) |
| ୬ ସପ୍ତାହ (ଦେଢ ମାସ) | ଓପିଭି-୧,ପେଣ୍ଟାଭାଲେଣ୍ଟ-୧,ଏଫ୍‌ଆଇପିଭି-୧,ଆର୍‌ଭିଭି-୧,ପିସିଭି-୧ |
| ୧୦ ସପ୍ତାହ (ଅଢେଇ ମାସ) | ଓପିଭି-୨,ପେଣ୍ଟାଭାଲେଣ୍ଟ-୨,ଆର୍‌ଭିଭି-୨ |
| ୧୪ ସପ୍ତାହ (ସାଢେ ତିନି ମାସ) | ଓପିଭି-୩, ପେଣ୍ଟାଭାଲେଣ୍ଟ-୩ ,ଏଫ୍‌ଆଇପିଭି-୨,ଆର୍‌ଭିଭି-୩,ପିସିଭି-୨ |
| ୯-୧୨ମାସ | ଏମ୍‌ଆର୍-୧,ଭିଟାମିନ୍-କ***, ପିସିଭି ବୁଷ୍ଟର, ଜେଇ-୧**, ଏଫ୍‌ଆଇପିଭି-୩ |
| ୧୬-୨୪ମାସ | ଏମ୍‌ଆର୍-୨,ଭିଟାମିନ୍-କ ***, ଡିପିଟି ବୁଷ୍ଟ୍‌ର-୧, ଓପିଭି ବୁଷ୍ଟର-୧,ଜେଇ-୨** |
| ୫-୬ ବର୍ଷ | ଡିପିଟି ବୁଷ୍ଟ୍‌ର-୨ |
| ୧୦ ବର୍ଷ | ଟି.ଡି |
| ୧୬ ବର୍ଷ | ଟି.ଡି |
| ଗର୍ଭବତୀ ମହିଳା | ଟି.ଡି-୧, ଟି.ଡି-୨, ଟି.ଡି ବୁଷ୍ଟର* |

* ଯଦି ୩ ବର୍ଷ ଭିତରେ ଟିଟି/ଟିଡି ଟିକାର ଦୁଇଟି ମାତ୍ରା ନେଇଥିବେ ।
** କେବଳ ଜେଇ ପ୍ରବଣ ଜିଲ୍ଲା ମାନଙ୍କ ନିମନ୍ତେ
*** ଭିଟାମିନ୍-କ ୯ ମାସରୁ ଆରମ୍ଭ ହୋଇ ୫ ବର୍ଷ ପର୍ଯ୍ୟନ୍ତ ପ୍ରତି ୬ମାସ ବ୍ୟବଧାନରେ ଦିଆଯାଏ ।

OIPR-10003/13/0147/2223

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# କିଭ୍‌ରେ ବାଇଡେନ୍

ଫେବୃୟାରୀ ୨୪ରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ପୂରିବାକୁ ଯାଉଛି। ତଥାପି ଯୁଦ୍ଧ ଅମୀମାଂସିତ ରହୁଛି। ରୁଷିଆ ଆଗେ ଆକ୍ରମଣ କରି ଭାବିନେଇଥିଲା କମ୍ ଦିନରେ ୟୁକ୍ରେନ୍‌କୁ ଅକ୍ତିଆର କରି ଯୁଦ୍ଧଜୟୀ ହେବ। ହେଲେ ଦୃଢ଼ ମନୋବଳ ଓ ବିଶ୍ୱର ଅଧିକାଂଶ ପାଶ୍ଚାତ୍ୟ ରାଷ୍ଟ୍ରରୁ ସାମରିକ ଏବଂ ନୈତିକ ସମର୍ଥନ ପାଇ ୟୁକ୍ରେନ୍ ନୂତନ ପ୍ରଯୁକ୍ତିସଂଲଗ୍ନ ଯୁଦ୍ଧରେ ରୁଷିଆକୁ ପ୍ରତିହତ କରିଚାଲିଛି। ଏଭଳି ସ୍ଥଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦ ଫେବୃୟାରୀରେ ୟୁକ୍ରେନ୍ ରାଜଧାନୀ କିଭ୍‌ରେ ପହଞ୍ଚିବା ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସେଠାରେ ସେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟି ରୁଷିଆର ଦୁର୍ବଳତା ବିଷୟରେ ବଖାଣିଛନ୍ତି। ସେ କହିଛନ୍ତି, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧଜୟ ଆକାଂକ୍ଷା ଧୂଳିସାତ୍ ହୋଇଛି। ନିଜ ଦେଶରେ ଆଉ ଭବିଷ୍ୟତ ଦେଖିପାରୁ ନ ଥିବା ଯୁବ ଓ ପ୍ରତିଭାସମ୍ପନ୍ନ ବର୍ଗ ରୁଷିଆ ଛାଡୁଛନ୍ତି। ଅର୍ଥନୀତି ଏକଘରିଆ ହୋଇଯାଇଥିବା ବେଳେ ତିଷ୍ଠିରହିବା ପାଇଁ ରୁଷିଆ ସଂଗ୍ରାମ କରୁଛି ବୋଲି ବାଇଡେନ୍ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜେଲେନ୍‌ସ୍କିଙ୍କ ମତ ହେଉଛି, ରୁଷିଆର ବିଜୟ ସମ୍ଭାବନା କ୍ଷୀଣ। ଅନ୍ୟପକ୍ଷରେ ବାଇଡେନ୍‌ଙ୍କ କିଭ୍ ଗସ୍ତକୁ ରୁଷିଆ ଗମ୍ଭୀରତାର ସହ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ମସ୍କୋ ବିରୋଧୀ ରହିଥିବାର ଅଧିକ ପ୍ରମାଣ ମିଳିଲା ବୋଲି କହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୟୁରୋପରେ ସର୍ବାଧିକ ଗ୍ରାଉଣ୍ଡ୍ ୱାର ଭାବେ ଅଭିହିତ କରାଯାଉଛି। ଏକବର୍ଷ ଧରି ଲାଗି ରହିଥିବା ଏହି ସଂଘର୍ଷରେ ଉଭୟ ପକ୍ଷର ଅନେକ ହଜାର ସୈନ୍ୟଙ୍କ ସମେତ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ଅସଂଖ୍ୟ ବିସ୍ଫୋରଣ ଯୋଗୁ ଦୁଇ ଦେଶର ବହୁ ଇଲାକା ଏବେ ବନ୍ଧ୍ୟା ଅଞ୍ଚଳ ହୋଇଯାଇଛି। ଏଥିରେ ୟୁକ୍ରେନ୍‌ର ବେଶି କ୍ଷତି ହୋଇଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଥିବା ବେଳେ ବାସ୍ତବ ଚିତ୍ର ଜାଣିବା କଷ୍ଟକର। ତେବେ ରୁଷିଆର ସାମରିକ ଓ ଅର୍ଥନୈତିକ ଆକାର ଦେଖିଲେ ଏହା ୟୁକ୍ରେନ୍ ଉପରେ ଭାରି ପଡୁଥିବା ବୁଝାପଡୁଛି। ତୁଳନାତ୍ମକ ଭାବେ ୟୁକ୍ରେନ୍ ଛୋଟିଆ ଭୂଖଣ୍ଡ ହୋଇଥିଲେ ମଧ୍ୟ ଏହାର ରାଷ୍ଟ୍ରପତି, ସେନା ଓ ସାଧାରଣ ଲୋକଙ୍କ ମନୋବଳ ରୁଷିଆକୁ ବିଜୟୀ ହେବାକୁ ସୁଯୋଗ ଦେଉନାହିଁ। ଅପରପକ୍ଷରେ ଆମେରିକା ରାଷ୍ଟ୍ରପତି ବାଇଡେନ୍‌ଙ୍କ ଜେଲେନ୍‌ସ୍କିଙ୍କୁ ରହିଆସିଥିବା ଭିତିରି ସମର୍ଥନ ୨୦ ଫେବୃୟାରୀରେ ସର୍ବସମ୍ମୁଖକୁ ଆସିବା ପରେ ରୁଷିଆ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ।

> **ବାଇଡେନଙ୍କ କିଭ୍ ଗସ୍ତ ଯୁଦ୍ଧକୁ ଅଗ୍ନି ସଂଯୋଗ କରିବା ଭଳି ପ୍ରତୀୟମାନ ହେଉଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱ ବହୁ ଦିଗରୁ କ୍ଷତି ସହିଲାଣି। ଏହି ପରିପ୍ରେକ୍ଷୀରେ ବାଇଡେନ୍ ଯୁଦ୍ଧକୁ ଉସ୍‌କାଇଲା ଭଳି ପଦକ୍ଷେପ କି ପ୍ରକାରର ନୂଆ ସମୀକରଣ ସୃଷ୍ଟି କରିବ, ତାହାକୁ ବିଶ୍ୱବାସୀ ଅନାଇ ରହିବା ସ୍ୱାଭାବିକ।**

ବିଶେଷଜ୍ଞଙ୍କ ମତରେ ଏହି ଯୁଦ୍ଧକୁ ନେଇ ରୁଷିଆ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଯେଉଁ କଟକଣା ଲଗାଇ ମସ୍କୋ ଅର୍ଥନୀତିକୁ ଚୂର୍ଣ୍ଣୀଭୂତ କରିବାକୁ ପ୍ରୟାସ କରିଥିଲେ ସେଥିରେ ସେମାନେ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଭଳି ମନେ ହେଉନାହିଁ। କାରଣ ରୁଷିଆ ଶକ୍ତି କ୍ଷେତ୍ରରେ ବିଶ୍ୱରେ ସବୁଠାରୁ ଆଗରେ ରହିଛି। ଏହା ପାଖରେ ସର୍ବାଧିକ ଗ୍ୟାସ୍ ସଂରକ୍ଷିତ ଅଛି। ଦ୍ୱିତୀୟ ସର୍ବାଧିକ କୋଇଲା, ଅଷ୍ଟମ ସର୍ବାଧିକ ତୈଳ ଓ ୟୁରୋପରେ ସର୍ବାଧିକ ଅଏଲ୍ ସେଲ୍ ରିଜର୍ଭ ରୁଷିଆର ରହିଛି। ସେହି ଦୃଷ୍ଟିରୁ ଦେଖିଲେ ୟୁରୋପ ସମେତ ଅନ୍ୟାନ୍ୟ ମହାଦେଶ ରୁଷିଆ ଉପରେ ନିର୍ଭରଶୀଳ। ୟୁରୋପରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଅନେକ ରାଷ୍ଟ୍ର ରୁଷିଆଠାରୁ ଶକ୍ତି ନ ପାଇ କିଭଳି ଡହଳବିକଳ ହୋଇଥିଲେ ତାହା ଏହିବର୍ଷ ଦେଖିବାକୁ ମିଳିଥିଲା। ଏହାସତ୍ତ୍ୱେ ରୁଷିଆର ଏଭଳି ସମ୍ବଳ ଥାଇ ମଧ୍ୟ ପାଶ୍ଚାତ୍ୟ କଟକଣା ତା' ଅର୍ଥନୀତିକୁ ବିଗାଡ଼ି ଦେଇଥିବା ଦେଖିବାକୁ ମିଳିଛି।

ଇତିମଧ୍ୟରେ ବାଇଡେନ୍ ପ୍ରଶାସନ ୟୁକ୍ରେନ୍‌କୁ ୩୦ ବିଲିୟନ୍ ଡଲାରର ନିରାପତ୍ତା ସହାୟତା ଦେଇସାରିଛି। ପୁନଶ୍ଚ ୫୦୦ ମିଲିୟନ ଡଲାରର ନୂତନ ସାମରିକ ସହାୟତା ଦେବା ବିଷୟ ଆମେରିକା ରାଷ୍ଟ୍ରପତି ଘୋଷଣା କରିଛନ୍ତି। ଦୀର୍ଘ ଏକ ବର୍ଷ କାଳ ଯୁଦ୍ଧ ଲାଗି ରହିଥିବା ବେଳେ ବର୍ତ୍ତମାନ ବାଇଡେନଙ୍କ କିଭ୍ ଗସ୍ତ ଆଉ ଏକ ଦିଗକୁ ସୂଚାଉଛି। ଆମେରିକାରେ ବାଇଡେନଙ୍କ ଲୋକପ୍ରିୟତା ହ୍ରାସ ପାଇବାରେ ଲାଗିଲାଣି। ଏଥିସହିତ ଆମେରିକା ଅର୍ଥନୀତି ମଧ୍ୟ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଛି। ଏହି ଦେଶ ସାମରିକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ସହ ତାହାକୁ ବିକ୍ରି କରି ଅଜସ୍ର ଅର୍ଥ ଉପାର୍ଜନ କରିଥାଏ। ଦୁର୍ବଳ ହୋଇଯାଉଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ ବାଇଡେନ ନୂଆ ରଣକୌଶଳ ଅନୁସରଣ କରୁଥାଇପାରନ୍ତି ବୋଲି କୁହାଯାଇପାରେ। ସେପଟେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ସାମରିକ ଶକ୍ତି ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଏକଚ୍ଛତ୍ରବାଦ ନୀତି ତାଙ୍କୁ ତାଙ୍କ ଦେଶରେ ନିନ୍ଦିତ କରିଦେଇଥିବା ମନେହେଉଛି। ଏଭଳି ସ୍ଥଳେ ବାଇଡେନଙ୍କ କିଭ୍ ଗସ୍ତ ଯୁଦ୍ଧକୁ ଅଗ୍ନି ସଂଯୋଗ କରିବା ଭଳି ପ୍ରତୀୟମାନ ହେଉଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱ ବହୁ ଦିଗରୁ କ୍ଷତି ସହିଲାଣି। ଏହି ପରିପ୍ରେକ୍ଷୀରେ ବାଇଡେନ୍ ଯୁଦ୍ଧକୁ ଉସ୍‌କାଇଲା ଭଳି ପଦକ୍ଷେପ କି ପ୍ରକାରର ନୂଆ ସମୀକରଣ ସୃଷ୍ଟି କରିବ, ତାହାକୁ ବିଶ୍ୱବାସୀ ଅନାଇ ରହିବା ସ୍ୱାଭାବିକ।

# ବାଲ୍ୟବିବାହ କ'ଣ ଏମିତି ରୋକିହେବ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆସାମରେ ବାଲ୍ୟବିବାହ ବିରୋଧରେ ସେଠାକାର ଭାଜପା ସରକାରଙ୍କ ଦ୍ୱାରା ଗତ କିଛି ସପ୍ତାହ ହେଲା ଚାଲିଥିବା ଯୁଦ୍ଧକାଳୀନ ଦଣ୍ଡାତ୍ମକ ଅଭିଯାନ ବିବାଦୀୟ ହୋଇ ପଡ଼ିଛି। ଇତିମଧ୍ୟରେ ଗୁଆହାଟୀ ହାଇକୋର୍ଟ ଏନେଇ ସରକାରଙ୍କ ଭୂମିକାକୁ ଭର୍ତ୍ସନା କରିବା ସହ ପୋଲିସ ଲୋକଙ୍କ ବିରୋଧରେ ଆଇନର ବିଭିନ୍ନ କଠୋର ଧାରା ବିଶେଷକରି ପୋକ୍ସୋ ଆଇନର ମନଇଚ୍ଛା ବ୍ୟବହାର କରିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟର ସମସ୍ତ ବିରୋଧୀ ଦଳ ଏପରିକି ଅନେକ ସାମାଜିକ ସଙ୍ଗଠନ ମଧ୍ୟ ବାଲ୍ୟବିବାହ ରୋକିବା ନାଁରେ ସରକାରଙ୍କ ଏଭଳି ଦଣ୍ଡାତ୍ମକ ଅଭିଯାନକୁ ବିରୋଧ କରିବା ଦେଖାଯାଇଛି। ସରକାରଙ୍କ ଅଭିଯାନ ବିରୋଧରେ ଭୟଙ୍କର ଜନ ଅସନ୍ତୋଷ ଦେଖାଦେବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ନେଇ ପ୍ରତିବାଦ, ଲାଠିଚାଳନା ଏପରିକି ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟିହୋଇଛି।

ଦେଶରେ ବାଲ୍ୟବିବାହ ରୋକିବା ପାଇଁ ଆଇନ ରହିଛି। ଏହି ଆଇନ ମୁତାବକ ବାଲ୍ୟବିବାହରେ ସାମିଲ ଥିବା ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ସ୍ଥାନୀୟ ପ୍ରଶାସନ କୌଣସି ସ୍ଥାନରେ ବାଲ୍ୟବିବାହ ହେଉଥିବା ନେଇ ସୂଚନା ପାଇଲେ, ଘଟଣାସ୍ଥଳରେ ପହଞ୍ଚି ତାକୁ ରୋକିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି। ଯଦିଓ ଏଥିରେ ଉଭୟ ବର ଓ କନ୍ୟାପକ୍ଷ, ବିବାହ କରାଉଥିବା ପୁରୋହିତ, ପାଦ୍ରୀ ଅଥବା ମୌଲବୀ ଏପରିକି ଅନ୍ୟ ଆୟୋଜକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଥିଲେ ମଧ୍ୟ ତାକୁ କେବେ ଲାଗୁ କରିବା ପ୍ରାୟତଃ ଦରକାର ପଡ଼େନାହିଁ। ଲୋକଙ୍କ ସଚେତନତା, ଶିକ୍ଷା ଓ ଆର୍ଥିକ ସମସ୍ୟାରୁ ସୃଷ୍ଟ ଏହା ଏକ ସାମାଜିକ ସମସ୍ୟା ହୋଇଥିବାରୁ ତାକୁ ଆଇନଶୃଙ୍ଖଳାର ସମସ୍ୟା ଭାବେ କେବେ ଦେଖାଯାଇ ନ ଥାଏ। ସେହି କାରଣରୁ ସରକାରଙ୍କ ପକ୍ଷରୁ ସର୍ବଦା ବାଲ୍ୟବିବାହକୁ ରୋକିବାକୁ ସଚେତନତା ସୃଷ୍ଟିକାରୀ ଅନେକ ଉଦ୍ୟମ ହେଉଥିବା ବେଳେ ଏହାକୁ ବ୍ୟବହାରକରି କାହାରିକୁ ଗିରଫକରି ଜେଲରେ ପୂରାଇବା ପ୍ରାୟତଃ ଦେଖାଯାଇ ନ ଥାଏ।

ତେବେ ଆସାମ ସରକାର ବାଲ୍ୟବିବାହକୁ ଏକ ସାମାଜିକ-ଅର୍ଥନୈତିକ ସମସ୍ୟା ରୂପେ ନ ଦେଖି ଏହା ବିରୋଧରେ ଦଣ୍ଡାତ୍ମକ ଅଭିଯାନ ଆରମ୍ଭ କରିଛନ୍ତି। ଯେଉଁମାନେ ଅନେକ ଦିନ ଏପରିକି ଅନେକ ମାସ ବା ବର୍ଷ ତଳେ ୧୮ ବର୍ଷରୁ କମ୍ ବୟସର ଝିଅକୁ ବିବାହ କରିସାରିଛନ୍ତି ଏବଂ ଶାନ୍ତିପୂର୍ଣ୍ଣ ବୈବାହିକ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କୁ ଖୋଜି ଖୋଜି ଭାରତୀୟ ଦଣ୍ଡ ସଂହିତାର ୩୭୬ ଓ ପୋକ୍ସୋ ଆଇନ ବଳରେ ଗିରଫ କରାଯାଉଛି। ୧୪ବର୍ଷରୁ କମ୍ ବୟସର ଝିଅ କ୍ଷେତ୍ରରେ ପୋସ୍କୋ ଆଇନର ଉପଯୋଗ କରାଯାଉଥିବା ବେଳେ ୧୪ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ଝିଅମାନଙ୍କ କ୍ଷେତ୍ରରେ ପୁଅ ଓ ତା'ର ପରିବାରର ସଦସ୍ୟମାନଙ୍କୁ ବାଲ୍ୟବିବାହ ନିରୋଧ ଆଇନ ବଳରେ ଗିରଫ କରାଯାଉଛି। ଏପରିକି ବାଲ୍ୟବିବାହ ବେଳେ ଉପସ୍ଥିତ ଥିବା ପୁଅର ପିତାମାତା, ପୁରୋହିତ/ମୌଲବୀଙ୍କୁ ବି ବିଭିନ୍ନ ଦଫାରେ ଗିରଫକରି ଜେଲ ପଠାଇ ଦିଆଯାଇଛି। ଆସାମ ମୁଖ୍ୟମନ୍ତ୍ରୀଙ୍କ ଟୁଇଟର ବାର୍ତ୍ତା ଅନୁଯାୟୀ, ରାଜ୍ୟରେ ଫେବୃୟାରୀ ୩ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ମୋଟ ୪,୧୩୫ଟି ମାମଲା ରୁଜୁ କରାଯାଇଥିବା ବେଳେ ପ୍ରଥମ ୧୦ ଦିନ ମଧ୍ୟରେ ହିଁ ମୋଟ ୨୭୮୯ଜଣଙ୍କୁ ଗିରଫକରି ଜେଲକୁ ପଠାଇଦିଆଯାଇଛି। ଯେଉଁମାନେ ଏହି ଅଭିଯାନର ଶିକାର ହୋଇଛନ୍ତି ସେମାନଙ୍କ ମଧ୍ୟରେ ପ୍ରାୟତଃ ସମାଜର ଗରିବ ଲୋକ, ସଂଖ୍ୟାଲଘୁ ଓ ଆଦିବାସୀ ସମ୍ପ୍ରଦାୟର ଲୋକ ରହିଛନ୍ତି। ଏହାପଛରେ ରାଜ୍ୟର ଭାଜପା ସରକାରଙ୍କ ସାମ୍ପ୍ରଦାୟିକ ଏଜେଣ୍ଡାଟି ଉଜାଗର ହେଉଛି।

ସରକାରଙ୍କ ଯୁକ୍ତି ହେଲା, ରାଜ୍ୟରେ ବାଲ୍ୟବିବାହ ହାର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ୨୦୧୯-୨୧ ମଧ୍ୟରେ ପ୍ରକାଶିତ ଜାତୀୟ ପରିବାର ସର୍ଭେ ରିପୋର୍ଟରେ ରାଜ୍ୟର ମୋଟ ବିବାହର ୩୧% ବାଲ୍ୟବିବାହ ହୋଇଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ମାତୃ ଓ ଶିଶୁ ମୃତ୍ୟୁହାର ବି ଜାତୀୟ ସ୍ତରଠାରୁ ଅନେକ ଉପରେ ରହିଛି। ରାଜ୍ୟରେ ଗତବର୍ଷ ୬.୨ ଲକ୍ଷ ଗର୍ଭବତୀ ମହିଳାଙ୍କ ମଧ୍ୟରେ ପ୍ରାୟ ୧୭ % ନାବାଳିକା ରହିଛନ୍ତି। ଏପରି ସ୍ଥଳେ ବାଲ୍ୟବିବାହକୁ ରୋକିବା ପାଇଁ ଏଭଳି କରିବା ଜରୁରୀ ହୋଇପଡ଼ିଛି ବୋଲି ସରକାର କହୁଛନ୍ତି।

ସମାଜରେ ବାଲ୍ୟବିବାହ ରୋକିବା ପଦକ୍ଷେପକୁ ଯେକେହି ସ୍ୱାଗତ କରିବେ। କିନ୍ତୁ ଆସାମ ସରକାର ନେଉଥିବା ଅଭିଯାନକୁ ନେଇ ସନ୍ଦେହ ଉଠିବା ସ୍ୱାଭାବିକ। କାରଣ ବାଲ୍ୟବିବାହ ପରି ସାମାଜିକ ସମସ୍ୟାର ସମାଧାନ ଦଣ୍ଡାତ୍ମକ ନ ହୋଇ ମାନବୀୟ ହେବା ଜରୁରୀ। କେବଳ ଆଇନ ବଳରେ ନୁହେଁ ବରଂ ଯେଉଁସବୁ ସାମାଜିକ ଓ ଅର୍ଥନୈତିକ କାରଣ ବାଲ୍ୟବିବାହକୁ ସୁଯୋଗ ଦେଉଛି, ତାକୁ ସମ୍ବୋଧନ କରିବା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସରକାର ସେପରି ନ କରି ଯେଉଁ ଦଣ୍ଡାତ୍ମକ ଅଭିଯାନ ଚଳାଇଛନ୍ତି, ତାହା ଏକ ଭଲ ଉଦ୍ଦେଶ୍ୟକୁ ବାଟବଣା କରିବାକୁ ଯାଉଛି। କିଛି ସ୍ଥାନରେ ଗିରଫଦାରି ପରେ ବାଲ୍ୟବିବାହ କରିଥିବା ନାବାଳିକାଟି ଆତ୍ମହତ୍ୟା କରିଥିବା ବେଳେ ଅନେକ କ୍ଷେତ୍ରରେ ପରିବାର ଭାଙ୍ଗିଯିବା କାରଣ ହୋଇଛି।

ଆସାମ ସରକାରଙ୍କ ଦ୍ୱାରା ଚାଲିଥିବା ଦମନାତ୍ମକ ଅଭିଯାନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଏନେଇ ମିଥ୍ୟା ପ୍ରଶଂସା ଗୋଟାଇବା ଏବଂ ଏକ ସାମାଜିକ ସମସ୍ୟାକୁ ସାମ୍ପ୍ରଦାୟିକ ରୂପ ଦେଇ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଆକ୍ରମଣର ଲକ୍ଷ୍ୟବସ୍ତୁ କରିବା। କାରଣ ବାଲ୍ୟବିବାହ ରୋକିବାକୁ ସମାଜର ସାମାଜିକ ଓ ଅର୍ଥନୈତିକ ଢାଞ୍ଚାରେ ଯେଉଁ ପରିବର୍ତ୍ତନ ଆଣିବା ଦରକାର, ସେନେଇ ସରକାର ନୀରବ ରହିବା ଦେଖାଯାଇଛି। ଗତ ୮ବର୍ଷର ଭାଜପା ସରକାର ସମୟରେ ସେଠାରେ କୌଣସି ନୂଆ ଡାକ୍ତରଖାନା ପ୍ରତିଷ୍ଠା ହୋଇଥିବା ଜଣାପଡ଼ିନାହିଁ। ଏପରିକି ୨୦୧୪-୧୫ ରେ ବାଳିକାମାନଙ୍କ ପାଠ ଛାଡ଼ିବାର ହାର ଦେଶରେ ସର୍ବାଧିକ ଅର୍ଥାତ୍ ୩୧.୪% ରହିଥିବା ବେଳେ ତାହା ୨୦୧୯-୨୦ ରେ ବି ସମାନ ରହିଛି। ଗତ ୮ ବର୍ଷ ମଧ୍ୟରେ ସରକାର କୌଣସି ନୂଆ ସ୍କୁଲ ତ ଖୋଲିନାହାନ୍ତି, ବରଂ ଅନେକ ଥିବା ସ୍କୁଲକୁ ବନ୍ଦ କରିଦେଇଛନ୍ତି।



ଆସାମ ସରକାରଙ୍କ ଏଭଳି ଏକ ଅଦୂରଦର୍ଶୀ, ଅଭିଯାନ ଫଳରେ ଅନେକ ହଜାର ଗରିବ ଲୋକ ଆଇନଗତ ଜଟିଳତା ଭିତରେ ଛନ୍ଦିହୋଇପଡ଼ିଥିବା ବେଳେ ଗମ୍ଭୀର ଭାବନାତ୍ମକ ସମସ୍ୟା ଦେଇ ଗତି କରୁଛନ୍ତି। ଅତୀତରେ କରିଥିବା ବାଲ୍ୟବିବାହ ଯେଉଁଠି ଏକ ବଡ଼ ସଂଖ୍ୟାରେ ଲୋକଙ୍କୁ ତାହା ଅପରାଧ ବୋଲି ଧାରଣା ହିଁ ନାହିଁ, ସେଥିପାଇଁ ଆଜି ସେମାନଙ୍କୁ ଜେଲରେ ଭର୍ତ୍ତି କରିବା ନ୍ୟାୟସଙ୍ଗତ ହୋଇ ନ ପାରେ। ଏଭଳି ମନଇଚ୍ଛା ଗିରଫଦାରି ଲଜ୍ଜାଜନକ। ଅତଏବ ବାଲ୍ୟବିବାହ ରୋକିବା ପାଇଁ ଏଭଳି ଦଣ୍ଡାତ୍ମକ ଓ ସାମ୍ପ୍ରଦାୟିକ ଅଭିଯାନ ବନ୍ଦ କରିବା ସହ ତା' ବଦଳରେ ସମସ୍ତ ପ୍ରକାର ସକାରାତ୍ମକ ପଦକ୍ଷେପ ନେବା ଦରକାର। ବିଶେଷକରି ଖରାପ ଆର୍ଥିକ ସ୍ଥିତି ଯୋଗୁ ଅଧିକାଂଶ ଗରିବ ପରିବାରରେ ଝିଅମାନଙ୍କୁ ଅଧିକ ପଢ଼ାଇବା ସମ୍ଭବ ହେଉ ନ ଥିବାରୁ ସରକାର ସମାଜର ସବୁ ଝିଅଙ୍କ ଶିକ୍ଷାର ଗ୍ୟାରେଣ୍ଟି ଦେବା ସହ ଶିକ୍ଷା ପରେ ସେମାନେ ଯେପରି ରୋଜଗାର କରି ଆତ୍ମନିର୍ଭରଶୀଳ ହେବେ, ତା'ର ବନ୍ଦୋବସ୍ତ କରିବା ଦରକାର। ସେପରି ହେଲେ ହିଁ ମାଆବାପା ନିଜ ଝିଅକୁ ଏପରି କମ୍ ବୟସରେ ବିବାହ କରାଇବାକୁ ଆଗ୍ରହ ପ୍ରକାଶ କରିବେନାହିଁ ଏବଂ ଝିଅମାନେ ବି ନିଜର ଭବିଷ୍ୟତକୁ ଦେଖିପାରି ଏଭଳି ବିବାହକୁ ପ୍ରତିରୋଧ କରିପାରିବେ। ଅତଏବ ବାଲ୍ୟବିବାହ ରୋକିବାକୁ ହେଲେ ଆର୍ଥିକ ସ୍ଥିତିରେ ଉନ୍ନତି ସହିତ ଶିକ୍ଷା, ରୋଜଗାର ଓ ସଚେତନତା ନିହାତି ଦରକାର, ସେକଥା ସରକାର ବୁଝିବା ଦରକାର। ନଚେତ୍ କେବଳ କଠୋର ଆଇନଗତ ପଦକ୍ଷେପ ଏକ ପ୍ରହସନରେ ପରିଣତ ହୋଇଯିବ।

ମୋ - ୯୪୩୭୧୬୬୩୯୧

# ପ୍ରେମ ଓ କରୁଣାର ଦିଗନ୍ତ ମା'



ବିମଳ ପ୍ରସନ୍ନ ଦାସ

ଫେବୃୟାରୀ ୨୧ ଦିବ୍ୟ ଜନନୀ ଶ୍ରୀମାଙ୍କର ପବିତ୍ର ଜନ୍ମତିଥି। ପ୍ରବାହମାନ କାଳ ବକ୍ଷରେ ସମଗ୍ର ମାନବ ଜାତି ତଥା ସଭ୍ୟତା ପାଇଁ ନିୟତି ନିର୍ଦ୍ଦିଷ୍ଟ ଏକ ସମୁଜ୍ଜ୍ୱଳ ସ୍ୱର୍ଣ୍ଣାଭ ମୁହୂର୍ତ୍ତ। ଏହିପରି ଦେବ ବେଳାରେ ଦିବ୍ୟଶକ୍ତିଙ୍କର ଦିବ୍ୟ ଅବତରଣ ହୋଇଥାଏ, ଯାହା ଅଜ୍ଞାନ ଓ ଅହଂକାରଗ୍ରସ୍ତ ଜନମାନସ ଜାଣିବା ସମ୍ଭବ ହୁଏନାହିଁ। ସେଥିପାଇଁ ମହାକାବ୍ୟ 'ସାବିତ୍ରୀ'ର ୫୫ ପୃଷ୍ଠାରେ ଋଷି କବି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି। ''ଏ ମଣିଷ ଜାଣିବନି ଦେବତାର ଆଗମନୀ ଆଳସ୍ୟ ବା ଆଳାପରେ ରହିଥିବ ଶୋଇ- ସ୍ୱୀକାର ବି କରିବନି ଭଗବାନ ଆସିଲେଣି- ଯେ ପର୍ଯ୍ୟନ୍ତ ତା'ର କାର୍ଯ୍ୟ ହୋଇନାହିଁ।'' ଈଶ୍ୱରପୁତ୍ର ଯିଶୁ ଘୋଡ଼ାଶାଳରେ ଓ ସ୍ୱୟଂ ପରଂବ୍ରହ୍ମ ଶ୍ରୀକୃଷ୍ଣ କଂସର ବନ୍ଦୀଶାଳାରେ ଆବିର୍ଭୂତ ହେଲେଣି- ଅଜ୍ଞାନାଚ୍ଛନ୍ନ ମଣିଷ ଜାଣିବା ସମ୍ଭବ ହୋଇନାହିଁ।

ପାର୍ଥିବ ଜୀବନର ଏକ ମହା ପରିବର୍ତ୍ତନ ଘଟାଇବା ଉଦ୍ଦେଶ୍ୟରେ ଅବତାର ମାନେ ଧରାପୃଷ୍ଠରେ ଅବତରଣ କରନ୍ତି। ପୃଥିବୀ ବକ୍ଷରେ ଏକ ନୂତନ ଚେତନା ଜନ୍ମଗ୍ରହଣ କରେ। ଏକ ନୂତନ ଶକ୍ତି କ୍ରିୟାଶୀଳ ହୁଏ। ଏକ ଅପ୍ରତିହତ ସ୍ରୋତସ୍ୱିନୀ ସଦୃଶ ଚେତନାର କ୍ରମ ବିନାଶ ସ୍ୱଚ୍ଛନ୍ଦରେ ବେଗଗାମୀ ହୋଇଉଠେ। ପରମ କରୁଣାମୟୀ ଶ୍ରୀମା'ଙ୍କ ଧରାବତରଣ ବିଶ୍ୱ ନିମନ୍ତେ ଏକ ମହାନ୍ ଦିବ୍ୟ ପ୍ରତିଶ୍ରୁତି ବହନ କରେ। ଶ୍ରୀମା ହିଁ ଅପରାଜୟ ଶକ୍ତି ସ୍ୱରୂପିଣୀ 'ସାବିତ୍ରୀ'। ନାସ୍ତି କବଳରୁ, ମୃତ୍ୟୁ ହାତରୁ ସତ୍ୟବାନଙ୍କ ଆତ୍ମାଙ୍କୁ ଫେରାଇ ଆଣିବା ପାଇଁ ଏ ଧୂଳିମାଟିର ଧରିତ୍ରୀରେ ସେ ଅବତୀର୍ଣ୍ଣ ହୋଇଛନ୍ତି। ଧରିତ୍ରୀ ବିକଳ ପ୍ରାର୍ଥନା କରି ମା'ଙ୍କୁ ଆବାହନ କରିଛି। ନୂତନ ଜୀବନ ଓ ଜଗତର ରୂପକାର ଋଷି ଶ୍ରୀଅରବିନ୍ଦ ତାଙ୍କ ରଚିତ ଅନବଦ୍ୟ ସୃଷ୍ଟି ସାବିତ୍ରୀ ମହାକାବ୍ୟରେ ମର୍ମସ୍ପର୍ଶୀ ଭାଷାରେ ଲେଖିଛନ୍ତି। ''ସମଗ୍ର ପ୍ରକୃତି ଆଜି କରେ ତବ ଆବାହନ ବିମୌନ ଭାଷାରେ - ଚରଣ ପରଶେ ତବ କରିବାକୁ ନିରାମୟ ଜୀବନ ବ୍ୟଥାରେ''। ''ସେ ଆକୃତିପୂର୍ଣ୍ଣ ଆବାହନର ପ୍ରତିଶ୍ରୁତି ସ୍ୱୟଂ ଦିବ୍ୟଜନନୀ - ଶ୍ରୀମା, ସୃଷ୍ଟିର ସୁରକ୍ଷା, ସଂହତି, ନ୍ୟାୟ, ନୀତି ଓ ଧର୍ମର ସଂସ୍ଥାପନା ଉଦ୍ଦେଶ୍ୟରେ ମାତୃଶକ୍ତିର ଆବାହନ ଓ ଅବତରଣ ସମୃଦ୍ଧ ତଥା ଶାଶ୍ୱତ ଆର୍ଯ୍ୟ ସଂସ୍କୃତିର ଏକ ଅନାହତ ଧାରା। ଏହି ପରିପ୍ରେକ୍ଷୀରେ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ ନିଃସୃତ ପୂର୍ଣ୍ଣଯୋଗର ସାଧନା ଓ ସିଦ୍ଧିରେ ଦିବ୍ୟ ଜନନୀଙ୍କୁ ଆବାହନ କରିଛନ୍ତି। ତାଙ୍କ ପବିତ୍ର ଯୋଗ ଦୃଷ୍ଟିରେ ସ୍ୱୟଂ ମା' ହେଉଛନ୍ତି ବିଭୁ ପ୍ରେମ ଓ କରୁଣାର ସର୍ବୋତ୍ତମ ଅଭିବ୍ୟକ୍ତି ଏବଂ ଆଧ୍ୟାତ୍ମିକ ଚେତନାର ଅମୃତ ଦିଗନ୍ତ। ସେ ହେଉଛନ୍ତି ମାନବ ଆଧାର ଏବଂ ଦିବ୍ୟ ପ୍ରକୃତି ମଧ୍ୟରେ ପବିତ୍ର ସେତୁବନ୍ଧ। ସୃଷ୍ଟି ତଥା ଜୀବଜଗତକୁ ଚିନ୍ମୟୀ ଶକ୍ତି ଭାବରେ ଧାରଣ କରିଛନ୍ତି। ପ୍ରଥମତଃ ସେ ବିଶ୍ୱତୀତା। ଆଦ୍ୟା



ପରାଶକ୍ତି, ସକଳ ଭୁବନର ଉର୍ଦ୍ଧ୍ୱରୁ ପରଂବ୍ରହ୍ମଙ୍କର ଚିର ଅବ୍ୟକ୍ତ ରହସ୍ୟ ସହିତ ସୃଷ୍ଟିର ସଂଯୋଗ ସ୍ଥାପନ କରନ୍ତି। 'ସାବିତ୍ରୀ' ମହାକାବ୍ୟରେ ଋଷି କବି ମା'ଙ୍କୁ ସ୍ୱର୍ଣ୍ଣମୟ ସେତୁ ସେ ଯେ ବହ୍ନି ଅନୁପମ'' ଭାବରେ ଅଭିବ୍ୟକ୍ତ କରିଛନ୍ତି। (ସାବିତ୍ରୀ ୩୧୪ ପୃଷ୍ଠା)। ଦ୍ୱିତୀୟତଃ ସେ ବିଶ୍ୱବ୍ୟାପିନୀ ଓ ବିଶ୍ୱରୂପିଣୀ ମହାଶକ୍ତି -ଏହି ସବୁ ସୃଷ୍ଟି କରିଛନ୍ତି। ଅନନ୍ତ କୋଟି କ୍ରିୟା - ପ୍ରକ୍ରିୟା ଓ ଶକ୍ତିକୁ ନିଜ ଭିତରେ ଧାରଣ କରିଛନ୍ତି। ସେ ସବୁର ଭିତରେ ସ୍ୱୟଂ ପ୍ରବେଶ କରିଛନ୍ତି। ସେ ସବୁକୁ ପୋଷଣ ଓ ଚାଳନ କରୁଛନ୍ତି। ତୃତୀୟତଃ ସେ ବି ବ୍ୟଷ୍ଟିରୂପା ; ତାଙ୍କର ଏହି ରୂପ ବିଶ୍ୱାତୀତ ଓ ବିଶ୍ୱଗତ। ଏହି ଦୁଇ ବୃହତ୍ତର ଭାବକୁ ସଶରୀରେ ଆମ ପାଖରେ ଜୀବନ୍ତ ଓ ଗୋଚର କରି ଧରିଛନ୍ତି।

ପୂର୍ବୋକ୍ତ ଧରିତ୍ରୀ ଏବଂ ପ୍ରକୃତିର ଆକୃତି ଓ ଆବେଦନର ପ୍ରତିଶ୍ରୁତି ସେ ଅଭିବ୍ୟକ୍ତ କରିଛନ୍ତି- ଯାହା 'ସାବିତ୍ରୀ' ମହାକାବ୍ୟରେ ୬୯୨ ପୃଷ୍ଠାରେ ଋଷିକବି ଶ୍ରୀଅରବିନ୍ଦଙ୍କ ଅମୃତମୟ ଲେଖନୀର ଶାଶ୍ୱତ ଆଲେଖ୍ୟ। ''ତୋଳିବାକୁ ଏ ଧରଣୀ ଦିବ୍ୟ ଭୂମି ଅମର ଆଲୋକେ - କରିବାକୁ ରୂପାନ୍ତର ମର୍ତ୍ତ୍ୟ ପ୍ରାଣ ଦିବ୍ୟ ଜୀବନରେ - ଆଗମନ ଆମ ଆଣିବାରେ ଦେବତାରେ ଏ ଧରଣୀ ପରେ।''

ମଣିଷର ଅସଂପୂର୍ଣ୍ଣତା ତଥା ଅସହାୟତାକୁ ଲକ୍ଷ୍ୟ କରି ତାକୁ ସତ୍ୟ ଏବଂ ପରିପୂର୍ଣ୍ଣତା ଦିଗରେ ନେଇଯିବା ପାଇଁ ତାଙ୍କ ମାତୃ ହୃଦୟ କିପରି ପ୍ରେମ ଓ କରୁଣାରେ ବିଗଳିତ ହୋଇ ବିଶ୍ୱନିୟନ୍ତାଙ୍କୁ ବ୍ୟାକୁଳ ପ୍ରାର୍ଥନା କରିଛି। ତାହା ତାଙ୍କ ନିଜ ଅନୁପମ ଭାଷାରେ ଅଭିବ୍ୟକ୍ତ ହୋଇଛି ଧ୍ୟାନ ଏବଂ ପ୍ରାର୍ଥନାରେ। ''ଲୋକମାନଙ୍କର ଅଜ୍ଞାନ ଓ ଅନ୍ଧକାର ଜୀବନ ସେମାନଙ୍କ ନିର୍ବୋଧ ଉତ୍ତେଜନା ଓ ବ୍ୟର୍ଥ ବିକ୍ଷିପ୍ତତାର ଜୀବନ। ମୋର ମନେହୁଏ କି ଦୀନହୀନ କି ବେଦନାକ୍ଲିଷ୍ଟ। ଅଥଚ ତୋର ପରମ ଜ୍ୟୋତିର କଣିକାଏ ତୋର ଦିବ୍ୟ ପ୍ରେମର ବିନ୍ଦୁଏ ସେମାନଙ୍କର ବେଦନାକୁ ଆନନ୍ଦର ମହାସାଗରରେ ପରିଣତ କରିପାରେ। ଭଗବାନ ମୋର ପ୍ରାର୍ଥନା ତୋ ଆଡ଼କୁ ଉଠି ଚାଲିଛି। ସେମାନେ ଲାଭ କରନ୍ତୁ ତୋର ଶାନ୍ତି, ଆଉ ତୋର ସ୍ଥିର ଅଦୃଶ୍ୟ ଶକ୍ତି, ଯାହାର ଉତ୍ସ ହେଉଛି ଅଟଳ ପ୍ରସନ୍ନତା- ଏହା ସେଇମାନଙ୍କର ଯେଉଁମାନଙ୍କର ଆଖି ଖୋଲିଛି ଏବଂ ଯେଉଁମାନେ ସେମାନଙ୍କ ସାର ଆଲୋକିତ ଗଭୀର ପ୍ରକୋଷ୍ଠରେ ତୋତେ ଉପଲବ୍ଧି କରନ୍ତି। (ଧ୍ୟାନ ଓ ପ୍ରାର୍ଥନା -୨୧-୨୨ ପୃଷ୍ଟ)- ହେ ମଧୁମୟ ପ୍ରଭୁ ତୁମକୁ ମୁଁ ନୀରବରେ ପୂଜାକରେ। ତୁମ ନିକଟରେ ମୁଁ ସର୍ବୋଚ୍ଚଭାବେ ନିବେଦିତ। ତୁମ ପ୍ରେମର ବହ୍ନିରେ ମୋର ହୃଦୟକୁ ତ୍ରୁଟିକୁ ଦହନ କରୁ। ଅହଂକାରର ଶୁଷ୍କ କାଷ୍ଠ ଓ ଅଜ୍ଞାନର କୃଷ୍ଣ ଅଙ୍ଗାର ଭିତରୁ ଆଣିଦେଉ ସ୍ୱସ୍ତିର ଉଷ୍ମତା ଓ ଆଲୋକର ଛଟା। ତୁମର ପ୍ରେମ ବ୍ୟକ୍ତ ହେଉ। ପ୍ରେମର ଏହି ବିଶୁଦ୍ଧ ଫୁଲଟି ମୋ ଭିତରେ ଫୁଟି ଉଠୁ। ମୋର ସନ୍ତାନମାନେ ତା'ର ସୌରଭରେ ସୁରଭିତ ହୁଅନ୍ତୁ। ଏହି ପ୍ରେମ ଓ ସକଳ ଶକ୍ତି, ଶାନ୍ତି ଓ ସିଦ୍ଧିର ଉତ୍ସ। ତୁମର ଶାନ୍ତ ସୃଷ୍ଟିକୁ ଆଚ୍ଛାଦିତ କରୁ। (ଧ୍ୟାନ ପ୍ରାର୍ଥନା ୨୩ ପୃଷ୍ଠ)

ବିଶ୍ୱଜନନୀଙ୍କ ପ୍ରେମ ଓ କରୁଣାର ମନ୍ଦାକିନୀ ଧାରା ଆମ ଜୀବନକୁ ଅମୃତାୟିତ କରି ସାଂପ୍ରତିକ ଅମାନୁଷିକତାରୁ ଅତିମାନସିକତାର ଆଭିମୁଖ୍ୟ କରୁ- ଏତିକି ତାଙ୍କ ୧୪୫ତମ ପବିତ୍ର ଜୟନ୍ତୀରେ ପ୍ରାର୍ଥନା।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ପରିବେଶ ସୁରକ୍ଷା ସହ ଟ୍ରାଫିକ୍ ସମସ୍ୟା ସମାଧାନର ଲକ୍ଷ୍ୟ ନେଇ କଳ୍ପିତ ପାଟିଲ ଆବିଷ୍କାର କରିଥିବା ଛୋଟ ବିଦ୍ୟୁତ୍‌ଚାଳିତ ଯାନ(ଇଭି) ପରିବହନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। କଳ୍ପିତଙ୍କ ବୟସ ୩୫, ରହୁଛନ୍ତି ମୁମ୍ବାଇରେ। ସେ ଇଞ୍ଜିନିୟରିଂ ପରେ ଏମ୍‌ବିଏ କରି ଭଲ ଚାକିରି କରିଥିଲେ। ପରେ ୨୦୧୫ରେ ଚାକିରି ଛାଡ଼ି ଏହି କାର୍ ନିର୍ମାଣ କରିବା ଲାଗି ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲେ। ବହୁ ପରୀକ୍ଷା ନିରୀକ୍ଷା ପରେ ସେ ଇଏଏସ୍-ଇ ମାଇକ୍ରୋ କାର୍ ନିର୍ମାଣ କରିଛନ୍ତି। ଏହା ଭାରତର ପ୍ରଥମ ମାଇକ୍ରୋ ଇଲେକ୍ଟ୍ରିକ୍ କାର୍। ଏହାର ଚଉଡ଼ା ୧୦୦୦ମି.ମି.(୩.୨୮ଫୁଟ)। ଏହାକୁ ରାସ୍ତାକଡ଼ରେ କମ୍ ଜାଗାରେ ରଖାଯାଇପାରୁଛି। ଏଥିରେ ବହୁ କମ୍ ଶକ୍ତି ଉପଯୋଗ ହେବା ସହ ଓ କାର୍ବନ ନିର୍ଗମନ ଶୂନ। ୪ ଘଣ୍ଟାରେ ଏହା ସମ୍ପୂର୍ଣ୍ଣ ଚାର୍ଜ ହୋଇଯାଉଛି ଓ ଥରେ ଚାର୍ଜ ହେଲେ ୧୫୦ କି.ମି. ଯାଇପାରୁଛି। ଏଥିରେ ୨ଜଣ ବସିପାରୁଛନ୍ତି। ଏବକାର ଇଲେକ୍ଟ୍ରିକ୍ କାର୍‌ରେ ୧୦୦-୧୨୦ ୱାଟ୍ ଶକ୍ତି ଲାଗୁଥିବାବେଳେ କଳ୍ପିତଙ୍କ ଦ୍ୱାରା ନିର୍ମିତ ମାଇକ୍ରୋ କାର୍‌ରେ ୫୦-୭୦ୱାଟ୍ ଦରକାର ପଡୁଛି। ଏବେ ମୁମ୍ବାଇ, ଦିଲ୍ଲୀ, ପୁଣେ ଏବଂ ବେଙ୍ଗାଲୁରୁରୁ ଉକ୍ତ ମାଇକ୍ରୋ ଇଲେକ୍ଟ୍ରିକ କାର୍ ଲାଗି ୭୦୦୦ ଅର୍ଡର ମିଳିସାରିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଫେବୃୟାରୀ ୧୯୯୮

- ଧର୍ମ ସମ୍ପର୍କରେ ଲିଖିତ ଉପନ୍ୟାସ 'କୁରୁକ୍ଷେତ୍ର' ପାଇଁ ଗୁଜରାଟୀ ଲେଖକ ମନୁଭାଇ ପାଞ୍ଚୋଲି 'ଦର୍ଶକ'ଙ୍କୁ ସରସ୍ୱତୀ ସମ୍ମାନ।
- ଆସାମର ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତଙ୍କ ପ୍ରତି ଅନାସ୍ଥା ବ୍ୟକ୍ତ କରି ରାଜ୍ୟର ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅବଦୁଲ ରୌଫଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | | | | 8 |
| 3 | | 2 | | | | 6 | | 5 |
| 9 | | | | | | | 3 | |
| 4 | | | | | | | 6 | |
| | | 5 | | | 1 | 3 | | 4 |
| | 8 | | | | | | | |
| | 3 | | | 9 | | | 8 | 1 |
| | | | | 5 | 6 | | | |
| | 7 | | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 1 | 8 | 2 | 9 | 6 | 4 | 3 |
| 8 | 9 | 4 | 6 | 7 | 3 | 5 | 1 | 2 |
| 3 | 6 | 2 | 5 | 4 | 1 | 8 | 9 | 7 |
| 9 | 3 | 5 | 4 | 8 | 2 | 1 | 7 | 6 |
| 4 | 1 | 6 | 3 | 5 | 7 | 2 | 8 | 9 |
| 2 | 7 | 8 | 9 | 1 | 6 | 4 | 3 | 5 |
| 5 | 4 | 3 | 2 | 9 | 8 | 7 | 6 | 1 |
| 1 | 2 | 9 | 7 | 6 | 4 | 3 | 5 | 8 |
| 6 | 8 | 7 | 1 | 3 | 5 | 9 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କୁ ଅପମାନ କାହିଁକି

ମହାଶୟ,

ସାମ୍ବାଦିକମାନେ ହେଉଛନ୍ତି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗଣତନ୍ତ୍ର ଶୌଧକୁ ଚାରି ଗୋଟି ସ୍ତମ୍ଭରେ ଠିଆ କରାଯାଇଥିବାବେଳେ ଅନ୍ୟ ତିନି ସ୍ତମ୍ଭର ଫାଟ ଯୋଗୁ ଏହା ଦୁର୍ବଳ ହେଉଛି। ଏଭଳି ସ୍ଥଳେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ଯୋଗୁ ଏହି ଶୌଧ ସୁରକ୍ଷିତ ରହିଛି। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡକାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖବର ପରିବେଷଣ କରାଯାଏ। ଯେଉଁଥିପାଇଁ ରାଷ୍ଟ୍ରପତିଙ୍କ ଓଡ଼ିଶାଗସ୍ତ ଅବସରରେ ରମାଦେବୀ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବକୁ ସାମ୍ବାଦିକମାନେ ଆମନ୍ତ୍ରିତ ହୋଇଥିଲେ ମଧ୍ୟ ମନା କରାଯିବାରୁ ସେମାନେ ବାହାରେ ବସିରହିଲେ। କରୋନା ଆଳରେ ସାମ୍ବାଦିକମାନଙ୍କୁ ବିଧାନସଭା ଓ ଲୋକସେବା ଭବନ ପ୍ରବେଶ ମନା ଭଳି ସମାବର୍ତ୍ତନ ଉତ୍ସବକୁ ମନାକରାଯିବା ଘଟଣା କେବଳ ସାମ୍ବାଦିକମାନଙ୍କୁ ଚକିତ କରିନାହିଁ ବରଂ ଜନସାଧାରଣଙ୍କୁ ମର୍ମାହତ କରିଛି। ସାମ୍ବାଦିକମାନଙ୍କୁ ଏଭଳି ମନାକରାଯିବା ଘଟଣାକ୍ରମରେ ଯିଏ ଯାହା ପାଇଲା କଟାଘା'ରେ ଚୂନମାରିବା ଭଳି କହିଚାଲିଲେ। ବୁଦ୍ଧିଜୀବୀମାନେ ମଧ୍ୟ ଏ ଘଟଣାରେ ନୀରବ ରହିଲେ। ଯାହାକି ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତି ଶକ୍ତ ଆଘାତ ଲାଗିଲା। ଏହାର ପୁନରାବୃତ୍ତି ନ ହେଉ।

**-ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାଦପ-ତଳେ କୁଟୀର ବୁକେ
କୃଷକ ଅବା ଶୋଇଛି ସୁଖେ
ସ୍ୱପନ କୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ !
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କେଜିଏରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ବେପାରୀ ଗିରଫ

ବାଲିପାଟଣା,୨୦।୨(ଡି.ଏନ୍.ଏ.): ବାଲିପାଟଣା ଥାନା ପୋଲିସ ସୋମବାର ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଗଡ଼ବନ୍ତପୁର ଗ୍ରାମର ସତ୍ୟବ୍ରତ ଜେନା। ତାଙ୍କ ନିକଟରୁ ୧କେଜି ୩୦୦ଗ୍ରାମ୍ ଗଞ୍ଜେଇ, ୧୧ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୬୮/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ପୋଲିସ କୌଣସି ସୂତ୍ରରୁ ଖବର ପାଇ ଭଅଁରାଗଡ଼ କେନାଲ ବନ୍ଧ ନିକଟରେ ଛପି ରହିଥିଲା। ସତ୍ୟବ୍ରତ ଗଞ୍ଜେଇ ନେଇ ଉକ୍ତ ବାଟ ଦେଇ ଯାଉଥିବା ବେଳେ ହଠାତ୍ ପୋଲିସ ତାଙ୍କୁ କାବୁ କରିବା ସହ ଗଞ୍ଜେଇ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଡାକ୍ତରୀ ପରୀକ୍ଷା ପରେ ଅପରାହ୍ନରେ ସତ୍ୟବ୍ରତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏଏସ୍ଆଇ ରାକେଶ କୁମାର ସାମଲ କହିଛନ୍ତି।

### ବ୍ରାଉନ୍ସୁଗାର ଜବତ, ୨ ବେପାରୀ ଗିରଫ

ଜଟଣୀ,୨୦।୨(ଡି.ଏନ୍.ଏ.): ବ୍ରାଉନ୍ସୁଗାର ବିକ୍ରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାଜାବାଜର ଖୁଣ୍ଟିଆ ଗଳି ଅଞ୍ଚଳର ରାକେଶ କୁମାର ହରିଚନ୍ଦନ ଓରଫ ଦିପୁ(୨୯) ଏବଂ କୁସୁମାଟି ଟାଙ୍ଗୀସାହିର ଲୋକନାଥ ମହାପାତ୍ର ଓରଫ ଲୋକ(୨୯)। ଏମାନଙ୍କଠାରୁ ୫.୫ ଗ୍ରାମ୍ ବ୍ରାଉନ୍ସୁଗାର, ଦୁଇଟି ମୋବାଇଲ ଫୋନ୍ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୯/୨୩) ରୁଜୁ ହୋଇଛି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବରପାଇ ଜଟଣୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କୁଦିଆରୀ ଏମ୍ଇ ସ୍କୁଲ ପଡିଆରେ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସାମଗ୍ରୀ ଜବତ କରିଥିଲା। ଏମାନେ ବାଲେଶ୍ୱରରୁ ବ୍ରାଉନ୍ସୁଗାର ଆଣି ଜଟଣୀ ଅଞ୍ଚଳରେ ଗ୍ରାହକମାନଙ୍କୁ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ପୂର୍ବରୁ ଅଭିଯୁକ୍ତ ଲୋକନାଥଙ୍କ ନାମରେ ଜଟଣୀ ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ କହିଛି।

### ଝୁଲନ୍ତା ମୃତଦେହ ଜବତ

ବାଲିଅନ୍ତା,୨୦।୨(ଡି.ଏନ୍.ଏ.)- ପାହାଳ ଥାନା ଅଧୀନ ରୁଦ୍ରପୁର ଗ୍ରାମର ଗୋଟିଏ ଘରୁ ଏକ ଝୁଲନ୍ତା ମୃତଦେହ ସୋମବାର ପାହାଳ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ବେହେରା(୩୭)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ସେ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିବା ତଦନ୍ତକାରୀ ଅଧିକାରୀ ଏସ୍ଆଇ ଅଣୀୟ ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, ମଧ୍ୟାହ୍ନରେ ସନ୍ତୋଷଙ୍କ ମୃତଦେହ ପରିବାର ଲୋକେ ଦେଖିବାକୁ ପାଇଥିଲେ। ସେମାନେ ତୁରନ୍ତ ସନ୍ତୋଷଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି।

### ୨୩୪ ଅଭିଯୋଗର ଶୁଣାଣି

ବାଲିପାଟଣା, ୨୦।୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜନସାଧାରଣଙ୍କ ପକ୍ଷରୁ ମୋଟ୍ ୨୩୪ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ଅଧିକାଂଶ ବିଜୁ ପକ୍କାଘର ସମ୍ପର୍କରେ ରହିଥିବା ଜଣାପଡ଼ିଛି। ତତ୍କାଳ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏଡିଏମ୍ ପ୍ରତାପ ବେହୁରା, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ପୋଲିସ ଦକ୍ଷତା ବଢ଼ାଇବ 'କ୍ରାଇମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍'

**ଉଦ୍‌ଘାଟନ କଲେ ଡିଜିପି**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପୋଲିସର କାର୍ଯ୍ୟ ଦକ୍ଷତା ଆହୁରି ବଢ଼ିବ। ଆପରାଧିକ ମାମଲାର ତଦାରଖ, ଅନୁଧ୍ୟାନ ଓ ସୁପରିଚାଳନା, ଅପରାଧ ସମୀକ୍ଷା ପାଇଁ ସମନ୍ୱିତ ପ୍ଲାଟ୍‌ଫର୍ମ ପ୍ରସ୍ତୁତ, ମାମଲାଗୁଡ଼ିକର ବିସ୍ତୃତ ମୂଲ୍ୟାଙ୍କନ ଓ ନିୟନ୍ତ୍ରଣ ଭଳି ବିଭିନ୍ନ କାର୍ଯ୍ୟକୁ ସହଜ କରାଇବ 'କ୍ରାଇମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍' ବା ଅପରାଧ ପରିଚାଳନା ବ୍ୟବସ୍ଥା(ସିଏମ୍ଏସ୍)। ସୋମବାର ଏହାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟଠାରେ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ(ଏସ୍‌ସିଆର୍‌ବି)ର ନିର୍ଦ୍ଦେଶକ ବିନୟତୋଷ ମିଶ୍ର, ଆଇଜି (ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ, ଡିଆଇଜି ଏସ୍‌ସିଆର୍‌ବି ଡ. ସତ୍ୟଜିତ ନାଏକ ଓ ସମସ୍ତ ଜିଲାର ଏସ୍‌ପି ଉପସ୍ଥିତ ଥିଲେ। 'କ୍ରାଇମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍' ହେଉଛି '୫-ଟି' ସେବାର ଏକ ଅଂଶବିଶେଷ। ନାଗରିକମାନେ ମଧ୍ୟ ଏହି ବ୍ୟବସ୍ଥା ଦ୍ୱାରା ଉପକୃତ ହୋଇପାରିବେ। ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ଗୁରୁତ୍ୱ ଦେବାକୁ ଡିଜିପି ବଂଶଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ(ଏନ୍‌ସିଆର୍‌ବି)ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଷ୍ଟେଟ୍ କ୍ରାଇମ୍ ରେକର୍ଡ଼ସ୍ ବ୍ୟୁରୋ(ଏସ୍‌ସିଆରବି) ପ୍ରଥମ ପୁରସ୍କାର ଗ୍ରହଣ କରିଛି। ଏହାସହ ଚଳିତ ବର୍ଷ ଓଡ଼ିଶା ପୋଲିସ୍ ଆଇସିଜେଏସ୍ ସହ ଏଫ୍ଏସ୍ଏଲରେ (ଦ୍ୱିତୀୟ ପୁରସ୍କାର), କ୍ରାଇମ୍ ମ୍ୟାନେଜମେଣ୍ଟ ସିଷ୍ଟମ୍(ସିଏମ୍ଏସ୍) ଏବଂ ସାକାରରେ (ପ୍ରଥମ ପୁରସ୍କାର) ହାସଲ କରିଛି। ସିଏମ୍ଏସ୍ ସ୍ଥାପନ ଦ୍ୱାରା ତଦନ୍ତ କ୍ଷେତ୍ରରେ ଓଡ଼ିଶା ପୋଲିସ ବେଶ୍ ସଫଳତା ପାଇବ ବୋଲି ଆଶା କରାଯାଉଛି।



ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ହଲ୍‌ରେ ଆଲୋଚନାଚକ୍ର ଚାଲିଥିବାବେଳେ ଆୟୋଜକ କର୍ମକର୍ତ୍ତା ଓ ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସିପିଆଇଏମ୍ ପକ୍ଷରୁ ଭୁବନେଶ୍ୱର ଡିସିପି ଅଫିସ୍ ସମ୍ମୁଖରେ ବିକ୍ଷୋଭ।

# ଯିବୁ ନାହିଁ ସଜନୀ କୁଞ୍ଜବନକୁ ଏକା...



ଗୀତଗୋବିନ୍ଦ ସଦନରେ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟନ ଅବସରରେ ସଙ୍ଗୀତ ପରିବେଷଣ କରାଯାଉଛି।

**ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ସୋମବାର ସନ୍ଧ୍ୟାରେ ସୂଚନା ଭବନ ପରିସର ଗୀତଗୋବିନ୍ଦ ସଦନଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବୃନ୍ଦ ଗାୟନରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ରାଗ କିରବାଣୀ ଓ ତାଳ ଏକତାଳିରେ ବେଣୁଧରଙ୍କ ରଚନାରୁ 'ଯିବୁ ନାହିଁ ସଜନୀ କୁଞ୍ଜବନକୁ ଏକା' ପରିବେଷିତ ହୋଇଥିଲା। ପରେ ଏକକ ଗାୟନରେ ପୁରୀର ଗୁରୁ ଚନ୍ଦ୍ରମଣ ଲେଙ୍କା ରାଗ କଲ୍ୟାଣ ଓ ତାଳ ଏକତାଳିରେ 'ମାନିନୀ ରାଧେ ନିକୁଞ୍ଜେ ଆସ', ଭୁବନେଶ୍ୱରର ସଙ୍ଗୀତା ପଣ୍ଡା ରାଜ ରସ ମଞ୍ଜରୀ ଓ ତାଳ ଯତିରେ 'ତ୍ରାଣ ସଜନୀ'ରେ, ହରପ୍ରିୟା ସ୍ୱାଇଁ ରାଗ ବରାଡ଼ି ଓ ତାଳ ତ୍ରିପଟାରେ 'ମନମୋହନ ଘନଶ୍ୟାମ ସୁନ୍ଦରକୁ', ହିମାଂଶୁ ଶେଖର ସ୍ୱାଇଁ, ସୌମ୍ୟା ସମାପ୍ତା ମିଶ୍ର ଓ ଅନ୍ୟମାନେ ଏହିଭଳି ବିଭିନ୍ନ ସଙ୍ଗୀତ ଗାନ କରିଥିଲେ। ଅତିଥି ଭାବେ ଗୁରୁ ପଣ୍ଡିତ ଗୋପାଳଚନ୍ଦ୍ର ପଣ୍ଡା, ପୂର୍ବତନ ରାଜସ୍ୱ ପରିଷଦ ସଭ୍ୟ ଅଶୋକ କୁମାର ତ୍ରିପାଠୀ, ଉପସଭାପତି କ୍ଷୀରୋଦ ପଟ୍ଟନାୟକ, ସମ୍ପାଦକ ଗୁରୁ ରାମହରି ଦାସ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ନିମାକାନ୍ତ ରାଉତରାୟ, ଗୁରୁ ଡ. ବିଜୟ କୁମାର ଜେନା, ଗୁରୁ ଡ. ସଚ୍ଚିକାନ୍ତ ନାୟକ, ଗୁରୁ ପ୍ରଦୀପ ଦାସ, ଆବାହକ ଅରକ୍ଷିତ ଦାଶ ଉପସ୍ଥିତ ଥିଲେ। ସଂଯୋଜକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ଆନୁକୂଲ୍ୟରେ ଏହି ମହୋତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପୋଲିସ ଏଏସ୍ଆଇଙ୍କୁ ଛୁରିରେ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ବାଇକ୍ ଚୋରିରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ କାବୁ କରିବାକୁ ଯାଇ ପୋଲିସ ଆକ୍ରମଣରେ ଶିକାର ହୋଇଛି। ଜଣେ ଏଏସ୍ଆଇଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମୁସଲିମ୍ ବସ୍ତିର ଟୁକୁନା ଓରଫ୍ ସାଜିଦ୍ ଖାନ୍(୨୯)। ତାଙ୍କ ନିକଟରୁ ୩ ଟି ବାଇକ୍, ଛୁରି ଓ ମାଷ୍ଟର ଚାବି ଜବତ କରିଛି ପୋଲିସ। ଅଭିଯୋଗକାରୀ ପୋଲିସ ଜଣକ ଭୁବନେଶ୍ୱର ଜିଆର୍‌ପି ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟ କରନ୍ତି। ମୋଟରସାଇକେଲ ଚୋରି ମାମଲାରେ ତଦନ୍ତ କରୁଥିବାବେଳେ ମାମଲାରେ ଅଭିଯୁକ୍ତ ଟୁକୁନା ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲେ। ସେ ଆଇଜି ପାର୍କ ଅଞ୍ଚଳରେ ବୁଲାବୁଲି କରୁଥିବା ଖବର ପାଇବା ପରେ ଏଏସ୍ଆଇ ଜଣକ ଓ ତାଙ୍କ ଟିମ୍ ସହ ଘଟଣା ସ୍ଥଳରେ ଚଢାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଏଏସ୍ଆଇ ଓ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଏକ ଧାରୁଆ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଏଏସ୍ଆଇ ଆହତ ହେବା ସହ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ ।

## ରାଷ୍ଟ୍ରୀୟ ଯୁବ ମହୋତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଭାରତ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ମନ୍ତ୍ରଣାଳୟ ପକ୍ଷରୁ ୨୬ତମ ରାଷ୍ଟ୍ରୀୟ ଯୁବ ମହୋତ୍ସବ ୨୦୨୩ କର୍ଣ୍ଣାଟକର ହୁଲି ଧରୱାଡ଼ଠାରେ ଗତ ୧୨ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଫାର୍ମାସି ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର ଆଶିଷ କୁମାର ମଲ୍ଲିକ ଭାଗ ନେଇଥିଲେ। ତାଙ୍କ ସହ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଜାତୀୟ ସ୍ୱେଚ୍ଛାସେବା ସହିତ ସହବନ୍ଧିତ ଥିବା ମହାବିଦ୍ୟାଳୟରୁ ୩୦ଜଣ ପ୍ରତିଯୋଗୀ ତଥା ବିଭିନ୍ନ ରାଜ୍ୟରୁ ୧୦୦୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରେ ଯୋଗ, ପର୍ବତ ଆରୋହଣ, ନୌଚାଳନା, ଗଭୀର ସମୁଦ୍ରରେ ସନ୍ତରଣ ପରି ଦୁଃସାହସିକ କ୍ରୀଡ଼ା ସମ୍ବନ୍ଧରେ ପ୍ରଶିକ୍ଷଣ ଦେବା ସହିତ ନୃତ୍ୟ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶିଷଙ୍କୁ ପୁରସ୍କୃତ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଆଶିଷ ତାଙ୍କ ସଫଳତାର ଶ୍ରେୟ ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡ. ରଞ୍ଜିତ ମହାପାତ୍ର ଏବଂ ଅଧ୍ୟାପକ ଜ୍ୟୋତି ନାୟକଙ୍କୁ ଦେଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ କୁଳପତି ସବିତା ଆଚାର୍ଯ୍ୟ, ଫାର୍ମାସି ବିଭାଗର ମୁଖ୍ୟ ଡ.ସାଗର କୁମାର ମିଶ୍ର ପ୍ରମୁଖ ଆଶିଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବଡ଼ଗଡ଼, ଜାଭିୟର ଛକରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସୋମବାର ଏକକାଳୀନ ଦୁଇଟି ସ୍ଥାନରେ ଉଚ୍ଛେଦ କରାଯାଇଛି। ପ୍ରଥମଟି ବଡ଼ଗଡ଼ରେ ଉଚ୍ଛେଦ ହୋଇଥିବାବେଳେ, ଜାଭିୟର ଛକରେ ମଧ୍ୟ ଜବରଦଖଲ ଉଠା ଯାଇଛି। ବଡ଼ଗଡ଼ ଥାନା ଅନ୍ତର୍ଗତ କଳ୍ପନା ପୋଲିସ ଆଉଟ ପୋଷ୍ଟ ଛକରୁ ଜଗନ୍ନାଥ ଆଶ୍ରମ ରୋଡ ପର୍ଯ୍ୟନ୍ତ ଅଞ୍ଚଳରୁ ଉଚ୍ଛେଦ ହୋଇଥିଲା। ଏହାସହ ମହିଷାଖାଲ ଛକରୁ ଜଗନ୍ନାଥ ଆଶ୍ରମ ପର୍ଯ୍ୟନ୍ତ କିଛି ଅଂଶ ମଧ୍ୟ ଭଙ୍ଗାଯାଇଛି। ସେହିପରି ନୂଆପଲ୍ଲୀ ଥାନା ଅନ୍ତର୍ଗତ ଜାଭିୟର ଛକରୁ ହାତିଆଣ୍ଟୁଣି ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନ ଅଫିସର ଶଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ସତ୍ୟନଗର ଓଭରବ୍ରିଜ ନିକଟସ୍ଥ ରେଳଧାରଣାରୁ ସୋମବାର ସକାଳେ ଜଣେ ଯୁବକଙ୍କ ମୃତଦେହ ମିଳିଛି । ସେ ହେଲେ ନୟାଗଡ ଜିଲାର ପଞ୍ଚାନନ ମୁଦୁଲି (୩୦)। ଖବରପାଇ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପ୍ରଦୀପ ସେବା ଟ୍ରଷ୍ଟ ସାହାଯ୍ୟରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ନେଇ ପୋଲିସ ମାମଲା ରୁଜୁ କରିଛି। ସୂଚନାନୁସାରେ ମୁଦୁଲି ସତ୍ୟନଗର ରହି ଡ୍ରାଇଭର କାମ କରନ୍ତି। ସେ ରବିବାର କଟକ ଯାଇ ରାତିରେ ଫେରୁଥିଲେ । ହେଲେ ସୋମବାର ସକାଳେ ତାଙ୍କର ମୃତଦେହ ସତ୍ୟନଗର ଓଭରବ୍ରିଜ ନିକଟସ୍ଥ ରେଳଧାରଣାରୁ ତାଙ୍କର ମୃତଦେହ ପଡିଥିବା ଲୋକେ ଦେଖିଥିଲେ।

# 'ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବ୍ୟାପ୍ତ ହେବ'


ଆଲୋଚନାଚକ୍ରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଅନ୍ୟ ଅତିଥିବୃନ୍ଦ।

ପୁରୀ ଅଫିସ, ୨୦।୨

ସମାଜରେ ଶୃଙ୍ଖଳା, ସମାଜର ସୁରକ୍ଷା ଓ ବିଶ୍ୱରେ ଆଧ୍ୟାତ୍ମିକ ଜାଗରଣ ପାଇଁ ଜନଗଣ ଆଧ୍ୟାତ୍ମିକ ଚେତନାରେ ଉଦବୁଦ୍ଧ ହୋଇ ଚୈତନ୍ୟମୟ ହେବାକୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆହ୍ୱାନ ଦେଇଛନ୍ତି। ସୋମବାର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତିର ଗରିମା ବିଶ୍ୱବ୍ୟାପ୍ତ ହୋଇପାରିବ ବୋଲି ଗଜପତି ମହାରାଜା କହିଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସଂସ୍କୃତ ବିଦ୍ୱାନ୍ ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଥିଲେ, ପୁରୁଷୋତ୍ତମ ମାହାତ୍ମ୍ୟରେ ଶ୍ରୀକ୍ଷେତ୍ରର ମହତ୍ତ୍ୱ ସମ୍ପର୍କରେ ଯେଉଁ ବ୍ୟାଖ୍ୟା ରହିଛି, ତାହାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଏକାଡେମୀ ଏହି ଆଲୋଚନା ଚକ୍ର ଆୟୋଜନ କରିଛି। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ବୈଦେଶିକ ଗବେଷକଙ୍କ ଦ୍ୱାରା ସ୍କନ୍ଦ ପୁରାଣ କିପରି ସମୟୋଚିତ ହୋଇଛି ତା'ର ସୂଚନା ଦେଇଥିଲେ। ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇ ପଠିତ ପ୍ରବନ୍ଧଗୁଡ଼ିକୁ ଖୁବ୍‌ଶୀଘ୍ର ଗ୍ରନ୍ଥାୟିତ କରାଯିବ ବୋଲି କହିଥିଲେ। ଏକାଡେମୀ ସଦସ୍ୟା ପ୍ରତିଭା ମହାରଥୀ ଧନ୍ୟବାଦ ଦେଇଥିଲେ। କଳ୍ପନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦ରୁ ଅଧିକ ସଂସ୍କୃତ ବିଦ୍ୱାନ୍ ପ୍ରବନ୍ଧ ପାଠ କରିଥିଲେ।


ଶତାବ୍ଦୀର କଳାକାର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ମଥୁରା ସମ୍ବାଦ'ର ଏକ ଦୃଶ୍ୟ।

# ଛାତ୍ରଙ୍କୁ ଜୁଆ ଖେଳାଇ ଟଙ୍କା ଛଡ଼ାଇନେଲେ

**୨ ଗିରଫ, ଏକାଧିକ ଫେରାର**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ପରୀକ୍ଷା ଦେବାକୁ ଯାଉଥିବା ଜଣେ ଛାତ୍ରଙ୍କୁ ରାସ୍ତାରେ ଅଟକାଇ ଜୋରଜବରଦସ୍ତ ଜୁଆ ଖେଳାଇବା ସହ ୫ ହଜାର ଛଡାଇ ନେବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ୨ ଜୁଆଡ଼ୀଙ୍କୁ ଗିରଫ କରିଛି। ସେମାନେ ହେଲେ ୟୁନିଟ-୩ ମସଜିଦ କଲୋନୀରେ ରହୁଥିବା ଅସ୍କଗର ଅଲ୍ଲୀ ଓ ଏସ.କେ ସ୍ବାଇଲ। ସେମାନଙ୍କଠାରୁ ୫ ହଜାର ୭୦୦ ଟଙ୍କା ଜବତ କରାଯାଇଛି। ସୂଚନା ଅନୁସାରେ, ରବିବାର ମଞ୍ଚେଶ୍ୱର ଅଞ୍ଚଳରେ ପରୀକ୍ଷା ଥିବାରୁ ରୋଶନ ନାୟକଙ୍କର ମୟୂରଭଞ୍ଜରୁ ଟ୍ରେନ ଯୋଗେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଷ୍ଟେଶନରୁ ବାହାରି ୟୁନିଟ୍-୩ ମାଳିସାହି ନିକଟ ଏକ ଦୋକାନ ପାଖରେ ଅଟକିଥିଲେ। ସେହି ସମୟରେ ନିକଟରେ କେତେଜଣ ଜୁଆ ଖେଳୁଥିଲେ। ଜଣେ ଜୁଆଡି ତାଙ୍କ ନିକଟକୁ ଆସି ଜୁଆ ଖେଳିବାକୁ ଡାକିବା ସହ ଧମକ ଦେଇ ୫୦୦ ଟଙ୍କା ନେଇଯାଇଥିଲେ। ପରେ ଜୁଆ ଖେଳିବାକୁ ତାଙ୍କୁ ବାଧ୍ୟ କରିଥିଲେ। ଫଳରେ ରୋଶନ ୨୦୦ ଜୁଆରେ ଲଗାଇ ହାରି ଯାଇଥିଲେ। ଏହାପରେ ରୋଶନ ପରୀକ୍ଷା ଅଛି ଛାଡ କହିବାରୁ ଅଭିଯୁକ୍ତମାନେ ଅଧିକ ଟଙ୍କା ଦାବି କରିଥିଲେ । ଏନେଇ ରୋଶନ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କଠାରୁ ୫ ହଜାର ଟଙ୍କା ଛଡାଇ ନେଇ ପଳାଇଥିଲେ। ଏଥିରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# ଗୀତାଞ୍ଜଳି ଶ୍ରୀ, ରମେଶ ପାଣିଗ୍ରାହୀ ପାଇବେ 'କଳିଙ୍ଗ ସାହିତ୍ୟ ପୁରସ୍କାର'

ଭୁବନେଶ୍ୱର, ୨୦।୨(ବ୍ୟୁରୋ)


ଗୀତାଞ୍ଜଳି ଶ୍ରୀ


ରମେଶ ପାଣିଗ୍ରାହୀ

ବିଶିଷ୍ଟ ହିନ୍ଦୀ ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ଓ ବିଶିଷ୍ଟ ଶିକ୍ଷାବିତ୍, ଲେଖକ, ସଂଳାପକାର, କଳା ବିଶ୍ଳେଷକ ତଥା ଥିଏଟର ନିର୍ଦ୍ଦେଶକ ଡ. ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ୨୦୨୩ ବର୍ଷ ପାଇଁ ସମ୍ମାନଜନକ 'କଳିଙ୍ଗ ସାହିତ୍ୟ ପୁରସ୍କାର' ପ୍ରଦାନ କରାଯିବ। ସେହିଭଳି ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଓ ରାଜକମଳ ପ୍ରକାଶନକୁ 'ପବ୍ଲିଶିଂ ହାଉସ୍ ଅଫ୍ ଦି ଇୟର' ପୁରସ୍କାର ଦିଆଯିବ। କଳିଙ୍ଗ ସାହିତ୍ୟ ଉତ୍ସବର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା ଏନେଇ ସୋମବାର ସୂଚନା ଦେଇଛନ୍ତି।

୨୦୧୩ରୁ କଳିଙ୍ଗ ସାହିତ୍ୟ ଉତ୍ସବ ପକ୍ଷରୁ ୩ଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଉଛି। ତେବେ ଚଳିତ ବର୍ଷଠାରୁ 'କଳିଙ୍ଗ ଆନ୍ତର୍ଜାତିକ ସାହିତ୍ୟ ପୁରସ୍କାର' ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଏବଂ କଳିଙ୍ଗ ସାହିତ୍ୟ ପୁରସ୍କାର ବିଜେତାଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଆସନ୍ତା ୨୪ ତାରିଖରେ ଆରମ୍ଭ ହେବାକୁ ଥିବା ନବମ କଳିଙ୍ଗ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ। ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଷା ବିବିଧତାକୁ ନେଇ ସାହିତ୍ୟର ଏକ ବର୍ଣ୍ଣମାଳା ଦେଖିବାକୁ ମିଳିବ। ଏଥିରେ ୧୦ଟି ଦେଶର ୨୫ରୁ ଅଧିକ ଭାଷା ଉପସ୍ଥାପନ ହେବ। ୫୦୦ରୁ ଅଧିକ ବକ୍ତା ଯୋଗଦେବେ। ପାଣିପାଗ ନ୍ୟାୟ ଭଳି ସାମ୍ପ୍ରତିକ ଆହ୍ୱାନଠାରୁ ଆରମ୍ଭ କରି ମହିଳାଙ୍କ ସ୍ୱର ଓ ପରିଚୟ ଆଧାରିତ ବିଷୟବସ୍ତୁ ଯଥା -ମହାନ୍ ମହିଳା ଲେଖିକା ଓ କଳାକାର, ଅପରାଧ ଉପନ୍ୟାସ, ସ୍ମରଣିକା, ଅନୁବାଦ, କବିତା, ଅର୍ଥନୀତି ବିଶ୍ୱ ସଙ୍କଟ, ଅତ୍ୟାଧୁନିକ ବିଜ୍ଞାନ, ଭାରତ ଓ ଦୁନିଆ, କଳା ଓ ଫଟୋଗ୍ରାଫି, ସ୍ୱାସ୍ଥ୍ୟ ଏବଂ ଔଷଧ ଆଦି ଉପରେ ଆଲୋଚନା ହେବ।

# ଏଚ୍‌ଆଇଭି ସଂକ୍ରମିତଙ୍କ ଅଧିକାର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

**ଅଭିଯୋଗ ଶୁଣାଣି ଅଧିକାରୀଙ୍କ ପାଇ କର୍ମଶାଳା**

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଏଚ୍‌ଆଇଭି ଏଡ୍‌ସ ଅଧିନିୟମ-୨୦୧୭ ଅନୁଯାୟୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଏଚ୍‌ଆଇଭି ସଂକ୍ରମିତଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ପାଇଁ ଘୃଣା ଭେଦଭାବ ଶୂନ୍ୟ ସୁସ୍ଥ ବାତାବରଣ ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ। ଏକ୍ଷେତ୍ରରେ ଅଭିଯୋଗ ଶୁଣାଣି ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ରହିଛି ବୋଲି ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ)ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉର୍ମିଳା ମିଶ୍ର କହିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ଓସାକ୍ସ ଦ୍ୱାରା ଆୟୋଜିତ ଆଞ୍ଚଳିକ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ଅଭିଯୋଗ ଶୁଣାଣି ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଡ. ମିଶ୍ର ଏହା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ୨୧୦ଜଣ ଏହି ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସଂକ୍ରମିତ ବ୍ୟକ୍ତିଙ୍କର ଯଦି କୌଣସି ଅଭିଯୋଗ ଆସିଥାଏ ତେବେ ଅଭିଯୋଗ ଶୁଣାଣି ଅଧିକାରୀ ଆଇନ ଅନୁଯାୟୀ ଉଚିତ ପଦକ୍ଷେପ ନେବାର ପ୍ରାବଧାନ ରହିଥିବା ସେ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡ. ଲକ୍ଷ୍ମୀଧର ସାହୁ କହିଲେ, ଅନେକ କ୍ଷେତ୍ରରେ ଡାକ୍ତରମାନଙ୍କ ଭିତରେ ଥିବା ଭୟ ଯୋଗୁ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିମାନେ ବିଶେଷକରି ଅସ୍ତ୍ରୋପ୍ରଚାର କ୍ଷେତ୍ରରେ ଡାକ୍ତରଖାନାରେ ଅବହେଳିତ ହେଉଛନ୍ତି। ଡାକ୍ତରମାନେ ଭୟ ନ କରି ପ୍ରାକ୍ ସାବଧାନତା ସରଞ୍ଜାମ ବ୍ୟବହାର କରି ଜଣେ ସଂକ୍ରମିତ ବ୍ୟକ୍ତିର ଅସ୍ତ୍ରୋପ୍ରଚାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଓସାକ୍ସର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଞ୍ଜନା ପଣ୍ଡା ଏଚ୍‌ଆଇଭି ଏଡସ୍‌ର ମୌଳିକ ତଥ୍ୟ ଉପରେ ସବିଶେଷ ଧାରଣା ପ୍ରଦାନ କରିଥିଲେ। ଏହି ଅବସରରେ ମାଷ୍ଟର ପ୍ରଶିକ୍ଷକ ଇଂ. ଅଜୟ କୁମାର ପାତ୍ର ଓ ରାକେଶ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡ. ଡି. ଏସ୍. ଅରବିନ୍ଦ, ଏଚ୍‌ଆଇଭି ସଂକ୍ରମିତଙ୍କ ରାଜ୍ୟସ୍ତରୀୟ ସଂଗଠନ କେଏନ୍‌ପି ପ୍ଲସ୍‌ର ସଭାପତି ପ୍ରଭାସିନି ପ୍ରଧାନ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାରୁ ଅଭିଯୋଗ ଶୁଣାଣି ଅଧିକାରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆଉ ୫ଟି ଆଞ୍ଚଳିକ ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ମାଧ୍ୟମରେ ୨୧୦ଜଣ ଅଭିଯୋଗ ଶୁଣାଣି ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।

## ସଂକ୍ଷେପରେ

### ଜନଶୁଣାଣି ଶିବିରରେ ୨୩୪ ଅଭିଯୋଗ

ବାଲିପାଟଣା,୨୦।୨(ଡି.ଏନ୍.ଏ.): ବାଲିପାଟଣା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିଲେ। ଜନସାଧାରଣଙ୍କ ପକ୍ଷରୁ ମୋଟ୍ ୨୩୪ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ଅଧିକାଂଶ ବିଜୁ ପକ୍କାଘର ସମ୍ପର୍କରେ ରହିଥିବା ଜଣାପଡ଼ିଛି। ତତ୍କାଳ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏଡିଏମ୍ ପ୍ରତାପ ବେହୁରା, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

### କେଜିଏରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ବେପାରୀ ଗିରଫ

ବାଲିପାଟଣା,୨୦।୨(ଡି.ଏନ୍.ଏ.): ବାଲିପାଟଣା ଥାନା ପୋଲିସ ସୋମବାର ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଗଡ଼ବନ୍ତପୁର ଗ୍ରାମର ସତ୍ୟବ୍ରତ ଜେନା। ତାଙ୍କ ନିକଟରୁ ୧କେଜି ୩୦୦ଗ୍ରାମ୍ ଗଞ୍ଜେଇ, ୧୧ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୬୮/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ପୋଲିସ କୌଣସି ସୂତ୍ରରୁ ଖବର ପାଇ ଭଅଁରାଗଡ଼ କେନାଲ ବନ୍ଧ ନିକଟରେ ଛପି ରହିଥିଲା। ସତ୍ୟବ୍ରତ ଗଞ୍ଜେଇ ନେଇ ଉକ୍ତ ବାଟ ଦେଇ ଯାଉଥିବା ବେଳେ ହଠାତ୍ ପୋଲିସ ତାଙ୍କୁ କାବୁ କରିବା ସହ ଗଞ୍ଜେଇ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଡାକ୍ତରୀ ପରୀକ୍ଷା ପରେ ଅପରାହ୍ନରେ ସତ୍ୟବ୍ରତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏଏସ୍ଆଇ ରାକେଶ କୁମାର ସାମଲ କହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ବାଲିଅନ୍ତା,୨୦।୨(ଡି.ଏନ୍.ଏ.): ଘରୁ ଗୋଟିଏ ଗ୍ରାଇଣ୍ଡର ଚୋରି କରି ଫେରାର ହୋଇଥିବା ଅଭିଯୁକ୍ତଙ୍କୁ ଦୀର୍ଘ ୧୧ ମାସ ପରେ ବାଲିଅନ୍ତା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ କାକରୁଦ୍ରପୁର ଅଞ୍ଚଳର ଜିତେନ୍ଦ୍ର ସେଠୀ(୨୪)। ପୋଲିସ ତାଙ୍କ ପାଖରୁ ଚୋରି ଗ୍ରାଇଣ୍ଡର ଜବତ କରିଛି। ଏନେଇ ପୋଲିସ ଆଗରୁ ଏକକକକକ ମାମଲା (୧୦୨/୨୨) ରୁଜୁକରି ତଦନ୍ତ ଚଳାଇଥିଲା।

### ଗାଡ଼ି ଚୋରି ଅଭିଯୋଗରେ ୨ ଗିରଫ

ବାରଙ୍ଗ,୨୦।୨(ଡି.ଏନ୍.ଏ.): ଗାଡ଼ି ଚୋରି ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ସୋମବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମ୍ବା ଅଞ୍ଚଳର ବିଜୟ ପ୍ରଧାନ ଓ ରଞ୍ଜିତ ବାରିକ। ଏମାନଙ୍କଠାରୁ ୫ଟି ବାଇକ୍ ଜବତ ହୋଇଛି। ପ୍ରକାଶ ଯେ, ଗଞ୍ଜାମ ଅଞ୍ଚଳର ଦିପୁ ପ୍ରଧାନ ତ୍ରିଶୂଳିଆ ଛକକୁ ତାଙ୍କର କୌଣସି କାମରେ ଆସିଥିବାବେଳେ ତାଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ସେଠାରୁ ଚୋରି କରି ନେଇ ଯାଇଥିଲେ। ଏନେଇ ସେ ବାରଙ୍ଗ ଥାନାରେ ଗତ ୧୯ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୫୩/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ଼ମ୍ବା ଅଞ୍ଚଳ ରଞ୍ଜିତ ଓ ତାଙ୍କ ସହଯୋଗୀ ବିଜୟ ତ୍ରିଶୂଳିଆ ଛକରୁ ବାଇକ୍ ଚୋରି କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ପୋଲିସ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା।

# ‘ହସ୍ତଶିଳ୍ପ, ହସ୍ତକଳାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ’

ପୁରୀ ଅଫିସ, ୨୦।୨



ଜାତୀୟ ହସ୍ତଶିଳ୍ପ ଓ ହସ୍ତକଳା ପ୍ରଦର୍ଶନୀ ‘ଗାନ୍ଧୀ ଶିଳ୍ପ ବଜାର’କୁ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରୁଛନ୍ତି।

**ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ‘ଗାନ୍ଧୀ ଶିଳ୍ପ ବଜାର’ ଉଦ୍‌ଘାଟିତ**

**■ ରାମଚନ୍ଦ୍ର ମହାରଣା, ରାଜେନ୍ଦ୍ର ମହାପାତ୍ର, ବଦ୍ରି ନାରାୟଣ ଖୁଣ୍ଟିଆ ସମ୍ବର୍ଦ୍ଧିତ**

ହସ୍ତଶିଳ୍ପ ଓ ହସ୍ତକଳାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ହସ୍ତଶିଳ୍ପ ତଥା ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଛନ୍ତି। ଶ୍ରୀ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ କେନ୍ଦ୍ର ହସ୍ତଶିଳ୍ପ ଆୟୁକ୍ତ ଏବଂ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ପୁରୀ ସ୍ୱର୍ଗଦ୍ୱାର ବେଳାଭୂମିରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ହସ୍ତଶିଳ୍ପ ଓ ହସ୍ତକଳା ପ୍ରଦର୍ଶନୀ ‘ଗାନ୍ଧୀ ଶିଳ୍ପ ବଜାର’କୁ ଉଦ୍‌ଘାଟନ କରି ମନ୍ତ୍ରୀ ସାହୁ କହିଛନ୍ତି, ଓଡ଼ିଶାର ହସ୍ତଶିଳ୍ପୀ ତଥା କୁଟୀର ଶିଳ୍ପୀଙ୍କ ଆର୍ଥିକ ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଶ୍ରୀ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ନେତୃତ୍ୱରେ ଶ୍ରୀଜଗନ୍ନାଥଙ୍କ ନାମରେ ପୁରୀ ସମୁଦ୍ର ବେଳାଭୂମିରେ ଆଗାମୀ ବର୍ଷ ଏକ ମେଗା ମହୋତ୍ସବ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ଗାନ୍ଧୀ ଶିଳ୍ପ ବଜାର କମିଟିର ଅଧ୍ୟକ୍ଷ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ତଥା ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସହଯୋଗରେ ପୁରୀର ସାମଗ୍ରିକ ବିକାଶ ସମ୍ଭବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ମଞ୍ଚାସୀନ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ହସ୍ତଶିଳ୍ପ ଆୟୁକ୍ତ ସେବା କେନ୍ଦ୍ରର ବରିଷ୍ଠ ସହନିର୍ଦ୍ଦେଶକ ଅଶୋକ କୁମାର ହୋତା, ହୋଲି ସିଟିର ପରିଚାଳନା ଅଧ୍ୟକ୍ଷ ପ୍ରଭାସ କୁମାର ମହାନ୍ତି, ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ. ରତ୍ନାକର ଦଳେଇ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପ୍ରାକ୍ତନ ପୌରପାଳ ଗୌରହରି ପ୍ରଧାନ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀ ୧୦ ଦିନ ଯାଏ ଚାଲିବ। ଓଡ଼ିଶା ସମେତ ୨୨ଟି ରାଜ୍ୟର ହସ୍ତକଳା ଓ ହସ୍ତଶିଳ୍ପ ଷ୍ଟଲ ଖୋଲାଯାଇଛି। ପ୍ରତିଦିନ ଏହି ପ୍ରଦର୍ଶନୀ ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରତି ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଏହି ଅବସରରେ ବର୍ଷୀୟାନ ମହାରଣା ସେବକ ରାମଚନ୍ଦ୍ର ମହାରଣା, ନନ୍ଦିଘୋଷ ରଥର ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର ଓ ସତ୍ୟବାଦୀର ସଙ୍ଗୀତ ଓ ନୃତ୍ୟଗୁରୁ ବଦ୍ରୀ ନାରାୟଣ ଖୁଣ୍ଟିଆଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କମିଟି ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଓ ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଚାଳନାରେ ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସଂଗ୍ରାମ କେଶରୀ କାନୁନଗୋ, ଦାମୋଦର ଶତପଥୀ, ଭରତ ନାୟକ, ସତ୍ୟବ୍ରତ ଦାଶ, ପ୍ରଦ୍ୟୁମ୍ନ ସାଠୁଆ, ସୌମ୍ୟ ରଞ୍ଜନ ମିଶ୍ର, ବିଦ୍ରୋହ କେଶରୀ ସିଂ, ନାରାୟଣ ପାତ୍ର, ଗୁଟୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଓଝା ଓ ରାକେଶ କୁମାର ସାହୁ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ପୁରୀ: ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଅଷ୍ଟପ୍ରହରକୁ ନେଇ ଗୋଷ୍ଠୀ ସଂଘର୍ଷ, ୯ ଗୁରୁତର

ଅସ୍ତରଙ୍ଗ,୨୦।୨(ଡି.ଏନ୍.ଏ.)

ନୂଆଗଡ଼ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ ଅଷ୍ଟପ୍ରହରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୯ରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେଥିରୁ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ ଦୁଇଟି ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଗ୍ରାମର ଦେଇନ ସେନାପତିଙ୍କ ଅଭିଯୋଗ ଅନୁଯାୟୀ, ମଧୁପୁର ଗ୍ରାମରେ ଅଷ୍ଟପ୍ରହର ଚାଲିଥିଲା। ତେବେ ସେଠାରେ କୌଣସି କାରଣକୁ ନେଇ ଦେଇନଙ୍କ ସ୍ୱାମୀ ଦୁର୍ଯ୍ୟୋଧନଙ୍କ ସହ ଏକ ଗୋଷ୍ଠୀର ପାଟିତୁଣ୍ଡ ହୋଇଥିଲା। ପରେ ଦୁର୍ଯ୍ୟୋଧନ ଘରକୁ ଆସି ଅସ୍ତରଙ୍ଗ ବଜାରକୁ ସଉଦା କିଣି ଫେରୁଥିବା ବେଳେ ଡମସୁଣ ଛକ ନିକଟରେ ଗୋଟିଏ ଗୋଷ୍ଠୀ ୪ଜଣ ତାଙ୍କୁ ଗାଳିଗୁଲଜ କରିବା ସହିତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ଦୁର୍ଯ୍ୟୋଧନଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିବାବେଳେ ଅପରପକ୍ଷର ମଧ୍ୟ କେତେଜଣ ଆସିଥିଲେ। ଫଳରେ ଉଭୟ ଗୋଷ୍ଠୀ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ଏଥିରେ ୯ଜଣ ଗୁରୁତର ହୋଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଦୁର୍ଯ୍ୟୋଧନ ଓ ତାଙ୍କ ଭାଇ ଅଜୟଙ୍କୁ ଅଧିକ କ୍ଷତ ହୋଇଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନା ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନ ଥିଲା। ଥାନାଧିକାରୀ ପଞ୍ଚାନନ ପରିଡା ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଚାନ୍ଦ କ୍ଲବ କଟକ ସେମିରେ

**କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ବେଗୁନିଆ,୨୦।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ମିନି ଷ୍ଟାଡିୟମରେ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୩୬ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର କଟକର ଚାନ୍ଦ କ୍ଲବ ଓ ଭଞ୍ଜନଗରର ବଲରାଜ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ଚାନ୍ଦ କ୍ଲବ ୫-୩ ଗୋଲରେ ବିଜୟୀ ହେବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳକ ଏବଂ ପ୍ରଫୁଲ୍ଲ ବେହେରା ଓ ସଖାବତ ଅଲ୍ଲୀ ଖାଁ ସହ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ। ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ସେଖ୍ ଜବାର, ମଜବୁର ରେହମନ୍ ଖାଁ, ଆୟୁବ୍ ଖାଁ, ହଜରତ୍ ଅଲ୍ଲୀ ଖାଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ଉପଦେଷ୍ଟା ତଥା ପୂର୍ବତନ ସର୍ବଭାରତୀୟ ଖେଳାଳି ଦୟାନ୍ ଖାଁ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଘାଟିକିଆ ଓ ଚାନ୍ଦ କ୍ଲବ କଟକ ମଧ୍ୟରେ ପ୍ରଥମ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଆଜି ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ

**ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ**

ପୁରୀ ଅଫିସ, ୨୦।୨

ମହାପ୍ରଭୁଙ୍କ ଦୋଳପୂର୍ଣ୍ଣିମା ଓ ମେଣ୍ଢାପୋଡ଼ି ନୀତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଏବଂ ଏ ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ନିମନ୍ତେ ମଙ୍ଗଳବାର ଶ୍ରୀମନ୍ଦିର ଛତିଶା ନିଯୋଗ ଏବଂ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବୈଠକରେ ମହାପ୍ରଭୁଙ୍କ ଚାଚେରୀ ବେଶ, ଫଗୁଦଶମୀ, ମେଣ୍ଢାପୋଡ଼ି ଏବଂ ଦୋଳ ପୂର୍ଣ୍ଣିମା ନୀତି ଉପରେ ମୁଖ୍ୟତଃ ଆଲୋଚନା କରାଯିବ। ମାର୍ଚ୍ଚ ୨ରେ ଫଗୁଦଶମୀ ହୋଇଥିବାରୁ ଉକ୍ତ ଦିନଠାରୁ ମହାପ୍ରଭୁଙ୍କ ଚାଚେରୀ ବେଶ ଆରମ୍ଭ ହେବ। ସେହିପରି ୬ତାରିଖରେ ମେଣ୍ଢା ପୋଡ଼ି ନୀତି ଥିବାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳବେଦି ପରିସରକୁ ଯାଇ ନୀତି ସମ୍ପାଦନ କରିବେ। ୭ତାରିଖରେ ଦୋଳପୂର୍ଣ୍ଣିମା ଥିବାରୁ ଦୋଳବେଦିଠାରେ ଠାକୁର ଦୋଳି ଖେଳିବେ। ତେଣୁ ବୈଠକରେ ମହାପ୍ରଭୁଙ୍କ ନୀତିକାନ୍ତି ଚୂଡ଼ାନ୍ତ କରାଯିବ। ତେବେ ବର୍ତ୍ତମାନ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଦୋଳବେଦିର କିଛି ଅଂଶକୁ ଭଙ୍ଗାଯାଇ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଦୋଳବେଦି ଚାରିପଟେ ମହାପ୍ରଭୁଙ୍କୁ ପରିକ୍ରମା କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହି ପ୍ରସଙ୍ଗ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇପାରେ।

# ଚିଲିକାରେ ଭାସୁଛି ମୃତ ଡଲ୍‌ଫିନ



କୃଷ୍ଣପ୍ରସାଦ,୨୦।୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦା ନିକଟ ଚିଲିକାରେ ଏକ ୫ଫୁଟ ଲମ୍ବର ମୃତ ଡଲଫିନ(ଇରାୱାଡି) ଭାସୁଥିବା ଦେଖିବାକୁ ମିଳିଛି। ଡଲଫିନଟି ପ୍ରାୟ ୫ଦିନ ହେବ ଭାସୁଥିବା ବେଳେ ପଚି ଦୁର୍ଗନ୍ଧ ହେଉଛି। ତେବେ ଡଲଫିନ ମରି ଭାସୁଥିବା ଖବର ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତୁରନ୍ତ ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ନେବାକୁ ଦାବି ହେଉଛି।

# ଡକାୟତି ଯୋଜନାବେଳେ ୭ ଗିରଫ



ଗିରଫ ୭ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର ଓ ମୋବାଇଲ।

**ଖଣ୍ଡା, ରଡ୍, ଲାଠି, ବୋମା, ମୋବାଇଲ ଓ ଟଙ୍କା ଜବତ**

ପୁରୀ ଅଫିସ, ୨୦।୨

ଜାତୀୟ ରାଜପଥରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ୭ଜଣଙ୍କୁ ବାସେଲିସାହି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବେହେରା ସାହିର ଗିରିଆ ବେହେରା, ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ ହାତୀଶାଳର ଗୌତମ ଦାସ, ପାର୍ବତୀପୁରର ଡମ୍ବରୁଧର ଖଟେଇ, ତ୍ରିଦେବୀ ନଗରର ସୀତାରାମ ପ୍ରଧାନ, କୁମ୍ଭାରପଡ଼ା ଥାନା ଅଧୀନ ହେରାଗୋହିରୀ ସାହିର ମୃତ୍ୟୁଞ୍ଜୟ ଦାସ, ନରେନ୍ଦ୍ରକୋଣ ଅଞ୍ଚଳର ସଞ୍ଜୟ ପ୍ରଧାନ ଏବଂ ଦଉଡୋଟା ପ୍ରଭାତ ଲେନ୍‌ର ଶଙ୍କର ସିଂହ। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ୍, ଗୋଟିଏ ଲାଠି, ଦୁଇଟି ଜୀବନ୍ତ ବୋମା, ଗୋଟିଏ ଟର୍ଚ୍ଚଲାଇଟ, ୫ଟି ମୋବାଇଲ ଫୋନ ଏବଂ ୩ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୪୭/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ୩୧୬ ନମ୍ବର ଜାତୀୟ ରାଜପଥରେ ଡକାୟତି କରିବା ପାଇଁ କେତେଜଣ ଅସାମାଜିକ ବ୍ୟକ୍ତି ଓମ୍‌କାରେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଏକାଠି ହୋଇ ଯୋଜନା କରୁଥିଲେ। ଏସମ୍ପର୍କରେ ବାସେଲିସାହି ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ପୁରୀ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

# ଟାଇବ୍ରେକରରେ ଅହମ୍ମଦିଆ କ୍ଲବ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

**ରାଧାକୃଷ୍ଣ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଖୋର୍ଦ୍ଧା ଅଫିସ,୨୦।୨

ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ମଲ୍ଲୀପୁରଠାରେ ଚାଲିଥିବା ରାଜ୍ୟସ୍ତରୀୟ ରାଧାକୃଷ୍ଣ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ସୋମବାର ପୁରୀ ନୀଳଚକ୍ର ସ୍ପୋର୍ଟିଂ କ୍ଲବ ଏବଂ ଅହମ୍ମଦିଆ କ୍ଲବ କେରଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେବେ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ଅହମ୍ମଦିଆ କ୍ଲବ ବିଜୟୀ ହୋଇଥିଲା। ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ପୁବୁସାହି ସମିତିସଭ୍ୟ ପ୍ରମୋଦ ସ୍ୱାଇଁ ଓ ଖବରଦାତା ଲୋହିତ ନାରାୟଣ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏମ୍.ଏସ୍. ବେଗ, ସୁଶାନ୍ତ କୁମାର ମିଶ୍ର, ଅଶୋକ କୁମାର ସ୍ୱାଇଁ, ରବି ନାରାୟଣ ରଣା ପ୍ରମୁଖ ପରିଚାଳନା କରିଥିଲେ। ମଙ୍ଗଳବାର ଭୁବନେଶ୍ୱର ଏମ୍‌ଏଫ୍‌ସି ଏବଂ ଜଟଣୀ ଫ୍ରେଣ୍ଡ୍‌ସ ପାରାଡାଇଜ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସଭାପତି ବିଜୟ ଦାସ ସୂଚନା ଦେଇଛନ୍ତି।

# ‘ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବ୍ୟାପ୍ତ ହେବ’

**‘ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର**

ପୁରୀ ଅଫିସ, ୨୦।୨



ଆଲୋଚନାଚକ୍ରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଅନ୍ୟ ଅତିଥି।

ସମାଜରେ ଶୃଙ୍ଖଳା, ସମାଜର ସୁରକ୍ଷା ଓ ବିଶ୍ୱରେ ଆଧ୍ୟାତ୍ମିକ ଜାଗରଣ ପାଇଁ ଜନଗଣ ଆଧ୍ୟାତ୍ମିକ ଚେତନାରେ ଉଦବୁଦ୍ଧ ହୋଇ ଚୈତନ୍ୟମୟ ହେବାକୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆହ୍ୱାନ ଦେଇଛନ୍ତି। ସୋମବାର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ମହର୍ଷି ବେଦବ୍ୟାସ ବିରଚିତ ‘ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗଜପତି ମହାରାଜା କହିଥିଲେ ଯେ, ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତିର ଗରିମା ବିଶ୍ୱବ୍ୟାପ୍ତ ହୋଇପାରିବ ବୋଲି କହିଥିଲେ। ପ୍ରତ୍ୟେକ ମନୁଷ୍ୟ ଅନ୍ତଃକରଣ ଶୁଦ୍ଧି ସହ ଭାବ, ଭକ୍ତି ଓ ସମର୍ପଣ ଭାବରେ କୃଷ୍ଣ କଥାର ଭାଗବତ, ରାମ କଥାର ରାମାୟଣ ଭଳି ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଜାଣିବାକୁ ସ୍କନ୍ଦ ପୁରାଣ ପାଠକରି ପବିତ୍ର ଓ ବୌଦ୍ଧିକ ସ୍ତରରେ ଶୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସଂସ୍କୃତ ବିଦ୍ୱାନ୍ ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଜପତି ମହାରାଜା ତାଙ୍କ ବକ୍ତବ୍ୟରେ କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରୟାସ ଅଭିନନ୍ଦନୀୟ। ଶାସ୍ତ୍ରର ଉଦ୍ଦେଶ୍ୟ ହେଉଛି ସଂଶୟର ଊର୍ଦ୍ଧ୍ୱରେ ରହି ଶ୍ରଦ୍ଧା ଓ ବିଶ୍ୱାସ ଜନ୍ମାଇ ଜନସାଧାରଣଙ୍କୁ ଭକ୍ତି ଓ ଆଧ୍ୟାତ୍ମିକତା ପ୍ରତି ଉନ୍ମୁଖ କରାଇବା। ସ୍କନ୍ଦ ପୁରାଣ ପୁରୁଷୋତ୍ତମ ମାହାତ୍ମ୍ୟର ବ୍ୟାପକ ଆଲୋଚନା ଦ୍ୱାରା ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟକୁ ଅଧିକରୁ ଅଧିକ ଜନବିଦିତ କରାଯାଇପାରିବ। ପ୍ରଫେସର ଶତପଥୀ ଏପରି ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଆୟୋଜନ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ପ୍ରଶଂସା କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଥିଲେ, ସ୍କନ୍ଦ ପୁରାଣ ଭାରତବର୍ଷର ବିଭିନ୍ନ ତୀର୍ଥ ମାହାତ୍ମ୍ୟ ସମ୍ବନ୍ଧିତ ଏକ ପ୍ରାମାଣିକ ଗ୍ରନ୍ଥ। ପୁରୁଷୋତ୍ତମ ମାହାତ୍ମ୍ୟରେ ପୁରୀ ଶ୍ରୀକ୍ଷେତ୍ରର ମହତ୍ତ୍ୱ ସମ୍ପର୍କରେ ଯେଉଁ ବ୍ୟାଖ୍ୟା ରହିଛି, ତାହାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଏକାଡେମୀ ଏହି ଆଲୋଚନାଚକ୍ର ଆୟୋଜନ କରିଛି। ଏକାଡେମୀର ଉପସଭାପତି ସଂଗ୍ରାମ ଜେନା ବୈଦେଶିକ ଗବେଷକଙ୍କ ଦ୍ୱାରା ସ୍କନ୍ଦ ପୁରାଣର କିପରି ସମୟୋଚିତ ହୋଇଛି ତା’ର ସୂଚନା ଦେଇଥିଲେ। ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଭା ମହାରଥୀ ଧନ୍ୟବାଦ ଦେଇଥିଲେ। କଳ୍ପନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ସଂସ୍କୃତ ବିଦ୍ୱାନ୍ ଯୋଗଦେଇ ପ୍ରବନ୍ଧ ପାଠ କରିଥିଲେ। ସାହିତ୍ୟିକ ବଦ୍ରି ମିଶ୍ର ଏବଂ ମହର୍ଷି ସନ୍ଦୀପନୀ ବେଦବିଦ୍ୟା ପ୍ରତିଷ୍ଠାନର ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

**କ୍ରିକେଟ: ଦ୍ୱିତୀୟ ମ୍ୟାଚ୍‌ରେ ବାଲାବାବା ବିଜୟୀ**

ଚୌଦ୍ୱାର,(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁରରେ ଜୟଦୁର୍ଗା କ୍ଲବ ପକ୍ଷରୁ ଆୟୋଜିତ ଦ୍ୱାଦଶ ଆନ୍ତଃଜିଲ୍ଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ କେନ୍ଦ୍ରପଡ଼ାର ବାଲାବାବା କ୍ରିକେଟ କ୍ଲବ୍ ଭଦ୍ରକର ୟୁନିକ୍ କ୍ରିକେଟ ଏକାଡେମୀକୁ ହରାଇ ବିଜୟ ହୋଇଛି। ଏହି ମ୍ୟାଚ୍‌କୁ ଡ. ଭାବଗ୍ରାହୀ ପତି ଉଦ୍‌ଘାଟନ କରିଥିଲେ। ବାଲାବାବା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୬ଉଇକେଟ ହରାଇ ୨୭୧ ରନ୍ କରିଥିଲା। ଦଳର ଅମିତ ସାହୁ ସର୍ବାଧିକ ୯୬(୫୪) ଓ ରାଜେଶ ସେଠୀ ୩୭ ରନ୍ କରିଥିଲେ। ଜବାବରେ ୟୁନିକ୍ ଏକାଡେମୀ ୨୯ ଓଭରରେ ସମସ୍ତ ଉଇକେଟ ହରାଇ ୨୨୩ ରନ୍ କରିଥିଲେ। ଅମିତ୍ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୁନୀଲ ଚନ୍ଦ୍ର ରାଉତ, ବାମଦେବ ପ୍ରଧାନ, ରତ୍ନପୂର୍ଣ୍ଣ ରାଉତ, ଶାର୍ଷାନନ୍ଦ ବେହେରା, ରଞ୍ଜନ ପରିଡ଼ା, କାହ୍ନୁଚରଣ ଓଝା, ଶତ୍ରୁଘ୍ନ ସାହୁ ସାମିଲ ଥିଲେ।

## ସଂକ୍ଷେପରେ

### ତନ୍ତ୍ରପୂଜାରେ ଠକେଇ, ଭଣ୍ଡବାବା ଗିରଫ



କଟକ ଅଫିସ, ୨୦।୨: ତନ୍ତ୍ର ପୂଜା କରି ସନ୍ତାନ ପ୍ରାପ୍ତି ନାଁରେ ଏକ ନିଃସନ୍ତାନ ଦମ୍ପତିଙ୍କଠାରୁ ୩ ଲକ୍ଷ ୯୦ ହଜାର ଟଙ୍କା ଠକି ନେଇଥିବା ଜଣେ ଭଣ୍ଡବାବାଙ୍କୁ ବାଦାମବାଡ଼ି ଥାନା ପୋଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କ୍ଷେତ୍ରପାଳର ସିଦ୍ଧେଶ୍ୱର ସାମନ୍ତରାୟ(୩୫)। ପୋଲିସ ଭଣ୍ଡବାବାଙ୍କ ନିକଟରୁ ଏକ ତମ୍ବାର ଦେବୀ ପିତୁଳା ଜବତ କରିଛି। ସୂଚନା ଅନୁସାରେ, ଝାଞ୍ଜିରୀମଙ୍ଗଳା ଲୁଣିଆସାହିରେ ରହୁଥିବା ସଂଗ୍ରାମ ଦାସଙ୍କୁ ଭଣ୍ଡବାବା ସିଦ୍ଧେଶ୍ୱର ତନ୍ତ୍ର ପୂଜା କଲେ ତାଙ୍କର ସନ୍ତାନ ଜାତ ହେବ ବୋଲି କହି ୭ଟି ପୂଜା କରିବା ପାଇଁ ୩ ଲକ୍ଷ ୯୦ ହଜାର ଟଙ୍କା ଠକି ନେଇଥିଲେ। ସେ ଏନେଇ ରବିବାର ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ। ସଂଗ୍ରାମଙ୍କର କୌଣସି ପିଲାପିଲି ନ ଥିବାରୁ ସେ ଭଣ୍ଡବାବା କଥାରେ ତନ୍ତ୍ରପୂଜା ପାଇଁ ବିଭିନ୍ନ ସମୟରେ ଟଙ୍କା ଦେଇଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ସେ ଅଭିଯୁକ୍ତଙ୍କୁ ସମସ୍ତ ଟଙ୍କା ଫେରସ୍ତ ଦେବାକୁ କହିଥିଲେ। ଭଣ୍ଡବାବା ତନ୍ତ୍ର ବଳରେ ତାଙ୍କର କ୍ଷତି କରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ସିଦ୍ଧେଶ୍ୱରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବରିଷ୍ଠ ନେତା ବିଭୂତି ମିଶ୍ର ଏଆଇସିସିକୁ ମନୋନୀତ



ଆଠଗଡ଼,୨୦।୨ (ସ୍ୱ:ପ୍ର)- ଆଠଗଡ଼ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର ଅଖିଳ ଭାରତ କଂଗ୍ରେସ କମିଟିକୁ ମନୋନୀତ ହୋଇଛନ୍ତି। ମିଶ୍ର ଆଠଗଡ଼ ଉପଖଣ୍ଡରୁ ଏକମାତ୍ର ବ୍ୟକ୍ତି ଭାବେ ଏହି ପଦବୀ ପାଇଁ ମନୋନୀତ ହୋଇଛନ୍ତି। ଖବର ପ୍ରଚାର ହେବା ପରେ ମିଶ୍ରଙ୍କୁ ଆଠଗଡ଼ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି କିଶୋର ସାମନ୍ତରାୟ, ସଭାପତି ସୁଦର୍ଶନ ସାହୁ, ସୋମନାଥ ଭକ୍ତା ଅଭିନନ୍ଦନ ଜଣାଇଛନ୍ତି।

### ଜେନାପଦା ଗୁଳିମାଡ଼ ଘଟଣା, ଚିକିତ୍ସାଧୀନ ବଂଶୀଧରଙ୍କ ମୃତ୍ୟୁ

ଆଠଗଡ,୨୦।୨(ସ୍ୱ.ପ୍ର.): ଆଠଗଡ ଥାନା ଜେନାପଦାଦେଶ ଗ୍ରାମ ମଝିସାହିରେ ପୂର୍ବ ଶତ୍ରୁତାକୁ ନେଇ ଗତ ୧୧ ତାରିଖରେ ଗୁଳିକାଣ୍ଡରେ ୩ଜଣ ଗୁରୁତର ହୋଇଥିଲେ। ସେମାନେ କଟକ ବଡ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ବଂଶୀଧର ନାୟକଙ୍କ ରବିବାର ମୃତ୍ୟୁ ହୋଇଯାଇଛି। ସୋମବାର କଟକ ବଡ଼ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମଝିସାହିରେ ଗୁଳିମାଡରେ ବଂଶୀଧର ନାୟକ, ଦୀନବନ୍ଧୁ ନାୟକ, ବଂଶୀଧରଙ୍କ ପୁଅ ଜିତେନ୍ଦ୍ର ଗୁରୁତର ହୋଇଥିଲେ। ସେମାନଙ୍କୁ ଗାଁ ଲୋକ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଡାକ୍ତର କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଇଥିଲେ। ଏହି ଘଟଣାରେ ଦୀନବନ୍ଧୁଙ୍କ ପତ୍ନୀ ଭାନୁମତୀଙ୍କ ଅଭିଯୋଗକ୍ରମେ ଆଠଗଡ଼ ଥାନାରେ ନଂ. ୪୩/୨୩ରେ ମାମଲା ରୁଜୁ ହୋଇଥିଲା।

### ଡାଳିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ଚୌଦ୍ୱାର,୨୦।୨(ଡି.ଏନ୍.ଏ.): ସାହିତ୍ୟ ଅନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକୋତ୍ସବ କପାଳେଶ୍ୱରସ୍ଥିତ ରୋଟାରୀ କ୍ଲବ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି କେ.ସି.ପ୍ରତାପସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ପ୍ରସାଦ ଧଳ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, କ୍ଷୀତିନ୍ଦ୍ରନାଥ କାନୁନ୍‌ଗୋ, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପରେ ସଂସଦର ମୁଖପତ୍ର 'ଡାଳିଯୋଡ଼ା' ଓ ଡ. ତ୍ରିଲୋଚନ ଖୁଣ୍ଟିଆଙ୍କ ରଚିତ 'ଆ ରେ କାଉ ଆ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କବି ସୁପ୍ରଭା ସାମଲ, ଶୁଭଶ୍ରୀ ରାଉତ, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା, ଶୈଳେନ୍ଦ୍ର ମୁଖୀ, ନିହାରିକା ମହାରଣା ଆଦିଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ କବି ଲକ୍ଷ୍ମୀଧର ମହାରଣାଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ ଉତ୍ସବରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସମ୍ପାଦକ ଶ୍ରୀନିବାସ ବେହେରା ବିବରଣୀ ପାଠ କରିଥିଲେ। ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ ଓ ଅଜିତ ଦାସ ମହାପାତ୍ର ଉତ୍ସବ ପରିଚାଳନା କରିଥିଲେ।

# ଏସ୍‌ସିବି ମେଡିକାଲରେ ରୋଗୀସେବା ବିପର୍ଯ୍ୟସ୍ତ

**ପ୍ରତିକାର ନ ହେଲେ ଆନ୍ଦୋଳନ କରିବ କଂଗ୍ରେସ**

କଟକ ଅଫିସ,୨୦।୨:

ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ପ୍ରଚାର କରୁଛନ୍ତି। ହେଲେ ଏସ୍‌ସିବି ମେଡିକାଲରେ ଦୀର୍ଘ ୧୦ବର୍ଷ ହେବ ଲିଭର ପ୍ରତିରୋପଣ ପାଇଁ ବିଭିନ୍ନ ଯନ୍ତ୍ରପାତି କିଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଲିଭର ପ୍ରତିରୋପଣ କରାଯାଇପାରୁ ନାହିଁ। ଫଳରେ ବହୁ ଲୋକ ପ୍ରତିକ୍ଷାରେ ରହି ଉକ୍ତ ସେବା ପାଇପାରୁ ନାହାନ୍ତି। ସେହିପରି ମାଗଣା ସେବା ଏବେ ପ୍ରହସନ ହୋଇଛି। ରକ୍ତ ପରୀକ୍ଷା, ମାଗଣା ଔଷଧ, ଏମ୍‌ଆର୍‌ଆଇ, ସିଟି ସ୍କାନ ଆଦି ସୁବିଧା ନିମନ୍ତେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବହୁ ରୋଗୀ ଆଇସିୟୁ ନ ପାଇ ମୃତ୍ୟୁବରଣ କରୁଛନ୍ତି। ରୋଗୀ ସଂଖ୍ୟା ଅନୁଯାୟୀ ଆବଶ୍ୟକ ଡାକ୍ତର, ଷ୍ଟାଫ ନର୍ସ, ଲାଇବ୍ରେରିଆନ ଓ ଆଟେଣ୍ଡାଣ୍ଟ ନାହାନ୍ତି। ଫଳରେ ରୋଗୀସେବାରେ ବାଧାପ୍ରାପ୍ତ ହେଉଛି ବୋଲି କଟକ ନଗର କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ସୋମବାର ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କୁ ଭେଟି ଏ ସମ୍ପର୍କିତ ଏକ ଦାବିପତ୍ର ଦେଇଛନ୍ତି। ଏଥିସହ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ବ୍ୟବସ୍ଥା ସହିତ ମେଡିକାଲର ଶୃଙ୍ଖଳା ରକ୍ଷା, ଲିଭର ପ୍ରତିରୋପଣ ସୁବ୍ୟବସ୍ଥା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏ ସମସ୍ତ ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ନଗର ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ପିସିସି ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ନିରଞ୍ଜନ ଦାସ, ଜିଲା ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ସେକ୍ ଜାଫର ପ୍ରମୁଖ ଉପସ୍ଥିତ ଥିଲେ।



ଏସ୍‌ସିବି ମେଡିକାଲର ବିଭିନ୍ନ ସମସ୍ୟା ନେଇ କଂଗ୍ରେସ ପ୍ରତିନିଧି ଦଳ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରୁଛନ୍ତି।

# ମହିଳା କଲେଜରେ ଆଇନ ସଚେତନତା ଶିବିର

ଆଠଗଡ଼, ୨୦।୨(ସ୍ୱ.ପ୍ର.)

ଆନ୍ତର୍ଜାତିକ ମାନବାଧିକାର ପରିଷଦ, ଆଠଗଡ଼ ଗୋପବନ୍ଧୁ ମହିଳା କନିଷ୍ଠ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ମିଳିତ ଆନୁକୂଲ୍ୟରେ ରାଧାନାଥ ରଥ ପ୍ରେକ୍ଷାଗୃହରେ ଏକ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ରାଜ୍ୟ ସଭାନେତ୍ରୀ ସସ୍ମିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଆଠଗଡ଼ ଓକିଲ ସଂଘର ସଭାପତି ସତ୍ୟେନ ପଣ୍ଡା, ଗୋପବନ୍ଧୁ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ମହାପାତ୍ର, ଗୋପବନ୍ଧୁ ମହିଳା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର, ସ୍ଥାନୀୟ ବିଶ୍ୱନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅମର ମହାରଣା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଛାତ୍ରୀମାନଙ୍କୁ ମୋବାଇଲ ଦୁରୁପଯୋଗ ଓ ଅନ୍ୟ ସାଇବର ଅପରାଧ ନିରାକରଣ ଓ ଏହାର ଆଇନ ଦିଗ ସମ୍ବନ୍ଧରେ ସୂଚନା ଦେଇଥିଲେ। ବର୍ତ୍ତମାନ ଏହା ମାଧ୍ୟମରେ ସମାଜରେ ଘଟୁଥିବା ବିଭିନ୍ନ ଘଟଣାର ଉଦାହରଣ ଦେଇ ଛାତ୍ରୀମାନଙ୍କୁ ଏଥିରୁ ନିବୃତ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ। ଆଠଗଡ଼ସ୍ଥିତ ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ସଂଯୋଜିକା ଅଧ୍ୟାପିକା ସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉକ୍ତ ଶିବିରରେ ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ପରିଷଦର ରାଜ୍ୟ ଉପସଭାପତି ପ୍ରଭୁ ପ୍ରସାଦ ମହାନ୍ତି, କଟକ ଜିଲା କାର୍ଯ୍ୟକାରୀ ସଭାପତି କମଳେଷ୍ଟୁ ପଟ୍ଟନାୟକ, ବଡମ୍ବା ବ୍ଲକ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟ ଭାଜପା ସଂଯୁକ୍ତ ମୋର୍ଚ୍ଚାର ବୈଠକ

କଟକ ଅଫିସ,୨୦।୨

ରାଜ୍ୟ ଭାଜପାର ସଂଯୁକ୍ତ ମୋର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶହୀଦ ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ମୋର୍ଚ୍ଚା ଭାଜପାର ଲଢୁଆ ବାହିନୀ ବୋଲି ଅଭିହିତ କରି ସମାଜର ବିଭିନ୍ନ ଧର୍ମ, ବର୍ଗ, ସମାଜ ଓ ଶ୍ରେଣୀର ବ୍ୟକ୍ତିଙ୍କୁ ଯୋଡ଼ିବାକୁ, ଭାଜପାର ମୋର୍ଚ୍ଚାଗୁଡିକ ହିଁ ପ୍ରକୃଷ୍ଟ ମାଧ୍ୟମ ବୋଲି ରାଜ୍ୟ ସଭାପତି ମହାନ୍ତି କହିଥିଲେ। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଯୋଗଦେଇ କହିଥିଲେ, ବିଜେଡିର ସମସ୍ତ କଳା କାରନାମାକୁ ଲୋକଲୋଚନକୁ ଆଣିବାକୁ ହେଲେ ଆମକୁ ସଂଘର୍ଷ କରି ଦୁଷ୍ଟଙ୍କ ହାତରୁ କ୍ଷମତା ଛଡ଼ାଇବାକୁ ପଡ଼ିବ। ସମାରୋପ ଭାଷଣରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ଦେଶଭକ୍ତ, ପରିଶ୍ରମୀ, ସମୟ ଦେଲାବାଲା କାର୍ଯ୍ୟକର୍ତ୍ତା ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଲେଖାଶ୍ରୀ ସାମନ୍ତ ସିଂହାର ଓ ଗୋଲଖ ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, କିଷାନ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁ ପ୍ରସାଦ ତରାଇ, ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ ଏବଂ ସେମାନଙ୍କ ସମସ୍ତ ରାଜ୍ୟ ପଦାଧିକାରୀ ଯୋଗଦେଇ ୭ଟି ମୋର୍ଚ୍ଚାର ଅଲଗା ଅଲଗା ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ କରିଥିଲେ। କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ କଟକ ନଗରର ପ୍ରାୟ ଦେଢ଼ଶହରୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# 'ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବ୍ୟାପ୍ତ ହେବ'



ଆଲୋଚନାଚକ୍ରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିବୃନ୍ଦ।

**'ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର**

ପୁରୀ ଅଫିସ, ୨୦।୨:

ସମାଜରେ ଶୃଙ୍ଖଳା, ସମାଜର ସୁରକ୍ଷା ଓ ବିଶ୍ୱରେ ଆଧ୍ୟାତ୍ମିକ ଜାଗରଣ ପାଇଁ ଜନଗଣ ଆଧ୍ୟାତ୍ମିକ ଚେତନାରେ ଉଦବୁଦ୍ଧ ହୋଇ ଚୈତନ୍ୟମୟ ହେବାକୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆହ୍ୱାନ ଦେଇଛନ୍ତି। ସୋମବାର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ମହର୍ଷି ବେଦବ୍ୟାସ ବିରଚିତ 'ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗଜପତି ମହାରାଜା କହିଥିଲେ ଯେ, ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତିର ଗରିମା ବିଶ୍ୱବ୍ୟାପ୍ତ ହୋଇପାରିବ ବୋଲି କହିଥିଲେ। ପ୍ରତ୍ୟେକ ମନୁଷ୍ୟ ଅନ୍ତଃକରଣ ଶୁଦ୍ଧି ସହ ଭାବ, ଭକ୍ତି ଓ ସମର୍ପଣ ଭାବରେ କୃଷ୍ଣ କଥାର ଭାଗବତ, ରାମ କଥାର ରାମାୟଣ ଭଳି ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଜାଣିବାକୁ ସ୍କନ୍ଦ ପୁରାଣ ପାଠକରି ପବିତ୍ର ଓ ବୌଦ୍ଧିକ ସ୍ତରରେ ଶୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସଂସ୍କୃତ ବିଦ୍ୱାନ୍ ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଜପତି ମହାରାଜା ତାଙ୍କ ବକ୍ତବ୍ୟରେ କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରୟାସ ଅଭିନନ୍ଦନୀୟ। ଶାସ୍ତ୍ରର ଉଦ୍ଦେଶ୍ୟ ହେଉଛି ସଂଶୟର ଊର୍ଦ୍ଧ୍ୱରେ ରହି ଶ୍ରଦ୍ଧା ଓ ବିଶ୍ୱାସ ଜନ୍ମାଇ ଜନସାଧାରଣଙ୍କୁ ଭକ୍ତି ଓ ଆଧ୍ୟାତ୍ମିକତା ପ୍ରତି ଉନ୍ମୁଖ କରାଇବା। ସ୍କନ୍ଦ ପୁରାଣ ପୁରୁଷୋତ୍ତମ ମାହାତ୍ମ୍ୟର ବ୍ୟାପକ ଆଲୋଚନା ଦ୍ୱାରା ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟକୁ ଅଧିକରୁ ଅଧିକ ଜନବିଦିତ କରାଯାଇପାରିବ। ପ୍ରଫେସର ଶତପଥୀ ଏପରି ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଆୟୋଜନ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ପ୍ରଶଂସା କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଥିଲେ, ସ୍କନ୍ଦ ପୁରାଣ ଭାରତବର୍ଷର ବିଭିନ୍ନ ତୀର୍ଥ ମାହାତ୍ମ୍ୟ ସମ୍ବନ୍ଧିତ ଏକ ପ୍ରାମାଣିକ ଗ୍ରନ୍ଥ। ପୁରୁଷୋତ୍ତମ ମାହାତ୍ମ୍ୟରେ ପୁରୀ ଶ୍ରୀକ୍ଷେତ୍ରର ମହତ୍ତ୍ୱ ସମ୍ପର୍କରେ ଯେଉଁ ବ୍ୟାଖ୍ୟା ରହିଛି, ତାହାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଏକାଡେମୀ ଏହି ଆଲୋଚନାଚକ୍ର ଆୟୋଜନ କରିଛି। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ବୈଦେଶିକ ଗବେଷକଙ୍କ ଦ୍ୱାରା ସ୍କନ୍ଦ ପୁରାଣର କିପରି ସମୟୋଚିତ ହୋଇଛି ତା'ର ସୂଚନା ଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇ ପଠିତ ପ୍ରବନ୍ଧଗୁଡ଼ିକୁ ସେ ଖୁବ୍‌ଶୀଘ୍ର ଗ୍ରନ୍ଥାୟିତ କରିବେ ବୋଲି କହିଥିଲେ। ଏକାଡେମୀ ସଦସ୍ୟା ପ୍ରତିଭା ମହାରଥୀ ଧନ୍ୟବାଦ ଦେଇଥିଲେ। କଳ୍ପନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦ରୁ ଅଧିକ ସଂସ୍କୃତ ବିଦ୍ୱାନ୍ ଯୋଗଦେଇ ପ୍ରବନ୍ଧ ପାଠ କରିଥିଲେ। ସାହିତ୍ୟିକ ବଦ୍ରି ମିଶ୍ର ଏବଂ ମହର୍ଷି ସନ୍ଦୀପନୀ ବେଦବିଦ୍ୟା ପ୍ରତିଷ୍ଠାନର ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ପଲିଥିନ ତଳେ ବୃଦ୍ଧ ଦେବେନ୍ଦ୍ରଙ୍କ ଜୀବନ ବିତୁଛି

**ଆବେଦନ ପରେ ଭତ୍ତା ମିଳୁନାହିଁ**

ମାହାଙ୍ଗା,୨୦।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତ ବିଦେଇମଠ ଗାଁର ଦେବେନ୍ଦ୍ର ସେଠୀଙ୍କ ପାଇଁ ଭତ୍ତା ସାତ ସପନ ହୋଇଥିବା ବେଳେ ପଲିଥିନ ତଳେ ଜୀବନ ବିତାଉଛନ୍ତି। ୧୯୯୯ରେ ଦେବେନ୍ଦ୍ରଙ୍କ ଚାଳ ଛପର ଘର ଭାଙ୍ଗି ଯାଇଥିଲା। ସେହିଦିନଠାରୁ ଘର ଉପରେ ପଲିଥିନ ପକାଇ ରହୁଛନ୍ତି। ସେ ରହୁଥିବା ଘରର କାନ୍ଥ ଭାଙ୍ଗି ଯାଇଥିବାବେଳେ ବର୍ଷାଦିନେ ଘରେ ପାଣି ପଶି ଯାଇଥାଏ। ଫଳରେ ସେହି ଘରେ ରହିବା ବହୁ କଷ୍ଟକର ହୋଇଥାଏ। କେବଳ ସେତିକି ନୁହେଁ, ଖରାଦିନେ କାଳ ବୈଶାଖୀରେ ଏହି ପଲିଥିନ ପାଲ ଫାଟି ନଷ୍ଟ ହୋଇଯାଏ। ତାଙ୍କୁ ଏବେ ୬୪ବର୍ଷ ହୋଇଥିଲେ ହେଁ ଆବେଦନ ସତ୍ତ୍ୱେ ବାର୍ଦ୍ଧକ୍ୟ ଭତ୍ତା ମିଳିପାରିନାହିଁ। ଗାଁରେ ସବୁ ସମୟରେ କାମ ମିଳୁ ନ ଥିବା ବେଳେ ବାର୍ଦ୍ଧକ୍ୟ ହେତୁ କାମ କରିବାର ସାମର୍ଥ୍ୟ ମଧ୍ୟ ତାଙ୍କର ନାହିଁ। ଫଳରେ ତାଙ୍କୁ ଅନେକ ସମୟରେ ଭୋକ ଉପାସରେ ରହିବାକୁ ପଡୁଛି।



ତେଣୁ ତାଙ୍କୁ ଆବାସ ଯୋଜନାରେ ଗୃହ ଓ ଭତ୍ତା ଦେବାକୁ ସରକାରଙ୍କ ପାଖରେ ସେ ନିବେଦନ କରିଛନ୍ତି।

# ପୁରୁଣା ସ୍ମୃତି ମନେ ପକାଇଲେ ଛାତ୍ରୀଛାତ୍ର




ଓଟିଏମ୍ ହାଇସ୍କୁଲର ୧୯୯୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନରେ ଉପସ୍ଥିତ ଛାତ୍ରୀଛାତ୍ର।

ମଙ୍ଗୁଳି-ଜଗତପୁର,୨୦।୨(ଡି.ଏନ୍.ଏ.):

ଚୌଦ୍ୱାର ପୌର ଅଧୀନ ୱାର୍ଡ ୮ନମ୍ବରସ୍ଥିତ ଓଟିଏମ୍ ହାଇସ୍କୁଲର ୧୯୯୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ଓଟିଏମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ସ୍ୱର୍ଗତ ରଞ୍ଜନ କୁମାର ସ୍ୱାଇଁ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରାତନ ଶିକ୍ଷକ ଭାଗବତ ପୃଷ୍ଟି, ମୁଖ୍ୟ ବକ୍ତା ଭାବେ ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁ, ଅତିଥି ଭାବେ ନିରାକାର ମହାନ୍ତି, ଚୈତନ୍ୟ ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, କୈଳାସ ଚନ୍ଦ୍ର ମିଶ୍ର, କିରଣବାଳା ନାୟକ, ମିନତୀ ମହାପାତ୍ରଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଯୋଗଦେଇଥିଲେ। ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପାଇଁ ଗୁରୁବନ୍ଦନା କରାଯାଇ ପରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଦୀପ କୁମାର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ରଶ୍ମିକାନ୍ତ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ସ୍ମିତା ଦାସ, ସନ୍ଧ୍ୟାରାଣୀ ମହାପାତ୍ର, ଗୀତାଞ୍ଜଳି ନାୟକ, ଶୁଚିସ୍ମିତା ସାମଲ, ଜାକିର ସାହା, ପ୍ରଣତି ମହାନ୍ତି, ମାନସ ସାମଲ, ସୁରେନ୍ଦ୍ର ସାହୁ, ଏସ.ଧରମା ରାଓ, ଜ୍ୟୋତିପ୍ରକାଶ ନାୟକ,ଗିରିଜା ଶଙ୍କର ମହାପାତ୍ର, କାର୍ତ୍ତିକେୟ ମହାରଣା, ରତ୍ନାକର ପରିଡା, ରଞ୍ଜିତ ଦାସ, ସରୋଜ ବଳିଆର ସିଂ ପ୍ରମୁଖ ସହଯୋଗ କରିଥିଲେ। ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଭାଜପା ଯୁବ ମୋର୍ଚ୍ଚାର ବିକ୍ଷୋଭ

ମାହାଙ୍ଗା,୨୦।୨(ସ୍ୱ.ପ୍ର.)

ଓଡ଼ିଶା ପ୍ରଦେଶ ଭାଜପା ଯୁବ ମୋର୍ଚ୍ଚା ଆହ୍ୱାନକ୍ରମେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ବିରୋଧ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଟକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ବିକ୍ଷୋଭ କରାଯାଇଛି। କଟକ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଦେବଦେତ୍ତ କରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସୁନ୍ଦରେଶ୍ୱର ମହାଦେବ ମନ୍ଦିର ନିକଟରୁ ବାହାରି ଏରକଣା ବଜାରଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜିଲା ଯୁବ ମୋର୍ଚ୍ଚା ଉପସଭାପତି ସନ୍ତୋଷ କାପ, ଜିଲା ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟବ୍ରତ ସାହୁ, ୪୨ ନଂ. ଜୋନ ମଣ୍ଡଳ ସଭାପତି କମଳାକାନ୍ତ ରାଉତ, ୪୦ ଜୋନ ସଭାପତି ଲଲାଟେନ୍ଦୁ ପ୍ରଧାନ, ୪୧ ନଂ. ଜୋନ ସଭାପତି ସୁକୁମାର ସାହୁ, ମଣ୍ଡଳ ସଭାପତି ପ୍ରଣବ ମଲ୍ଲିକ, ଓଷଙ୍ଗ ପଞ୍ଚାୟତ ପ୍ରମୁଖ ସ୍ମୃତି ରଞ୍ଜନ ପାତ୍ର, ରଶ୍ମିରଞ୍ଜନ ଜେନା, ରାଜେଶ ସାମଲ, ତ୍ରିଲୋଚନ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ପ୍ରଭାକର ନାୟକ, ବଳରାମ ଦାସ, ରାକେଶ ସେଠୀ ଓ ଭାଗ୍ୟଧର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।




ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୮୮ ଅଭିଯୋଗରୁ ୧୨ ତ୍ୱରିତ ସମାଧାନ

**ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର**

■ ଚିକିତ୍ସା ନିମନ୍ତେ ୬ଜଣଙ୍କୁ ସହାୟତା ପ୍ରଦାନ

କଟକ ଅଫିସ,୨୦।୨:

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଉକ୍ତ ଶିବିରରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନର ହସ୍ତଗତ ହୋଇଥିବା ମୋଟ ୮୮ଟି ଅଭିଯୋଗ ମଧ୍ୟରେ ସମୂହ ଅଭିଯୋଗ ୭ଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୮୧ଟି ଥିଲା। ଜିଲାପାଳ ୧୨ଟି ଅଭିଯୋଗର ଶୁଣାଣି ଶିବିରରେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ତ୍ୱରିତ ସମାଧାନ କରିଥିଲେ। ଏଥିସହିତ ଜିଲାପାଳ କର୍କଟ ଚିକିତ୍ସା ନିମନ୍ତେ ସାଲେପୁର ବାସିନ୍ଦା



ଜିଲାପାଳ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଭୋଳି ଦାସ ଓ କଟକ ଚାନ୍ଦିନୀଚୌକର ସୁଷମା ଦଳାଇଙ୍କୁ ୫ହଜାର ଟଙ୍କା, କିଡନୀ ରୋଗର ଚିକିତ୍ସା ନିମନ୍ତେ ନରସିଂହପୁର ବାଲିଝରି ବାସିନ୍ଦା ରମାରଣୀ ନାୟକ ୩ହଜାର ଏବଂ ନରସିଂହପୁର ସୀତା ନାୟକଙ୍କୁ ୫ହଜାର, ଚୌଦ୍ୱାରର ତ୍ରିଲୋଚନ ବେହେରାଙ୍କୁ ୩ହଜାର, ସାଲେପୁରର ଶରଳା ଦାସଙ୍କୁ ୩ହଜାର ଟଙ୍କା ଲେଖାଏଁ ଚିକିତ୍ସା ନିମନ୍ତେ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶିବିରରେ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ପୋଲିସ ଉପଆୟୁକ୍ତ ଏସ.କେ. ସରିଫୁଦ୍ଦିନ ପ୍ରମୁଖ ଜନଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, କଟକ ବନଖଣ୍ଡ ଏସିଏଫ୍ ମନୋରଞ୍ଜନ ସ୍ୱାଇଁ, ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ହରିଚରଣ ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୨।୨୦୨୩

| | |
|---|---|
| ୪,୩୬,୪୦୩ ଟଙ୍କା | |
| ସୁନା | ୧.୪୨୦ ଗ୍ରାମ୍ |
| ରୁପା | ୧ ଗ୍ରାମ୍ |

# ‘ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବ୍ୟାପ୍ତ ହେବ’

### ‘ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ର

ପୁରୀ ଅଫିସ, ୨୦।୨

ସମାଜରେ ଶୃଙ୍ଖଳା, ସମାଜର ସୁରକ୍ଷା ଓ ବିଶ୍ୱରେ ଆଧାତ୍ମିକ ଜାଗରଣ ପାଇଁ ଜନଗଣ ଆଧାତ୍ମିକ ଚେତନାରେ ଉଦବୁଦ୍ଧ ହୋଇ ଚୈତନ୍ୟମୟ ହେବାକୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆହ୍ୱାନ ଦେଇଛନ୍ତି। ସୋମବାର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ମହର୍ଷି ବେଦବ୍ୟାସ ବିରଚିତ ‘ସ୍କନ୍ଦ ପୁରାଣ-ପୁରୁଷୋତ୍ତମ ମାହାତ୍ମ୍ୟ’ ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଗଜପତି ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗଜପତି ମହାରାଜା କହିଥିଲେ ଯେ, ଶାସ୍ତ୍ରାନୁମୋଦିତ ପନ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତିର ଗରିମା ବିଶ୍ୱବ୍ୟାପ୍ତ ହୋଇପାରିବ ବୋଲି କହିଥିଲେ। ପ୍ରତ୍ୟେକ ମନୁଷ୍ୟ ଅନ୍ତଃକରଣ ଶୁଦ୍ଧି ସହ ଭାବ, ଭକ୍ତି ଓ ସମର୍ପଣ ଭାବରେ କୃଷ୍ଣ କଥାର ଭାଗବତ, ରାମ କଥାର ରାମାୟଣ ଭଳି ଶ୍ରୀଜଗନ୍ନାଥଙ୍କ ମହିମା ସମ୍ପର୍କରେ ଜାଣିବାକୁ ସ୍କନ୍ଦ ପୁରାଣ ପାଠକରି ପବିତ୍ର ଓ ବୌଦ୍ଧିକ ସ୍ତରରେ ଶୁଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସଂସ୍କୃତ ବିଦ୍ୱାନ୍ ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଜପତି ମହାରାଜା ତାଙ୍କ ବକ୍ତବ୍ୟରେ କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରୟାସ ଅଭିନନ୍ଦନୀୟ। ଶାସ୍ତ୍ରର ଉଦ୍ଦେଶ୍ୟ ହେଉଛି ସଂଶୟର ଊର୍ଦ୍ଧ୍ୱରେ ରହି ଶ୍ରଦ୍ଧା ଓ ବିଶ୍ୱାସ ଜନ୍ମାଇ ଜନସାଧାରଣଙ୍କୁ ଭକ୍ତି ଓ ଆଧାତ୍ମିକତା ପ୍ରତି ଉନ୍ମୁଖ କରାଇବା। ସ୍କନ୍ଦ ପୁରାଣ ପୁରୁଷୋତ୍ତମ ମାହାତ୍ମ୍ୟର ବ୍ୟାପକ ଆଲୋଚନା ଦ୍ୱାରା ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟକୁ ଅଧିକରୁ ଅଧିକ ଜନବିଦିତ କରାଯାଇପାରିବ। ପ୍ରଫେସର ଶତପଥୀ ଏପରି ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଆୟୋଜନ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ପ୍ରଶଂସା କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଥିଲେ, ସ୍କନ୍ଦ ପୁରାଣ ଭାରତବର୍ଷର ବିଭିନ୍ନ ତୀର୍ଥ ମାହାତ୍ମ୍ୟ ସମ୍ବନ୍ଧିତ ଏକ ପ୍ରାମାଣିକ ଗ୍ରନ୍ଥ। ପୁରୁଷୋତ୍ତମ ମାହାତ୍ମ୍ୟରେ ପୁରୀ ଶ୍ରୀକ୍ଷେତ୍ରର ମହତ୍ତ୍ୱ ସମ୍ପର୍କରେ ଯେଉଁ ବ୍ୟାଖ୍ୟା ରହିଛି, ତାହାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଏକାଡେମୀ ଏହି ଆଲୋଚନାଚକ୍ର ଆୟୋଜନ କରିଛି। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ବୈଦେଶିକ ଗବେଷକଙ୍କ ଦ୍ୱାରା ସ୍କନ୍ଦ ପୁରାଣର କିପରି ସମୟୋଚିତ ହୋଇଛି ତା’ର ସୂଚନା ଦେଇଥିଲେ। ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଦେଇ ପଠିତ ପ୍ରବନ୍ଧଗୁଡ଼ିକୁ ସେ ଖୁବ୍‌ଶୀଘ୍ର ଗ୍ରନ୍ଥାୟିତ କରିବେ ବୋଲି କହିଥିଲେ। ଏକାଡେମୀ ସଦସ୍ୟା ପ୍ରତିଭା ମହାରଥୀ ଧନ୍ୟବାଦ ଦେଇଥିଲେ। କଳ୍ପନା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦ରୁ ଅଧିକ ସଂସ୍କୃତ ବିଦ୍ୱାନ୍ ଯୋଗଦେଇ ପ୍ରବନ୍ଧ ପାଠ କରିଥିଲେ। ସାହିତ୍ୟିକ ବଦ୍ରି ମିଶ୍ର ଏବଂ ମହର୍ଷି ସନ୍ଦୀପନୀ ବେଦବିଦ୍ୟା ପ୍ରତିଷ୍ଠାନର ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।



ଆଲୋଚନାଚକ୍ରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥିବୃନ୍ଦ।

## ବଟ, ଅଶ୍ୱତଥ ବୃକ୍ଷ ମଧ୍ୟରେ ହେବ ବିବାହ

ପିପିଲି, ୨୦।୨(ଡି.ଏନ୍.ଏ.)

ବଟ ବୃକ୍ଷ ଓ ଅଶ୍ୱତଥ୍ ମଧ୍ୟରେ ବିବାହ ପରମ୍ପରା ମଧ୍ୟ କାହିଁ କେଉଁ ଆବାହମାନ କାଳରୁ ହୋଇଆସୁଛି। ଏହାଦ୍ୱାରା ପୁଣ୍ୟ ଲାଭ ହୋଇଥାଏ ବୋଲି ଜନମାନସରେ ଧର୍ମୀୟ ଭାବନା ରହିଛି। ପିପିଲି-ନିମାପଡ଼ା ରାସ୍ତାର ପିପିଲିଠାରୁ ପ୍ରାୟ ୩କିମି ଦୂର ଭାର୍ଗବୀ ନଦୀକୂଳରେ ହରିପୁର ଗ୍ରାମ ଦେବତୀ ମା’ ବିଶ୍ୱେଶ୍ୱରୀଙ୍କ ପରିସରରେ ଥିବା ବଟବୃକ୍ଷ ଓ ଅଶ୍ୱତଥ ବିବାହ କରାଯିବ। ଶ୍ରୀମଦ୍ ଭାଗବତ ଗୀତାରେ ଭଗବାନ କୃଷ୍ଣ ନିଜକୁ ଅଶ୍ୱତଥ ବୃକ୍ଷ ବୋଲି ପରିଚୟ ବର୍ଣ୍ଣନା କରିଛନ୍ତି। ସେହିଭଳି ପୁରୀ ଶ୍ରୀମନ୍ଦିରରେ ବଟବୃକ୍ଷ ପୂଜା ପାଇଥାନ୍ତି। ଏହା ପୁରାଣ ବର୍ଣ୍ଣିତ। ହରିପୁରଶାସନ ଗ୍ରାମର ସୋମନାଥ ଦାଶ ଚାକିରିରୁ ଅବସର ନେବା ପରେ ମା’ ବିଶ୍ୱେଶ୍ୱରୀଙ୍କ ସେବକ ଭାବେ ନିୟୋଜିତ ହୋଇଥିଲେ। ପୀଠରେ ପୂର୍ବରୁ ବୃକ୍ଷ ଶୂନ୍ୟ ଥିଲା। ପରେ ସେ ଏହାର ପରିବେଶରେ ବିଭିନ୍ନ ପ୍ରକାର ଗଛ ଲଗାଇ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ବୁଧବାର ଦୁଇଗଛ ମଧ୍ୟରେ ବିବାହ କରାଇବାକୁ ସୋମନାଥ ନିଷ୍ପତ୍ତି ନେଇଛନ୍ତି।

## ସଂକ୍ଷେପରେ

### ନିଯୁକ୍ତିଭିତ୍ତିକ ତାଲିମରେ ୧୨୩ ନାମ ପଞ୍ଜୀକୃତ

**କଣାସ,୨୦।୨(ସ୍ୱ.ପ୍ର.):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଜିଲା ପ୍ରଶାସନ ପୁରୀ ଓ ଜିଲା ନିୟୋଜନ କାର୍ଯ୍ୟାଳୟ, ପୁରୀର ମିଳିତ ସହଯୋଗରେ ସୋମବାର ଏକ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଦୋକନ୍ଦା କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଶିବିରରେ ୧୨୩ଜଣ ନିଯୁକ୍ତି ଆଶାୟୀ ଯୁବତୀ ଯୁବକ ନାମ ପଞ୍ଜୀକରଣ କରିଥିଲେ। କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ପବିତ୍ର କୁମାର ଏଥିରେ ତତ୍ତ୍ୱାବଧାନ କରିଥିଲେ। ଏହି ତାଲିମ ଭିତ୍ତିକ ଶିବିରକୁ ଜିଲା ନିୟୋଜନ କାର୍ଯ୍ୟାଳୟ ପୁରୀର ନିୟୋଜନ ଅଧିକାରୀ ପ୍ରଭାତ ବସ୍ତି ପରିଚାଳନା କରିଥିବାବେଳେ ସହକାରୀ ଶିଳ୍ପ ତାଲିମ କେନ୍ଦ୍ର, ପୁରୀ, ସରକାରୀ ପଲିଟେକ୍‌ନିକ୍, ପୁରୀ ଏବଂ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର, କୃଷ୍ଣପ୍ରସାଦର ତାଲିମ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଓଡ଼ିଶା ଅଧକ୍ଷା ବିକାଶ ପ୍ରାଧିକରଣଙ୍କ ସହିତ ଅନୁବନ୍ଧିତ ଥିବା ସିପ୍ଟେର ପ୍ରତିନିଧି ଯୋଗ ଦେଇଥିଲେ। ମଣ୍ଡଳ ସାମାଜିକ ସମୀକ୍ଷକ ନିରଞ୍ଜନ ସାହୁ, ମିନାଶ୍ରୀ ପ୍ରଧାନ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ବିଦ୍ୟାଳୟ ସ୍ୱାସ୍ଥ୍ୟଦୂତଙ୍କ ୫ଦିନିଆ ତାଲିମ ଶିବିର ଉଦ୍‌ଘାଟିତ

**କଣାସ,୨୦।୨(ସ୍ୱ.ପ୍ର.):** ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦୂତଙ୍କର ୫ ଦିନିଆ ତାଲିମ ଶିବିର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଲିମ ଗୃହରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆୟୁଷ୍ମାନ୍ ଭାରତ ଅନ୍ତର୍ଗତ ସମସ୍ତ ଉଚ୍ଚ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟ ଆରମ୍ଭ ହେବାକୁ ଥିବା ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କାର୍ଯ୍ୟକ୍ରମରେ କଣାସ ବ୍ଲକର ୧୧୦ ଗୋଟି ସରକାରୀ ବିଦ୍ୟାଳୟ ସାମିଲ ହୋଇଛନ୍ତି। ପ୍ରତ୍ୟେକ ବିଦ୍ୟାଳୟରୁ ୨ଜଣ ଶିକ୍ଷକଙ୍କୁ ବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦୂତ ଭାବରେ ଚିହ୍ନଟ କରାଯାଇ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବିଦ୍ୟାଳୟରୁ ୪୪ଜଣଙ୍କୁ ତାଲିମ ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଡା. ବିଶ୍ୱରଞ୍ଜନ ଜେନା, ଡା. ବଲ୍ଲଭ ଭଡ଼, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକ, କ୍ଲଷ୍ଟର ଶିକ୍ଷା ସାଧନ କେନ୍ଦ୍ର ଅଧିକାରୀ ବୈକୁଣ୍ଠନାଥ କୋଦମାସିଂ, ବିପିଏମ୍ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।





ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ଜାଗର ମହୋତ୍ସବରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଜାଗର ମହୋତ୍ସବ ଭଜନ ସମାରୋହ ଉଦ୍‌ଯାପିତ

ପୁରୀ ଅଫିସ, ୨୦।୨

ପବିତ୍ର ଜାଗର ଉପଲକ୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସାଂସ୍କୃତିକ ଅନୁଷ୍ଠାନ ସୁଧା ପକ୍ଷରୁ ମିଳିତ ଭାବେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ଜାଗର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯୁବ ସମାଜଙ୍କ ମଧ୍ୟରେ ଥିବା ସତ୍ୟ, ପ୍ରେମ, ଶାନ୍ତି, ଧର୍ମ, ଅହିଂସା ଆଦି ଅର୍ନ୍ତନିହିତ ଶକ୍ତିର ବିକାଶ ସହିତ ଏକ ଜାତି ଏକ ଦେଶ ଅସ୍ପୃଶ୍ୟତା, ହିଂସା ଭାବରୁ ଊର୍ଦ୍ଧ୍ୱରେ ରହି ସୌହାର୍ଦ୍ଧ୍ୟପୂର୍ଣ୍ଣ, ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଜାଗର ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ଗୁରୁ ସନ୍ନ୍ୟାସୀ ବେହେରା ଯୋଗଦେଇଥିଲେ। ସୌମ୍ୟଶ୍ରୀ ରାୟ, ବିଜୟିନୀ ଷଡ଼ଙ୍ଗୀ, ଆଲୋକ କୁମାର ସାହୁ, ସନ୍ତୋଷ କୁମାର ପାଣିଗ୍ରାହୀ, ନିହାର ରଞ୍ଜନ ପଟ୍ଟନାୟକ, ରାଜେଶ ବେହେରା, ମଣ୍ଟୁ ଜେନା, ଗଙ୍ଗାଧର ଜେନା, ଧୀରେନ୍ ବାରିକ୍, ଚଗଲା ଜେନା, ଅନିତା ରାଉତରାୟ ପ୍ରଭୃତି କଳାକାରମାନେ ପାରମ୍ପରିକ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ଅତିଥିମାନେ ଅଭିଭାଷଣରେ ଅନୁଷ୍ଠାନର ଏହି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଜନ ମାନସରେ ସଚେତନତା ସୃଷ୍ଟି କରିବା ସହ ଏବଂ ଓଡ଼ିଆ ସଂସ୍କୃତି ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ। ସୁଧା ଅଧକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ପରିକଳ୍ପନା ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମରେ ଜିଆଣ୍ଟ ସ୍ପୋର୍ଟିଂ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ସହ ପୁରସ୍କାର ପ୍ରଦାନ କରୁଛନ୍ତି।

# ସାମୁଦ୍ରିକ ପରିବେଶ ସୁରକ୍ଷା ବାର୍ତ୍ତା ନେଇ କୋଷ୍ଟାଲ ଟ୍ରେକିଂ

ପୁରୀ ଅଫିସ,୨୦।୨

ଅଲିଭ ରିଡ୍‌ଲେ ସିଡ୍ୟୁଲ-୧ ପ୍ରାଣୀ କଇଁଛଙ୍କ ସୁରକ୍ଷା, ପରିବେଶ ଉପଯୋଗୀ ପର୍ଯ୍ୟଟନ, ସାମୁଦ୍ରିକ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ପୁରୀ ଟ୍ରେକିଂ କ୍ଲବ ସଦସ୍ୟଙ୍କ ପକ୍ଷରୁ କୋଷ୍ଟାଲ ଟ୍ରେକିଂ ଅନୁଷ୍ଠିତ ହୋଇଯାଇଛି। ପୁରୀ ବେଳାଭୂମିରୁ କୋଣାର୍କ ମେରାଇନ ରୋଡର ନୂଆ ନଈ ବେଳାଭୂମି ପର୍ଯ୍ୟନ୍ତ ଯାଇଥିଲେ। ଟ୍ରେକିଂ କ୍ଲବର ସଦସ୍ୟମାନେ ନୀଳାଦ୍ରି ବିଚରୁ ଅଭିଯାନ ଆରମ୍ଭ କରି ନୁଆନଈରେ କୋଷ୍ଟାଲ ଟ୍ରେକିଂ ଶେଷ କରିଥିଲେ। ଏହି କୋଷ୍ଟାଲ ଟ୍ରେକିଂର ମୂଳ ଉଦ୍ଦେଶ୍ୟ ପରିବେଶ ସନ୍ତୁଳନ ଓ ସବୁଜିମା ଜଙ୍ଗଲ, ସୁନ୍ଦର ପରିବେଶ। ପୁରୀର ପର୍ଯ୍ୟଟନ ଅଭିବୃଦ୍ଧିକୁ ନେଇ କୋଷ୍ଟାଲ ଟ୍ରେକିଂ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ ପାଇଁ ଚେଷ୍ଟା କରାଯାଇଥିଲା। ଏହି ଦିନକିଆ ଅଭିଯାନରେ ୧୩ କିଲୋମିଟର ବ୍ୟାପୀ କୋଷ୍ଟାଲ ଟ୍ରେକିଂରେ ୨୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଭାଗନେଇଥିଲେ। ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଜନସଚେତନ ପଦଯାତ୍ରାରେ ସାମିଲ ହୋଇ ପ୍ରତିନିଧିମାନେ ନିଜକୁ ଗୌରାବାନ୍ୱିତ ମନେ କରିଛନ୍ତି । ଏହି କୋଷ୍ଟାଲ ଟ୍ରେକିଂ ମାଧ୍ୟମରେ ବେଳାଭୂମିକୁ ପ୍ରଦୂଷଣ ମୁକ୍ତ କରିବା, ଅଲିଭ ରିଡଲେ କଇଁଛ ସୁରକ୍ଷା, ପୁରୀ ଚିଲିକା ପର୍ଯ୍ୟଟନର ବିକାଶକୁ ଲକ୍ଷ୍ୟରେ ରଖି ସଚେତନତା ବାର୍ତ୍ତା ଦିଆଯାଇଛି। ତେବେ ଟ୍ରେକିଂ ସମୟରେ ଏକ ଟିଇଁଟିଆଁ ଚଢେଇ ଆଘାତପ୍ରାପ୍ତ ହୋଇ ଗୁରୁତର ଅବସ୍ଥାରେ ପଡିଥିବା ଜଣେ ସଦସ୍ୟ ଦେଖି ପ୍ରାଥମିକ ଚିକିତ୍ସା କରାଇଥିଲେ। ତେବେ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତଶ୍ରାବ ହେଉଥିବାରୁ ସେଠାରେ ହଳଦି ଦେଇ କ୍ଷତକୁ ପୂରଣ କରାଯାଇଥିଲା। ପରେ ବନବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି।

# ଭତ୍ତା ଟଙ୍କା ବୃଦ୍ଧି ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୦।୨

ପୁରୀ ଜିଲାର ୧୧ଟି ବ୍ଲକରୁ ହିତାଧିକାରୀମାନେ ଏକତ୍ରିତ ହୋଇ ମଧୁବାବୁ ପେନସନ ଯୋଜନା ଭତ୍ତା ଟଙ୍କା ବୃଦ୍ଧି ପାଇଁ ଦାବି କରିଛନ୍ତି। ଏ ନେଇ ସେମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଓଡ଼ିଶା ରାଜ୍ୟ ଭତ୍ତା ମହାସଂଘର ରାଜ୍ୟ ଆବାହକ ମାନସ କୁମାର ପ୍ରଧାନ ଅଭିଯୋଗ କରିଛନ୍ତି, ଅନ୍ୟ ରାଜ୍ୟରେ ହିତାଧିକାରୀମାନେ ୨ହଜାରରୁ ୩ ହଜାର ଟଙ୍କା ପାଉଥିବାବେଳେ ଓଡ଼ିଶାରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାସକୁ ୫୦୦ ଟଙ୍କା ମିଳୁଛି। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭୦୦ ଟଙ୍କା ମିଳୁଛି। ଫଳରେ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭିନ୍ନକ୍ଷମ ହିତାଧିକାରୀମାନେ ବ୍ୟାଙ୍କକୁ ଯାଇ ଭତ୍ତା ଟଙ୍କା ଆଣିବାକୁ ନିର୍ଦ୍ଦେଶ ରହିଛି। ତେଣୁ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ସେହିପରି ଭତ୍ତା ତିନି ମାସରେ ଥରେ ମିଳୁଛି। ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବ ତୁରନ୍ତ ପଦକ୍ଷେପ ନେବାକୁ ମହାସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଗୋବିନ୍ଦ ସାହୁ, ବଳଭ ପଢିଆରୀ, ତ୍ରିନାଥ ସାହୁ, ପିତାମ୍ବର ମହାପାତ୍ର, ଭଗବାନ ମହାପାତ୍ର ଏବଂ ଜଗନ୍ନାଥ ମଲ୍ଲିକ ଉପସ୍ଥିତ ଥିଲେ।





ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ହିତାଧିକାରୀମାନେ।

## ଚିଲିକାରେ ଭାସୁଛି ମୃତ ଡଲ୍‌ଫିନ

କୃଷ୍ଣପ୍ରସାଦ, ୨୦।୨(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା ନିକଟ ଚିଲିକାରେ ଏକ ୫ଫୁଟ ଲମ୍ବର ମୃତ ଡଲ୍‌ଫିନ (ଇରାୱାଡି) ଭାସୁଥିବା ଦେଖିବାକୁ ମିଳିଛି। ଡଲ୍‌ଫିନ୍‌ଟି ପ୍ରାୟ ୫ ଦିନ ହେବ ଭାସୁଥିବା ବେଳେ ପଚି ଦୁର୍ଗନ୍ଧ ହେଉଛି। ଏହି ଖବର ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାବେଳେ ବନ ବିଭାଗର ଏଥିପ୍ରତି ଦୃଷ୍ଟି ପଡୁନାହିଁ।

## ଛାତ୍ର ଜୀବନର ସ୍ମୃତି ସର୍ବଦା ଚିରସବୁଜ





କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ରମାନେ।

ପିପିଲି, ୨୦।୨(ସ୍ୱ.ପ୍ର.)

ପିପିଲି ହାଇସ୍କୁଲର ୧୯୯୯ ମସିହା ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ ଉତ୍ସବ ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତତ୍କାଳୀନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପିପିଲି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି, ଶିକ୍ଷକ ସତ୍ୟାନନ୍ଦ ଦାଶ, ଭାନୁପ୍ରିୟା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କୁ ଛାତ୍ରୀଛାତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ସେ ଦିନର ଅଭୁଲା ସ୍ମୃତିକୁ ମନେ ପକାଇବା ପାଇଁ ତତ୍କାଳୀନ ଛାତ୍ର ଜେନାମଣୀ ଆଶିଷ ରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଏକ ସଭା କରାଯାଇଥିଲା। ଏଥିରେ ଅତିଥିମାନେ ଗୁରୁମନ୍ତ୍ର ଦେଇ ଆଜିର ପିଲାଙ୍କୁ ଶିକ୍ଷାର ଗୁରୁତ୍ୱ ଦେବା ସହ ସଂସ୍କାରି ଓ ଉଚିତ ମାର୍ଗଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ସବୁଜ ଓଡ଼ିଶା ଲକ୍ଷ୍ୟରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି ବନ୍ଧୁ ମିଳନ ଜେନାମଣି ଆଶିଷ ରଞ୍ଜନ ଜେନାଙ୍କ ସଂଯୋଜନାରେ ହୋଇଥିବା ବେଳେ ଛାତ୍ର ପ୍ରଶାନ୍ତ ନନ୍ଦ, ପ୍ରଶାନ୍ତ ବାରିକ, ଦିବାକର ପରିଡା, ସମୀର ମହାପାତ୍ର, ସୁବାସ ପୃଷ୍ଟି, ସୁଜାତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲକ୍ଷ୍ୟ ସ୍ଥିର ଥିଲେ ଉତ୍ତମ ମଣିଷ ହେବାରେ ସଫଳତା ମିଳିଥାଏ

### ଏନରିଚ୍ ପବ୍ଲିକ ସ୍କୁଲର ୭ମ ବାର୍ଷିକ ଉତ୍ସବ

ପିପିଲି, ୨୦।୨(ସ୍ୱ.ପ୍ର.)

ପିପିଲି ଡେଲାଙ୍ଗ ଛକଠାରେ ଥିବା ଏନ୍‌ରିଚ୍ ପବ୍ଲିକ ସ୍କୁଲର ୭ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ତଥା ସମ୍ପାଦକ ରଶ୍ମିରଞ୍ଜନ ସାମନ୍ତରାୟ ଏଥିରେ ସଭାପତିତ୍ୱରେ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଦଧିଚି ଇନ୍‌ଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ମନୋଜ ଦାଶ ଯୋଗଦେଇ ଉନ୍ନତ ଶିକ୍ଷାର ମାନଦଣ୍ଡ ଉପରେ ଆଲୋକପାତ କରି ଉପସ୍ଥିତ ଶିକ୍ଷକ ଓ ଅଭିଭାବକଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡେଲାଙ୍ଗ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶରତ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଲକ୍ଷ ସ୍ଥିର ରଖି ଦୃଢ ଅଧ୍ୟବ୍ୟସାୟ ଓ ନିଷ୍ଠାପରତା ସହ ମୁକ୍ତ ଶିକ୍ଷାଦାନ ସର୍ବଦା ଛାତ୍ରୀଛାତ୍ରଙ୍କ ଅଗ୍ରଗତି ହେବାରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି କଲେଜ ଅଧ୍ୟକ୍ଷ ଶିବ ପ୍ରସାଦ ମିଶ୍ର, ଦଧିଚି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ଭଞ୍ଜ, ଶିକ୍ଷାବିତ୍ ବିନୋଦ ପରମାଣିକ, ସାମାଜିକ କର୍ମୀ ମମତା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଭୂଷଣ ବିଶ୍ୱାଳ ଅତିଥି ପରିଚୟ ସହ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟ କମିଟି ପକ୍ଷରୁ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଦିପ୍ତିରଞ୍ଜନ ସାମନ୍ତରାୟଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଷିକ ଉତ୍ସବରେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ସୁଆଣ୍ଡୋ ଗସ୍ତ ପାଇଁ ପ୍ରଶାସନ ଚଳଚଞ୍ଚଳ

ସାକ୍ଷୀଗୋପାଳ, ୨୦।୨(ଡି.ଏନ୍.ଏ./ସ୍ୱ.ପ୍ର.)

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଓଡ଼ିଆ ଜାତିର ଚିରନମସ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗ୍ରାମକୁ ଐତିହ୍ୟ ଗ୍ରାମର ମାନ୍ୟତା ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫ କୋଟି ଟଙ୍କା ବ୍ୟୟରେ ଉନ୍ନୟନ କରାଯାଇଛି। ଆସନ୍ତା ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜାତୀୟ ସ୍ମୃତି ଲୋକାର୍ପଣ କରିବେ। ଏହି ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସୋମବାର ସତ୍ୟବାଦୀ ଥାନାରେ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ହେଲିକପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ସୁଆଣ୍ଡୋରେ ପହଞ୍ଚି ପ୍ରଥମେ ପ୍ରମୋଦ ଉଦ୍ୟାନରେ ସ୍ଥାନିତ କରାଯାଇଥିବା ୧୫ଫୁଟ ଉଚ୍ଚତା ବିଶିଷ୍ଟ ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ନବନିର୍ମିତ ଉତ୍କଳମଣିଙ୍କ ସଂଗ୍ରହାଳୟ ଲୋକାର୍ପଣ କରିବା ପରେ ପୁନରୁଦ୍ଧାର କରାଯାଇ ସଂରକ୍ଷିତ କରାଯାଇଥିବା ଷଠିଘର ଓ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଲୋକେଶ୍ୱର ଦେବଙ୍କ ମନ୍ଦିର ପରିଦର୍ଶନ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ପରେ ପରେ ମୁଖ୍ୟମନ୍ତ୍ରୀ ସେଠାରେ ଏକ ଜନସମାଶେରେ ଅଭିଭାଷଣ ପ୍ରଦାନ କରିବେ। ଜନ ସମାବେଶକୁ ଲକ୍ଷ୍ୟ କରି ବ୍ୟାପକ ପ୍ରସ୍ତୁତି ମଧ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା, ଗମନାଗମନ, ପାର୍କିଂ ଓ ଖବର ସଂଗ୍ରହ ନିମନ୍ତେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉପସ୍ଥିତ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରା ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ। ସେହିପରି ପୁରୀ ଜିଲାପାଳ ସମର୍ଥ ବର୍ମା ସୁଆଣ୍ଡୋ ପରିଦର୍ଶନ କରି ପ୍ରସ୍ତୁତି ସମୀକ୍ଷା କରିଥିଲେ। ଯାନବାହାନ ପାର୍କିଂ, ସୁରକ୍ଷା ଦୃଷ୍ଟିରୁ ପ୍ରବେଶ ପଥରେ ଡିଜିଟାଲ ମେଟାଲ ଡିଟେକ୍ଟର ଦ୍ୱାରା ସର୍ବସାଧାରଣଙ୍କୁ ଯାଞ୍ଚ ଓ ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ କଟକଣା ଜାରି କରାଯିବ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଓ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ପୂର୍ତ୍ତ ଓ ଓଡ଼ିଶା ସେତୁ ନିର୍ମାଣ ନିଗମର ଅଧିକାରୀମାନେ ଉପସ୍ଥିତ ଥିଲେ।



ସତ୍ୟବାଦୀ ଥାନା ପରିସରରେ ଆୟୋଜିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ହୋହଲ୍ଲାରେ ୬୯୦ କୋଟିର ବଜେଟକୁ ମଞ୍ଜୁରୀ

**ବିଏମ୍‌ସି କର୍ପୋରେଶନ ବୈଠକ**

**ସନ୍ତୁଳ ଓ ବଳକା ବଜେଟ: ମେୟର**

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ବିଏମ୍‌ସିର ନୂତନ କାର୍ଯ୍ୟାଳୟ ବିଏମ୍‌ସି ଆଇସିଓଏମ୍‌ସି ଟାୱାରରେ ସୋମବାର କର୍ପୋରେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୩-୨୪ ପାଇଁ ଚିଠା ବଜେଟ୍ ମଞ୍ଜୁର ହେବାକୁ ନିର୍ଦ୍ଧାରିତ ହୋଇଥିବାରୁ ଏହା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ବୈଠକ ଆରମ୍ଭରୁ ଉଭୟ ବିଜେଡି ଓ ଭାଜପା କର୍ପୋରେଟରଙ୍କ ମଧ୍ୟରେ ହଟଗୋଳ ଦେଖିବାକୁ ମିଳିଥିଲା। ତେବେ ହୋ-ହଲ୍ଲା ହଟଗୋଳ ମଧ୍ୟରେ ବି ଚିଠା ବଜେଟ୍ ଉପରେ ମୋହର ବାଜିଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ୬ଶହ ୯୦କୋଟି ୨ଲକ୍ଷ ଟଙ୍କାର ବଜେଟ୍‌କୁ ମଞ୍ଜୁରୀ ମିଳିଛି। ବିଭାଗୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରୀତିନନ୍ଦା ରାଉତରାୟ ଏହି ବଜେଟକୁ ଉପସ୍ଥାପନା କରିଥିଲେ। ଚଳିତବର୍ଷ ଆୟ ୭ଶହ ୮ କୋଟି ୫୪ଲକ୍ଷ ଟଙ୍କା ହୋଇଥିବାବେଳେ ଏହା ଏକ ସନ୍ତୁଳ ଓ ବଳକା ବଜେଟ ବୋଲି ମେୟର କହିଥିଲେ। ଚଳିତ ବଜେଟରେ ନୂଆ ଭାବେ ଭୁବନେଶ୍ୱର ମହାନଗର ନିଗମ ସହ ଯୋଡି ହୋଇଥିବା ଅନୁନ୍ନତ ପଞ୍ଚାୟତର ଭିତ୍ତିଭୂମି, ମୌଳିକ ସୁବିଧା ଯେପରିକି – ରାସ୍ତାଘାଟ, ଡ୍ରେନ ଓ ଆଲୋକୀକରଣ ସଂଯୋଗ ଭଳି ସୁବିଧାଗୁଡ଼ିକୁ ପ୍ରାଧାନ୍ୟ ଦିଆଯିବ। ପ୍ରତି ୱାର୍ଡରେ ୱାର୍ଡ ଅଫିସ ନିର୍ମାଣ କରାଯିବ। ଏଥିସହ ମହାନଗର ନିଗମରେ ଥିବା ବଡ଼ବଡ଼ ମାର୍କେଟଗୁଡିକର କଳେବର ବୃଦ୍ଧି ସହ ଭେଣ୍ଡିଂ ଜୋନ କରାଯିବ। ୟୁପିଏସ୍‌ସି କନ୍‌ଷ୍ଟ୍ରକ୍‌ସନ୍ ମଧ୍ୟ କରାଯିବାର ବ୍ୟବସ୍ଥା ରହିଛି। ଏହାବାଦ୍ ଏଥର ବିଶେଷ ଭାବେ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ବାୟୋମାଇନିଂ ପ୍ଲାଣ୍ଟ କାମ ଆରମ୍ଭ ହୋଇଛି। ତେଣୁ ବାୟୋମାଇନିଂ, ବାୟୋ ଗ୍ୟାସ୍ ପ୍ଲାଣ୍ଟ ଏବଂ ନିର୍ମାଣଧୀନ ଏମ୍‌ସିସିର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଆଦି ଦିଗରେ ଗୁରୁତ୍ୱ ଦିଆଯାଉଛି। ଏହାବାଦ୍ ସହରର ସୌନ୍ଦର୍ଯ୍ୟକରଣ କାମ ଜାରି ରହିବ ବୋଲି ମେୟର ସୂଚନା ଦେଇଛନ୍ତି। ସେହିପରି ଏହାଏକ ସନ୍ତୁଳିତ ବଜେଟ ହୋଇଥିବାରୁ ସମସ୍ତଙ୍କୁ ସୁହାଇବ ବୋଲି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରୀତିନନ୍ଦା କହିଛନ୍ତି। ବଜେଟ୍ ଅନୁମୋଦନ ପରେ କେତେଜଣ କର୍ପୋରେଟର ନିଜ ନିଜ ୱାର୍ଡର ସମସ୍ୟା ଉପସ୍ଥାପନ କରିଥିଲେ।





ବୈଠକରେ ଅଣଦେଖା କରାଯାଉଥିବା ଓ ବିଜେଡି କର୍ପୋରେଟର ଆକ୍ରମଣ କରିବା ସହ ପାଟି ବନ୍ଦ କରିବାକୁ ଧମକ ଦେବା ପ୍ରତିବାଦରେ ଭାଜପା କର୍ପୋରେଟରମାନେ ବିଏମ୍‌ସି ଅଫିସରେ ଧାରଣା ଦେଇଛନ୍ତି। ମେୟର ଓ ଭାଜପା କର୍ପୋରେଟର ମୁହାଁମୁହିଁ।

### କୌଣସି ପକ୍ଷପାତିତା ହୋଇନାହିଁ: ମେୟର

ଗଣମାଧ୍ୟମରେ ଦୃଷ୍ଟି ଆକର୍ଷଣ ପାଇଁ ଭାଜପା କର୍ପୋରେଟରମାନେ ଏଭଳି କରୁଛନ୍ତି। ନିଜର ନାଁ କରିବା ସହିତ ଚର୍ଚ୍ଚାକୁ ଆସିବା ପାଇଁ ଏଭଳି ପନ୍ଥା ଆପଣାଉଛନ୍ତି। ବିଏମ୍‌ସିରେ ଦଳଗତ ବୈଷମତା ନାହିଁ। କର୍ପୋରେଶନ ପାଖରେ ସମସ୍ତେ ସମାନ। ତେଣୁ ସମସ୍ତଙ୍କ କଥା ଶୁଣାଯାଉଛି। ଏବେ ଧାରଣା ଦେଉଥିବା କର୍ପୋରେଟରମାନେ ବଜେଟ୍‌ବେଳେ ଉପସ୍ଥିତ ଥିଲେ। ଏହାର ଭିଡିଓ ରେକର୍ଡ ରହିଛି। ଏଠି କୌଣସି ପକ୍ଷପାତିତା ହୋଇନାହିଁ। ସେମାନଙ୍କର ସହଯୋଗ ଲୋଡୁଛୁ, କିନ୍ତୁ ସେମାନେ ସହଯୋଗ ନ କରି ବଜେଟ ବାହାରର ପ୍ରଶ୍ନ କରି ବାହାରି ଯାଉଛନ୍ତି ବୋଲି ମେୟର ସଫେଇ ଦେଇଥିଲେ।

### କାମ ଅଛି କହି ଅଧାରୁ ଉଠିଲେ କମିଶନର

ନିୟମ ଅନୁଯାୟୀ ବୈଠକ ସମୟରେ ମେୟର, କମିଶନର କିମ୍ବା ଅନ୍ୟ କେହି ଅଧାରୁ ଉଠି ଯାଇ ପାରିବେ ନାହିଁ। ଯଦି କିଛି ଜରୁରୀ କାର୍ଯ୍ୟ (ଅଫିସିଆଲି) ଥାଏ, ତେବେ ସୂଚନା ଦେଇ ଯିବାକୁ ହୁଏ ବା ଆଗରୁ ସେ ନେଇ ଅବଗତ କରାଯାଏ। ମାତ୍ର ଉତ୍ତେଜନା ଦେଖାଦେବା ସମୟରେ କମିଶନର ବାରମ୍ବାର ବୈଠକ ଛାଡି ବାହାରକୁ ଯାଉଥିଲେ। ବ୍ୟକ୍ତିଗତ କାରଣରୁ ବାହାରକୁ ଯାଉଥିବା କହି ପ୍ରାୟ ୩ଥର ବୈଠକରୁ ଉଠିଥିଲେ। ଶେଷରେ ବୈଠକ ଚାଲିଥିବା ବେଳେ ଅଧାରୁ ଚାଲି ଯାଇଥିଲେ।

### ବୈଠକର ଭିଜୁଆଲ ଲିକ୍

ବିଏମ୍‌ସି କର୍ପୋରେଶନ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିତରକୁ ଯିବାକୁ ସାଧାରଣତଃ ଅନୁମତି ଦିଆଯାଏ ନାହିଁ। ବୈଠକ ପରେ ବିଏମ୍‌ସି ପକ୍ଷରୁ ଗଣମାଧ୍ୟମକୁ ସୂଚନା ବା ବାଇଟ୍ ଦିଆଯାଏ। ମାତ୍ର ସୋମବାର ବୈଠକରେ ଉତ୍ତେଜନା ଦେଖା ଯାଉଥିବା ଦୃଶ୍ୟ କିଛି ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ହଟଗୋଳ ସମୟରେ କେହି ଜଣେ କର୍ପୋରେଟର ଏହାକୁ ରେକର୍ଡିଂ କରି ଗଣମାଧ୍ୟମକୁ ଦେଇଥିଲେ, ଯାହାକୁ ନେଇ ମେୟର ବିରକ୍ତି ପ୍ରକାଶ କରିବା ସହ ତାଗିଦ୍ କରିଥିଲେ।

### ବିଜେଡି କର୍ପୋରେଟର କଥା କଟାକଟି

ପ୍ରଥମେ ଭାଜପା-ବିଜେଡି କର୍ପୋରେଟରଙ୍କ କଥା କଟାକଟି ହୋଇଥିଲା। ପରେ ଶାସକ ବିଜେଡ କର୍ପୋରେଟରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ୱାର୍ଡ ନଂ. ୫୫ର ବିଜେଡି କର୍ପୋରେଟର ନୃପେଶ ନାୟକ ବୈଠକରେ ବଜେଟ ସମ୍ପର୍କିତ ପ୍ରଶ୍ନ ପଚାରୁଥିବାବେଳେ ନିଜ ଦଳର କେତେଜଣ କର୍ପୋରେଟର ତାଙ୍କୁ ଅଟକାଇ ଥିଲେ। ଏପରିକି ତାଙ୍କୁ ପାଗଳ, ତୋ ମୁଣ୍ଡ ଖରାପ ଅଛି, ମେଡିକାଲ ଯା' ବୋଲି କହିବା ସହ ବାଡେଇବାକୁ ଧମକାଇ ଥିଲେ। ଏହାପରେ ନୃପେଶ ମଧ ରାଗିବା ସହ ଗାଲ ଚିପିଦେବି ବୋଲି କହିଥିଲେ। ପରେ କଥା କଟାକଟିକୁ ନେଇ ତୁମୁଳକାଣ୍ଡ ହୋଇଥିଲା। ମେୟରଙ୍କ ଉପସ୍ଥିତିରେ ବିଜେଡି କର୍ପୋରେଟରମାନଙ୍କର ଏପରି ବ୍ୟବହାର ସମସ୍ତଙ୍କୁ ଚକିତ କରିଥିଲା।

### ଜଟଣୀ ବିଧାୟକଙ୍କ ୩ ପ୍ରସ୍ତାବ

ବିଏମ୍‌ସି କର୍ପୋରେଶନ ବୈଠକରେ ଯୋଗଦେଇ ଜଟଣୀ ବିଧାୟକ ସୁରେଶ ରାଉତରାୟ ୩ଟି ପ୍ରସ୍ତାବ ରଖିଥିଲେ। କଟକ-ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ଚଳାଚଳ, ମହତାବଙ୍କ ସ୍ମୃତିରେ ୫ହଜାର ଦର୍ଶକଙ୍କ ଲାଗି ପ୍ରେକ୍ଷାଳୟ ପ୍ରତିଷ୍ଠା ଓ ଭୁବନେଶ୍ୱର ଉପକଣ୍ଠ ଗଙ୍ଗୁଆ ନାଳର ପୁନରୁଦ୍ଧାର ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଧାୟକ ପ୍ରସ୍ତାବ ଦେଇଥିଲେ। ଗଙ୍ଗୁଆ ନାଳର ପୁନରୁଦ୍ଧାର ହେଲେ ମଶାବଂଶ ଲୋପ ପାଇବ ଓ ରାଜଧାନୀବାସୀ ଆଶ୍ୱସ୍ତି ପାଇବେ। ବିଏମ୍‌ସିର ନୂତନ କୋଠା ରାଜଧାନୀର ଗରିମା ବୃଦ୍ଧି କରୁଥିବାବେଳେ ବିଏମ୍‌ସି ବିଭିନ୍ନ କାର୍ଯ୍ୟ ଠିକ୍ ଭାବେ ପରିଚାଳନା କରୁଥିବାରୁ ବିଧାୟକ ସନ୍ତୋଷବ୍ୟକ୍ତ କରିଥିଲେ।

**ବିଜେଡି କର୍ପୋରେଟରଙ୍କ ଦାଦାଗିରି ଅଭିଯୋଗ**

# ଧାରଣା ଦେଲେ ଭାଜପା କର୍ପୋରେଟର

- ଅଣଦେଖା କରାଯାଉଥିବା ଅଭିଯୋଗ
- ଏମ୍‌ପିଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବା ପ୍ରସଙ୍ଗ ଉଠାଇଲେ

କର୍ପୋରେଶନ ବୈଠକ ଚାଲିଥିବାବେଳେ ନିର୍ଦ୍ଦିଷ୍ଟ କେତେଜଣ କର୍ପୋରେଟରଙ୍କ ଦାଦାଗିରିକୁ ନେଇ ଗୃହ ହୁଲସ୍ଥୁଲ ହୋଇଥିଲା। ହଟଗୋଳ ସମୟରେ ଅଶାଳୀନ ଭାଷା ପ୍ରୟୋଗ ସହ ଭାଜପା କର୍ପୋରେଟରଙ୍କୁ ଆକ୍ରମଣ କରିବା, ପାଟି ବନ୍ଦ କରି ବସିବା ପାଇଁ ଶାସକ ବିଜେଡିର କେତେଜଣ କର୍ପୋରେଟର ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏଥିସହ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ସମସ୍ତ ଭାଜପା କର୍ପୋରେଟର କକ୍ଷ ତ୍ୟାଗ କରି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ବୈଠକରେ ବିଜେଡିର କର୍ପୋରେଟରମାନେ ସେମାନଙ୍କୁ ନିଜର ମତ ରଖିବାକୁ ଦେଉ ନାହାନ୍ତି। ପ୍ରଶ୍ନ ପଚାରିବାବେଳେ କେତେଜଣ ନିର୍ଦ୍ଦିଷ୍ଟ କର୍ପୋରେଟର ସେମାନଙ୍କ ଉପରେ ଦାଦାଗିରି ଦେଖାଉଛନ୍ତି। ଏପରିକି ଏ ସବୁକିଛି ମେୟରଙ୍କ ସମ୍ମୁଖରେ ହେଉଥିବାବେଳେ ସେ ଚୁପ୍ ରହୁଥିବା ଭାଜପା କର୍ପୋରେଟର ଅଭିଯୋଗ କରିଛନ୍ତି। ସେହିପରି ପ୍ରାବଧାନ ଅନୁଯାୟୀ ଚିଠା ବଜେଟ୍‌ରେ ଥିବା ଦୋଷ ଦୁର୍ବଳତାକୁ ଖୋଜି କର୍ପୋରେଟରମାନେ ଉପସ୍ଥାପନ କରଥାନ୍ତି। ଆଲୋଚନା ପରେ ଜରୁରୀ ସଂଶୋଧନ ମାଧ୍ୟମରେ ବଜେଟ ଉପସ୍ଥାପନ ହୁଏ। ମାତ୍ର ଏହି ବଜେଟ୍‌ରେ ସେଭଳି କିଛି ହୋଇନାହିଁ। ଆଲୋଚନା ଏବଂ ପ୍ରଶ୍ନ ଉତ୍ତର କରା ନ ଯାଇ ବଜେଟ୍ ପାରିତ ହୋଇଥିବା ଉଭୟ ବିରୋଧୀ ଓ ବିଜେଡିର କେତେଜଣ କର୍ପୋରେଟର ଅଭିଯୋଗ ଆଣିଥିଲେ। ୨୦୨୦ ମସିହାରୁ ବିଏମ୍‌ସିର ବଜେଟ ସର୍ବସାଧାରଣ କରାଯାଉ ନ ଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ରହିଛି। କେତେ ଆୟ, କେତେ ବ୍ୟୟ ହେଉଛି, କ'ଣ ଖର୍ଚ୍ଚ ହେବାକୁ ରହିଛି ? ଏସବୁ ସର୍ବସାଧାରଣ ହେବା ଜରୁରୀ ବୋଲି ପ୍ରଥମରୁ କେତେଜଣ କର୍ପୋରେଟର ପ୍ରଶ୍ନ ଉଠାଇ ଥିଲେ। ଏହାବାଦ୍ କର୍ପୋରେଶନ ଗଠନ ହେବାର ୧ବର୍ଷ ହେବାକୁ ବସିଥିବାବେଳେ ଏଯାଏ ଭାଜପା କର୍ପୋରେଟରଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଏପରିକି କର୍ପୋରେଶନରେ ପ୍ରସ୍ତାବ ପାସ୍ ହେଉଥିଲେ ମଧ୍ୟ ୱାର୍କଅର୍ଡର ଦିଆଯାଉ ନାହିଁ। ଆଗକୁ ବର୍ଷାଦିନ ଥିବାବେଳେ ଏ ପର୍ଯ୍ୟନ୍ତ ଅନେକ ୱାର୍ଡରେ ଡ୍ରେନ୍ କାମ ହୋଇ ପାରିନାହିଁ। ବହୁ ଉଠାଦୋକାନୀ ସେମାନଙ୍କର ଜୀବିକା ହରାଇ ହତାଶ ହୋଇ ପଡିଛନ୍ତି। ସେମାନଙ୍କ ଥଇଥାନକୁ ନେଇ ମଧ୍ୟ ଦାବି କରାଯାଇଥିଲା। ସେହିପରି ଗତ ୧୬ ତାରିଖରେ ବିଏମ୍‌ସି ଆଇସିଓଏମ୍‌ସି ଟାୱାରର ଉଦ୍‌ଘାଟନ ହୋଇଥିଲା। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ନିମନ୍ତ୍ରଣ ହୋଇ ନ ଥିବା କଥା ଭାଜପା କର୍ପୋରେଟର ଉଠାଇଥିଲେ। ସମସ୍ତ ବିଧାୟକଙ୍କୁ ନିମନ୍ତ୍ରଣ ହୋଇଥିବାବେଳେ ଏମ୍‌ପିଙ୍କୁ ନିମନ୍ତ୍ରଣ ନ କରିବା ଦ୍ୱାରା ତାଙ୍କର ସମ୍ମାନ ହାନି ହୋଇଥିବା ଅଭିଯୋଗ କରିଥିଲେ।

### ପ୍ରତିଶ୍ରୁତି ପରେ ଉଠିଲା ଧାରଣା

#### ୨୨ରେ ସ୍ୱତନ୍ତ୍ର ବୈଠକ

କମିଶନର ଆସିବା ପରେ ତାଙ୍କ ସହ ଆଲୋଚନା କରାଯାଇ ଧାରଣାକୁ ଉଠିବେ ବୋଲି କର୍ପୋରେଟରମାନେ ଅଡି ବସିଥିଲେ। ସକାଳୁ କକ୍ଷ ତ୍ୟାଗ କରି ଧାରଣାରେ ବସିଥିବାବେଳେ ରାତି ପ୍ରାୟ ୯ଟା ବେଳକୁ ମେୟର, କମିଶନର, ଡେପୁଟି ମେୟର, ସିଟି ଇଞ୍ଜିନିୟର ଏବଂ କିଛି ଶାସକ ଦଳ କର୍ପୋରେଟର ସେଠାକୁ ଆସିଥିଲେ। ଧାରଣାରତ କର୍ପୋରେଟର ଏବଂ ମେୟରଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ହୋଇଥିଲା। ଶେଷରେ ୨୨ ତାରିଖ ବୁଧବାର ଦିନ ଏକ ବୈଠକ କରାଯାଇ କର୍ପୋରେଟରମାନଙ୍କର ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ଭାଜପା କର୍ପୋରେଟରମାନେ ଧାରଣାକୁ ଉଠିଥିଲେ।

# ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା ଦାବିରେ ଆନ୍ଦୋଳନ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ସାମ୍ବିଧାନିକ ରୂପେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଦାବିରେ ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଣ୍ଟିନ ଛକ ନିକଟ ଗାନ୍ଧୀ ମାର୍ଗରେ ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରାଯାଇଛି। ଭାରତକୁ ସିକୁଲାର ରାଷ୍ଟ୍ର ରୂପେ ଘୋଷଣା କରାଯାଇଥିବାରୁ ପୃଥିବୀର କୌଣସି କୋଣରେ ସନାତନୀ ହିନ୍ଦୁଟିଏ ପୀଡ଼ିତ ହେଲେ ସେଠାରେ ଥିବା ଭାରତୀୟ ଦୂତାବାସ କୌଣସି ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରନ୍ତି ନାହିଁ। ଏଭଳି ଘଟଣା ଅତ୍ୟନ୍ତ ଦୁଃଖ ଦାୟକ ବୋଲି ସଙ୍ଗଠନର ପ୍ରଦେଶ ଅଧ୍ୟକ୍ଷ ବ୍ରହ୍ମାନନ୍ଦ ସାହୁ କହିଛନ୍ତି। ବରିଷ୍ଠ ନୌସୈନିକ ଭେଟେରାନ ବିଦ୍ୟାଧର ନାୟକ କହିଛନ୍ତି, ଭାରତରୁ ଧାର୍ମିକ ଆଧାରରେ ବିଚ୍ଛିନ୍ନ ହୋଇଥିବା ବାଂଲାଦେଶ ଭଳି ରାଷ୍ଟ୍ରରେ ହିନ୍ଦୁଙ୍କୁ ହତ୍ୟା ଓ ବିତାଡ଼ିତ କରାଯାଇ ଏମାନଙ୍କ ସଂଖ୍ୟା ୩୫ ପ୍ରତିଶତରୁ ୫ ପ୍ରତିଶତକୁ ଖସାଇ ଦିଆଗଲାଣି। ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ୨୨ ପ୍ରତିଶତରୁ ଏବେ ନିଶ୍ଚିହ୍ନ ପ୍ରାୟ ବୋଲି ସେ କହିଛନ୍ତି। ବିଶ୍ୱର ୮୦୦ କୋଟି ଜନସଂଖ୍ୟା ମଧ୍ୟରୁ ୧୨୫ କୋଟିରୁ ଅଧିକ ହିନ୍ଦୁ ଧର୍ମର ଲୋକ ବସବାସ କରୁଥିବାବେଳେ କେବଳ ଭାରତରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ହିନ୍ଦୁ ବସବାସ କରନ୍ତି। ଏମାନଙ୍କ ସୁଖଦୁଃଖ ହାନିଲାଭରେ ପାଟି ଖୋଲିବାକୁ କେହି ନ ଥାନ୍ତି ବୋଲି ଭାରତ ରକ୍ଷା ମଞ୍ଚର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଇଂ. ମନୋଜ ଆଚାର୍ଯ୍ୟ କହିଛନ୍ତି। ତେଣୁ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ଅପହାର୍ଯ୍ୟ ବୋଲି ସେମାନେ ଦାବି କରିଛନ୍ତି। ସଂଗଠନର ଖୋର୍ଦ୍ଧା ଜିଲା ବିସ୍ତାରକ ନିରଞ୍ଜନ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।




ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା ପାଇଁ ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ଗାନ୍ଧୀ ମାର୍ଗରେ ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ ଦାବି କରାଯାଉଛି।

# ୯୧୪ ସହକାରୀ ପ୍ରାଧାପକ, ଅଧାପକଙ୍କୁ ନିଯୁକ୍ତି

**ଟେକ୍ନୋଲୋଜି ସହ ପିଲାଙ୍କୁ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ରାଜ୍ୟ ସରକାର ସୋମବାର ୯୧୪ଜଣ ସହକାରୀ ପ୍ରାଧାପକ ଏବଂ ଅଧାପକଙ୍କୁ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଯୁକ୍ତ କରିଛନ୍ତି। ଏଥିମଧ୍ୟରେ ୩୨୧ଜଣ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ୧୨୬ଜଣ ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଏବଂ ୪୬୭ଜଣ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ନବନିଯୁକ୍ତ ପ୍ରାଧାପକ ଓ ଅଧାପକଙ୍କ ପାଇଁ ସୋମବାର ଲୋକସେବା ଭବନଠାରେ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ ସେମାନଙ୍କୁ କେତେକ ଦିଗ୍‌ଦର୍ଶନ ଦେଇଥିଲେ। ଟେକ୍ନୋଲୋଜିକୁ ବ୍ୟବହାର କରି ଜାତୀୟସ୍ତରର କମ୍ପିଟେଟିଭ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ ପାଣ୍ଡିଆନ୍, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ନବନିଯୁକ୍ତ ପ୍ରାଧାପକ ଓ ଅଧାପକଙ୍କୁ ଦିଗ୍‌ଦର୍ଶନ ଦେଉଛନ୍ତି।

# ଜୀ-ସାର୍ଥକର 'ନାଲି ବିନ୍ଦୁ' କ୍ୟାମ୍ପେନକୁ ସିଲଭର ମେଡାଲ

ଭୁବନେଶ୍ୱର,୨୦।୨ (ବ୍ୟୁରୋ)

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକର 'ନାଲି ବିନ୍ଦୁ' କ୍ୟାମ୍ପେନକୁ 'ସିଲଭର ମେଡାଲ' ମିଳିଛି। ବିଶେଷକରି ଗତବର୍ଷ ରଜ ସମୟରେ ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ଜୀ-ସାର୍ଥକ ପକ୍ଷରୁ ଏକ ଅଭିନବ ପ୍ରୟାସ 'ନାଲି ବିନ୍ଦୁ' ଶୀର୍ଷକ ଅଭିଯାନ ଆରମ୍ଭ କରାଯାଇଥିଲା। ଏପରିକି ଉକ୍ତ ଅଭିଯାନ 'ଇ୪ଏମ୍ ପ୍ରାଇମ୍ ଟାଇମ୍ ଆୱାର୍ଡ-୨୦୨୨' ଦ୍ୱାରା ସିଲଭ୍‌ର ମେଡାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ବିଶେଷକରି ଜାତୀୟସ୍ତରରେ ସୋସିଆଲ ୱେଲ୍‌ଫେୟାର କାଟାଗୋରି ଅଧୀନରେ ଉକ୍ତ ଅଭିଯାନଟି 'ସିଲଭର ମେଡାଲ' ରେ ସମ୍ମାନିତ ହୋଇ ରାଜ୍ୟ ପାଇଁ ଗୌରବ ଆଣି ଦେଇଛି। ସେହିଭଳି ଜୀ-ସାର୍ଥକର ଚିଫ୍ କ୍ଲଷ୍ଟର ହେଡ୍ ସମ୍ରାଟ ଘୋଷ ଏବଂ ଚାନେଲ ହେଡ୍ ପ୍ରତୀକ ସିଲଙ୍କ ବିଶେଷ ଆଗ୍ରହ ଓ ତତ୍ତ୍ୱାବଧାନରେ ଉକ୍ତ ଅଭିଯାନଟି ସଫଳ ହୋଇଛି ବୋଲି ଜୀ-ସାର୍ଥକ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ରଜ ଅବସରରେ ଜୀ-ସାର୍ଥକ ପକ୍ଷରୁ ମାସିକ ଋତୁସ୍ରାବ ଜନିତ ସ୍ୱଚ୍ଛତା ବିଷୟରେ ମହିଳାଙ୍କୁ ଅବଗତ କରାଇବା ସହ ସେ ବିଷୟରେ ଥିବା ସମସ୍ତ ଅଭ୍ୟାସକୁ ମନେରଖିବା ପାଇଁ 'ନାଲି ବିନ୍ଦୁ' ଅଭିଯାନ ଆରମ୍ଭ କରାଯାଇଥିଲା। ଉକ୍ତ ଅଭିଯାନ ମାଧ୍ୟମରେ ଏକ ଅଭିନବ ଭିଡିଓ ଉନ୍ମୋଚନ କରାଯାଇଥିଲା। ଉକ୍ତ ଭିଡିଓ ଦ୍ୱାରା ଭାରତର ମହିଳାମାନଙ୍କୁ ମାସିକ ଋତୁସ୍ରାବ ସ୍ୱଚ୍ଛତା ଜନିତ ସମସ୍ତ ବିବରଣୀ ସବୁ ବର୍ଗର ଦର୍ଶକଙ୍କୁ ଦିଆଯାଇଥିଲା। ଉକ୍ତ ଅଭିଯାନ ଜରିଆରେ ମହିଳାମାନଙ୍କ ସହ କିଶୋରୀମାନଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ସୂଚନାଯୋଗ୍ୟ ରଜପର୍ବରେ ପୃଥିବୀ ରଜସ୍ୱଳା ହେଉଥିବା ବିଶ୍ୱାସ ରହିଥିବା ବେଳେ ସେହି ସମୟରେ ଏଭଳି ଏକ ବିଶେଷ ଅଭିଯାନ ଆରମ୍ଭ କରି ଜୀ-ସାର୍ଥକ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲା ବୋଲି ନାଲି ବନ୍ଧୁ ଟିମ୍ ପକ୍ଷରୁ କୁହାଯାଇଛି।




# କାମ କରୁ ନ ଥିବା ସ୍ୱଚ୍ଛସାଥୀଙ୍କୁ ବରଖାସ୍ତ କରିବ ବିଏମ୍‌ସି

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଭୁବନେଶ୍ୱରର ସ୍ୱଚ୍ଛତା ପ୍ରତି ବିଏମ୍‌ସି କର୍ତ୍ତୃପକ୍ଷ ଅଧିକ କ୍ରିୟଶୀଳ ହୋଇଛନ୍ତି। ସହରରେ ବର୍ଜ୍ୟ ପରିଚାଳନାକୁ ତ୍ୱରିତ କରାଯିବା ସହ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରାଯାଉଛି। ସହରରେ କିପରି ସ୍ୱଚ୍ଛତା ବଜାୟ ରହିବ ସେ ନେଇ ନିୟମିତ କରିବାକୁ ସ୍ୱଚ୍ଛସାଥୀଙ୍କୁ ସବୁ ୱାର୍ଡରେ ନିୟୋଜିତ କରାଯାଇଛି। ମାତ୍ର କେତେଜଣ ସ୍ୱଚ୍ଛସାଥୀ ସେମାନଙ୍କ କାମ ଠିକ୍ ଭାବେ ତୁଲାଇବାରେ ଆଗ୍ରହ ପ୍ରକାଶ କରୁ ନ ଥିବା ବିଏମ୍‌ସି ଅଧିକାରୀଙ୍କ ନଜରକୁ ଆସିବା ପରେ ଏନେଇ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି। କାମରେ ଖରାପ ପ୍ରଦର୍ଶନ କରୁଥିବା ସ୍ୱଚ୍ଛସାଥୀଙ୍କୁ ଖୁବ୍‌ଶୀଘ୍ର କାମରୁ ବାହାର କରାଯିବ। ଏନେଇ କର୍ପୋରେଶନ ବୈଠକରେ ନିଷ୍ପତ୍ତି ହୋଇଥିବା ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ଗତ ୨ବର୍ଷ ହେବ ସ୍ୱଚ୍ଛସାଥୀମାନେ କ'ଣ କାମ କରିଛନ୍ତି ତାହାର ତଦାରଖ କରାଯିବ। ଯାହାର ପର୍ଫମାନ୍ସ ରିପୋର୍ଟ ଭଲ ଥିବ, ସେମାନେ ନିଜ କାମ ଆଗକୁ ବଢାଇବେ। ଯେଉଁମାନଙ୍କର କାମ ଖରାପ ଥିବ ସେମାନଙ୍କୁ ଚାକିରୀରୁ ବରଖାସ୍ତ କରାଯାଇ ତାଙ୍କ ସ୍ଥାନରେ ଅନ୍ୟମାନଙ୍କୁ ଚାକିରୀ ମିଳିବ। ଏନେଇ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସାହୁ କହିଛନ୍ତି। ସୂଚନାଯୋଗ୍ୟ, ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ବିଏମସି ନାନା ପଦକ୍ଷେପ ନେଉଛି। ଦେଶର ୧୦୦ ପ୍ରମୁଖ ସହର ମଧ୍ୟରେ ହେଉଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଗତ ବର୍ଷ ବିଏମସି ଉତ୍ତମ ପ୍ରଦର୍ଶନ କରିଥିବାବେଳେ ଚଳିତବର୍ଷ ଏହି ପ୍ରଦର୍ଶନକୁ କିପରି ଆହୁରି ଭଲ କରି ହେବ ସେ ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଜଣେ ମୃତ

**ଖୋର୍ଦ୍ଧା ଅଫିସ/ଜଟଣୀ, ୨୦।୨ (ଡି.ଏନ୍.ଏ.):** ଟ୍ରେନ୍ ଧକ୍କାରେ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବେଙ୍ଗିଟାଙ୍ଗୀ ଅଞ୍ଚଳର ତ୍ରିନାଥ ସେଠୀ(୪୫)। ସୂଚନା ମୁତାବକ, ନୟାଗଡ଼ ଟାଉନ-ଭୁବନେଶ୍ୱର ଏକ୍ସପ୍ରେସ୍ ଟ୍ରେନ୍ ଖୋର୍ଦ୍ଧା ଟାଉନ ପ୍ରବେଶ କରିବା ବେଳେ ବେରୁଆଁ ନିକଟରେ ତ୍ରିନାଥ ରେଳଧାରଣା ପାର ହେଉଥିଲେ। ଫଳରେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଖୋର୍ଦ୍ଧାରୋଡ୍ ଜିଆର୍‌ପିରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଆର୍‌ପି ଥାନା ଅଧିକାରୀ ଧରଣୀଧର ପ୍ରଧାନ କହିଛନ୍ତି।

### ମନ୍ଦିର ପରିସରରୁ ମିଳିଲା ଭ୍ୟାନିଟ ବ୍ୟାଗ୍

**ଖୋର୍ଦ୍ଧା ଅଫିସ,୨୦।୨:** ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ପଲଟନ ପଡ଼ିଆସ୍ଥିତ ଚନ୍ଦ୍ର ଶେଖର ମନ୍ଦିର ପ୍ରାଙ୍ଗଣରୁ ରବିବାର ଏକ ଭ୍ୟାନିଟ୍ ବ୍ୟାଗ୍ ମିଳିଛି। କୌଣସି ମହିଳା ଶ୍ରଦ୍ଧାଳୁ ମନ୍ଦିର ପରିସରକୁ ଆସିଥିବା ସମୟରେ ଛାଡ଼ିଦେଇ ଯାଇଛନ୍ତି। ଉକ୍ତ ବ୍ୟାଗରେ ମୂଲ୍ୟବାନ ସାମଗ୍ରୀ ରହିଛି। ଉପଯୁକ୍ତ ପ୍ରମାଣ ଦେଇ ବ୍ୟାଗଟିକୁ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କଠାରୁ ନେବାକୁ ଅନୁରୋଧ କରାଯାଇଛି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୃଷ୍ଣପ୍ରସାଦ,୨୦।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଉଠାଣିକୁଦା ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଆରମ୍ଭ ହୋଇଛି। ଏହି ଉତ୍ସବ ୫ ଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ପ୍ରତିଷ୍ଠା ଉତ୍ସବ ନିମନ୍ତେ ୧୦୮ କଳସ ଶୋଭାଯାତ୍ରାରେ ମହିଳା ଓ ପୁରୁଷ ସାମିଲ ହୋଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପୁରୀ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ଗୁରୁଦେବ କୁଟୀର ଆଶ୍ରମର ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ଆୟୋଜନ କରାଯାଇଛି। ୧୦ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ଉଠାଣିକୁଦା ଗ୍ରାମ୍ୟ କମିଟି ସଭାପତି ମେଘନାଦ ପ୍ରଧାନ, ସମ୍ପାଦକ ବିଜୟ ପ୍ରଧାନ, ଶିବରାମ ପ୍ରଧାନ, ପ୍ରଭାକର ପ୍ରଧାନ, ରାଜକିଶୋର ପ୍ରଧାନ, ଅଜୟ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ଭ୍ରମର ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଗମ୍ଭାରୀମୁଣ୍ଡା,୨୦।୨(ଡି.ଏନ୍.ଏ.):** ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦସ୍ଥିତ ବଙ୍କାଡ଼ଗଡ଼ର ବାବା ସ୍ୱପ୍ନେଶ୍ୱର ଦେବଙ୍କ ପୀଠରେ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ପାରିକୁଦ ରାଜା ସନ୍ତୋଷ କୁମାର ଦେଓ ଉପସ୍ଥିତ ରହି ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳାରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଥିବା ମନ୍ଦିର କମିଟି କର୍ମକର୍ତ୍ତା କହିଛନ୍ତି।

# ରାସ୍ତାରେ ଅଳିଆ ପକାଇଲେ ଜରିମାନା

**ଖୋର୍ଦ୍ଧା ପୌର ପରିଷଦ ୧୦ମ ବୈଠକ**
- ସହରରୁ ଅଳିଆ ହଟୁନି, ବଢୁଛି ଅସନ୍ତୋଷ
- ଉଠା ଦୋକାନୀ ଆଗକୁ ବଢ଼ିଲେ କାର୍ଯ୍ୟାନୁଷ୍ଠାନ
- ବେପାରୀଙ୍କଠାରୁ ୫୦ ଲକ୍ଷ ଟଙ୍କା ଆଦାୟ ହୋଇନି

**ଖୋର୍ଦ୍ଧା ଅଫିସ,୨୦।୨**



ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ପୌର ପରିଷଦ(କେଏମ୍‌ସି)ର ଦଶମ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ କାଉନ୍‌ସିଲରମାନେ ବିଭିନ୍ନ ସମସ୍ୟା ଉପରେ ପ୍ରଶ୍ନ ଉଠାଇଥିଲେ। ସ୍ୱଚ୍ଛତା, ପରିମଳ, ଡ୍ରେନେଜ୍ ବିପର୍ଯ୍ୟସ୍ତ ନେଇ କାଉନ୍‌ସିଲରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସାହିଗଳିରୁ ଅଳିଆ ହଟୁନି। ସହରର ପ୍ରମୁଖ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସ୍ଥାନରେ ଅଳିଆ ପାହାଡ଼ ଭଳି ଗଦାହୋଇ ରହୁଛି। ଅଳିଆ ଉଠାଇବା ପାଇଁ କିଣାଯାଇଥିବା ବ୍ୟାଟେରି ଗାଡ଼ି ଅଚଳ ହୋଇ ପଡ଼ିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ୟାଟେରି ଗାଡ଼ି ଖତଖାଉଛି। ଛୁଟିଦିନରେ ଅଳିଆ ଉଠୁନି। ଦୀର୍ଘଦିନ ଧରି ଡ୍ରେନ୍ ସଫା ନ ହେବା ଫଳରେ ଅଳିଆ ଆବର୍ଜନା ଜମି ପଚିଶଢ଼ି ଗନ୍ଧ ହେଉଛି। ସହରର ପରିମଳ ଲାଗି ହୋଇଥିବା ଟେଣ୍ଡର ଅବଧି ସରି ୨ ବର୍ଷ ବିତିଲାଣି, କିନ୍ତୁ ନୂତନ ଟେଣ୍ଡର କରାଯାଉନାହିଁ। ବିନା ଟେଣ୍ଡରରେ କାମ ଚାଲିଛି। ପୌର ପରିଷଦ ଅଧୀନରେ ରହିଥିବା କ୍ୟାବିନ୍ ବ୍ୟବସାୟୀଙ୍କଠାରୁ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବକେୟା ଟଙ୍କା ଆଦାୟ କରାଯାଇ ନ ଥିବା ବେଳେ ଫୁଟ୍‌ପାଥ୍ ବ୍ୟବସାୟୀ, ଉଠା ଦୋକାନୀଙ୍କଠାରୁ ଦୈନିକ ଆଦାୟ ଟଙ୍କା କୁଆଡ଼େ ଯାଉଛି। ଆଦାୟ ଟଙ୍କା ପୌର ପ୍ରଶାସନର କେଉଁ ଆକାଉଣ୍ଟରେ ଜମା କରାଯାଉଛି ବୋଲି କେତେଜଣ କାଉନ୍‌ସିଲର ପ୍ରଶ୍ନ କରିଥିଲେ। ୧୨ନଂ. ୱାର୍ଡ ଅଧୀନ ଟିଏଲ୍‌ସି ରୋଡ୍‌ରେ ମୁକ୍ତା ଯୋଜନାରେ ୧୫ଟି ଘର ପାଇଁ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଥମ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ କାମ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ହଠାତ୍ କେତେଜଣ ବ୍ୟବସାୟୀ, ସ୍ଥାନୀୟ ଏକ ଅନୁଷ୍ଠାନ ବିରୋଧ କରିବାକୁ ନେଇ ତହସିଲଦାର ଏହାକୁ ଅଧାରୁ ବନ୍ଦ କରିଦେଇଥିଲେ। ଏନେଇ ଉପାଧ୍ୟକ୍ଷା ତଥା ୧୨ନଂ. କାଉନ୍‌ସିଲର ସୌର୍ଯ୍ୟରଞ୍ଜନ ମହାନ୍ତି ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସହରରେ ଏକାଧିକ ଜମି ଜବରଦଖଲରେ ରହିଛି। ଫଳରେ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ସହରରେ ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ଡ୍ରେନ୍‌କୁ ଅବରୋଧ କରି ବେପାର କରୁଥିବା ଉଠାଦୋକାନୀ ଏବଂ ରାସ୍ତାକୁ ଅବରୋଧ କରି ପସରା ମେଲାଇଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯିବ। ଏଥିଲାଗି ପୌର ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ ମଧ୍ୟ କରାଯାଇଛି। ଏଣିକି ଆଗକୁ ବଢ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋକାନ ବଜାରରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ରାସ୍ତା ଉପରେ ନ ପକାଇ ଅଳିଆ ଗାଡ଼ିରେ ଦେବେ। ଏଥିରେ ଖିଲାପ କଲେ ବର୍ଜ୍ୟବସ୍ତୁ ନିୟମ-୨୦୧୬ ପ୍ରକାରେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ନିର୍ବାହୀ ଅଧିକାରୀ ରିଜ୍‌ୱାନା କିଅକବ୍, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।

### କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ପ୍ରସଙ୍ଗ ଉଠିଲାନି

କ୍ୟାବିନ ବ୍ୟବସାୟୀଙ୍କ ଥଇଥାନ ଲାଗି ବୈଠକରେ କୌଣସି ଆଲୋଚନା କରାଯାଇନାହିଁ। ଦୀର୍ଘ ୨୦ବର୍ଷ ଧରି ପୌର ପ୍ରଶାସନ ପକ୍ଷରୁ ଏନେଇ ବାଦବିବାଦ ଲାଗିରହିଥିବା ବେଳେ ଉକ୍ତ ପ୍ରସଙ୍ଗ ବୈଠକରେ ସ୍ଥାନ ନ ପାଇବା ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ନିକଟରେ ଦୁଇ ବିଧାୟକ, ପୌର ଓ ଜିଲା ପ୍ରଶାସନ ଏବଂ ବ୍ୟବସାୟୀ ସଂଘ, ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ କ୍ୟାବିନ ବ୍ୟବସାୟୀ ଏବଂ ଉଠା ଦୋକାନୀଙ୍କ ଥଇଥାନ ନେଇ ଆଲୋଚନା ହୋଇଥିଲା। ତେବେ ବୈଠକ ପରେ ପ୍ରଶାସନିକସ୍ତରରେ କ'ଣ ନିଷ୍ପତ୍ତି ନିଆଯାଇଛି, ଆଗାମୀ ଯୋଜନା କ'ଣ କରାଯାଇଛି, ସେ ସମ୍ପର୍କରେ ପୌର କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

### ଉଦ୍‌ଘାଟନ ପରଠୁ ତାଲା ଝୁଲୁଛି

ସହରରେ ପବ୍ଲିକ୍ ଶୌଚାଳୟଟିଏ ନାହିଁ। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ଏକାଧିକ ଶୌଚାଳୟ(ଲୁ) ନିର୍ମାଣ କରାଯାଇଛି। ଉଦ୍‌ଘାଟନ ପରଠାରୁ ସେଥିରେ ତାଲା ଝୁଲୁଛି। ଏନେଇ କେତେଜଣ ଜନପ୍ରତିନିଧି ପ୍ରଶ୍ନ କରିଥିଲେ। ପୂର୍ବରୁ ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ତୁରନ୍ତ ଶୌଚାଳୟ ନିର୍ମାଣ ପାଇଁ ଟେଣ୍ଡର କରିବା ଲାଗି ଦାବି କରିଛନ୍ତି।

## ୯ ବାଇକ୍ ଜବତ, ୨ ଗିରଫ



**ଖୋର୍ଦ୍ଧା ଅଫିସ,୨୦।୨**

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୯ଟି ଚୋରା ବାଇକ୍ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ ବାଜପୁର ଗ୍ରାମର କିରଣ କୁମାର ଜେନା(୨୫) ଏବଂ ନାରାୟଣ ବେହେରା (୨୯)। ସୂଚନା ମୁତାବକ, ମଲିପୁର ଗ୍ରାମର ସତ୍ୟ ରଞ୍ଜନ ନାୟକ ଗତ ୫ ତାରିଖ ସନ୍ଧ୍ୟାରେ ନୂଆବସଷ୍ଟାଣ୍ଡ ନିକଟରେ ବାଇକ ରଖି କୌଣସି କାମ କରୁଥିବାବେଳେ ତାଙ୍କ ବାଇକ ଚୋରି ହୋଇଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୯୩/୨୩) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ତଦନ୍ତ ବେଳେ ନାରାୟଣଙ୍କୁ ପୋଲିସ ପ୍ରଥମେ ଧରିଥିଲା। ପରେ ମୁଖ୍ୟ ଅଭିଯୁକ୍ତ କିରଣ ଧରାପଡ଼ିଥିଲା। ସେମାନଙ୍କଠାରୁ ସତ୍ୟରଞ୍ଜନଙ୍କ ବାଇକ୍ ସମେତ ୯ଟି ବାଇକ୍ ଜବତ ହୋଇଛି।



**ଖୋର୍ଦ୍ଧା:** ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ବିଦ୍ୟୁତ୍ ପରିଚାଳନା କମିଟି ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ଅନ୍ୟମାନେ।

## ଜିଲାସ୍ତରୀୟ ବିଦ୍ୟୁତ୍ ପରିଚାଳନା କମିଟି ବୈଠକ

**ଖୋର୍ଦ୍ଧା ଅଫିସ,୨୦।୨**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ବିଦ୍ୟୁତ୍ ପରିଚାଳନା କମିଟିର ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ୍ ସୁପରିଚାଳନା ନେଇ ଆଲୋଚନା ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟଙ୍କ ସମେତ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ



ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଜଟଣୀ,୨୦।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଭାରତୀୟ ଜନତା ପାର୍ଟି (ଭାଜପା) ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ହରିଭାଇନା ଛକଠାରୁ ଏକ ପଦଯାତ୍ରା ବାହାରି ସହର ମୁଖ୍ୟରାସ୍ତା ଦେଇ ଜଟଣୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରକୃତ ହତ୍ୟାକାରୀ ଧରା ନ ପଡ଼ିବା ଓ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ନାରାବାଜି କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏହି ଅବସରରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପଦଯାତ୍ରାରେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ଜିଲା ଭାଜପା ସଭାପତି ରଶ୍ମି ମହାପାତ୍ର, ଜିଲା ଭାଜପା ଉପସଭାପତି ଡାକ୍ତର ବେହେରା, ଜିଲା ଭଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ, ଜଟଣୀ ନଗର ଯୁବମୋର୍ଚ୍ଚା ସଭାପତି ନାଗଭୂଷଣ ରାୟ, ଜଟଣୀ ଭାଜପା ମଣ୍ଡଳ ସଭାପତି ତିରୁପତି ଶତପଥୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

## ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ

**ଜଟଣୀ,୨୦।୨(ଡି.ଏନ୍.ଏ.)**



ଗିରଫ ୨ ଅଭିଯୁକ୍ତ ଏବଂ ଜବତ ବ୍ରାଉନ୍‌ସୁଗାର ଓ ମୋବାଇଲ।

ବ୍ରାଉନ୍‌ସୁଗାର ବିକ୍ରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରାଜାବାଜର ଖୁଣ୍ଟିଆ ଗଳି ଅଞ୍ଚଳର ରାକେଶ କୁମାର ହରିଚନ୍ଦନ ଓରଫ ଦିପୁ(୨୯) ଏବଂ କୁସୁମାଟି ଟାଙ୍ଗୀସାହିର ଲୋକନାଥ ମହାପାତ୍ର ଓରଫ ଲୋକ(୨୯)। ଏମାନଙ୍କଠାରୁ ୫.୫ ଗ୍ରାମ୍ ବ୍ରାଉନ୍‌ସୁଗାର, ଦୁଇଟି ମୋବାଇଲ ଫୋନ୍ ଓ ଗୋଟିଏ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୯/୨୩) ରୁଜୁ ହୋଇଛି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବରପାଇ ଜଟଣୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କୁଦିଆରୀ ଏମ୍‌ଇ ସ୍କୁଲ ପଡିଆରେ ଚଢ଼ାଉ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସାମଗ୍ରୀ ଜବତ କରିଥିଲା। ଏମାନେ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ଜଟଣୀ ଅଞ୍ଚଳରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ପୂର୍ବରୁ ଅଭିଯୁକ୍ତ ଲୋକନାଥଙ୍କ ନାମରେ ଜଟଣୀ ଥାନାରେ ଦୁଇଟି ମାମଲା ରହିଛି।

## ଏକାଠି ହୋଇ ପୁରୁଣା ସ୍ମୃତି ମନେପକାଇଲେ

**ଖୋର୍ଦ୍ଧା ଅଫିସ,୨୦।୨**

ଖୋର୍ଦ୍ଧା ବଚ୍ଛି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୯୮୨ ବ୍ୟାଚ୍‌ର ଛାତ୍ରମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୧ ବର୍ଷ ପରେ ପୁରୁଣା ବନ୍ଧୁ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଭିକାରୀ ସାହୁ, ପ୍ରକାଶ ନାୟକ, ସନ୍ତୋଷ ପୃଷ୍ଟି, ସମୀର ମହାପାତ୍ର, ସୋମେରେନ୍ଦ୍ର ମିଶ୍ର, ସୟଦ ଲିଆକତ୍ ଅଲ୍ଲୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଦୁରାବରକୁ ହରାଇ ତୋଟାପଡ଼ା ଚାମ୍ପିୟନ

**ନିରାକାରପୁର,୨୦।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ପ୍ରସନ୍ନ ପାଟ୍ଟଶାଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ୨ୟ ବାର୍ଷିକ ଦିବାରାତ୍ର ଗୁରୁ ପ୍ରସାଦ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ୟଙ୍ଗଷ୍ଟାର କ୍ରିକେଟ୍ ନିରାକାରପୁର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ତହସିଲଦାର ଜନ୍ମେଜୟ ସାହୁ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୧୬ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ବାଦୁରାବର କ୍ଲବ ଓ ତୋଟାପଡ଼ା କ୍ଲବ ମଧ୍ୟରେ ହୋଇଥିଲା। ବାଦୁରାବର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୩୨ ରନ୍ ସଂଗ୍ରହ କରିଥିଲା।

ଜବାବରେ ତୋଟାପଡ଼ା ୫ ଓଭରରେ ୭ ଉଇକେଟ୍ ହରାଇ ୩୩ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବିଶ୍ୱଭୂଷଣ ସାମନ୍ତରା, ସୌମେନ୍ଦ୍ର ବାରିକ, ମାନସ ପଟ୍ଟନାୟକ, ଜୀବନ ରଶ୍ମି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ନା ମାନ୍ଧାତା, ରବୀନ୍ଦ୍ର କୁମାର ରାଉତରାୟ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ସମିତିସଭ୍ୟ ବିକାଶ ନାୟକ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ପ୍ରଶାନ୍ତ ସାହୁ, ରମେଶ ବିଶ୍ୱାଳ, ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଟାଙ୍ଗୀ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ହୃଷୀକେଶ ରାଉତରାୟ, ସୁକାନ୍ତ ବେହେରା, ପ୍ରଭାତ ସ୍ୱାଇଁ, ନବଘନ ପରିଡ଼ା, ରାମକୃଷ୍ଣ ପଟ୍ଟନାୟକ, ଛବିରାମ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଏଥିସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦିବାକର ରାଉତରାୟ, ରାଜେଶ ସାହୁ, ଆର୍ତ୍ତତ୍ରାଣ ରାଉତରାୟ, ଲାଲୁ ଦାସ, ବାପି ପ୍ରଧାନ, ଲିପନ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କ ଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ପାକ୍ସ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା

**ବୋଲଗଡ଼,୨୦।୨(ଡି.ଏନ୍.ଏ.)**



ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଶ୍ରୀଚନ୍ଦନପୁର ପାଟଣା ସେବା ସମବାୟ ସମିତି ଲିଃ. (ପାକ୍ସ)ର ଅନେକ ଚାଷୀଙ୍କ ଟୋକନ ଅବଧି ଶେଷହେବାକୁ ସ୍ୱଳ୍ପ ଦିନ ରହିଛି। ଉକ୍ତ ଚାଷୀଙ୍କ ଟୋକନ ଅବଧି ଶେଷ ହେବା ପୂର୍ବରୁ ତୁରନ୍ତ ଟାର୍ଗେଟ୍ ଆସିବା ଦାବିରେ ସୋମବାର ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଥିଲେ। ଟାର୍ଗେଟ୍ ନ ଆସିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚାଷୀଙ୍କ ସହିତ ପାକ୍ସର ପରିଚାଳନା ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ଚେତାବନୀ ଦେଇଛନ୍ତି। ଟାର୍ଗେଟ୍ ଦେବା ପାଇଁ ସଭାପତି ରାଉତରାୟ ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ (ସିଏସ୍‌ଓ)ଙ୍କୁ ଭେଟି ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ।

ପ୍ରକାଶ ଯେ, ଏହି ସମିତି ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ କରିଥିବା ଚାଷୀଙ୍କ ମଧ୍ୟରୁ ୧୪୭ ଚାଷୀଙ୍କ ପାଇଁ ୪ ହଜାର ୩୩ କୁଇଣ୍ଟାଲ ଟାର୍ଗେଟ ଆବଶ୍ୟକ। ଏମାନଙ୍କ ମଧ୍ୟରୁ ଗତ ଜାନୁୟାରୀ ୨୪ରେ ୧୪ ଜଣ ଚାଷୀଙ୍କ ୬ ଶହ ୭୪ କୁଇଣ୍ଟାଲ, ୨୬ ତାରିଖରେ ୩୭ ଚାଷୀଙ୍କ ୧୧୬୩ କୁଇଣ୍ଟାଲ, ୩୧ ତାରିଖରେ ୫୨ ଚାଷୀଙ୍କ ପାଇଁ ୧୧୬୩ କୁଇଣ୍ଟାଲ, ଫେବୃୟାରୀ ୨ରେ ୪୨ ଜଣଙ୍କ ପାଇଁ ୧ ହଜାର କୁଇଣ୍ଟାଲ, ୭ ତାରିଖରେ ଜଣେ ଚାଷୀଙ୍କ ପାଇଁ ୮ କୁଇଣ୍ଟାଲ ଏବଂ ୧୬ ତାରିଖରେ ଜଣେ ଚାଷୀଙ୍କ ଲାଗି ୨୫ କୁଇଣ୍ଟାଲ ଧାନ ଏହି ମଣ୍ଡିରେ କ୍ରୟ କରାଯିବ ବୋଲି ମେସେଜ୍ ଆସିଥିଲା। ମେସେଜ୍ ଆସିଥିବା ଧାର୍ଯ୍ୟ ତାରିଖଠାରୁ ସମ୍ପୃକ୍ତ ଚାଷୀଙ୍କ ଟୋକନ ଅବଧି ଏକ ମାସ ରହିଛି। ଗତ ଜାନୁୟାରୀ ୨୪ରୁ ଚାଷୀମାନେ ଟାର୍ଗେଟ ନ ଆସିବାରୁ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ଟୋକନ ଲାପ୍ସ ଅବଧି ଆଉ ମାତ୍ର ଦୁଇଦିନ ରହିଥିବା ବେଳେ ଅନ୍ୟମାନଙ୍କର ଯଥାକ୍ରମେ ୪ ଦିନ, ୮ ଦିନ, ୧୧ ଦିନ ଓ ୧୨ ଦିନ ରହିଛି। ଏନେଇ ଟୋକନ ଲାପ୍ସ ହେବାର ଭୟ ଚାଷୀଙ୍କୁ ଘାରିଛି। ଏପରି କି ଟାର୍ଗେଟ୍ ନ ଥିବାରୁ ଚାଷୀଙ୍କ ଧାନ କିଣାଯାଉନାହିଁ। ଏ ସମ୍ପର୍କରେ ସିଏସ୍‌ଓ ମୁର୍ମୁ କୁହନ୍ତି, ଧାନ କିଣିବା ପାଇଁ ଆଉ ଟାର୍ଗେଟ୍ ନାହିଁ। ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛୁ। ଟାର୍ଗେଟ୍ ଆସିଲେ ଧାନ କିଣାଯିବ ବୋଲି କହିଥିଲେ।

**ଧାନକିଣା ଟାର୍ଗେଟ୍ ନ ଆସିଲେ ଆନ୍ଦୋଳନ**

## ସଂକ୍ଷେପରେ

### ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେବେ ୧,୦୪,୨୮୯ ବିଦ୍ୟାର୍ଥୀ

କଟକ ଅଫିସ,୨୦।୨- ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ନିମନ୍ତେ ସୋମବାର ଆଡମିଟ କାର୍ଡ ପ୍ରକାଶ ପାଇଛି। ଫର୍ମପୂରଣ କରିଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟରେ ନିଜ ନାମ, ବାପାଙ୍କ ନାମ ଏବଂ ଷ୍ଟେଜ-୧ କିମ୍ବା ୨ ଚୟନ କରି ଆଡମିଟ୍ କାର୍ଡ ପାଇପାରିବେ। ଚଳିତଥର ଷ୍ଟେଜ-୧ ଅର୍ଥାତ ଷଷ୍ଠ ଶ୍ରେଣୀ ନିମନ୍ତେ ୫୬ହଜାର ୬୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିଭଳି ଷ୍ଟେଜ-୨ ଅର୍ଥାତ ନବମ ଶ୍ରେଣୀ ନିମନ୍ତେ ୪୮ ହଜାର ୨୨୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମୋଟ ୧ ଲକ୍ଷ ୪ ହଜାର ୨୮୯ଜଣ ପରୀକ୍ଷାର୍ଥୀଙ୍କ ପାଇଁ ବୋର୍ଡ ପକ୍ଷରୁ ୫୭୭ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ଆସନ୍ତା ୨୪ ତାରିଖଠାରୁ ପରୀକ୍ଷାକେନ୍ଦ୍ରର ଅଧୀକ୍ଷକମାନେ ପରୀକ୍ଷାର୍ଥୀଙ୍କ ରୋଲ ସିଟ ଏବଂ ଆଟେଣ୍ଡାଣ୍ଟ ସିଟ ଡାଉନଲୋଡ କରିପାରିବେ ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

### କାରଖାନା ଷ୍ଟୋରରୁ ସିମେଣ୍ଟ ଚୋରି

ଖୁଣ୍ଟୁଣୀ,୨୦।୨(ଡି.ଏନ୍.ଏ.): ଗୁରୁଡ଼ିଝାଟିଆ ଥାନା କୋଳଥପଙ୍ଗି ନିକଟ ଏକ ସିମେଣ୍ଟ କାରଖାନାର ଷ୍ଟୋର ଘରୁ ରବିବାର ରାତିରେ କେହି ଦୁର୍ବୃତ୍ତ ୨୫ ବସ୍ତାରୁ ଊର୍ଦ୍ଧ୍ୱ ସିମେଣ୍ଟ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ନେଇ ପୋଲିସ ନଂ.୧୭/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାର ତଦନ୍ତକାରୀ ଅଧିକାରୀ ସଂଯୁକ୍ତା ଖିଲାର କହିଛନ୍ତି। ପ୍ରକାଶ ଯେ, ନୂତନ ଭାବେ ଅଲ୍ଟ୍ରାଟେକ କାରଖାନାରୁ ଉତ୍ପାଦିତ ସିମେଣ୍ଟ ନିକଟସ୍ଥ ଏକ ଷ୍ଟୋରରେ ରଖାଯାଇଥିଲା। ହେଲେ ରାତିରେ କେହି ଦୁର୍ବୃତ୍ତ ପାଚେରି ଡେଇଁ ସିମେଣ୍ଟ ଚୋରି କରିନେଇଯାଇଥିଲା। ପରେ ସୁପରଭାଇଜର ଆସି ଦେଖିବା ବେଳେ ସିମେଣ୍ଟ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ମା'ଗୌରୀଙ୍କ ନୂତନ ବିଗ୍ରହ ପାଇଁ କଳସ ଯାତ୍ରା

ଖୁଣ୍ଟୁଣୀ,୨୦।୨( ଡି.ଏନ୍.ଏ.)- ଆଠଗଡ଼ ବ୍ଲକ ଓରନ୍ଦା ଗ୍ରାମର ଆରାଧ ପ୍ରଭୁ ଶ୍ରୀ ସମ୍ପେଶର ମହାଦେବଙ୍କ ମନ୍ଦିର ପରିସରରେ ଜଗତଜନନୀ ମା'ଗୌରୀ ଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏହି କଳସ ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ ପୁଷ୍କରିଣୀରୁ ପୂର୍ଣ୍ଣକୁମ୍ଭ ଜଳ ଧରି ଗ୍ରାମ ପରିକ୍ରମା କରି ମନ୍ଦିର ପରିସର ପହଞ୍ଚି କଳସ ସ୍ଥାପନା କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଉତ୍ସବ ବୁଧବାର ପୂର୍ଣ୍ଣାହୁତି ହେବ ବୋଲି ଓରନ୍ଦା ଗ୍ରାମବାସୀ କହିଛନ୍ତି। ପ୍ରତିଷ୍ଠା ଉତ୍ସବରେ ଗ୍ରାମବାସୀଙ୍କ ପକ୍ଷରୁ ମୁରଲୀଧର ବେଉରା ଓ ତାଙ୍କ ସ୍ତ୍ରୀ କର୍ତ୍ତାକର୍ତ୍ତି ଭାବେ ଦାୟିତ୍ୱ ନିର୍ବାହ କରିବେ। ଗ୍ରାମର ମୁରବୀଙ୍କ ସହିତ ଯୁବକମାନେ ଏହି ଆଧାତ୍ମିକ କାର୍ଯ୍ୟକୁ ପରିଚାଳନା କରୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସୁନାମଧନ୍ୟ ବାଳକ ପ୍ରବକ୍ତା କେଶବ ଚନ୍ଦ୍ର ଦ୍ୱିତୀକୃଷ୍ଣ ପ୍ରବଚନ କରିବେ। ବୁଧବାର କଣ୍ଠଶିଳ୍ପୀ କୁମାର ବାପି ଓ ତାଙ୍କ ସହଯୋଗୀ ଭଜନ ପରିବେଷଣ କରିବେ।

# ସଫେଇ କର୍ମଚାରୀଙ୍କ ଦାବି ଶୁଣୁନି ସିଏମ୍‌ସି

କଟକ ଅଫିସ,୨୦।୨



ବିଭିନ୍ନ ଦାବି ନେଇ ସଫେଇ କର୍ମଚାରୀମାନେ ସିଏମ୍‌ସିର ବିଜୁ ଭବନ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ।

ଓଡ଼ିଶା ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘର ସଦସ୍ୟମାନେ କଟକ ମହାନଗର ନିଗମ (ସିଏମ୍‌ସି)ର ବିଜୁଭବନ କାର୍ଯ୍ୟାଳୟ ସମ୍ମୁଖରେ ଗତ ମଙ୍ଗଳବାରଠାରୁ ଆମରଣ ଅନଶନରେ ବସିଛନ୍ତି। ଇତି ମଧ୍ୟରେ ୭ଦିନ ବିତିଯାଇଥିଲେ ବି ସିଏମ୍‌ସି କର୍ତ୍ତୃପକ୍ଷ ଧାରଣାରତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ ସୋମବାର ଧାରଣାରତ ସଫେଇ କର୍ମଚାରୀ ଓ ପୋଲିସ ମୁହାଁମୁହିଁ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। ସଫେଇ କର୍ମଚାରୀଙ୍କ ମଧ୍ୟରୁ ଜଣେ ଧାରଣାସ୍ଥଳରେ ଅସୁସ୍ଥ ହେବା କରାଣରୁ ସିଟି ହସ୍ପିଟାଲ ନିଆଯାଇଛି।

କାର୍ଯ୍ୟରତ ସଫେଇ କମର୍ଚାରୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ କମିଶନରଙ୍କୁ ଅବଗତ କରିବା ସହ ଦିନକୁ ଗୋଟିଏ ଓଳି ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର କରିବାକୁ ପୂର୍ବରୁ ଦାବି କରିଥିଲେ। ଯଦି ଆସନ୍ତା ୭ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ, ତା'ହେଲେ ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ୧୦ଦିନ ପରେ ବି ସିଏମ୍‌ସି ପକ୍ଷରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ବାଧ୍ୟ ହୋଇ କର୍ମଚାରୀମାନେ ୧୪ ତାରିଖଠାରୁ ଆମରଣ ଅନଶନରେ ବସିଥିଲେ। ତଥାପି କର୍ତ୍ତୃପକ୍ଷ ଶୁଣୁ ନ ଥିବାବେଳେ ଆସନ୍ତା ଦିନରେ ୮ଟି ଜିଲାର ସଫେଇ କର୍ମଚାରୀଙ୍କୁ ନେଇ ବିଧାନସଭା ଆଗରେ ଧାରଣା ସହ ନବୀନ ନିବାସ ପର୍ଯ୍ୟନ୍ତ ଆନ୍ଦୋଳନକୁ ସଂଘ ଓହ୍ଲାଇବ ବୋଲି ସଭାପତି ମୋହନ ନାୟକ ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, କଟକ ସହରର ପରିମଳ ଦାୟିତ୍ୱ ସିଏମ୍‌ସି ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀମାନେ ଦିନକୁ ଦୁଇ ଓଳି ସଫେଇ

**୭ଦିନରେ ପହଞ୍ଚିଲା ଧାରଣା**
- ଜଣେ ହସ୍ପିଟାଲରେ ଭର୍ତ୍ତି
- ଆଗକୁ ବିଧାନସଭା ଆଗରେ ଧାରଣା ଚେତାବନୀ

କରୁଛନ୍ତି। କିନ୍ତୁ ଠିକାଦାରମାନେ ଶ୍ରମ ଆଇନର ଖିଲାପ କରି ଶୋଷଣ କରୁଥିବା ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଦୁଇ ଓଳି କାମ କରୁଥିଲେ ମଧ୍ୟ ଗୋଟିଏ ଓଳିର ଦରମା ଦିଆଯାଉଛି। ଏଥିସହ ପିଏଫ୍ କିମ୍ବା ଇଏସ୍‌ଆଇର ସୁବିଧା ମଧ୍ୟ ନାହିଁ। ଏହାର ପ୍ରତିବାଦ କଲେ ଠିକାଦାର ଏବଂ କର୍ପୋରେଟରମାନେ ଗାଳିଗୁଲଜ କରିବା ସହ କାମରୁ ବାହାର କରିଦେବାକୁ ଧମକ ଦେଇଥିବା ସଫେଇ କର୍ମଚାରୀ କହିଛନ୍ତି। ପୂର୍ବରୁ ଗୋଟିଏଥର ଏଭଳି ଘଟଣାକୁ ନେଇ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସିଏମ୍‌ସି ପକ୍ଷରୁ ଆଲୋଚନା କରାଯାଇ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୁଇମାସ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଭାପତି ନାୟକ କହିଛନ୍ତି।


କଟକ ମିଶନରୋଡ ପାର୍ଶ୍ୱରେ ଜଣେ ବ୍ୟବସାୟୀ ତରଭୁଜ ବିକ୍ରି ପାଇଁ ସଜେଇ ରଖୁଛନ୍ତି ।

# ବାହାର ଅଞ୍ଚଳର ରହିଛି ଅଧିକ ଆକାଉଣ୍ଟ

କଟକ ସଦର,୨୦।୨(ଡି.ଏନ୍.ଏ.):

**କନ୍ଦରପୁର ସମବାୟ ମିନି ବ୍ୟାଙ୍କ ଅର୍ଥ ହଡ଼ପ ମାମଲା**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ମିନି ବ୍ୟାଙ୍କରେ ଅର୍ଥ ହଡ଼ପ ମାମଲାର ତଦନ୍ତ ସମବାୟ ଆଇନ ଧାରା ୬୫ରେ ଶେଷ ହୋଇଛି। ଏଥିରେ ସମବାୟ ସମିତି ସେବା କ୍ଷେତ୍ର ଅଞ୍ଚଳ ଅପେକ୍ଷା ବାହାର ଅଞ୍ଚଳର ଅଧିକ ଜମାକାରୀ ଥିବା ଜଣାପଡ଼ିଛି। ଏହି ଜମାକାରୀମାନେ ବହୁ ଟଙ୍କା ଜମା କରିଛନ୍ତି। ସମବାୟ ନିୟମ ମୁତାବକ, କେବଳ ସମବାୟ ସମିତିର ସଭ୍ୟାସଭ୍ୟ ଚାଷୀମାନେ ମିନି ବ୍ୟାଙ୍କରେ ଆକାଉଣ୍ଟ ଖୋଲିପାରବେ। ଏହି ନିୟମ ଅନୁଯାୟୀ କନ୍ଦରପୁର ସମବାୟ ମିନି ବ୍ୟାଙ୍କରେ କନ୍ଦରପୁର, ଫକୀରପଡ଼ା ଓ ଆୟତପୁର ଅଞ୍ଚଳର ସଭ୍ୟ ଚାଷୀମାନେ ଆକାଉଣ୍ଟ କରିପାରିବେ। କିନ୍ତୁ ଏଠାରେ ଉକ୍ତ ନିୟମ ଉଲ୍ଲଂଘନ କରାଯାଇଛି। ଜଗତ୍‌ସିଂହପୁର ଜିଲାର ବିରିଡି ବ୍ଲକ ଅଞ୍ଚଳର ଲୋକମାନଙ୍କର ଅଧିକ ଜମାଖାତା ଥିବାରୁ କନ୍ଦରପୁର ବ୍ଲକ ଅଞ୍ଚଳର ସଭ୍ୟ ଚାଷୀମାନେ ଆକାଉଣ୍ଟ କରିପାରି ନାହାନ୍ତି। ସୂଚନାଯୋଗ୍ୟ, ୨୦୨୧ ଅକ୍ଟୋବରରେ ଉକ୍ତ ସମବାୟ ମିନି ବ୍ୟାଙ୍କରେ ଜମାକାରୀଙ୍କ ଅର୍ଥକୁ ହଡ଼ପ କରାଯାଇଥିବା ନେଇ କେତେଜଣ ଜମାକାରୀ ସମବାୟ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ସମବାୟ ବିଭାଗର ଏକ ତଦନ୍ତ କମିଟି ଗଠନ କରି ତଦନ୍ତ କରାଯାଇଥିଲା। ତେବେ ତଦନ୍ତରେ ୮୨ଲକ୍ଷ ୨୯୮୦ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା। ଏହି ତଦନ୍ତ ବେଳେ ସମସ୍ତ ଜମାକାରୀ କ୍ୟାଶିୟରଙ୍କୁ ଦୋଷାରୋପ କରିଥିଲେ। ହେଲେ ତଦନ୍ତକାରୀ ଟିମ୍ ଉକ୍ତ ବ୍ୟାଙ୍କର ଶାଖା ପରିଚାଳକ ଯିଏକି ୮୫ବର୍ଷର ବୟସ ସତ୍ତ୍ୱେ କାର୍ଯ୍ୟ କରୁଥିବା ନେଇ ରିପୋର୍ଟରେ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ନିଯୁକ୍ତି ଦେବା ଭଳି ନିୟମକୁ ଶୀଘ୍ର ଉଚ୍ଛେଦ ପାଇଁ ସାଧାରଣରେ ଦାବି ହେଉଛି। ଏଥିସହ ତଦନ୍ତରେ ବ୍ଲକ ବାହାର ଅଞ୍ଚଳର ଅଧିକ ଜମାକାରୀଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ସହକାରୀ ସମବାୟ ନିବନ୍ଧକ ଅନିମା ବେହେରାଙ୍କୁ ପଚାରିବାରୁ ଉପରୁ ଯାହା ନିର୍ଦ୍ଦେଶ ଆସିବ, ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

# ମହାନଦୀରେ ଥଣ୍ଟିଆ କୁମ୍ଭୀର



ମହାନଦୀରେ କୁମ୍ଭୀର ଦେଖାଯିବା ପରେ ସଚେତନତା ପୋଷ୍ଟର ଲଗାଇଛି ।

ଖୁଣ୍ଟୁଣୀ,୨୦।୨(ଡି.ଏନ୍.ଏ.)

**ପାଣିକୁ ନ ଯିବାକୁ ବନ ବିଭାଗର ସଚେତନ**

ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ଧବଳେଶ୍ୱର ପଠା ମହାନଦୀ ଜଳରେ ଏକ ଥଣ୍ଟିଆ କୁମ୍ଭୀର ବୁଲୁଥିବାର ଖୁଣ୍ଟୁଣୀ ବନ ବିଭାଗ ଜାଣିବାକୁ ପାଇଛି। ଏହି କୁମ୍ଭୀରଟି ନୂଆପଟଣା ମଧୁସୂଦନ ସେତୁ ପର୍ଯ୍ୟନ୍ତ ବିଚରଣ କରୁଥିବାରୁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ସୋମବାର ଏଥିନେଇ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ମହାନଦୀର ମଧୁସୂଦନ ସେତୁଠାରୁ ଧବଳେଶ୍ୱର ପଠା ଇଲାକାରେ ଏକ ଥଣ୍ଟିଆ କୁମ୍ଭୀର ବୁଲୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏନେଇ ଖୁଣ୍ଟୁଣୀ ବନ ବିଭାଗ ଜାଣିବା ପରେ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ବିଭାଗୀୟ କର୍ମଚାରୀମାନଙ୍କୁ ପଠାଇ କୁମ୍ଭୀରର ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନେ ଯେପରି ମହାନଦୀକୁ ଯିବା ପୂର୍ବରୁ ସତର୍କତା ଅବଲମ୍ବନ କରିବେ, ସେଥିପାଇଁ ମଞ୍ଜେଶ୍ୱର, ନୂଆପାଟଣା, କଖଡ଼ି, ନୂଆଡ଼ିହ, ନାରଙ୍ଗବସ୍ତ, ଲିଙ୍ଗାପଦା, ପ୍ରସନ୍ନପୁର ପ୍ରଭୃତି ନଦୀକୂଳ ଅଞ୍ଚଳରେ ବ୍ୟାନର ଲଗାଇବା ସହିତ ଡାକବାଜି ଯନ୍ତ୍ରରେ ପ୍ରଚାର କରି ଲୋକଙ୍କୁ ସଚେତନ କରାଇଥିବା ବନାଞ୍ଚଳ ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ସହାୟତା

ଚୌଦ୍ୱାର,୨୦।୨(ଡି.ଏନ୍.ଏ.):

ଅନୁଷ୍ଠାନ ୟୁଥ ଫର୍ ସେବା ତରଫରୁ ଚୌଦ୍ୱାର ପୌରପାଳିକା ୧୨ ନମ୍ବର ୱାର୍ଡ଼ର ଦିବ୍ୟାଙ୍ଗ ଦେବେନ୍ଦ୍ର ସାମଲଙ୍କୁ ସହାୟତା କରାଯାଇଛି। ସଂଗଠନର ସଦସ୍ୟମାନେ ସାମଲଙ୍କ ଘରେ ପହଞ୍ଚି ତାଙ୍କୁ ଗୋଟିଏ ହୁଇଲ ଚେୟାର ପ୍ରଦାନ କରିବା ସହିତ ତାଙ୍କ ପରିବାରକୁ ଏକ ମାସର ରାଶନ୍ ସାମଗ୍ରୀ ଦେଇଛନ୍ତି। ସୂଚନାଯୋଗ୍ୟ, ଦେବେନ୍ଦ୍ର ୨୦୦୨ରେ ଘର ଛାତରୁ ତଳକୁ ଖସି ପଙ୍ଗୁ ହୋଇଯିବା ସହିତ ଦୀର୍ଘଦିନ ହେବ ଶଯ୍ୟାଶାୟୀ ହୋଇ ରହିଛନ୍ତି। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ଚିକିତ୍ସା ସମ୍ଭବ ହୋଇପାରିଲା ନାହିଁ। ଏବେ ବୃଦ୍ଧା ବିଧବା ମା' ସହିତ ଓଟିଏମ୍‌ର ଭଙ୍ଗା ଘରେ ଭୋକ ଉପାସରେ କାଳ କାଟୁଛନ୍ତି। ତାଙ୍କୁ ଯଥାସାଧ୍ୟ ସହାୟତା ପ୍ରଦାନ କରାଯିବ ବୋଲି ୟୁଥ ଫର ସେବାର ସଦସ୍ୟମାନେ ପ୍ରକାଶ କରିବା ସହିତ ଏହି ଦୁଃସ୍ଥଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଅନିରୁଦ୍ଧ ମହାନ୍ତି, ଅନୀଲ ସାହୁ, ଉମାଚରଣ ସାହୁ, ପ୍ରମୋଦ ସାମଲ, ସନ୍ତୋଷ ଭୂୟାଁ, ସରୋଜ ବରାଳ ପ୍ରମୁଖ ନିବେଦନ କରିଛନ୍ତି।

# ହାଇକୋର୍ଟ ପକ୍ଷରୁ ୨୪ ଇ-ଲାଇବ୍ରେରି ଉଦ୍‌ଘାଟିତ

କଟକ ଅଫିସ,୨୦।୨:

ଓଡ଼ିଶା ହାଇକୋର୍ଟ ପକ୍ଷରୁ ୨୪ ଇ-ଲାଇବ୍ରେରି ସୋମବାର ଉଦ୍‌ଘାଟିତ ହୋଇଛି। ସୁପ୍ରିମକୋର୍ଟର ବିଚାରପତି କେ. ଏମ. ଯୋଶେଫ ଇ-ଲାଇବ୍ରେରିଗୁଡ଼ିକୁ ଭର୍ଚୁଆଲରେ ଉଦ୍‌ଘାଟନ କରି କହିଥିଲେ, ଲୋକଙ୍କୁ ଆଇନ ସେବା ପ୍ରଦାନରେ ବାର୍ ସାମ୍ବିଧାନିକ ପ୍ରତିଜ୍ଞା ପାଳନ କରିବା ଆବଶ୍ୟକ। ଜଣେ ଆଇନଜୀବୀ ଆଇନ ବାବଦରେ ଅଜ୍ଞ ହୋଇପାରିବେ ନାହିଁ, ବରଂ ଆଇନର ଜଣେ ନିରବଚ୍ଛିନ୍ନ ଛାତ୍ର ବୋଲି କହିଥିଲେ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କହିଥିଲେ, ଜିଲାସ୍ତରରେ ଇ-ଲାଇବ୍ରେରି ସ୍ଥାପନା ରାଜ୍ୟର ଯୁବ ଆଇନଜୀବୀଙ୍କ ଆଇନ ଗବେଷଣାରେ ସହାୟକ ହେବ। ଯୁବ ବିଚାରପତିଙ୍କ ପାଇଁ ବାର୍ ନର୍ସରୀ ସଦୃଶ। ବାର୍‌କୁ ସଶକ୍ତ କଲେ ଆପେଆପେ ନ୍ୟାୟିକ ବ୍ୟବସ୍ଥା ସଶକ୍ତ ହୋଇପାରିବ ବୋଲି ମୁଖ୍ୟ ବିଚାରପତି କହିଥିଲେ। ହାଇକୋର୍ଟ ଲାଇବ୍ରେରି କମିଟି ଅଧ୍ୟକ୍ଷ ତଥା ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି ଘୋଷଣା କରିଥିଲେ ଯେ, ସୁପ୍ରିମକୋର୍ଟର ସମସ୍ତ ରାୟ ଇ-ଲାଇବ୍ରେରିରେ ଥିବା ଲିଙ୍କ୍ ଜରିଆରେ ଉପଲବ୍ଧ ହୋଇପାରିବ। ହାଇକୋର୍ଟ ଲାଇବ୍ରେରି କମିଟି ଅଧ୍ୟକ୍ଷ ତଥା ବିଚାରପତି ସଙ୍ଗମ ସାହୁ ଯୋଗଦେଇ ଆଇନ ପେସାରେ ପାଠାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ହାଇକୋର୍ଟ ଲାଇବ୍ରେରୀ କମିଟିର ସଦସ୍ୟ କୃଷ୍ଣରାମ ମହାପାତ୍ର ଧନ୍ୟବାଦ ଦେଇଥିଲେ।


୨୪ଟି ଇ-ଲାଇବ୍ରେରି ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ସୁପ୍ରିମକୋର୍ଟର ବିଚାରପତି କେ. ଏମ. ଯୋଶେଫ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟମାନେ ।

# ରାଣୀହାଟ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ

କଟକ ଅଫିସ, ୨୦।୨:

କଟକ ମହାନଗର ନିଗମ (ସିଏମ୍‌ସି) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୋମବାର ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ତାଳଦଣ୍ଡା କେନାଲ ରୋଡ୍‌ଠାରୁ ଶଗଡ଼ିଆସାହି ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗଢ଼ିଉଠିଥିବା ଅନେକ ଉଠାଦୋକାନକୁ ଭାଙ୍ଗିଦିଆଯାଇଛି। ସେହିପରି ଗୋଟିଏ ଦୋକାନ ରାସ୍ତା ଅବରୋଧ କରିଥିବାରୁ ବିକ୍ରେତାଙ୍କଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପୁନଶ୍ଚ ସେମାନେ ଯେପରି ସେଠାରେ ବ୍ୟବସାୟ ନ ଚଳାନ୍ତି ସେ ନେଇ ଚେତାବନୀ ମଧ୍ୟ ଦିଆଯାଇଛି। ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ସିଡିଏ ଏନ୍‌ଫୋର୍ସମେଣ୍ଟ ମୁଖ୍ୟ ପରେଶ କୁମାର ନାୟକ, ଇନଚାର୍ଜ ରଞ୍ଜିତ କୁମାର ସାହୁ, ପଞ୍ଚାନନ ପାଲ, ମଙ୍ଗଳାବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା ଏବଂ କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସର ସଦସ୍ୟମାନେ ସାମିଲ ହୋଇଥିଲେ ।

# ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ

କଟକ ଅଫିସ, ୨୦।୨

**ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲେ ଆର୍‌ଡିସି**

ଖାନ୍‌ନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି)ର ନିର୍ମାଣ କାର୍ଯ୍ୟ ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲାବେଳେ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସୋମବାର କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଟକ ମହାନଗର ନିଗମ କମିଶନର ନିଖିଲ ପୱନ କଲ୍ୟାଣ, ଜାତୀୟ ରାଜପଥ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷଙ୍କ ସିଜିଏମ୍ (ଟେକ୍ନିକାଲ)ଙ୍କ ସମେତ ଓବିସିସିର ପରିଚାଳନା ନିର୍ଦ୍ଦେଶକ, କଟକର ଆର୍‌ଆଣ୍ଡ୍‌ବି ସର୍କଲର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ଉପସ୍ଥିତ ଥିଲେ। ବସ୍ ଟର୍ମିନାଲର ଭିତରପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ବସ୍ ଯାତାୟାତ କରିବାର ବାହାରପଟ ରାସ୍ତାକୁ କିପରି ପ୍ରଶସ୍ତ କରାଯିବ ଏବଂ ଜାତୀୟ ରାଜପଥ ସହିତ ଉକ୍ତ ରାସ୍ତାର ସଂଯୋଗୀକରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ଲିଙ୍କରୋଡ୍ ପାଖ ଟର୍ନିଙ୍ଗ ପଏଣ୍ଟରେ କେତେକ ଅସୁବିଧାକୁ ନେଇ ବୈଠକରେ ଆଲୋଚନା ହେବା ସହ ସେସବୁର ସମାଧାନ କରିବା ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଆର୍‌ଡିସି ପରାମର୍ଶ ଦେଇଥିଲେ। ସେହିପରି ବସ୍ ଟର୍ମିନାଲର ପ୍ରସ୍ଥାନ ପଥକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ମଧ୍ୟ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା।


ନେତାଜୀ ବସ୍ ଟର୍ମିନାଲ ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆର୍‌ଡିସି ଓ କମିଶନର ଆଲୋଚନା କରୁଛନ୍ତି ।

# ଏପ୍ରିଲ ୧ରୁ ସାଲେପୁର ମହୋତ୍ସବ


ସାଲେପୁର ମହୋତ୍ସବ ପାଇଁ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଜିଲାପାଳ ଓ ଅନ୍ୟ ଅଧିକାରୀ ।

କଟକ ଅଫିସ,୨୦।୨:

ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସାଲେପୁର ମହୋତ୍ସବ ସାଲେପୁରସ୍ଥିତ ଶିଶୁଆରେ ଅନୁଷ୍ଠିତ ହେବ। ଉତ୍କଳ ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଉତ୍ସବ ପାଇଁ ଜାଗା ଚିହ୍ନଟ କରାଯାଇ ତାହାକୁ ମହୋତ୍ସବ କମିଟିକୁ ହସ୍ତାନ୍ତର କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ରାସ୍ତା ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ଅସ୍ଥାୟୀ ଶୌଚାଳୟ, ଯାନବାହାନ ନିୟନ୍ତ୍ରଣ, ଯାନବାହାନ ରହଣି ସ୍ଥଳ ଆଦି କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ କହିଥିଲେ। ଓରମାସ ଓ ମିଶନଶକ୍ତି ପକ୍ଷରୁ ଷ୍ଟଲମାନ ପ୍ରଦର୍ଶନ କରାଯିବ। ଏଥିସହ କୃଷି ଓ ଉଦ୍ୟାନ କୃଷି, ପ୍ରାଣୀ, ମତ୍ସ୍ୟ ସମ୍ପଦ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗ ସମେତ ଅଗ୍ରଣୀ ବ୍ୟାଙ୍କ ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ମଧ୍ୟ ଷ୍ଟଲ ପ୍ରଦର୍ଶନ କରାଯିବ ବୋଲି

- ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ
- ଜାଗା ଚିହ୍ନଟ କରି ମହୋତ୍ସବ କମିଟିକୁ ହସ୍ତାନ୍ତର ନିର୍ଦ୍ଦେଶ

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସୂଚନା ଦେଇଥିଲେ। ମହୋତ୍ସବକୁ ସୁନ୍ଦର ଭାବେ ପାଳନ ପାଇଁ ବିଧାୟକ ବେହେରା ସମ୍ପୃକ୍ତ ଅଧିକାରୀ ଏବଂ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏଥିସହ ରାଜ୍ୟ ତଥା ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବ । ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ସଦର ଉପଜିଲାପାଳ କମଳଜିତ ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସବିତା ରାଉତ, ଓରମାସର ଯୁଗ୍ମ ସିଇଓ ବିପିନ ରାଉତ, ସ୍ଥାନୀୟ ବିଡିଓ ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁଗ୍ମ ଜନଶୁଣାଣି ଶିବିର

ଡେଲାଙ୍ଗ,୨୦।୨(ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୮୧ଟି ଅଭିଯୋଗ ହୋଇଥିଲା। ଏଥିରୁ ୬୦ଟି ଆବାସ ଯୋଜନା ତାଲିକାରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା। ଏଥିସହ ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରିଥିବା ରାସ୍ତା ଅବସ୍ଥା ଶୋଚନୀୟ, ବାର୍ଦ୍ଧକ୍ୟ ଭତ୍ତାରେ ବିଳମ୍ବ, ରାଶନକାର୍ଡ ନେଇ ୨୧ ଜଣ ଅଭିଯୋଗ କରିଥିଲେ। ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ସାମାଜିକ ଅନୁଷ୍ଠାନ ଆଭା ପରିସରରେ ଗତ ନଭେମ୍ବରରେ ୩ ଦିନ ଧରି ୱାର୍ଡସଭ୍ୟାସଭ୍ୟଙ୍କୁ ତାଲିମ ଦିଆଯାଇଥିଲା। ହେଲେ ଅଦ୍ୟାବଧି ସେମାନଙ୍କର ତାଲିମ ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କ ଭତ୍ତା ହୋଇ ନ ଥିବା ନେଇ ଅଭିଯୋଗ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ୨୧ ପଞ୍ଚାୟତରେ କୌଣସି ପ୍ରଚାର କରାଯାଇ ନ ଥିଲା। ଫଳରେ ପୂର୍ବ ଶୁଣାଣିରେ ୩୫୦ ଅଭିଯୋଗ ସମାଧାନ କରାଯାଇଥିବାବେଳେ ଏଥର ବହୁତ କମ୍ ଶୁଣାଣି ହୋଇଥିଲା। ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଜନଶୁଣାଣି ଶିବିରରେ ଅନେକ ହିତାଧିକାରୀ ଯୋଗ ଦେଇପାରି ନ ଥିଲେ। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର ଇତିଶ୍ରୀ ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିରେଖା ଦାସ, ଏଡିଏମ୍ ମମତା ମିଶ୍ର, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ବିଡିଓ ଲାବଣ୍ୟେନ୍ଦୁ ମହାନ୍ତି, ତହସିଲଦାର ନିବେଦିତା ପରିଡ଼ା, ଡେଲାଙ୍ଗ ଥାନା ଆଇଆଇସି ଅନିଲ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ତ୍ରିପାଠୀ, ଏବିଇଓ ଯୁଧିଷ୍ଠିର ପରିଡ଼ା ଉପସ୍ଥିତ ଥିଲେ।

### ଜିଲା ଇପିଏଫ୍ ପେନସନର୍ସ ଆସୋସିଏଶନର ବୈଠକ

ପୁରୀ ଅଫିସ ୨୦।୨ : ଜିଲା ଇପିଏଫ ପେନସନର୍ସ ଆସୋସିଏସନର ଏକ ସଭା ସୋମବାର ମଧୁବନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଆସୋସିଏସନ୍‌ର ସଭାପତି କମଳଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ସଂପାଦକ କସ୍ତୁରୀ ଚରଣ ସୁବୁଦ୍ଧି ସରକାରଙ୍କ ଇପିଏଫ କର୍ମଚାରୀଙ୍କ ପ୍ରତି ମନୋଭାବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମାସକୁ ୯ ହଜାର ଟଙ୍କା ପେନସନ୍ ସହ ମହଙ୍ଗାଭତ୍ତା ଏବଂ ସରକାରଙ୍କ ଦିଆଯାଉଥିବା ସ୍ୱାସ୍ଥ୍ୟ ଯୋଜନାରେ ସାମିଲ ଲାଗି ଆସୋସିଏସନ୍ ପକ୍ଷରୁ ଦୀର୍ଘ ବର୍ଷ ଧରି ଆନ୍ଦୋଳନ କରାଯାଇ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ , ଅର୍ଥମନ୍ତ୍ରୀ ଶ୍ରମମନ୍ତ୍ରୀଙ୍କୁ ଜଣାଯାଉଥିଲେ ମଧ୍ୟ କେହି ଦାବି ପୂରଣ କରୁନାହାନ୍ତି। ଏପରିକି କି ଗତ ଡିସେମ୍ବର ୨୨ରେ ଦିଲ୍ଲୀ ଜନ୍ତର ମନ୍ତରରେ ଧାରଣା ଦିଆଯାଇଥିଲା। ମାତ୍ର ସରକାର କୌଣସି ପଦକ୍ଷେପ ନେଲେନାହିଁ। ତେଣୁ ଆସନ୍ତା ୨୭ ତାରିଖ ଦିନ ଓଡିଶାର ୪ ଟି ଯାକ ଇପିଏଫ ଅଫିସ ଆଗରେ ଦିନ ୧୦ ଟା ୩୦ ରୁ ୨ଟା ୩୦ ପର୍ଯ୍ୟନ୍ତ ଧାରଣ ଦିଆଯିବ ବୋଲି ସମ୍ପାଦକ ସୁବୁଦ୍ଧି ସୂଚନା ଦେଇଛନ୍ତି। ସେହିପରି ସରକାର କର୍ମଚାରୀଙ୍କୁ ହଇରାଣ କରିବା ପାଇଁ ଏବେ ଜଏଣ୍ଟ ଅପସନ ଫର୍ମ ଦେବାକୁ କହିଛନ୍ତି ଯାହା ଠିକ୍ ନୁହେଁ। କାର୍ଯ୍ୟାଳୟରେ ସବୁ ପ୍ରମାଣ ପତ୍ର ଥାଇ କର୍ମଚାରୀ ମାନଙ୍କୁ ଜାଣିଶୁଣୀ ହଇରାଣ କରିବାକୁ ଚେଷ୍ଟା କରାଯାଉଛି ବୋଲି ଶ୍ରୀ ସୁବୁଦ୍ଧି କହିଛନ୍ତି।

# ‘ହସ୍ତଶିଳ୍ପ, ହସ୍ତକଳାର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ’

ପୁରୀ ଅଫିସ, ୨୦।୨

ହସ୍ତଶିଳ୍ପ ଓ ହସ୍ତକଳାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ହସ୍ତଶିଳ୍ପ ତଥା ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଛନ୍ତି। ଶ୍ରୀ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ କେନ୍ଦ୍ର ହସ୍ତଶିଳ୍ପ ଆୟୁକ୍ତ ଏବଂ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ହସ୍ତଶିଳ୍ପ ଓ ହସ୍ତକଳା ପ୍ରଦର୍ଶନୀ ‘ଗାନ୍ଧୀ ଶିଳ୍ପ ବଜାର’କୁ ଉଦ୍‌ଘାଟନ କରି ମନ୍ତ୍ରୀ ସାହୁ କହିଛନ୍ତି, ଓଡ଼ିଶାର ହସ୍ତଶିଳ୍ପୀ ତଥା କୁଟୀର ଶିଳ୍ପୀଙ୍କ ଆର୍ଥିକ ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଶ୍ରୀ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ନେତୃତ୍ୱରେ ଶ୍ରୀଜଗନ୍ନାଥଙ୍କ ନାମରେ ପୁରୀ ସମୁଦ୍ର ବେଳାଭୂମିରେ ଆଗାମୀ ବର୍ଷ ଏକ ମେଗା ମହୋତ୍ସବ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।

ଗାନ୍ଧୀ ଶିଳ୍ପ ବଜାର କମିଟିର ଅଧ୍ୟକ୍ଷ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ତଥା ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ଆର୍ଥିକ ସହଯୋଗରେ ପୁରୀର ସାମଗ୍ରିକ ବିକାଶ ସମ୍ଭବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ମଞ୍ଚାସୀନ ଥିଲେ। ସେହିପରି



ସ୍ୱର୍ଣ୍ଣାଭ ବେଳାଭୂମିରେ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ‘ଗାନ୍ଧୀ ଶିଳ୍ପ ବଜାର’କୁ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରୁଛନ୍ତି।

## ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ‘ଗାନ୍ଧୀ ଶିଳ୍ପ ବଜାର’ ଉଦ୍‌ଘାଟିତ

### ରାମଚନ୍ଦ୍ର ମହାରଣା, ରାଜେନ୍ଦ୍ର ମହାପାତ୍ର, ବଦ୍ରି ନାରାୟଣ ଖୁଣ୍ଟିଆ ସମ୍ବର୍ଦ୍ଧିତ

ସମ୍ମାନିତ ଅତିଥି ଭାବେ ହସ୍ତଶିଳ୍ପ ଆୟୁକ୍ତ ସେବା କେନ୍ଦ୍ରର ବରିଷ୍ଠ ସହନିର୍ଦ୍ଦେଶକ ଅଶୋକ କୁମାର ହୋତା, ହୋଲି ସିଟିର ପରିଚାଳନା ଅଧ୍ୟକ୍ଷ ପ୍ରଭାସ କୁମାର ମହାନ୍ତି, ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ରତ୍ନାକର ଦଳେଇ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପ୍ରାକ୍ତନ ପୌରପାଳ ଗୌରହରି ପ୍ରଧାନ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀ ୧୦ ଦିନ ଯାଏ ଚାଲିବ। ଓଡ଼ିଶା ସମେତ ୨୨ଟି ରାଜ୍ୟର ହସ୍ତକଳା ଓ ହସ୍ତଶିଳ୍ପ ଷ୍ଟଲ ଖୋଲାଯାଇଛି। ପ୍ରତିଦିନ ଏହି ପ୍ରଦର୍ଶନୀ ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରତି ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଏହି ଅବସରରେ ବର୍ଷୀୟାନ ମହାରଣା ସେବକ ରାମଚନ୍ଦ୍ର ମହାରଣା, ନନ୍ଦିଘୋଷ ରଥର ରୂପକାର ସେବକ ରାଜେନ୍ଦ୍ର ମହାପାତ୍ର ଓ ସତ୍ୟବାଦୀର ସଙ୍ଗୀତ ଓ ନୃତ୍ୟଗୁରୁ ବଦ୍ରୀ ନାରାୟଣ ଖୁଣ୍ଟିଆଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କମିଟି ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଓ ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପରିଚାଳନାରେ ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସଂଗ୍ରାମ କେଶରୀ କାନୁନଗୋ, ଦାମୋଦର ଶତପଥୀ, ଭରତ ନାୟକ, ସତ୍ୟବ୍ରତ ଦାଶ, ପ୍ରଦ୍ୟୁମ୍ନ ସାଠୁଆ, ସୌମ୍ୟ ରଞ୍ଜନ ମିଶ୍ର, ବିଦ୍ରୋହ କେଶରୀ ସିଂ, ନାରାୟଣ ପାତ୍ର, ଟୁଟୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଓଝା ଓ ରାକେଶ କୁମାର ସାହୁ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଆଜି ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ

ପୁରୀ ଅଫିସ, ୨୦।୨

## ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବ

ମହାପ୍ରଭୁଙ୍କ ଦୋଳପୂର୍ଣ୍ଣିମା ଓ ମେଣ୍ଢାପୋଡ଼ି ନୀତି ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଏବଂ ଏ ନେଇ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ନିମନ୍ତେ ମଙ୍ଗଳବାର ଶ୍ରୀମନ୍ଦିର ଛତିଶା ନିଯୋଗ ଏବଂ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବୈଠକରେ ମହାପ୍ରଭୁଙ୍କ ଚାଚେରୀ ବେଶ, ଫଗୁଦଶମୀ, ମେଣ୍ଢାପୋଡ଼ି ଏବଂ ଦୋଳ ପୂର୍ଣ୍ଣିମା ନୀତି ଉପରେ ମୁଖ୍ୟତଃ ଆଲୋଚନା କରାଯିବ। ମାର୍ଚ୍ଚ ୨ରେ ଫଗୁଦଶମୀ ହୋଇଥିବାରୁ ଉକ୍ତ ଦିନଠାରୁ ମହାପ୍ରଭୁଙ୍କ ଚାଚେରୀ ବେଶ ଆରମ୍ଭ ହେବ। ସେହିପରି ୬ତାରିଖରେ ମେଣ୍ଢା ପୋଡ଼ି ନୀତି ଥିବାରୁ ମହାପ୍ରଭୁଙ୍କ ଚଳିତ ପ୍ରତିମା ଦୋଳବେଦି ପରିସରକୁ ଯାଇ ନୀତି ସମ୍ପାଦନ କରିବେ। ୭ତାରିଖରେ ଦୋଳପୂର୍ଣ୍ଣିମା ଥିବାରୁ ଦୋଳବେଦିଠାରେ ଠାକୁର ଦୋଳି ଖେଳିବେ। ତେଣୁ ବୈଠକରେ ମହାପ୍ରଭୁଙ୍କ ନୀତିକାନ୍ତି ଚୂଡ଼ାନ୍ତ କରାଯିବ। ତେବେ ବର୍ତ୍ତମାନ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଦୋଳବେଦିର କିଛି ଅଂଶକୁ ଭଙ୍ଗାଯାଇ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଦୋଳବେଦି ଚାରିପଟେ ମହାପ୍ରଭୁଙ୍କୁ ପରିକ୍ରମା କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହି ପ୍ରସଙ୍ଗ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇପାରେ।

# ଡକାୟତି ଯୋଜନାବେଳେ ୭ ଗିରଫ




ଗିରଫ ୭ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର, ମୋବାଇଲ ଓ ଟଙ୍କା।

ପୁରୀ ଅଫିସ, ୨୦।୨

## ଖଣ୍ଡା, ରଡ୍, ଲାଠି, ବୋମା, ମୋବାଇଲ ଓ ଟଙ୍କା ଜବତ

ଜାତୀୟ ରାଜପଥରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ୭ଜଣଙ୍କୁ ବାସେଲିସାହି ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବେହେରା ସାହିର ଗିରିଆ ବେହେରା, ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ ହାତୀଶାଳର ଗୌତମ ଦାସ, ପାର୍ବତୀପୁରର ଡମ୍ବରୁଧର ଖଟେଇ, ତ୍ରିଦେବୀ ନଗରର ସୀତାରାମ ପ୍ରଧାନ, କୁମ୍ଭାରପଡ଼ା ଥାନା ଅଧୀନ ହେରାଗୋହିରୀ ସାହିର ମୃତ୍ୟୁଞ୍ଜୟ ଦାସ, ନରେନ୍ଦ୍ରକୋଣ ଅଞ୍ଚଳର ସଞ୍ଜୟ ପ୍ରଧାନ ଏବଂ ଦଉଡୋଟା ପ୍ରଭାତ ଲେନ୍‌ର ଶଙ୍କର ସିଂହ। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ୍, ଗୋଟିଏ ଲାଠି, ଦୁଇଟି ଜୀବନ୍ତ ବୋମା, ଗୋଟିଏ ଟର୍ଚ୍ଚଲାଇଟ, ୫ଟି ମୋବାଇଲ ଫୋନ ଏବଂ ୩ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଏକ କେସ୍ (ନଂ. ୪୭/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ୩୧୬ ନମ୍ବର ଜାତୀୟ ରାଜପଥରେ ଡକାୟତି କରିବା ପାଇଁ କେତେଜଣ ଅସାମାଜିକ ବ୍ୟକ୍ତି ଓମ୍‌କାରେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଏକାଠି ହୋଇ ଯୋଜନା କରୁଥିଲେ। ଏସମ୍ପର୍କରେ ବାସେଲିସାହି ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ପୁରୀ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।




ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ଓ ବୈଷୟିକ କର୍ମଚାରୀ ସଂଘ ପୁରୀ ଜିଲା ଶାଖା ପକ୍ଷରୁ ୫ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ଓ ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ପୁରୀ ଅଫିସ, ୨୦।୨

ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ଓ ବୈଷୟିକ କର୍ମଚାରୀ ସଂଘ ପୁରୀ ଜିଲା ଶାଖା ପକ୍ଷରୁ ୫ଦଫା ଦାବି ନେଇ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି, ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ପ୍ରୟୋଗକୁ ହୃଦବୋଧ କରି ପ୍ରାଣୀଧନ ନୀରିକ୍ଷକ ପଦବୀର ଯୋଗ୍ୟତା ପାଇଁ +୨ ବିଜ୍ଞାନ ଯୋଗ୍ୟତା ଥାଇ ୨ବର୍ଷିୟା ଡିପ୍ଲୋମା ତାଲିମର ବ୍ୟବସ୍ଥା ୨୦୧୫ ମସିହାରୁ ପ୍ରଚଳିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଡିପ୍ଲୋମାକୁ ସରକାରଙ୍କ ଦୃଷ୍ଟିଗୋଚରକୁ ନେଉ ନାହାନ୍ତି। ଅପରପକ୍ଷରେ ଦରମାରେ ଥିବା ଅସଙ୍ଗତି ଦୂରୀକରଣ, କ୍ୟାଡର ପୁନଃଗଠନ, ନିଯୁକ୍ତି ନିୟମ ସଂଶୋଧନ, ଦୁଇବର୍ଷିୟା ଡିପ୍ଲୋମା ଓ ତାର ନାମକରଣ ଏବଂ କାର୍ଯ୍ୟସାରଣୀ ସଂଶୋଧନ ଆଦି ୫ଦଫା ଦାବି ନେଇ ଗତ ୨୦୧୮ରେ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଧାରଣା ଦିଆଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ୪ମାସ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଦାବି ପୂରଣ ନ ହେଲେ ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ କାର୍ଯ୍ୟ ବନ୍ଦ କରି ରାସ୍ତାକୁ ଓହ୍ଲାଇବ ବୋଲି ଜିଲା ସଂଘ ସଭାପତି ଲଳିତେନ୍ଦୁ ଦଳାଇ ଏବଂ ସମ୍ପାଦକ ଅଜୟ କୁମାର ପୃଷ୍ଟି କହିଛନ୍ତି।



ବ୍ରହ୍ମଗିରି କଳା, ସଂସ୍କୃତି ସଂଘର କର୍ମକର୍ତ୍ତା ଚୟନରେ ଅନିୟମିତତା ଅଭିଯୋଗ ଆଣି ତଦନ୍ତ ଦାବିରେ କଳାକାରମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଅଷ୍ଟପ୍ରହରକୁ ନେଇ ଗୋଷ୍ଠୀ ସଂଘର୍ଷ, ୯ ଗୁରୁତର

ଅସ୍ତରଙ୍ଗ,୨୦।୨(ଡି.ଏନ୍.ଏ.)

ନୂଆଗଡ଼ ସାମୁଦ୍ରିକ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମରେ ଅଷ୍ଟପ୍ରହରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୯ରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେଥିରୁ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ ଦୁଇଟି ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଗ୍ରାମର ଦେଇନ ସେନାପତିଙ୍କ ଅଭିଯୋଗ ଅନୁଯାୟୀ, ମଧୁପୁର ଗ୍ରାମରେ ଅଷ୍ଟପ୍ରହର ଚାଲିଥିଲା। ତେବେ ସେଠାରେ କୌଣସି କାରଣକୁ ନେଇ ଦେଇନଙ୍କ ସ୍ୱାମୀ ଦୁର୍ଯ୍ୟୋଧନଙ୍କ ସହ ଏକ ଗୋଷ୍ଠୀର ପାଟିତୁଣ୍ଡ ହୋଇଥିଲା। ପରେ ଦୁର୍ଯ୍ୟୋଧନ ଘରକୁ ଆସି ଅସ୍ତରଙ୍ଗ ବଜାରକୁ ସଉଦା କିଣି ଫେରୁଥିବା ବେଳେ ଡମସୁଣ ଛକ ନିକଟରେ ଗୋଟିଏ ଗୋଷ୍ଠୀ ୪ଜଣ ତାଙ୍କୁ ଗାଳିଗୁଲଜ କରିବା ସହିତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ଦୁର୍ଯ୍ୟୋଧନଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚିବାବେଳେ ଅପରପକ୍ଷର ମଧ୍ୟ କେତେଜଣ ଆସିଥିଲେ। ଫଳରେ ଉଭୟ ଗୋଷ୍ଠୀ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ହୋଇଥିଲା। ଏଥିରେ ୯ଜଣ ଗୁରୁତର ହୋଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଦୁର୍ଯ୍ୟୋଧନ ଓ ତାଙ୍କ ଭାଇ ଅଜୟଙ୍କୁ ଅଧିକ କ୍ଷତ ହୋଇଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନା ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନ ଥିଲା। ଥାନାଧିକାରୀ ପଞ୍ଚାନନ ପରିଡା ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରଖିଛନ୍ତି।

# କାକୁଡ଼ିଆ ବାବା ତ୍ରିନାଥ ଫାଇଟର କ୍ଲବ ଚାମ୍ପିୟନ

ପିପିଲି,୨୦।୨(ସ୍ୱ.ପ୍ର.)

## ଗୋପୀନାଥ ଦେବ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପିପିଲି ବ୍ଲକ ଅଞ୍ଚଳରେ ଚାଲୁଥିବା କାକୁଡ଼ିଆ ଗୋପୀନାଥ ଦେବ ପ୍ରିମିୟର ଲିଗ୍ କ୍ରିକେଟ(ଜିପିଏଲ୍) ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଷ୍ଟାର ୧୧ଟିମ୍‌କୁ ହରାଇ କାକୁଡ଼ିଆ ବାବା ତ୍ରିନାଥ କ୍ରିକେଟ କ୍ଲବ(ବିଟିସିସି)ଫାଇଟର ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ଷ୍ଟାର ୧୧ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫୫ରନ ସଂଗ୍ରହ କରିଥିଲେ। ଜବାବରେ ବିଟିସିସି ଟିମ୍ ୫୬ରନ କରି ଚାମ୍ପିୟନ ହୋଇଥିଲା।

ଏହି ଉପଲକ୍ଷେ ସନ୍ଧ୍ୟାରେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ରାଜକିଶୋର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ କ୍ରିକେଟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରୁଛି ବୋଲି କହିଥିଲେ। ଏଥିସହ ଚାମ୍ପିୟନ ବିଟିସିସି ଟିମ୍‌କୁ ସିଲ୍ ଓ ଷ୍ଟାର ୧୧ ଟିମକୁ ରନର୍ସ କପ ପ୍ରଦାନ କରାଯାଇଥିଲା। ବିଜୟ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ ଥିଲେ।

ଉକ୍ତ ଅନୁଷ୍ଠାନର ପ୍ରବୋଧ କୁମାର ଦାଶ, ବିନୋଦ ଦାଶ, ଗୋପନାଥ ଜେନା, ସାଗର ବେହେରା, ଦିଲୀପ ବେହେରା, ବିଜୟ ବେହେରା, ସତ୍ୟ ବେହେରା, ନବ ବେହେରା, ଚିତ୍ତ ସାହୁ, ପ୍ରତାପ ପରିଡ଼ା ଓ ଆଲୋକ ବେହେରା ପ୍ରମୁଖ ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମିଶନ ଶକ୍ତିରେ ଅନିୟମିତତାକୁ ନେଇ ବିଡିଓଙ୍କୁ ଘେରିଲେ ମହିଳା

କଣାସ,୨୦।୨(ସ୍ୱ.ପ୍ର.)

କଣାସ ବ୍ଲକରେ ମିଶନ ଶକ୍ତିର ସମସ୍ତ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗରେ ସୋମବାର ୨୦୦ରୁ ଊର୍ଦ୍ଧ୍ୱ ମହିଳା କଣାସ ବ୍ଲକ ବିଡିଓଙ୍କୁ ଦିନତମାମ କାର୍ଯ୍ୟାଳୟରେ ଘେରାଉ କରିଥିଲେ। ସୂଚନା ମୁତାବକ, ମଞ୍ଚରୁ ଆଦାୟ କରାଯାଉଥିବା ଚାନ୍ଦାର ରସିଦ୍ ମହାମଞ୍ଚ ଦେଉନାହିଁ। ଏଥିସହ ମିଶନ ଶକ୍ତି ପକ୍ଷରୁ ମିଳିଥିବା ଖାତାର ମୂଲ୍ୟାଙ୍କ ବିଷୟରେ ବୁଝିବା, ମଝିରେ ମଝିରେ ୨୦୦, ୩୦୦, ୬୦୦, ୭୦୦, ୧୧୦୦ ଗୋଷ୍ଠୀ ପିଛା ଚାନ୍ଦା ଆଦାୟ କରାଯାଉଥିବା, ଖାତା ଲେଖିବା ପାଇଁ ରେଜୁଲେସନ୍ କ୍ୟାଶବୁକ୍ ହାତଜମା ବାବଦକୁ ୧୨୦୦ ଟଙ୍କା ଆଦାୟ ହେଉଥିବା, ୭ଦିନର ଟ୍ରେନିଂକୁ ଗୋଟିଏ ଦିନରେ ସାରିଦେବା, ୭ଟି ବାସ୍କେଟ୍ ଦେବା ବଦଳରେ ୨ଟି ବାସ୍କେଟ୍ ଦିଆଯାଇଥିବା, ଏମ୍‌ବିକେ, ସିଆର୍‌ପି ବ୍ୟାଙ୍କ ମ୍ୟାଟରରେ ପକାଇଥିବା ଫର୍ମର ରସିଦ୍ ନ ଦେବା, ବିନା ଶିକ୍ଷାଗତ ଯୋଗ୍ୟତା ଏବଂ ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ପରିବର୍ତ୍ତନ କରିବା, ତିଗିରିଆ ମଞ୍ଚ-ଖକୁ ସୁନିତା ଦିଦୀ ଅପବ୍ୟବହାର କରିବାରୁ ତାଙ୍କୁ ତୁରନ୍ତ ବାହାର କରିବା ଏବଂ ଚେକ୍ ପାସ୍ କରିବାକୁ ୩୦୦ ଟଙ୍କା ଆଦାୟ କରାଯାଉଥିବା ମଞ୍ଚର ସମସ୍ତ ମହିଳା ଦାବି କରିଥିଲେ। ଦାବି ପୂରଣ ନ ହେବାରୁ କଣାସ ବ୍ଲକର ମୂଳବସନ୍ତ ମଞ୍ଚ-କ ଓ ଖ, ତିଗିରିଆ ମଞ୍ଚ-କ ଓ ଖ, ନାବଡ଼ା ମଞ୍ଚ, ସୁହାଗପୁର ମଞ୍ଚ, ନଡୁଆପୁର ମଞ୍ଚ, ଖଣ୍ଡହତା ମଞ୍ଚ ଏବଂ ଗଡିଶାଗୋଦା, ନୂଆଗାଁ, ଗଡ଼ଖାରଦ ଗ୍ରାମରେ ଗଠନ କରାଯାଇଥିବା ମଞ୍ଚର ମହିଳା କଣାସ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ମିଶନ ଶକ୍ତିରେ ଦୁର୍ନୀତି ହେଉଥିବା ଦାବି କରି ଦିନତମାମ ବିଡିଓ ପବିତ୍ର ବେହେରାଙ୍କୁ ଘେରାଉ କରିଥିଲେ। ପରେ ବିଡିଓ ପବିତ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, କଣାସ ସରପଞ୍ଚ ଭଗବାନ୍ ସୁବୁଦ୍ଧି, ବ୍ଲକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବ ଆନ୍ଦୋଳନକାରୀ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ବିଡିଓ ମହାମଞ୍ଚର କ୍ୟାଶବୁକ୍, ସଭାବହି, ସମସ୍ତ ଖାତାପତ୍ର ଓ ଅଭିଯୋଗ କରିଥିବା ୯ଗୋଟି ମଞ୍ଚର କ୍ୟାଶବୁକ୍ ଓ ସମସ୍ତ ଖାତାପତ୍ର ୭ଦିନ ଭିତରେ ତନଖି କରିବାକୁ ନିଷ୍ପତ୍ତି ଶୁଣାଇଥିଲେ। ଏହାପରେ ଆନ୍ଦୋଳନକାରୀ ମହିଳା ଘେରାଉ ବିଡିଓଙ୍କୁ ଛାଡ଼ିଥିଲେ।



ବିଡିଓଙ୍କୁ ମହିଳାମାନେ ଘେରାଉ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସାର୍ ଏସ୍ଏସ୍ ଭଟ୍ଟନାଗରଙ୍କ ଜନ୍ମବାର୍ଷିକୀ ମେମୋରିଆଲ୍ ଲେକ୍ଚର, ସିଏସ୍ଆଇଆର୍-ଆଇଏମ୍ଏମ୍ଟି ଅଡିଟୋରିୟମ୍, ପୂର୍ବାହ୍ନ ୧୧ଟା।
- ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି ପକ୍ଷରୁ ଅଲ୍ ଇଣ୍ଡିଆ ପ୍ରୋଟେଷ୍ଟ ଡେ, ଏଲ୍ଆଇସି ଅଫିସ୍ ପାର୍ଶ୍ୱ, ପୂର୍ବାହ୍ନ ୧୧ଟା ୩୦।
- ମାଲେରିଆ ନୋ ମୋର ଇଣ୍ଡିଆ ପକ୍ଷରୁ ଏମ୍ଓୟୁ, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ୯ ତାଲା, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ଆଶାକର୍ମୀ ଆସୋସିଏଶନ, ସିଟୁ ପକ୍ଷରୁ ରାଜ୍ୟସ୍ତରୀୟ ଧାରଣା, ରାଜ୍ୟ ସଭା ସମ୍ମୁଖ, ପିଏମ୍ଜି ଛକ, ମଧ୍ୟାହ୍ନ ୧୨ଟା।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ଭାରତ ଦର୍ଶନ ପ୍ରୋଗ୍ରାମର ଲୋକାର୍ପଣ, ଗୀତଗୋବିନ୍ଦ ସଦନ, ଅପରାହ୍ନ ୩ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ଅପରହ୍ନ ୫ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ, ଭୁବନେଶ୍ୱର ଆନୁକୂଲ୍ୟରେ ୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

ବାଲିଅନ୍ତା
- ବାଦୀପାଲା ପରିବେଷଣ, ଶାଳେଶ୍ୱର, ସନ୍ଧ୍ୟା ୬ଟା ୩୦।

ପୁରୀ
- ଘୋଡ଼ାବାଜାର ସରସତୀ ଶିଶୁ ମନ୍ଦିର ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଅବସରରେ ଶୋଭାଯାତ୍ରା, ବିଦ୍ୟାଳୟ ପରିସର ଘୋଡ଼ା ବଜାର, ସକାଳ ୭ଟା ୩୦।
- ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର, ଜିଲାପାଳ କାର୍ଯ୍ୟାଳୟ, ସକାଳ ୮ଟା ୫୦।
- ହରଚଣ୍ଡି ସାହି ଶିଶୁ ମନ୍ଦିର ପକ୍ଷରୁ ବିଶ୍ୱ ମାତୃ ଭାଷା ଦିବସ ପାଳନ, ହରଚଣ୍ଡୀ ସାହି, ସକାଳ ୯ଟା।
- ମଧୁବନ ସରସତୀ ଶିଶୁ ମନ୍ଦିର ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳନ, ବିଦ୍ୟାଳୟ ପରିସର, ମଧୁବନ, ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଓ ପ୍ରିୟପତ୍ର ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ, ଭକ୍ତସାଲବେଗ ପୀଠ, ଅପରାହ୍ନ ୪ଟା।
- ବାଇ ଅଫ୍ ଫିଲ୍ମ ଫେଷ୍ଟିଭାଲ, ହୋଟେଲ ପିଙ୍କ ହାଉସ, ସନ୍ଧ୍ୟା ୬ଟା।

## ଗ୍ରହ ମିଳନ : ୧ରେ ଶୁକ୍ର, ବୃହସ୍ପତି ନିକଟତର ଦେଖାଯିବେ



ଭୁବନେଶ୍ୱର,୨୦।୨(ବ୍ୟୁରୋ): ଆସନ୍ତା ମାର୍ଚ୍ଚ ୧ ସନ୍ଧ୍ୟାରେ ଦୁଇ ଉଜ୍ଜ୍ୱଳ ଗ୍ରହ ଶୁକ୍ର ଓ ବୃହସ୍ପତି ଖୁବ୍ ନିକଟତର ଦେଖାଯିବେ। ଫେବୃୟାରୀ ଶେଷ ସପ୍ତାହର ପ୍ରତି ସନ୍ଧ୍ୟାରେ ପ୍ରାୟ ଏକଘଣ୍ଟା ଧରି ଦୁଇ ଉଜ୍ଜ୍ୱଳ ଗ୍ରହ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିହେବ। ଗ୍ରହଦ୍ୱୟ ପାଖାପାଖି ହୋଇ ଦୃଶ୍ୟମାନ ହେବା ସହ ମାର୍ଚ୍ଚ ୧ରେ ଶୁକ୍ର ଓ ବୃହସ୍ପତି ଖୁବ୍ ନିକଟତର ହେବେ। ସେହିଭଳି ଫେବୃୟାରୀ ୨୧ ଓ ଓ ୨୨ରେ ଚନ୍ଦ୍ର ଯଥାକ୍ରମେ ଶୁକ୍ର ଓ ବୃହସ୍ପତିର ପାଖାପାଖି ଦେଖାଯିବେ ବୋଲି ଭୁବନେଶ୍ୱର ପଠାଣି ସାମନ୍ତ ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହା ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରୁ ଆକାଶ ମେଘମୁକ୍ତ ଥିଲେ ଏହାକୁ ଖାଲି ଆଖିରେ ଦେଖିହେବ। ସମସ୍ତେ ଏହି ସୁନ୍ଦର ଦୃଶ୍ୟକୁ ଉପଭୋଗ କରିବାକୁ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦିଅନ୍ତୁ ରାଜ୍ୟ ସରକାର

**କମ୍ୟୁନିଟି ସପୋର୍ଟ ଷ୍ଟାଫ୍ଙ୍କ ମହାସମାବେଶ**

**୧୦ଦଫା ଦାବି ନେଇ ମିଶନଶକ୍ତି ସଚିବଙ୍କ ସହ ଆଲୋଚନା**
- ଏସ୍ଏଚ୍ଜିକୁ କ୍ଷୁଦ୍ର ଉଦ୍ୟୋଗ କରିବାକୁ ନିଷ୍ପତ୍ତି
- କମ୍ୟୁନିଟି ସପୋର୍ଟ ଷ୍ଟାଫ୍ଙ୍କୁ ସ୍କୁଟି ପାଇଁ ମିଳିବ ସହାୟତା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

୧୦ଦଫା ଦାବି ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ଅଲ୍ ଓଡ଼ିଶା ଗ୍ରାମ ପଞ୍ଚାୟତ ଲେଭଲ୍ ଫେଡେରେଶନ(ଜିପିଏଲ୍ଏଫ୍) ମିଶନଶକ୍ତି କର୍ମୀ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍ଜିରେ ମହାସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଓଡିଶା ଲାଇଭ୍ଲି ହୁଡ୍ ମିଶନ ଅନ୍ତର୍ଗତ ଏମ୍ବିକେ, ସିଆର୍ପି, କୃଷି ମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ୍ ମିତ୍ର, ଏଲଏସ୍ପିରେ କାର୍ଯ୍ୟରତ ୩୦ ହଜାରରୁ ଊର୍ଦ୍ଧ୍ୱ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯୋଗ ଦେଇଥିଲେ। ସମସ୍ତ କମ୍ୟୁନିଟି ଷ୍ଟାଫ୍ଙ୍କୁ ସ୍ଥାୟୀ ନିଯୁକ୍ତି, ପରିଚୟପତ୍ର ପ୍ରଦାନ, ପାରିଶ୍ରମିକ ଓ ଗସ୍ତ ଖର୍ଚ୍ଚ ବୃଦ୍ଧି, ଶତପ୍ରତିଶତ ପାରିଶ୍ରମିକ, ଡ୍ରେସ୍କୋଡ୍ ଓ ମୋବାଇଲ୍ ଫୋନ୍ ରାଶି ପ୍ରଦାନ, ଇସ୍ଆଇ ସୁବିଧା, ବୋନସ ରାଶି ପାଇବାର ବନ୍ଦୋବସ୍ତ, ଅନ୍ଲାଇନ୍ ଏଣ୍ଟ୍ରି ପାଇଁ ସମସ୍ତ ଷ୍ଟାଫ୍ଙ୍କୁ ଉପଯୁକ୍ତ ତାଲିମ ସହ ଆର୍ଥିକ ରାଶି ପ୍ରଦାନ, ଏସ୍ଏଚ୍ଜିକୁ ଋଣ ପାଇଁ ୫୦ ଲକ୍ଷ ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠିର ବ୍ୟବସ୍ଥା, ଇଏସ୍ଆଇ ସୁବିଧା ଏବଂ ମିଶନ ଶକ୍ତିରେ ବାହାରୁଥିବା ପଦବୀଗୁଡ଼ିକୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ ଆଦି ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସାମ୍ମୁଖ୍ୟ ସଭାନେତ୍ରୀ ନିରୁପମା ନାୟକଙ୍କ ଅଧ୍ୟକ୍ଷତାରେ ଏହି ସମାବେଶରେ ଫେଡେରେଶନର ଚେୟାରମ୍ୟାନ ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟ ମହାସଚିବ ସୁବାସ ସିଂହ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ପ୍ରତିବର୍ଷ ବ୍ୟୟବରାଦ କମାଇବା ସହ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ଙ୍କୁ ସରକାରୀ ମାନ୍ୟତା ପ୍ରଦାନ ନ କରିବା, ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ନ କରିବା ଏବଂ ସାମାଜିକ ସୁରକ୍ଷାର ବଳୟ ଭିତରକୁ ନ ଆଣି ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ଲାଗିପଡିଛନ୍ତି। ରାଜ୍ୟ ସରକାର ଏହି ଯୋଜନାକୁ ମିଶନ ଶକ୍ତିରେ ସାମିଲ କରି ସମସ୍ତ ଶ୍ରମିକଙ୍କୁ ମାନ୍ୟତା ପ୍ରଦାନ ସହ ସାମାଜିକ ନିରାପତ୍ତାର ବଳୟ ଭିତରକୁ ଆଣିବା ପାଇଁ ସେମାନେ ଦାବି କରିଥିଲେ।

ପରେ ରାଜ୍ୟ ସମ୍ପାଦିକା ସନ୍ତୋଷୀ ଦାସଙ୍କ ସମେତ ଏକ ୧୦ ଜଣିଆ ପ୍ରତିନିଧି ଦଳ ମିଶନଶକ୍ତିର ସଚିବ ସୁଜାତା କାର୍ତ୍ତିକେୟନ ଓ ଅନ୍ୟ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ଏହି ବୈଠକରେ ୬ଟି କ୍ୟାଡର୍ର ଭତ୍ତା ଶତପ୍ରତିଶତ ରାଜ୍ୟ ସରକାର ବହନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଭତ୍ତା ବୃଦ୍ଧି ସମ୍ପର୍କରେ ଅନ୍ୟାନ୍ୟ ରାଜ୍ୟର ସ୍ଥିତିକୁ ଅନୁଧ୍ୟାନ କରି ନିର୍ଦ୍ଧାରଣ କରିବା ଓ ମାସିକ ଭତ୍ତା ବ୍ୟାଙ୍କ ଜରିଆରେ ପ୍ରଦାନ ପ୍ରସ୍ତାବକୁ ବିଚାର କରିବା ପାଇଁ କୁହାଯାଇଛି। ଏସ୍ଏଚ୍ଜିକୁ କ୍ଷୁଦ୍ର ଉଦ୍ୟୋଗରେ ପରିଣତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ୬ଟି କ୍ୟାଡରଙ୍କୁ ଋଣ ଜରିଆରେ ସ୍କୁଟି ଯୋଗାଇଦେବା ପାଇଁ ସ୍ଥିର କରାଯାଇଛି। ମହିଳାଙ୍କୁ ଚିକିତ୍ସା ଓ ପ୍ରସୂତିକାଳୀନ ଛୁଟି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗସ୍ତଖର୍ଚ୍ଚ ବୃଦ୍ଧି କରିବା ଓ ସ୍ମାର୍ଟକାର୍ଡ ଏବଂ ବୋନସ ରାଶି ପ୍ରଦାନ ନେଇ କୌଣସି ନିଷ୍କର୍ଷ ବାହାରିନାହିଁ। ସେହିପରି ବ୍ୟାଙ୍କ ମିତ୍ରଙ୍କୁ ଲାପ୍ଟପ୍, ଏଲ୍ଏସ୍ପିଙ୍କୁ ମୋବାଇଲ ସହାୟତା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି।

# ପାରଦର୍ଶୀ ପୋର୍ଟାଲରେ ତ୍ରୁଟି ଅଭିଯୋଗ



ଓସେପା ଅଫିସ୍ସ୍ଥିତ ଗଣଶିକ୍ଷା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ ଆଗରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

- ପ୍ରତିବାଦରେ ଓଡ଼ିଶା ଅଭିଭାବକ ମହାସଂଘର ଧାରଣା
- ଆଲୋଚନା ପରେ ମଙ୍ଗଳବାର ଆନ୍ଦୋଳନ ସ୍ଥଗିତ ହେଲା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ଘରୋଇ ସ୍କୁଲରେ ୨୫% ସିଟ୍ରେ ବିନା ମୂଲ୍ୟରେ ନାମଲେଖା ପାଇଁ ଗତ ୧୩ ତାରିଖରୁ ପାରଦର୍ଶୀ ପୋର୍ଟାଲ ଖୋଲିଛି। ହେଲେ ଏହି ପୋର୍ଟାଲରେ ଅନେକ ତ୍ରୁଟି ରହିଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦ କରି ସଂଘ ପକ୍ଷରୁ ସୋମବାର ଗଣଶିକ୍ଷା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠ ସାମ୍ନାରେ ଧାରଣା ଦିଆଯାଇଥିଲା। ମହାସଂଘ କହିବାନୁସାରେ, ପୋର୍ଟାଲରେ ପୂର୍ବ ଶିକ୍ଷାବର୍ଷ ୨୨-୨୩ ଉଲ୍ଲେଖ ରହିଛି। ନିକଟସ୍ଥ ସ୍କୁଲ ତାଲିକା ଠିକ୍ରେ ଦର୍ଶାଯାଇନାହିଁ। ନର୍ସରୀ ଶ୍ରେଣୀର ନାମଲେଖା ପାଇଁ ବ୍ୟବସ୍ଥା ଉପଲବ୍ଧ ନାହିଁ। ଏପରି ଗୁରୁତର ତ୍ରୁଟି ଯୋଗୁ ଅଭିଭାବକମାନେ ନିକଟ ସହଜ ସେବା କେନ୍ଦ୍ରରେ ଟଙ୍କା ଦେଇ ରେଜିଷ୍ଟ୍ରେଶନ କରିବା ସହିତ ହତାଶ ହେଉଛନ୍ତି। ଏହି ଅଭିଯୋଗ ନେଇ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଏକ ଟିମ୍ ଓସେପା ଅଫିସ୍ସ୍ଥିତ ଗଣଶିକ୍ଷା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଜଣାଇବାକୁ ଯାଇଥିଲେ। ହେଲେ ସଚିବ ଉପସ୍ଥିତ ନ ଥିବାବେଳେ ଅନ୍ୟ ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ତେଣୁ ଏଥିରେ ଅସନ୍ତୁଷ୍ଟ ହୋଇ ସେମାନେ ଅଭିଯୋଗ ପ୍ରକୋଷ୍ଠ ଆଗରେ ଧାରଣାରେ ବସିବା ସହ ସଚିବ ଆସି ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି କରିଥିଲେ। ଏଥିସହ ପୂର୍ବରୁ ରହିଥିବା ୭ଦଫା ଦାବିର କାର୍ଯ୍ୟକାରିତା ନେଇ ମଧ୍ୟ ଆଲୋଚନା କରିବାକୁ କହିଥିଲେ। ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ଭିଡିଓ କନ୍ଫରେନ୍ସିଂରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ତୁରନ୍ତ ଆଲୋଚନା କରି ସମାଧାନ ପାଇଁ ଆଦେଶ ଦେଇଥିଲେ। ଏହାପରେ ମହାସଂଘର ଏକ କମିଟି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶଙ୍କ ସହ ଆଲୋଚନା କରିଥିଲେ। ପାରଦର୍ଶୀ ପୋର୍ଟାଲରେ ରହିଥିବା ତ୍ରୁଟି ଓ ମହସଂଘର ପୂର୍ବ ୭ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ସଭାପତି ବାସୁଦେବ ଭଟ୍ଟଙ୍କ ସହ ପ୍ରସନ୍ନ ବିଷୋୟୀ, ମୋହନ ପଟ୍ଟନାୟକ, ସତ୍ୟଜିତ ଦାଶ, କାର୍ତ୍ତିକ ସାହୁ, କଳ୍ପନା ସାହୁ, ଅଶୋକ ପଟ୍ଟନାୟକ, ଶିଶିର ସାହୁ, ଶଙ୍କର ସାମନ୍ତରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାପରେ ମଙ୍ଗଳବାର ଥିବା ଆମରଣ ଅନଶନକୁ ମହାସଂଘ ସ୍ଥଗିତ ରଖିଥିବା ସୂଚନା ଦେଇଛି।

## ୨୭ରୁ ଆନ୍ଦୋଳନକୁ ଓହ୍ଲାଇବ କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ

ଭୁବନେଶ୍ୱର,୨୦।୨(ବ୍ୟୁରୋ)

୨୦୧୩ରୁ ପାର୍ଟ ଟାଇମ୍ ଭିତ୍ତିରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ। ଚାକିରିକାଳକୁ ୯ ବର୍ଷ ବିତିଥିଲେ ମଧ୍ୟ ଏହି ଶିକ୍ଷକମାନେ ୫୪୫୨ ଟଙ୍କା ମାସିକ ପାରିଶ୍ରମିକ ପାଇବା ଦୁଃଖର ବିଷୟ ବୋଲି ଓଡିଶା କଳା ଓ କ୍ରୀଡ଼ା ମହାସଂଘ ଆବାହକ ଦେବୁ ପଟ୍ଟନାୟକ କହିଛନ୍ତି। ତୁରନ୍ତ ସେମାନଙ୍କ ନିଯୁକ୍ତିକୁ ନିୟମିତ କରାଯିବା ସହ ପାରିଶ୍ରମିକ ବୃଦ୍ଧି କରା ନ ଗଲେ ସଂଘ ୨୭ ତାରିଖରୁ ବିକ୍ଷୋଭକୁ ଓହ୍ଲାଇବ ବୋଲି ଆବାହକ ଜଗତ୍ଜୀବନ ନାୟକ ଚେତାବନୀ ଦେଇଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ନବୋଦୟ ଯୁବ ସଂଗଠନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଦସ୍ୟମାନେ କଳା ଓ କ୍ରୀଡ଼ା କ୍ଷେତ୍ରରେ ସରକାର ଉଦାସୀନ ମନୋଭାବ ପୋଷଣ କରୁଥିବା କହିଥିଲେ। ଗତ ଡିସେମ୍ବର ୫ରୁ ୩୭ ଦିନ ଧରି ଏହି ଶିକ୍ଷକମାନେ ଧାରଣା ଦେଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ତେଣୁ ପୁଣିଥରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବି ପୂରଣ ନ ହେଲେ ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି।

# ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ସରକାରଙ୍କ ସହ ଆଲୋଚନା ପରେ ସ୍ଥଗିତ**

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ସ୍ଥାୟୀ ନିଯୁକ୍ତି ଦାବିରେ ରାଜ୍ୟ ଆର୍ବିଏସ୍କେ ଆୟୁଷ ଡାକ୍ତର ସଂଘ ପକ୍ଷରୁ ସୋମବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ ହୋଇଥିଲା। ଭୁବନେଶ୍ୱର ଲୋୟର ପିଏମ୍ଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ଆଲୋଚନା ପରେ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୯ବର୍ଷରୁ ଅଧିକ ଦିନ ଧରି ଚୁକ୍ତିଭିତ୍ତିକ ଭାବେ ସ୍ୱଳ୍ପ ଦରମାରେ କାର୍ଯ୍ୟରତ ୧,୧୭୨ଜଣ ଆର୍ବିଏସ୍କେ ଆୟୁଷ ଡାକ୍ତର ଲୋୟର ପିଏମ୍ଜିଠାରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଆରମ୍ଭ କରିଥିଲେ। ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସଂଘ ଆହ୍ୱାନରେ ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ଆର୍ବିଏସ୍କେ ଆୟୁଷ ଡାକ୍ତର ଗତ ୧୧ରୁ ନିଜ କାର୍ଯ୍ୟସ୍ଥଳରେ କଳା ବ୍ୟାଜ୍ ପରିଧାନ କରି ଓଡ଼ିଶା ସରକାରଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଜଣାଇଥିଲେ। ୧୫ ତାରିଖ ଯାଏ ସରକାରଙ୍କଠାରୁ କିଛି ଉତ୍ତର ନ ମିଳିବାରୁ ଏମାନେ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହି ଦୈନନ୍ଦିନ କାର୍ଯ୍ୟରେ ଅସହଯୋଗ କରିଥିଲେ। ୧୬ ତାରିଖ ଦିନ ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟରେ ନିର୍ଦ୍ଦେଶିକାଙ୍କ ଅଧ୍ୟକ୍ଷତାରେ ଆୟୁଷ ଡାକ୍ତର ସଂଘ କାର୍ଯ୍ୟକର୍ତ୍ତାଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଡାକ୍ତରଙ୍କ ନିଯୁକ୍ତିକୁ ସ୍ଥାୟୀକରଣ କରାଯିବା ଓ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଆୟୁଷ ଡାକ୍ତରଙ୍କ ବେତନ ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ମିଶନ ନିର୍ଦ୍ଦେଶିକା ମୌଖିକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିଯୁକ୍ତିକୁ ସ୍ଥାୟୀକରଣ କରିବା ତାଙ୍କର କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ସଂଘ ସ୍ଥାୟୀ ନିଯୁକ୍ତି ଦାବିରେ ସୋମବାର ଆନ୍ଦୋଳନକୁ ଓହ୍ଲାଇବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲା। ତେବେ ଅପରାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶାଳିନୀ ପଣ୍ଡିତ ସଂଘକୁ ଆଲୋଚନା ପାଇଁ ଡାକିଥିଲେ। ସଂଘ ସଭାପତି ପ୍ରଭାତ ମହାନ୍ତି, ସାଧାରଣ ସମ୍ପାଦକ ଡା. ରବୀନ୍ଦ୍ର ସେଠୀଙ୍କ ସମେତ ୬ଜଣ ଆଲୋଚନାରେ ସାମିଲ ହୋଇଥିଲେ। ବିଧାନସଭା ଶେଷ ହେବାର ୭ ଦିନ ପରେ ଏକ କମିଟି ଗଠନ କରି ସମସ୍ୟାର ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ବର୍ତ୍ତମାନ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ସାଧାରଣ ସମ୍ପାଦକ ଡା. ସେଠୀ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ପ୍ରକାଶ



@ ସୋନିରଞ୍ଜନ



@ ବରୁଣ



@ ଶ୍ରୀକାନ୍ତ



@ ଦେବପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ସ୍ଥାୟୀ ନିଯୁକ୍ତି ଦାବିରେ ଆର୍ବିଏସ୍କେ ଆୟୁଷ ଡାକ୍ତରମାନେ ସୋମବାର ଭୁବନେଶ୍ୱର ଲୋୟର ପିଏମ୍ଜିରେ ଧାରଣା ଦେଇଛନ୍ତି।





ଓଡ଼ିଶା ପୁନଃ ଥଇଥାନ ନିୟମ-୨୦୨୦କୁ ଉଚ୍ଛେଦ କରି ୧୯୯୦ ନିୟମକୁ କାର୍ଯ୍ୟକାରୀ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ଦାବିରେ ଓଡ଼ିଶା ରାଜ୍ୟ କର୍ମଚାରୀ ଥଇଥାନ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍ଜିରେ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ)

ଜାତୀୟ/ଅନ୍ତର୍ଜାତୀୟ

# ପୁରୀ ମଙ୍ଗୁ ମଠ ଭଙ୍ଗା ନିଷ୍ପତ୍ତି ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ,୨୦।୨**

ଓଡ଼ିଶାର ପୁରୀ ସହରରେ ୫୦୦ ବର୍ଷର ପୁରୁଣା ମଙ୍ଗୁ ମଠ ଭଙ୍ଗାଯିବା ଘଟଣାରେ ରାଜ୍ୟ ସରକାରଙ୍କ ବିରୋଧରେ ଦାଏର ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ବିରୋଧରେ ଅବମାନନା ପ୍ରୋସିଡିଂ କରାଯିବାର କୌଣସି କାରଣ ନାହିଁ କହି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରିଦେଇଥିଲେ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ନିର୍ମାଣ ମାମଲାରେ ସୁପ୍ରିମକୋର୍ଟଙ୍କ ୨୦୧୯ ରାୟ ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରି ଅଦାଲତ ଅବମାନନା ପିଟିଶନ ଦାଏର ହୋଇଥିଲା। ୫୦୦ ବର୍ଷ ପୂର୍ବେ ଗୁରୁ ନାନକ ନିଜେ ମଙ୍ଗୁ ମଠ ଗସ୍ତ କରିଥିଲେ। ଉକ୍ତ ମଠକୁ ଭଙ୍ଗାଯିବାର ନ ଥିଲା ବୋଲି ବରିଷ୍ଠ ଆଇନଜୀବୀ ଆନନ୍ଦ ଗ୍ରୋଭର ଅଦାଲତଙ୍କୁ କହିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ୨୦୧୯ ନଭେମ୍ବରର ରାୟର ଅବମାନନା କରିଥିବା ପିଟିଶନରେ ଦର୍ଶାଯାଇଥିଲା। ଏହା ପୂର୍ବ ମାସରେ ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତରେ ଏକ ସତ୍ୟପାଠ ଦାଖଲ କରି ଉକ୍ତ ମଠର ମୂର୍ତ୍ତି, ଗର୍ଭଗୃହ, ଗାଦି, ମଠ ସମାଧି ଆଦି ପ୍ରଭାବିତ ହେବନାହିଁ ଓ ପୂର୍ବ ସ୍ଥାନରେ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା କରିଡର ନିର୍ମାଣ ପାଇଁ ସରକାର ମଙ୍ଗୁ ମଠକୁ ଭାଙ୍ଗିଦେଲେ। ଶିଖ୍ ସମ୍ପ୍ରଦାୟ ମଠ ଉଚ୍ଛେଦ ଘଟଣାରେ ପ୍ରତିବାଦ କରିଥିଲେ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଥିଲା।

# ଆଲିଆ ଶ୍ରେଷ୍ଠ ଅଭିନେତ୍ରୀ

## ଦାଦା ସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ



**ମୁମ୍ବାଇ, ୨୦।୨:** ମୁମ୍ବାଇର ତାଜ୍ ଲାଣ୍ଡସ୍ ଏଣ୍ଡରେ ସୋମବାର ଅନୁଷ୍ଠିତ ଦାଦା ସାହେବ ଫାଲକେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ହିନ୍ଦୀ ଫିଲ୍ମ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ୨୦୨୨ରେ ରିଲିଜ୍ ହୋଇଥିବା ଫିଲ୍ମ 'ଗଙ୍ଗୁବାଈ କାଥିଆୱାଡ଼ି' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ନେଇ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହାର ନିର୍ଦ୍ଦେଶନା ସଞ୍ଜୟ ଲିଲା ବଂଶାଲୀ ଦେଇଥିଲେ। ଅନ୍ୟପକ୍ଷେ ବଲିଉଡ୍ ଫିଲ୍ମ 'ଶିବା'ର ପ୍ରଥମ ସଂସ୍କରଣ ପାଇଁ ସ୍ୱାମୀ ରଣବୀର କପୁରଙ୍କୁ ଶ୍ରେଷ୍ଠ ଅଭିନେତା ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ୮୦ ଦଶକର ଲୋକପ୍ରିୟ ଅଭିନେତ୍ରୀ ରେଖାଙ୍କୁ 'ଆଉଟ୍‌ଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁଶନ୍ ଇନ୍ ଦ ଫିଲ୍ମ ଇଣ୍ଡଷ୍ଟ୍ରି' କାଟେଗୋରିରେ ସମ୍ମାନିତ କରାଯାଇଛି। ଦାଦା ସାହେବ ଫାଲକେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ବଲିଉଡ୍ ଜଗତର ବହୁ କଳାକାର ଯୋଗ ଦେଇଥିଲେ।

## ତୁର୍କୀ-ସିରିଆ ସୀମାରେ ପୁଣି ଭୂକମ୍ପ

**ଆଣ୍ଟାକ୍ୟା, ୨୦।୨:** ତୁର୍କୀ-ସିରିଆ ସୀମାନ୍ତ ଅଞ୍ଚଳରେ ସୋମବାର ପୁଣିଥରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୩ ରେକର୍ଡ କରାଯାଇଛି। ତୁର୍କୀରେ ଦୁଇ ସପ୍ତାହ ତଳେ ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପରେ ୪୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଆଣ୍ଟାକ୍ୟା ସହରରେ ଭୂକମ୍ପ ଆତଙ୍କ ଖେଳାଇଥିବାବେଳେ କେତେକ ବିଲ୍ଡିଂ ଭାଙ୍ଗିଯାଇଛି। ଇଜିପ୍ଟ ଏବଂ ଲେବାନନ୍‌ରେ ମଧ୍ୟ କମ୍ପନ ଅନୁଭୂତ ହୋଇଛି। କେନ୍ଦ୍ରୀୟ ଆଣ୍ଟାକ୍ୟାରେ ୨ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଜଣାପଡ଼ିଛି।

## ମାଓବାଦୀ ଆକ୍ରମଣରେ ୨ ପୋଲିସ ଶହୀଦ

**ରାୟପୁର, ୨୦।୨:** ଛତିଶଗଡ଼ ରାଜନନ୍ଦଗାଁଓ ଜିଲାରେ ମାଓବାଦୀ ଆକ୍ରମଣରେ ସୋମବାର ୨ ପୋଲିସ ଅଧିକାରୀ ଶହୀଦ ହୋଇଛନ୍ତି। ସକାଳ ୭ରୁ ୮ଟା ମଧ୍ୟରେ ଡିଷ୍ଟ୍ରିକ୍ଟ ଫୋର୍ସ ହେଡ୍ କନ୍‌ଷ୍ଟେବଲ ରାଜେଶ କୁମାର ରାଜପୁତ ଏବଂ ଛତିଶଗଡ ଆର୍ମଡ୍ ଫୋର୍ସ କନ୍‌ଷ୍ଟେବଲ ଅନିଲ କୁମାର ସମ୍ରାଟ ମୋଟରସାଇକେଲରେ ବୋରତାଲାଭ ପୋଲିସ କ୍ୟାମ୍ପରୁ ମହାରାଷ୍ଟ୍ର ସୀମାନ୍ତ ଅଞ୍ଚଳକୁ ଯାଉଥିବାବେଳେ ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ।

# ପ୍ରିନ୍ସିପାଲଙ୍କ ଦେହରେ ନିଆଁ ଲଗାଇଦେଲେ ପୂର୍ବତନ ଛାତ୍ର

**ଭୋପାଳ,୨୦।୨**

ମଧ୍ୟପ୍ରଦେଶ ଇନ୍ଦୋରସ୍ଥିତ ବି.ଏମ୍.ଫାର୍ମାସୀ କଲେଜର ଜଣେ ପୂର୍ବତନ ଛାତ୍ର ସୋମବାର ପ୍ରିନ୍ସିପାଲ ବିମୁକ୍ତ ଶର୍ମା (୫୦)ଙ୍କ ଦେହରେ ନିଆଁ ଲଗାଇଦେଇଛନ୍ତି। ତାଙ୍କ ଶରୀରର ୮୦ ଭାଗ ଜଳିଯାଇଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାର୍କଶିଟ୍ ମିଳିବାରେ ବିଳମ୍ବକୁ ନେଇ ପୂର୍ବତନ ଛାତ୍ର ଆଶୁତୋଷ ଶ୍ରୀବାସ୍ତବ ଏଭଳି କାଣ୍ଡ ଘଟାଇଛନ୍ତି। ନିଆଁ ଲଗାଇବା ବେଳେ ଆଶୁତୋଷଙ୍କ ଶରୀରର ୪୦ ପ୍ରତିଶତ ପୋଡ଼ିଯାଇଛି। ସୋମବାର ଅପରାହ୍ନରେ ପ୍ରିନ୍ସିପାଲ ଘରକୁ ଫେରିବା ଲାଗି କାର୍‌ରେ ବସିବାକୁ ଯାଉଥିବାବେଳେ ଆଶୁତୋଷ ପହଞ୍ଚି ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ପ୍ରିନ୍ସିପାଲଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରୁଛି।

# ସୋନୁ ନିଗମଙ୍କୁ ଆକ୍ରମଣ

**ମୁମ୍ବାଇ,୨୦।୨**



ମୁମ୍ବାଇର ଚେମ୍ବୁରଠାରେ ସୋମବାର ରାତିରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ଗାୟକ ସୋନୁ ନିଗମଙ୍କ ଉପରେ ଆକ୍ରମଣ ହୋଇଛି। ଉଦ୍ଧବ ଠାକ୍‌ରେ ଗୋଷ୍ଠୀର ଜଣେ ଶିବସେନା ବିଧାୟକଙ୍କ ପୁଅ ଓ ତାଙ୍କର କେତେଜଣ ଗୁଣ୍ଡା ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୋନୁ ଓ ଅନ୍ୟ ଜଣେ ବ୍ୟକ୍ତି ଆହତ ଅବସ୍ଥାରେ ଚେମ୍ବୁରର ଜେନ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୋନୁଙ୍କ ଜୀବନ ବଞ୍ଚାଇଥିବା ଅଙ୍ଗରକ୍ଷୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଆକ୍ରମଣର କାରଣ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଆକ୍ରମଣ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ଚିଟ୍‌ଫଣ୍ଡ ଶୁଣାଣି ମାର୍ଚ୍ଚ ୧୩କୁ ଘୁଞ୍ଚିଲା

**ନୂଆଦିଲ୍ଲୀ,୨୦।୨**

ବହୁକୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ନିରପେକ୍ଷ ତଦନ୍ତ ସହ ଠକାମିର ଶିକାର ହୋଇଥିବା ଓଡ଼ିଶାର ହଜାର ହଜାର ଜମାକାରୀଙ୍କୁ ସେମାନଙ୍କ ଜମା ଅର୍ଥ ଫେରାଇଦେବା ଦାବିରେ ଦାଏର ପିଟିଶନର ଶୁଣାଣିକୁ ସୁପ୍ରିମକୋର୍ଟ ସୋମବାର ଘୁଞ୍ଚାଇ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୩ରେ ହେବ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ଆଇନଜୀବୀ ଶୁଣାଣିକୁ ଗୋଟିଏ ସପ୍ତାହ ଘୁଞ୍ଚାଇବା ପାଇଁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଲୋକଙ୍କ ଜମା ଅର୍ଥ କୁଆଡ଼େ ଗଲା ବୋଲି ଶୁଣାଣି ବେଳେ ଜଷ୍ଟିସ ଶାହା କେନ୍ଦ୍ରକୁ ପ୍ରଶ୍ନ କରିଥିଲେ। କୋଅପରେଟିଭ୍ ସୋସାଇଟି ଦ୍ୱାରା ସଂଗୃହୀତ ଅର୍ଥକୁ ଘରୋଇ କମ୍ପାନୀରେ ନିବେଶ କରାଯାଇଥିଲା ବୋଲି ସରକାରଙ୍କ ପକ୍ଷର ଓକିଲ କହିଥିଲେ। ବିଭିନ୍ନ ଅଦାଲତରେ ବିଚାରାଧୀନ ସମସ୍ତ ଚିଟ୍‌ଫଣ୍ଡ ମାମଲାକୁ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ପାଇଁ କେନ୍ଦ୍ର ପକ୍ଷରୁ ଦାଏର ପିଟିଶନକୁ ବିଚାରକୁ ନେବା ଲାଗି ନିବେଦନ କରାଯାଇଥିଲା। ଗତ ମାସ ୧୬ରେ ସୁପ୍ରିମକୋର୍ଟ ଜମାକାରୀଙ୍କୁ ଚିଟ୍‌ଫଣ୍ଡ ଅର୍ଥ ଫେରସ୍ତ ନେଇ କେନ୍ଦ୍ର ସରକାର, ଓଡ଼ିଶା ଓ ଅନ୍ୟାନ୍ୟ ପକ୍ଷଙ୍କ ମତାମତ ଲୋଡ଼ିଥିଲେ।

# ଭିଏଲ୍‌ଡବ୍ଲ୍ୟୁଙ୍କୁ ୨ ବର୍ଷ ଜେଲଦଣ୍ଡ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ଏକ ଲାଞ୍ଚ କାରବାର ମାମଲାର ୧୪ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ ପାଇଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଥିବା ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ତତ୍କାଳୀନ ଭିଏଲ୍‌ଡବ୍ଲ୍ୟୁ ତଥା ନୂଆଗାଁ ବ୍ଲକ୍‌ରେ କାର୍ଯ୍ୟରତ ସୁଶାନ୍ତ କୁମାର ସାହୁଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ୪ହଜାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ୨ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସତ୍ୟ ନାରାୟଣ ଷଡ଼ଙ୍ଗୀ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ଭିଏଲ୍‌ଡବ୍ଲ୍ୟୁ ସୁଶାନ୍ତଙ୍କୁ ଚାକିରିରୁ ବରଖାସ୍ତ ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ମିଲୁ ରଏ ନାମକ ଜଣେ ବ୍ୟକ୍ତି ଗ୍ରାମରେ ଏକ ସରକାରୀ କୂଅର ବେଢ଼ା ନିର୍ମାଣ ପାଇଁ ଅନୁମତି ପାଇଥିଲେ। ହେଲେ ଏଥିପାଇଁ ୱାର୍କ ଅର୍ଡର ଦେବାକୁ ଭିଏଲ୍‌ଡବ୍ଲ୍ୟୁ ସୁଶାନ୍ତ ୧୮୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ମିଲୁ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୦୯ ଡିସେମ୍ବର ୨୨ରେ ଭିଏଲ୍‌ଡବ୍ଲ୍ୟୁ ସୁଶାନ୍ତ ଗଣିଆ ବ୍ଲକ ଅଫିସ୍‌ରେ ମିଲୁଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୫୨/୨୦୦୯) ରୁଜୁ କରାଯାଇ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ୭ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ପରିଚାଳନା କରୁଥିଲେ।

# ଓଏଫ୍‌ଡିସିର ପ୍ରାକ୍ତନ ଡିଭିଜନାଲ ମ୍ୟାନେଜର ଦଣ୍ଡିତ

**କଟକ ଅଫିସ,୨୦।୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ଅନୁଗୋଳର ପୂର୍ବତନ ଡିଭିଜନାଲ ମ୍ୟାନେଜର ରସାନନ୍ଦ ପ୍ରଧାନ ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ସ୍ୱତନ୍ତ୍ର କୋର୍ଟ ସୋମବାର ତାଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ। ପ୍ରଧାନ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ତାଙ୍କ ମାସିକ ପେନ୍‌ସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପଦକ୍ଷେପ ନେବ ବୋଲି ସୂଚନା ମିଳିଛି। ମାମଲାର ବିବରଣୀ ଅନୁଯାୟୀ, କଟକ ସ୍ୱତନ୍ତ୍ର କୋର୍ଟରେ ପ୍ରଧାନଙ୍କ ବିରୋଧରେ ଟିଆର୍ କେସ୍ ନଂ. ୦୫/୨୦୧୧ ରୁଜୁ ହୋଇଥିଲା। ସେ ୧୭,୦୩,୯୭୫ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ କଟକ ଡିଭିଜନର ପୂର୍ବତନ ଇନ୍ସପେକ୍ଟର କୁଞ୍ଜ ବିହାରୀ ପାଣି ଏହି ମାମଲାର ତଦନ୍ତ କରୁଥିଲେ। ପବ୍ଲିକ ପ୍ରସିକ୍ୟୁଟର ବୀରେନ୍ କୁମାର ପଣ୍ଡା ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

# ୯ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ପାରଳାଖେମୁଣ୍ଡି, ୨୦।୨ (ଡି.ଏନ୍.ଏ.)**



ବିଦ୍ୟାଳୟ ପରିସରରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଜବାହର ନବୋଦୟ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କାଶୀନଗର ବ୍ଲକ ଅଲଡା ଗ୍ରାମର ସୌଦାମିନୀ ରଇତ। ପରିବାର ଲୋକେ ଏହାକୁ ହତ୍ୟା ଅଭିଯୋଗ କରି ବିଦ୍ୟାଳୟ ପରିସରରେ ହୋହାଲ୍ଲା କରିବାରୁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ.୫୨/୨୩ରେ ହତ୍ୟା ମାମଲା ରୁଜୁ କରାଯାଇଛି।

ସୌଦାମିନୀ ପାରଳାଖେମୁଣ୍ଡି ଜବାହର ନବୋଦୟ ବିଦ୍ୟାଳୟ ହଷ୍ଟେଲରେ ରହି ୯ମ ଶ୍ରେଣୀରେ ପଢୁଥିଲେ। ଭୋର୍‌ରେ କେତେକ ଛାତ୍ରୀ ସୌଦାମିନୀଙ୍କ ଝୁଲନ୍ତା ମୃତଦେହ ଦେଖି ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଝିଅର ମୃତ୍ୟୁ ଖବର ଜାଣି ପରିବାରବର୍ଗ ଓ ଗ୍ରାମବାସୀ ମେଳି ବାନ୍ଧି ଜିଲାମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ସେଠାରୁ ଉତ୍ତ୍ୟକ୍ତ ଲୋକମାନେ ବିଦ୍ୟାଳୟକୁ ଘେରାଉ କରିଥିଲେ। ବିଦ୍ୟାଳୟ ତଥା ହଷ୍ଟେଲ କର୍ତ୍ତୃପକ୍ଷ ପୋଲିସକୁ ନ ଜଣାଇ ମୃତଦେହ ପାରଳାଖେମୁଣ୍ଡିଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିବା ପରିବାରବର୍ଗ ଅଭିଯୋଗ କରିଥିଲେ। ମୃତ୍ୟୁ ସମୟରେ ଛାତ୍ରୀଙ୍କ ପାଟିରେ କପଡା ବନ୍ଧା ହୋଇଥିବା ବେଳେ ଘଟଣାସ୍ଥଳରେ ଆତ୍ମହତ୍ୟା ହୋଇଥିବା ଭଳି ପାରିପାର୍ଶ୍ୱିକ ସ୍ଥିତି ନ ଥିବାରୁ ଏହା ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ସନ୍ଦେହ କରିଥିଲେ। ଏସ୍‌ଡିପିଓ ରାମକୃଷ୍ଣ ପତି, ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ, କାଶୀନଗର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଅତିରିକ୍ତ ତହସିଲଦାର ବିପିନ ଚନ୍ଦ୍ର ଲିମା ଓ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନ ଉପୁଜେ, ସେଥିପାଇଁ ପୋଲିସ ମୁତୟନ କରାଯାଇଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।


**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT**
No.B-1269
E-mail: ceroads.bbsr@gmail.com
**Bid Identification No. CE-DPI & R-41/2022-23**
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of work : Road Works
3. No. of work : 3 Nos.
4. Tender Paper cost : Rs.10,000.00
5. Class of Contractor : 'A' Class/Special Class/Super Class
6. Available of bid document in the website : From 10.00 A.M. of 23.02.2023 to 5.30 PM of 14.03.2023
7. Date of opening of Bid : Dt.15.03.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
OIPR 34111/11/0089/2223 Sd./- Chief Engineer (DPI & Roads), Odisha



**ROURKELA SMART CITY LIMITED, ROURKELA**
Udit Nagar, Rourkela-769012, Email: rourkelascl@gmail.com
**BID ID:- RSCL/2224/2023** **DATE: 20.02.2023**
**NOTICE INVITING TENDER NATIONAL COMPETITIVE BIDDING**
**No. C-2492:-** The Chief Executive Officer, RSCL invites bids from eligible contractors for the following projects:

| SL No. | Name of the Projects | Estimated Cost of the Project Rs. Lakhs |
|---|---|---|
| 1 | Power Supply to the Project "Rourkela One" | 57.17 |

The Tender Fees of Rs. 7,100/-is to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 20.02.2023 to 28.02.2023 (up to 17:00 Hrs. IST). Pre-Bid Meeting will be held on 24.02.2023 at 12.30 P.M. in the Conference Hall of RSCL. For queries, intending bidder may contact Assistant Executive Engineer vide Phone No. 9437272035 and Email Id:rourkelascl@gmail.com.
OIPR-13080/11/0021/2223 **Sd./- Chief Executive Officer, Rourkela Smart City Limited**



**ODISHA JOINT ENTRANCE EXAMINATION-2023 (OJEE - 2023)**
No. OJEE/084 **NOTICE** DATE: 20.02.2023
No. h-24:- In continuation to the OJEE advertisement, vide no. OJEE/064 dated 08-02-2023, this is for the information of all concerned that Odisha Joint Entrance Examination (OJEE – 2023) will be conducted as per the following schedule.

| Courses | Date of Examination |
|---|---|
| B.Pharm / MCA /M.Sc (Comp. Science) / MBA / Int. MBA / B. CAT / M.Tech / M.Tech (Part-Time) / M.Arch/ M Plan / M.Pharm and Lateral Entry to B.Tech / B.Pharm | 8th, 9th, 10th, 11th and 12th May, 2023 (with 15th May, 2023 as reserve day) |

Date, Shift and Centre details will be indicated on the Admit Cards, which can be downloaded from OJEE website from **20th April 2023** onwards.
**For other details, please visit OJEE website: www.ojee.nic.in / www.odishajee.com.**
OIPR-14020/11/0032/2223 **Sd./- CHAIRMAN, OJEE, Odisha**



**DIRECTORATE OF MEDICAL EDUCATION AND TRAINING, ODISHA**
Heads of Department Building, Bhubaneswar, 751001,
Tel No, 0674-2393847,2394255
**Schedule for Combined Counselling 2022-23**
No.E-915: **No. MET-I-GA-19-2022- 2774 // Dt. 20.02.2023**

| | |
|---|---|
| **ROUND-1 COUNSELING 2022-23** | |
| Publication of Seat Matrix Round-1 | 21/02/2023 |
| Online Choice filling / Locking-Round-1 | 25/02/2023 (10 a.m] to 02/03/2023 (5 p.m) |
| Download of Allotment- Round-1 | 05/03/2023 (10 a.m) |
| Offline Admission at the Conference Hall, Ground Floor, Heads of Deptt, Building (10 a.m. to 5 p.m) ** No admission will be done without original CLC and Admission fees | 13/03/2023 to 16/03/2023 |
| Publication list of finally admitted candidates in Round-1 | 18/03/2023 (12 o clock) |
| **ROUND-2 COUNSELING 2022-23** | |
| *(All the Vacant Seats /Non Admitted Seats after completion of Round-1 will be de-reserved and all reserved category seats will be converted in to UR Category and the Choice Locking and Allotment will be done on virtual vacancy basis)* | |
| Publication of Seat Matrix Round-2 | 19/03/2023 (10 a.m) |
| Online Choice filling / Locking-Round-2 | 20/03/2023 [10 a.m) to 23/03/2023 (5 p.rn) |
| Download of Allotment- Round-2 | 26/03/2023 (10 a.m) |
| Offline Admission at the Conference Hall, Ground Floor, Heads of Deptt. Building (10 a.m. to 5 p.rn) ** No admission will be done without original CLC and Admission fees | 29/03/2023-to 31/03/2023 |
| Return of Vacant Seats to Pvt College for admission in Management Seats | 01/04/2023 |
| Publication list of finally admitted candidates in Round-2 | 03/04/2023 |
| Last date of admission and Online portal entry of Admitted list of students by Pvt Institutions | 30/04/2023 |
| Physical document verification of Candidates admitted through Management in Pvt Institutes at Convener Office | 01/05/2023 to 15/05/2023 |
| Commencement of Session /Classes for 2022-23 | 20/03/2023 |

OIPR-10016/11/0047/2223 **Sd./- CONVENER SELECTION COMMITTEE**



ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN, ROURKELA FOREST DIVISION, ROURKELA, SUNDARGARH,ODISHA**
Phone No.0661-2664637, Fax No.0661-2664638
email:dforourkela.od@gov.in
Order No. 121/ Dtd.17.02.2023
**INVITATION FOR BIDS (IFB)**
**E-Procurement**
Bid Identification No. RKL -F.E & C.C/2022-23 Dtd.17.02.2023
**No.MM-466:** 1.Name of work : - Construction of External Civil work, Reception Block, Staff Cottage & Guest Cottage (6 nos.) at Mandira Dam, Laing of Rajgangpur Range, Rourkela Forest Division.
2. No. of works : - 01 No.
3. No. of covers : - Double Cover
4. Estimated Cost : - Rs.4,85,95,883.00
5. Period of Completion : - 06 (Six) Calendar Months
6. Date & Time of availability of bid documents in portal : - From 11:00 A.M. of dated 20.02.2023 to 05:00 P.M. of dated 06.03.2023
7. Last date/ time for receipt of bids in the portal :- Up to 05:00 P.M. of dated 06.03.2023
8. Date of opening of bid documents :- At 11:00 A.M. on dated 09.03.2023
9. Class of Contractor : - "A" Class Contractor
10. Name and address of officer inviting Bid : - Divisional Forest Officer, Rourkela Forest Division.
Further, details can be seen from the e-Procurement portal www. tenderodisha.gov.in. The Addendum / Corrigendum if any will be hosted in the website only.
**Sd./- Divisional Forest Officer Rourkela Forest Division**
OIPR-08044/11/0020/2223



**ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା**
**OFFICE OF THE NOTIFIED AREA COUNCIL : KHANDAPADA**
E-Mail Id-nackpg89@gmail.com
Letter No - 430 Date.14/02/2023
**QUOTATION CALL NOTICE**
**No.C-2490:** The Executive Officer, N.A.C, Khandapada on behalf of Khandapada N.A.C. invited sealed quotation from the intending authorized firms / reputed agencies having PAN, GST Certificate, for supply, fitting and fixing of "Mango Shaped shop in the vending zone infront of Sunamuhin Park at, Khandapada NAC (6Nos.) as per approved design and specification for civil work,of N.A.C. Khandapada. The Quotation will be available from Dt. 15/02/2023 to Dt.28/02/2023 up to 3.00 P.M in the Office hour. The quotationer should have to deposit tender paper cost in shape of Cash/DD Rs. 1,000/- ( Rupees One Thousand only) at N.A.C. Office, Khandapada. The quotations should reach the office of the undersigned on or before dated 28/02/2023 at. 3.00 P.M. The undersigned doesn't take any responsibility of delay in receiving the quotation through post/by drop box, the quotation will be opened on dated 28/02/2023 at 4.00 P.M. The bidder or his authorized representative may remain present during the opening of the quotation. The quotationer must have to deposit the EMD of Rs.5,000/- (Rupees Five Thousand Only) with quotation in the shape of TDR/Bank Draft / Cash in favor of Executive Officer , NAC Khandapada. The details will be available in the shedule. The lowest quotation rate will be taken in consideration for acceptance. The authority shall not be responsible for any postal delay. The quotation received after schedule date is liable for rejection. The tender will decide as per design basis and IRC guideline. The Authority reserve right to reject any or all Quotation without assigning any reason thereof.
**Sd./- Executive Officer, Khandapada NAC**
OIPR-13147/11/0020/2223



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BHUBANESWAR**
E-mail ID: eeolicdivn.bbsr@ymail.com
**Tender Call Notice**
**For Selection of Facility Management Agency**
No.520/2022-23 Dt.17.02.2023
No.CAD-4881:- Executive Engineer, Lift Irrigation Division, Bhubaneswar invites sealed tender from eligible Bidders (Firms/ Agencies) interested to provide **Sanitary Workers 4 Nos** on Contractual basis through Service Provider to be engaged at Head Office, Bhubaneswar.
Tender documents can be available from the office of the Executive Engineer, Lift Irrigation Division, Bhubaneswar during office hours on working days from **Dt. 21.02.2023 to dt. 27.02. 2023** on application and payment of cost of tender paper **Rs. 4,000.00 (Rupees four Thousand)** only (non-refundable) in shape of Bank Draft/ Banker's cheque drawn on any Nationalized Bank in favour of Executive Engineer, Lift Irrigation Division, Bhubaneswar payable at Bhubaneswar.
The completed tender documents shall be received at L.I. Division, Bhubaneswar by Speed Post / Registered post / Courier only up to **04.00 P.M. of Dt. 28.02.2023** which will be opened at Lift Irrigation, Bhubaneswar on the same day at **04.30 PM** in presence of tenderers or their authorized representative if any.
The tender must be accompanied with all required documents / EMD as per DTCN in absence of which the tender will summarily be rejected.
The undersigned reserves the right to accept or reject any or all the tenders without assigning any reason thereof.
**Sd./- Executive Engineer L.I. Division, Bhubaneswar**
OIPR-32155/11/0015/2223

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସୋମବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୧୧ (୩୧୧.୦୩) ପଏଣ୍ଟ ଖସି ୬୦,୬୯୨ (୬୦,୬୯୧.୫୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୦୦ (୯୯.୬୦) ପଏଣ୍ଟ ହ୍ରାସ ଘଟି ୧୭,୮୪୫ (୧୭,୮୪୪.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଉବରକୁ ୨୫୦୦୦ଇଭି କାର୍ ଯୋଗାଇବ ଟାଟା ମୋଟର୍ସ

ନୂଆଦିଲ୍ଲୀ,୨୦।୨




ଦେଶର ସର୍ବବୃହତ୍ ବୈଦ୍ୟୁତିକ ଯାତ୍ରୀବାହୀ ଯାନ ନିର୍ମାତା ଟାଟା ମୋଟର୍ସ ଏବଂ ରାଇଡ୍ ଶେୟାରିଂ ପ୍ଲାଟଫର୍ମ କମ୍ପାନୀ ଉବର ସହ ସୋମବାର ଏକ ବାଣିଜ୍ୟିକ ରାଜିନାମା ହୋଇଥିବା ଜଣାପଡିଛି। ଉକ୍ତ ରାଜିନାମା ଅନୁସାରେ ଟାଟା ମୋଟର୍ସ ଉବରକୁ ୨୫୦୦୦ ବୈଦ୍ୟୁତିକ ଯାନ (ଇଭି) ବା ଇଭି କାର୍ ଯୋଗାଇବ। ବିଶେଷକରି ଟାଟା ମୋଟର୍ସ ତା'ର ନୂଆ ଇଭି ମଡେଲ 'ଏକ୍ସପ୍ରେସ-ଟି'ର ୨୫୦୦୦ୟୁନିଟ୍ ଉବରକୁ ଯୋଗାଇ ଦେବାକୁ ଯାଉଛି। ଏ ନେଇ ସୋମବାର ଉଭୟ ଟାଟା ମୋଟର୍ସ ଏବଂ ଉବର ପକ୍ଷରୁ ମିଳିତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଉକ୍ତ ଡିଲକୁ ଇଭି ଯାନ କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ହୋଇଥିବା ସବୁଠୁ ବଡ଼ ଡିଲ୍ ବୋଲି କୁହାଯାଉଛି। ଏପରିକି ଉଭୟ କମ୍ପାନୀଙ୍କ ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଉବର ଏହି ଇଭି କାରକୁ ଏହାର ପ୍ରିମିୟମ ସେବାରେ ନିୟୋଜିତ କରିବ। ସେହିପରି ପ୍ରାରମ୍ଭିକ ପର୍ଯ୍ୟାୟରେ ଉବର ଦିଲ୍ଲୀ ଏନସିଆର, ମୁମ୍ବାଇ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ ଏବଂ ଅହମଦାବାଦ ଭଳି ସହରରେ ଉକ୍ତ ଇଭି କାର୍ ସେବା ଯୋଗାଇବ। ଏପରିକି ଟାଟା ମୋଟର୍ସ ପର୍ଯ୍ୟାୟକ୍ରମେ ଉବରକୁ ସମସ୍ତ ୨୫୦୦୦ ଯାନ ହସ୍ତାନ୍ତର କରିବ ବୋଲି ଜଣାପଡିଛି। ଯାହାକି ଚଳିତ ମାସରୁ ହିଁ ଆରମ୍ଭ ହେବ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଟାଟା ମୋଟର୍ସର ପାସେଞ୍ଜର ଯାନ ଏବଂ ଟାଟା ପାସେଞ୍ଜର ମୋବିଲିଟିର ପରିଚାଳନା ନିର୍ଦ୍ଦେଶକ ଶୈଳେଶ ଚନ୍ଦ୍ରା କହିଛନ୍ତି, ଭାରତର ଏକ ପ୍ରମୁଖ ରାଇଡ୍ ଶେୟାରିଂ ପ୍ଲାଟଫର୍ମ ସହ ସହଭାଗିତାକୁ ନେଇ ଆମେ ବହୁତ ଖୁସି ଅଛୁ। ଏପରିକି ଉକ୍ତ ଡିଲ୍ ଗ୍ରାହକଙ୍କୁ ପରିବେଶ ଅନୁକୂଳ ଯାତ୍ରା ତଥା ସବୁଜ-ସ୍ୱଚ୍ଛ ଯାତ୍ରା ପ୍ରଦାନ କରିବ। ଏହି ସହଭାଗିତା ଭବିଷ୍ୟତରେ ଇଭି ସେଗମେଣ୍ଟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ବିଶେଷ କରି ଭାରତୀୟ ବଜାରରେ ଆମର ସ୍ଥିତିକୁ ସୁଦୃଢ଼ କରିବାରେ ଏହା ବେଶ୍ ସହାୟକ ହେବ। ସେହିପରି ଉବର ଇଣ୍ଡିଆ ଏବଂ ଦକ୍ଷିଣ ଏସିଆର ଅଧ୍ୟକ୍ଷ ପ୍ରଭଜିତ ସିଂହ କହିଛନ୍ତି, ଉବର ଭାରତରେ ଶେୟାରିଂ ରାଇଡ୍ ଯୋଗାଇବା କ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ପ୍ରତିବଦ୍ଧ ରହିଛି। ଏପରିକି ଟାଟା ମୋଟର୍ସ ସହ ହୋଇଥିବା ବାଣିଜ୍ୟିକ ସହଭାଗିତା ଏକ ପ୍ରମୁଖ ମାଇଲଖୁଣ୍ଟ ହେବ।

# ନୂତନ ଆନୁଷ୍ଠାନିକ ନିଯୁକ୍ତି ସଂଖ୍ୟା ହ୍ରାସ

ନୂଆଦିଲ୍ଲୀ,୨୦।୨

କ୍ରମାଗତ ୩ୟ ମାସ ପାଇଁ ନୂତନ ଆନୁଷ୍ଠାନିକ ନିଯୁକ୍ତି ପ୍ରାୟ ୧ ମିଲିୟନ୍ ତଳେ ରହିଛି। ଏପରିକି ୨୦୨୨ ଡିସେମ୍ବରରେ ମଧ୍ୟ ନୂତନ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି। ଫଳରେ ନିଯୁକ୍ତି କ୍ଷେତ୍ରରେ ଏହା ଏକ ବଡ଼ ଚାପ ବୋଲି ସୋମବାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଦ୍ୱାରା ପ୍ରକାଶିତ ସର୍ବଶେଷ ବେତନ ତଥ୍ୟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏପରିକି ଇପିଏଫ୍ ଅଧୀନରେ ନୂତନ ମାସିକ ଗ୍ରାହକଙ୍କ ସଂଖ୍ୟା ୧୪.୫% ହ୍ରାସ ପାଇ ୨୦୨୨ ଡିସେମ୍ବରରେ ୮,୦୨,୨୫୦ ରହିଥିଲା। ସେହିଭଳି ୨୦୨୨ ନଭେମ୍ବରରେ ୯,୩୭,୬୮୦ ଥିବାବେଳେ ଅକ୍ଟୋବରରେ କେବଳ ୭, ୮୦,୧୭୦ ନୂତନ ଗ୍ରାହକ ଇପିଏଫରେ ଯୋଗ ଦେଇଥିଲେ, ଯାହାକି ୨୦୨୧ ମେ ପରଠାରୁ ସର୍ବନିମ୍ନ ମାସିକ ରେକର୍ଡ ହୋଇଥିଲା।

# ସୁଶାନ୍ତ ପଣ୍ଡା ଓଆଇଏର ନୂତନ ସଭାପତି




କଟକ,୨୦।୨

ଓଡ଼ିଶାଇଣ୍ଡଷ୍ଟ୍ରିଜଆସୋସିଏଶନ(ଓଆଇଏ)ର ନୂତନ ସଭାପତି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏପରିକି ଆଗାମୀ ୨ବର୍ଷ ପାଇଁ ସେ ଏହି ଗୁରୁଦାୟିତ୍ୱ ତୁଲାଇବେ ବୋଲି ଓଆଇଏ ପକ୍ଷରୁ କୁହାଯାଇଛି। ସୋମବାର ଓଆଇଏର ଦ୍ୱିବାର୍ଷିକ ସାଧାରଣ ସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ରାଜେଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ଧରି ଜଗତପୁର ଶିଳ୍ପାଞ୍ଚଳରେ ଗଢ଼ିଉଠିଥିବା ଏହି ଶିଳ୍ପ ସଂଘ ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ନୂତନ ଉଦ୍ୟୋଗପତି ସୃଷ୍ଟି କରିବାରେ ବ୍ୟାପକ ଭୂମିକା ଗ୍ରହଣ ସାଙ୍ଗକୁ ସହଯୋଗ କରି ଆସିଥିବା ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ୨୦୦ରୁ ଅଧିକ ସଭ୍ୟ ଉକ୍ତ କର୍ମକର୍ତ୍ତା ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ ପଣ୍ଡା ଆଗାମୀ ୨ବର୍ଷ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଥିବା ଭବାନୀ ପଣ୍ଡିତ ଘୋଷଣା କରିଥିଲେ। ସେହିପରି ସଂଘର ଉପସଭାପତି ଭାବେ ପୁଷ୍ପା ସାମଲ ଓ ବିନୋଦ ଭୂତ, ସାଧାରଣ ସମ୍ପାଦକ ଭାବେ ଗୌରଗୋପାଳ ସେନ, କାର୍ଯ୍ୟକାରୀ ସମ୍ପାଦକ ଭାବେ ଦେବେନ୍ଦ୍ର ପ୍ରସାଦ ଶର୍ମା, ସମ୍ପାଦକ (ଅର୍ଥ) ଭାବେ କିଶୋର ଚନ୍ଦ୍ର ମହାନ୍ତି, ସଂଗଠନ ସମ୍ପାଦକ ଭାବେ ସଞ୍ଜୟ କୁମାର ଅଗ୍ରୱାଲ, କାର୍ଯ୍ୟକାରୀ ସଭ୍ୟ ଅଜୟ କୁମାର ପଣ୍ଡା, ଅନିରୁଦ୍ଧ ପୁହାଣ, ଅଶୋକ କୁମାର ସାହୁ, ବିଭୁଦତ୍ତ ସାମନ୍ତରାୟ, ବିକାଶ ଚନ୍ଦ୍ର ମହାପାତ୍ର, ବିନିତା ଦାସ, ଦେବେନ ରାୟ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରିୟନାଥ ମହାନ୍ତି, ରାମବଲ୍ଲଭ ନାୟକ, ରିତେଶ କୁମାର ସୁରେକା, ରୁଦ୍ରନାରାୟଣ ଆଚାର୍ଯ୍ୟ, ଶୁଭ୍ରକାନ୍ତ ପଣ୍ଡା, ସୁଧାକର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ କମିଶନ ଜଣାଇଛନ୍ତି।

# ସୁବ୍ରମଣ୍ୟମ୍ ନୀତି ଆୟୋଗର ନୂଆ ସିଇଓ


ବିଭିଆର୍ ସୁବ୍ରମଣ୍ୟମ

ନୂଆଦିଲ୍ଲୀ,୨୦।୨

ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଭିଆର୍ ସୁବ୍ରମଣ୍ୟମଙ୍କୁ ସୋମବାର କେନ୍ଦ୍ର ସରକାର ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତ କରିଛନ୍ତି। ବିଶେଷକରି ଛତିଶଗଡ଼ କ୍ୟାଡରର ୧୯୮୭ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ସୁବ୍ରମଣ୍ୟମ୍ ଗତ ବର୍ଷ ସେପ୍ଟେମ୍ବର ୩୦ରେ ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଂଗଠନ (ଆଇଟିପିଓ)ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ଏପରିକି ଜମ୍ମୁ-କଶ୍ମୀରରେ ଗତ ବର୍ଷ ରାଜ୍ୟପାଳ ଶାସନ ଘୋଷଣା ହେବା ପରେ ସେ ଜମ୍ମୁ-କଶ୍ମୀରରେ ଅବସ୍ଥାପିତ ହେବା ପୂର୍ବରୁ ଛତିଶଗଡ଼ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ) ଥିଲେ। ସେ ପୂର୍ବରୁ ଜମ୍ମୁ-କଶ୍ମୀରର ମୁଖ୍ୟ ଶାସନ ସଚିବ ଭାବେ ଦକ୍ଷତାର କାର୍ଯ୍ୟ କରିଥିଲେ ଏବଂ ରାଜ୍ୟର ଅମଲାତନ୍ତ୍ରରେ ପ୍ରମୁଖ ଭୂମିକା ମଧ୍ୟ ଗ୍ରହଣ କରିଥିଲେ। ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ସ୍ଥିତିକୁ ରଦ୍ଦ କରିବା ଏବଂ ରାଜ୍ୟକୁ ଦୁଇଟି ପୃଥକ୍ ୟୁନିୟନ୍ ଅଞ୍ଚଳରେ ବିଭକ୍ତ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଥିବା ଅଳ୍ପ ଅଧିକାରୀଙ୍କ ମଧ୍ୟରେ ସୁବ୍ରମଣ୍ୟମଙ୍କ ସମ୍ପୃକ୍ତି ବେଶ୍ ଅଧିକ ଥିଲା। ଅପରପକ୍ଷରେ ନୀତି ଆୟୋଗର ବର୍ତ୍ତମାନ ସିଇଓ ପରମେଶ୍ୱରନ୍ ଆୟର୍ ୩ବର୍ଷ କାର୍ଯ୍ୟକାଳ ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ବିଶ୍ୱ ବ୍ୟାଙ୍କକୁ ଯିବେ ବୋଲି ଜଣାପଡିଛି।

# ଲାଲ୍‌ଚାନ୍ଦରେ 'ବିବାହର ସ୍ୱର୍ଣ୍ଣିମ ମୁହୂର୍ତ୍ତରେ ରୁପାର ବର୍ଷା'

ଭୁବନେଶ୍ୱର,୨୦।୨

LALCHND
Odisha's Most Trusted Jeweller

ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ବିବାହ ଋତୁ ସ୍ୱତନ୍ତ୍ର ଅଫର 'ବିବାହର ସ୍ୱର୍ଣ୍ଣିମ ମୁହୂର୍ତ୍ତରେ ରୁପାର ବର୍ଷା' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ବିବାହ ଋତୁରେ ସବୁବର୍ଗର ଗ୍ରାହକଙ୍କ ପାଇଁ ଲାଲଚାନ୍ଦ ଏଭଳି ଏକ ଆକର୍ଷଣୀୟ ଅଫର ଆଣିଥିବା ଜଣାପଡିଛି। ସେହିଭଳି ଏହାର ଗ୍ରାହକମାନେ ଯେତିକି ପରିମାଣର ସୁନା କ୍ରୟ କରିବେ, ସମାନ ଓଜନର ରୁପା ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏଥିସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ମଧ୍ୟ ୫୦% ରିହାତି ସୁବିଧା ରହିଛି। ସେହିପରି ପ୍ରତ୍ୟେକ ୨୫,୦୦୦ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ଗ୍ରାହକମାନେ ୨ଟି ସ୍ୱର୍ଣ୍ଣ ମୁଦ୍ରା ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି ଅଫର ଲାଲଚାନ୍ଦ ଜୁଏଲର୍ସର ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁରସ୍ଥିତ ଶୋ'ରୁମ୍ ଗୁଡ଼ିକରେ ଉପଲବ୍ଧ। ଅପରପକ୍ଷରେ ଲାଲଚାନ୍ଦ ଜୁଏଲର୍ସର ସମସ୍ତ ଶୋ'ରୁମ୍ ଗୁଡିକରେ ଆକର୍ଷଣୀୟ ଡିଜାଇନ୍‌ର ସୁନା, ରୁପା, ହୀରା ଏବଂ ପ୍ଲାଟିନମ୍ ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ପାରମ୍ପରିକ, ଅତ୍ୟାଧୁନିକ ତଥା ଷ୍ଟାଇଲିସ୍ ସୁନା ଗହଣା ସହ ବ୍ରାଇଡାଲ୍ ଜୁଏଲେରିର ସର୍ବଶ୍ରେଷ୍ଠ କଲେକ୍‌ଶନ ମଧ୍ୟ ଲାଲଚାନ୍ଦ ଜୁଏଲର୍ସରେ ଉପଲବ୍ଧ ହେଉଛି। ଏଥିସହ ଲାଲଚାନ୍ଦ ଜୁଏଲର୍ସ ସର୍ବଦା ଗ୍ରାହକମାନଙ୍କୁ ସର୍ବନିମ୍ନ ସୁନା ଦର ସହ ସର୍ବନିମ୍ନ ଗଢ଼ାମୂଲ୍ୟର ପ୍ରତିଶ୍ରୁତି ଦେଇଆସିଛି, ଯାହାକି ଗ୍ରାହକମାନଙ୍କୁ ଆଣିଦେବ ସୁନା ଗହଣା କ୍ରୟ କରିବାର ଅନନ୍ୟ ଅନୁଭୂତି।

ଏ ସମ୍ପର୍କରେ ଲାଲଚାନ୍ଦ ଜୁଏଲର୍ସର ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଆମେ ସର୍ବଦା ଆମର ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରଦାନ କରିବାରେ ବିଶ୍ୱାସ କରୁ। ସେଥିପାଇଁ ଆମେ ଚଳିତ ଥର ବିବାହ ଋତୁରେ ଗ୍ରାହକମାନଙ୍କୁ ସୁନା ଗହଣା କ୍ରୟ ଉପରେ କିଛି ଉପହାର ପ୍ରଦାନ କରିବାକୁ ଏଭଳି ଏକ ଅଫର ରଖିଛୁ। ସେହିଭଳି ଲାଲଚାନ୍ଦ ଜୁଏଲର୍ସରୁ ଗହଣା କିଣୁଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଗହଣାର ସ୍ଥାୟିତ୍ୱ ପାଇଁ ଆଜୀବନ ରକ୍ଷଣାବେକ୍ଷଣ ସୁବିଧା ପ୍ରଦାନ କରାଯାଉଛି, ଏହାବ୍ୟତୀତ ଆମେ ଗ୍ରାହକମାନଙ୍କ ନିମନ୍ତେ ସମସ୍ତ ଶୋ'ରୁମ୍‌ରେ ବ୍ୟାପକ ଡିଜାଇନ୍‌ର ମନୋମୁଗ୍ଧକର ଓ ଆକର୍ଷଣୀୟ ବିଆଇଏସ୍ ହଲ୍‌ମାର୍କ ଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାର, ପ୍ରମାଣିତ ହୀରା ଓ ପ୍ଲାଟିନମ୍ ଅଳଙ୍କାର, ରୁପା ଗହଣା, ଅଗ୍ରଣୀ ବ୍ରାଣ୍ଡର ହାତଘଣ୍ଟା ଇତ୍ୟାଦି ମଧ୍ୟ ଉପଲବ୍ଧ କରାଉଛୁ।

# ସୋନିର ନୂତନ କ୍ୟାମେରା ଉନ୍ମୋଚିତ

ନୂଆଦିଲ୍ଲୀ,୨୦।୨

ସୋନି ଇଣ୍ଡିଆର ନୂତନ କ୍ୟାମେରା 'ଏଫ୍‌ଏକ୍ସ୩୦'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ନୂତନ କ୍ୟାମେରା ଏଫ୍‌ଏକ୍ସ୩୦ ଏକ ୪କେ ସୁପର ୩୫କମ୍ପ୍ୟାକ୍ଟ କ୍ୟାମେରା ଭାବେ ଜଣାଶୁଣା, ଯାହା ସିନେମା ଲାଇନର ଅନେକ ବୃତ୍ତିଗତ ବୈଶିଷ୍ଟ୍ୟ ପ୍ରଦାନ କରିଥାଏ, ଯେପରିକି ଡୁଆଲ ବେସ୍ ଆଇଏସ୍‌ଓ, ଲଗ୍ ଶୁଟିଂ ମୋଡ୍ ଇତ୍ୟାଦି। ବିଶେଷକରି କମ୍ପାନୀର ଉକ୍ତ କ୍ୟାମେରା ୨ଟି ଭାରିଆଣ୍ଟ ଏଫ୍‌ଏକ୍ସ୩୦ ଓ ଏଫ୍‌ଏକ୍ସ୩୦ବିର ବଜାର ପ୍ରବେଶ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ୍ ଇମେଜିଂ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ଫିଲ୍ମ ନିର୍ମାଣରେ ପ୍ରବେଶ କରିବାକୁ ଚାହୁଁଥିବା ସମସ୍ତଙ୍କ ପାଇଁ ନୂଆ ଏଫ୍‌ଏକ୍ସ୩୦ ଏକ ଉତ୍ତମ ପସନ୍ଦ। ଏଭଳି ଏକ ହାଇ-ଏଣ୍ଡ କ୍ୟାମେରାର ଅନେକ ବୃତ୍ତିଗତ ଦକ୍ଷତା ରହିଛି, ଯାହା ସମସ୍ତ ସ୍ତରର ଚଳଚ୍ଚିତ୍ର ନିର୍ମାତା, ଭିଡିଓଗ୍ରାଫରଙ୍କ ପାଇଁ ବେଶ୍ ଉପଯୋଗୀ ଓ ସୁଲଭ କରିଥାଏ। ଏହା ସିନେମା ଲାଇନ ଶୃଙ୍ଖଳାର ଏକ ଚମତ୍କାର କେନ୍ଦ୍ରବିନ୍ଦୁ ବୋଲି ସେ ମତପ୍ରକାଶ କରିଛନ୍ତି।

## ଫୁର୍‌ସତ୍

# ମନୁଷ୍ୟକୃତ ମମିଫାଏଡ୍ ମର୍‌ମେଡ୍

ଟୋକିଓ





ଜାପାନରେ ଏକ ମମିଫାଏଡ୍ ମର୍‌ମେଡ୍ ମମି ଠାବ ହୋଇଛି, ଯାହା ବୈଜ୍ଞାନିକଙ୍କ ପାଇଁ ଶହ ଶହ ବର୍ଷ ଧରି ରହସ୍ୟ ହୋଇ ରହିଥିଲା। ରିପୋର୍ଟ ଅନୁସାରେ, ଏହି ମମିକୁ ଜାପାନର ଆଶାକୁଚି ସହରର ଏନ୍‌ଜୁଇନ୍ ମନ୍ଦିରରେ ରଖାଯାଇଥିଲା। ତେବେ ୩୦୦ ବର୍ଷ ପରେ ଅନୁସନ୍ଧାନକୁ ଜଣାପଡ଼ିଛି ଯେ ଉକ୍ତ ମମିଟି ମନୁଷ୍ୟକୃତ। ଏହା କାଗଜ, କପଡ଼ା, ସୂତା ଏବଂ ମାଛର ଅଙ୍ଗପ୍ରତ୍ୟଙ୍ଗରେ ତିଆରି। ଜୀବଟିକୁ ପ୍ରଶାନ୍ତ ମହାସାଗରର ଶିକୋକୁ ଦ୍ୱୀପରୁ ୧୭୩୬ରୁ ୧୭୪୧ ମସିହା ମଧ୍ୟରେ ଧରାଯାଇଥିଲା। ଏହି ଜୀବର ଉଚ୍ଚତା ୩୦ ସେ.ମି. ହୋଇଥିବାବେଳେ ତାହାର ୧୨ ଇଞ୍ଚର ଲାଞ୍ଜ, ୨ଟି ହାତ ଏବଂ ବିକୃତ ଚେହେରା ଥିଲା। ତା'ର ତୀକ୍ଷ୍ଣ ଦାନ୍ତ ଥିବାବେଳେ ସେ ସମୁଦ୍ର କୂଳରେ ମୃତ ଅବସ୍ଥାରେ ପଡ଼ିଥିଲା। ତା'ର ମୁଣ୍ଡରେ ମଣିଷଙ୍କ ପରି କେଶ ରହିଥିଲା। ଲାଞ୍ଜଟି ମାଛ ଲାଞ୍ଜ ସଦୃଶ ଥିଲା। ସେ ସମୟରେ କୁହାଯାଉଥିଲା ଯେ ଏପରି ମର୍‌ମେଡ୍‌ଙ୍କୁ ଖାଇଲେ ମଣିଷ ଅମର ହୋଇଯାନ୍ତି। କୁରାଶିକି ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଆର୍ଟସରୁ ଜଣାପଡ଼ିଛି ଯେ, ଏହି ଜୀବ ଦେହରେ ହାଡ଼ ନାହିଁ। ତା'ର କେଶ ଏକ ସ୍ତନ୍ୟପ୍ରାୟୀ ପ୍ରାଣୀ, ଦାନ୍ତ ଏକ ମାଛଠାରୁ, କାନ୍ଧ, ବାହୁ, ବେକ ଏବଂ ଗାଲ ମାଛ ଚମଡ଼ାରୁ ପ୍ରସ୍ତୁତ। ନଖ ପଶୁ କେରାଟିନ୍‌ରୁ ଏବଂ ଶରୀରର ତଳଭାଗ ସମ୍ପୂର୍ଣ୍ଣ ମାଛ ଲାଞ୍ଜ ପରି ରହିଛି। ଏହି ଜୀବଟି ୧୬୦୩ରୁ ୧୮୬୭ ପର୍ଯ୍ୟନ୍ତ ଜାପାନର ଇତିହାସର ଏକ ଯୁଗ ଇଡୋ ସମୟରେ ତିଆରି ହୋଇଥିବା ଜଣାପଡ଼ିଛି।

# ମା' ବାପାଙ୍କୁ ଦେଢ଼ଶହ କୋଟିର ଘର ଉପହାର



**ମୁମ୍ବାଇ:** ତାମିଲ ଅଭିନେତା ଧନୁଷ୍ ନିକଟରେ ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି। ଚେନ୍ନାଇର ପୋଇସ୍ ଗାର୍ଡେନ ସ୍ଥିତ ଏହି ବିଳାସପୂର୍ଣ୍ଣ ଘରଟିକୁ ଧନୁଷ୍ ତାଙ୍କ ମା'ବାପାଙ୍କୁ ଉପହାର ସ୍ୱରୂପ ଦେଇଛନ୍ତି। ଧନୁଷ୍‌ଙ୍କ ପୂରା ପରିବାର ସେହି ଘରେ ରହିବେ ବୋଲି ଜଣାପଡ଼ିଛି। ଏହି ଘରଟିର ଦାମ୍ ୧୫୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ନିର୍ଦ୍ଦେଶକ ସୁବ୍ରମଣ୍ୟମ ଶିବା ଏନେଇ ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ନିର୍ଦ୍ଦେଶକ ଲେଖିଛନ୍ତି, ମୋର ସାନଭାଇ ଧନୁଷ୍‌ଙ୍କ ନୂଆ ଘର ମୋତେ ଏକ ମନ୍ଦିର ପରି ଲାଗୁଛି। ସେ ନିଜ ମାତାପିତାଙ୍କୁ ଏହି ସ୍ୱର୍ଗ ପରି ଘର ଉପହାରରେ ଦେଇଛନ୍ତି। ଏଥିସହ ନିର୍ଦ୍ଦେଶକ ଧନୁଷ୍‌ଙ୍କୁ ଅନେକ ପ୍ରଶଂସା କରିଛନ୍ତି। ତେବେ ଗତ ଶୁକ୍ରବାର ଧନୁଷ୍‌ଙ୍କ ଫିଲ୍ମ 'ବାତୀ' ରିଲିଜ୍ ହୋଇଛି। ଫିଲ୍ମଟି ୫୦ କୋଟି ଟଙ୍କାର ବଜେଟର ପ୍ରସ୍ତୁତ ହୋଇଥିବାବେଳେ ୩ ଦିନରେ ଏହା ୩୦ କୋଟି ଟଙ୍କା ରୋଜଗାର କରିସାରିଲାଣି। ଚଳଚ୍ଚିତ୍ରଟି ପାରିବାରିକ ଡ୍ରାମା ଉପରେ ଆଧାରିତ ହୋଇଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଭେଙ୍କି ଅତଲୁରୀ। ଏହା ତେଲୁଗୁ ଏବଂ ତାମିଲ ଭାଷାରେ ରିଲିଜ୍ ହୋଇଛି।

# ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରେ ମାତୃଭାଷା

**ଅନ୍ତର୍ଜାତୀୟ ମାତୃଭାଷା ଦିବସ**

**ଭା**ଷାଭିତ୍ତିକ ତଥା ସାଂସ୍କୃତିକ ବିବିଧତା ଏବଂ ବହୁଭାଷୀତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଫେବୃୟାରୀ ୨୧ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥାଏ। ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାର ସଂକଳ୍ପକୁ ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ୟୁନେସ୍କୋ ୧୯୯୯ରେ ଅନୁମୋଦନ କରିଥିଲା। ସ୍ଥାୟୀ ସମାଜ ପାଇଁ ସାଂସ୍କୃତିକ ଏବଂ ଭାଷାଭିତ୍ତିକ ବିବିଧତାର ଗୁରୁତ୍ୱ ଉପରେ ୟୁନେସ୍କୋ ବିଶ୍ୱାସ କରେ। ଶାନ୍ତି ପାଇଁ ଏହା ସଂସ୍କୃତି ଏବଂ ଭାଷାର ପାର୍ଥକ୍ୟକୁ ବଞ୍ଚାଇ ରଖିବା ପାଇଁ କାର୍ଯ୍ୟ କରେ, ଯାହା ଅନ୍ୟମାନଙ୍କ ପ୍ରତି ସହନଶୀଳତା ଏବଂ ସମ୍ମାନ ବଢ଼ାଇଥାଏ।

ୟୁନେସ୍କୋ ୱେବ୍‌ସାଇଟ ଅନୁଯାୟୀ, ବାଂଲାଦେଶର ଉଦ୍ୟମରେ ଏହି ଦିନକୁ ସ୍ୱୀକୃତି ଦିଆଯାଇଥିଲା ଏବଂ ୨୦୦୦ ମସିହାରୁ ସାରା ବିଶ୍ୱରେ ଏହା ପାଳନ କରାଯାଇଆସୁଛି। ୟୁନେସ୍କୋ ସମଗ୍ର ବିଶ୍ୱରେ ଭାଷା ଲୋପ ପାଇବାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଏହି ଦିବସ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲା। ସାଧାରଣ ଜୀବନରେ ମାତୃଭାଷାର ବିକାଶ ପାଇଁ ପ୍ରତିବଦ୍ଧତା ଦେଖାଇବା ଅନ୍ତର୍ଜାତୀୟ ମାତୃଭାଷା ଦିବସର ମୂଳ ଲକ୍ଷ୍ୟ। ୟୁନେସ୍କୋ ଦ୍ୱାରା ପ୍ରଥମେ ୧୭ ନଭେମ୍ବର ୧୯୯୯ରେ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା।

# ଦେହରେ ୩୦ ଦେଶର ଷ୍ଟାମ୍ପ



ଲଣ୍ଡନ: ବର୍ତ୍ତମାନ ସମୟରେ ଲୋକେ ନିଜ ସଉକ ଲାଗି ଅନେକ କାର୍ଯ୍ୟ କରୁଛନ୍ତି। ତେବେ ଇଂଲଣ୍ଡର ୫୪ ବର୍ଷୀୟ ଇଆନ୍ ଅଡଜେର୍ ନାମକ ଜଣେ ଯୁବକ, ଯିଏକି ଇଂଲଣ୍ଡ ଫୁଟବଲ୍ ଟିମ୍‌ର ଜଣେ ଦୃଢ଼ ସମର୍ଥକ। ଯେଉଁଠାରେ ଫୁଟବଲ୍ ମ୍ୟାଚ୍ ଆୟୋଜିତ ହୁଏ, ସେ ସେଠାକୁ ମ୍ୟାଚ୍ ଦେଖିବାକୁ ଚାଲିଯାଆନ୍ତି। ସେଥିରେ ସେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟ କରିସାରିଲେଣି। ଏଥିପାଇଁ ସେ ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି। ବର୍ତ୍ତମାନ ସେ ଅନ୍ୟ କାରଣରୁ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଇଆନ୍ ଭାବନ୍ତି କି ସେ ଯେଉଁଠାକୁ ଯାଉଛନ୍ତି, ତାଙ୍କର ସେଠା ଯାତ୍ରା ଏକ ସ୍ମୃତି ଭାବେ ରହୁ। ସେଥିପାଇଁ ତାଙ୍କୁ ଏକ ଉପାୟ ମିଳିଗଲା। ଏକ ରିପୋର୍ଟ ମୁତାବକ, ସେ ଏପର୍ଯ୍ୟନ୍ତ ୩୨ଟି ଦେଶକୁ ମ୍ୟାଚ୍ ଦେଖିବା ଲାଗି ଯାଇ ପାରିଛନ୍ତି, ଯାହାର ଟିକେଟ ଏବେ ବି ତାଙ୍କ ପାଖରେ ରହିଛି। ତାଙ୍କ ପାସ୍‌ପୋର୍ଟରେ ମଧ୍ୟ ସେହିସବୁ ଦେଶର ଷ୍ଟାମ୍ପ ଲାଗିଥିଲା। ପରେ ସେ ଜଣେ ଟାଟୁ ଆର୍ଟିଷ୍ଟଙ୍କୁ ଭେଟି ତାଙ୍କ ପାଖରେ ଥିବା ଷ୍ଟାମ୍ପ ଏବଂ ଟିକେଟ୍‌ର ଟାଟୁ ନିଜ ଦେହରେ ଖୋଦେଇ କରିଦେଲେ। ସେ ୧୦ ବର୍ଷ ମଧ୍ୟରେ ଇଂଲଣ୍ଡର କୌଣସି ମ୍ୟାଚ୍ ମିସ୍ କରିନାହାନ୍ତି ବୋଲି କହିଛନ୍ତି। ଏପରି କି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ହେଉଥିଲେ ମଧ୍ୟ ସେ ସେଠାରେ ପହଞ୍ଚି ଯାଆନ୍ତି। ଏବେସୁଦ୍ଧା ସେ ୫ଟି ଇଣ୍ଟରନ୍ୟାଶନାଲ ଟୁର୍ଣ୍ଣାମେଣ୍ଟ ଦେଖିସାରିଛନ୍ତି। ନିକଟରେ କାତାରରେ ଆୟୋଜିତ ହୋଇଥିବା ଫୁଟବଲ୍ ମ୍ୟାଚ୍ ମଧ୍ୟ ଦେଖିଛନ୍ତି। ତେବେ ସେ ୨୦୧୭ରେ ତାଙ୍କର ପ୍ରଥମ ଟାଟୁ କରିଥିବା କହିଛନ୍ତି।

**ଏଆଇସିସି ପ୍ରତିନିଧି ତାଲିକା**

# ଟାଇଟଲରଙ୍କ ନାଁକୁ ନେଇ ବିବାଦ

ନୂଆଦିଲ୍ଲୀ,୨୦।୨

କଂଗ୍ରେସ ସୋମବାର ଦିଲ୍ଲୀରୁ ଏଆଇସିସି ପ୍ରତିନିଧିମାନଙ୍କ ତାଲିକା ପ୍ରକାଶ କରିଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ଦଳ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ନାମ ରହିଛି। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ତଦନ୍ତ କମିଟି ରିପୋର୍ଟରେ ନାମ ଥିବା ଟାଇଟଲରଙ୍କୁ ଏଆଇସିସି ପ୍ରତିନିଧି ତାଲିକାରେ ସ୍ଥାନ ମିଳିଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ଦିଲ୍ଲୀର ଶାସକ ଏଏପି ଏବଂ ଭାଜପା ଏହାର ପ୍ରତିବାଦ କରିଛନ୍ତି। ଏହାଦ୍ୱାରା ଦେଶରେ ବିରୋଧୀ ଦଳର ବିଭାଜନ ଓ ଅରାଜକତା ସୃଷ୍ଟି ଚରିତ୍ର ପଦାରେ ପଡ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ଦଳରେ ଏଆଇସିସି ପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଥିବା କଂଗ୍ରେସର ୮୫ତମ ମହାସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପ୍ରତିନିଧିମାନଙ୍କ ସହ ସେମାନେ ସାମିଲ ହେବେ। ଏଥିସହିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ସଦସ୍ୟ ନିର୍ବାଚନ ଲାଗି ଯଦି ନିର୍ବାଚନ ହୁଏ, ଉକ୍ତ


ଜଗଦୀଶ ଟାଇଟଲର

ପ୍ରତିନିଧିମାନେ ଭୋଟ ଦେବାର ସୁଯୋଗ ପାଇବେ। ସିଡବ୍ଲୁସିର ୨୫ ସଦସ୍ୟଙ୍କ ମଧ୍ୟରୁ ୧୧ ଜଣଙ୍କୁ ନିର୍ବାଚିତ କରିବା ନେଇ ୨୪ ତାରିଖରେ ଦଳର ଷ୍ଟିୟରିଂ କମିଟି ନିଷ୍ପତ୍ତି ନେବ। କଂଗ୍ରେସରେ ୧,୩୩୮ ନିର୍ବାଚିତ ଏବଂ ୪୮୭ ଜଣ ଆମନ୍ତ୍ରିତ ଏଆଇସିସି ପ୍ରତିନିଧି ରହିଛନ୍ତି। ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ମଧ୍ୟ ଉତ୍ତରପ୍ରଦେଶରୁ ନିର୍ବାଚିତ ଏଆଇସିସି ରହିଛନ୍ତି। ଦିଲ୍ଲୀରୁ ୩୬ ଜଣ ନିର୍ବାଚିତ ଏଆଇସିସି ପ୍ରତିନିଧିଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଅନିଲ କୁମାର ଚୌଧରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜୟ ମାକେନ୍, ପୂର୍ବତନ ଏଆଇସିସି ସାଧାରଣ ସମ୍ପାଦକ(ସଂଗଠନ) ଜନାର୍ଦ୍ଦନ ଦ୍ୱିବେଦୀ ପ୍ରମୁଖ ରହିଛନ୍ତି। ସେହିପରି ନିମନ୍ତ୍ରିତ ସଦସ୍ୟଙ୍କ ମଧ୍ୟରେ ପ୍ରବୀନ୍ ଡାଭର, ହରୁନ ୟୁସୁଫ୍ କ୍ରିଷ୍ଣା ତିରଥ, ବକ୍ସର ବୀରେନ୍ଦ୍ର ସିଂ, ରାଗିଣୀ ନାୟକ, କେ.ବି. ବାଇଜୁ ପ୍ରମୁଖ ରହିଛନ୍ତି। ଟାଇଟଲରଙ୍କ ନିର୍ବାଚନକୁ ନେଇ ଭାଜପା ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି, କଂଗ୍ରେସର କାର୍ଯ୍ୟକଳାପ କହିଦେଉଛି ଭାରତ ଯୋଡ଼ୋ ଯାତ୍ରା ବେଳେ ଏହାର ନେତା ରାହୁଲ ଗାନ୍ଧୀ ଭଲପାଇବାର ଦୋକାନ ଖୋଲିଥିବାର ଉଦ୍ଦେଶ୍ୟ। ପ୍ରକୃତରେ ସେମାନେ ଘୃଣାର ଦୋକାନ ଖୋଲିଛନ୍ତି ବୋଲି ଭାଟିଆ କହିଛନ୍ତି।

# ନୂଆ ଦଳ ଗଢ଼ିଲେ କୁଶ୍ୱାହା

ପାଟନା,୨୦।୨

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶୱାହା ସୋମବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଛାଡ଼ି ନୂଆ ରାଜନୈତିକ ଦଳ ରାଷ୍ଟ୍ରୀୟ ଲୋକ ଜନତା ଦଳ (ଆର୍‌ଏଲ୍‌ଜେଡି) ଗଠନ କରିଛନ୍ତି। ପାଟନାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କୁଶୱାହା କହିଛନ୍ତି, ସମର୍ଥକମାନେ ତାଙ୍କୁ ଆର୍‌ଏଲ୍‌ଜେଡିର ରାଷ୍ଟ୍ରୀୟ ଅଧ୍ୟକ୍ଷ କରିଛନ୍ତି। ସେ ରାଜ୍ୟ ବିଧାନ ପରିଷଦ ସଦସ୍ୟତା ଏବଂ ଜେଡିୟୁ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଘୋଷଣା କରିଛନ୍ତି।

କୁଶୱାହା ନରେନ୍ଦ୍ର ମୋଦି ସରକାରର ପ୍ରଥମ ପାଳିରେ ୨୦୧୪ରୁ ୨୦୧୮ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଥିଲେ। ତାଙ୍କ ଦଳ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ୨୦୨୧ ମାର୍ଚ୍ଚରେ ଜେଡିୟୁ ସହ ମିଶ୍ରଣ ହୋଇଥିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ୭ ଦଳୀୟ ମେଣ୍ଟର ନେତୃତ୍ୱ ନେବେ ବୋଲି ନୀତୀଶ ଘୋଷଣା କରିବା ପରେ କୁଶ୍ୱାହା ଅସନ୍ତୁଷ୍ଟ ରହିଥିଲେ। ଜେଡିୟୁ ସଂସଦୀୟ ବୋର୍ଡ ଅଧ୍ୟକ୍ଷ ଥବା କୁଶ୍ୱାହା ଦଳୀୟ କର୍ମୀମାନଙ୍କ ଦୁଇଦିନିଆ ବୈଠକ


ଉପେନ୍ଦ୍ର କୁଶୱାହା

ଡାକି ଆଲୋଚନା କରିବା ପରେ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଜେଡିୟୁ ଦୁର୍ବଳ ହେବା ଲାଗି ସେ ନୀତୀଶଙ୍କୁ ଦାୟୀ କରିଛନ୍ତି। ଜନତା ଦଳରୁ ଅଲଗା ହେବା ପରେ କର୍ପୂରୀ ଠାକୁରଙ୍କ ରାଜନୈତିକ ଲିଗାସୀକୁ ଆଗେଇନେବା ଲକ୍ଷ୍ୟରେ ଜେଡିୟୁ ଗଢ଼ାଯାଇଥିଲା। ପ୍ରଥମେ ନୀତୀଶ ଭଲ କାମ କରୁଥିଲେ ଏବଂ ରାଜ୍ୟରେ ପରିବର୍ତ୍ତନ ଆଣିଥିଲେ। ୨୦୦୫ରେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ନୀତୀଶ ବଦଳିଗଲେ ଓ ଅନ୍ୟ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ନେତାମାନଙ୍କ ଇଶାରାରେ ନାଚିବାକୁ ଲାଗିଲେ ବୋଲି କୁଶ୍ୱାହା କହିଛନ୍ତି।

# ମାର୍ଚ୍ଚ ୧୩ରେ ରାଜଭବନ ଘେରାଉ କରିବ କଂଗ୍ରେସ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ଲାଗି ସଜବାଜ ହେଉଛି କଂଗ୍ରେସ। ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ରାଜଭବନ ଘେରାଉ ସହିତ ପର୍ଯ୍ୟାୟକ୍ରମେ ତୃଣମୂଳସ୍ତରରେ ଆନ୍ଦୋଳନ ଲାଗି କଂଗ୍ରେସ ପ୍ରସ୍ତୁତ ହେଉଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସର କେତେଜଣ ବିଧାୟକଙ୍କ ସହିତ କଥା ହୋଇଛି। ନବ ଦାସ ହତ୍ୟାକାଣ୍ଡର ରହସ୍ୟ କ'ଣ ଏବଂ କେବେ ସୁଦ୍ଧା ଏ ବିଷୟ ପଦାକୁ ବାହାରିବ ସେନେଇ ସାଢେ ୪ କୋଟି ଓଡ଼ିଶାବାସୀ ଅପେକ୍ଷାରେ ବସିଛନ୍ତି। ଏହି ହତ୍ୟା ଷଡ଼ଯନ୍ତ୍ର ବୋଲି ଯାହା କୁହାଯାଉଛି ସେକଥା କେତେ ସତ୍ୟ ଏବଂ କେଉଁଟା ଠିକ୍ ସେକଥା ସରକାର ସ୍ପଷ୍ଟ ଭାବେ ଜଣାଇବା କଥା। ଦ୍ୱିତୀୟତଃ ଆଇନଶୃଙ୍ଖଳା ପରିସ୍ଥିତି ସାରା ରାଜ୍ୟରେ ବିପର୍ଯ୍ୟସ୍ତ। ହାତ୍ ସେ ହାତ୍ ଯୋଡୋ କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଚାଲିଛି। ଆସନ୍ତା ୨୩ ତାରିଖ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଯେଉଁ ସହାନୁଭୂତି ଆଦାନୀଙ୍କୁ ଦେଖାଇଛନ୍ତି ତା'ର ପ୍ରତିବାଦରେ ସବୁ ଜିଲା କଂଗ୍ରେସ କମିଟି ଖବରଦାତା ସମ୍ମିଳନୀ କରିବେ। ସେହିପରି ମାର୍ଚ୍ଚ ୬ରୁ ୧୦ ତାରିଖ ମଧ୍ୟରେ ପ୍ରତ୍ୟେକ ଏସ୍‌ବିଆଇ ଏବଂ ଏଲ୍‌ଆଇସି ବିଲ୍ଡିଂ ଆଗରେ ବିକ୍ଷୋଭ ଏବଂ ଧାରଣା ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ରାଜଭବନ ଘେରାଉ କାର୍ଯ୍ୟକ୍ରମ ରହିଛି। ପିସିସି କମିଟି ଏଆଇସିସି ଅଧିବେଶନ ପରେ ଖୁବଶୀଘ୍ର ଘୋଷଣା ହେବାକୁ ଯାଉଛି ବୋଲି ଶରତ କହିଛନ୍ତି।

# ଭାଜପା, କଂଗ୍ରେସ ନେତା ଡିପ୍ରେଶନ୍‌ରେ ଅଛନ୍ତି: ବିଜେଡି


ବିଜେଡି ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ଜିଲାପାଳଙ୍କ ଅଫିସ ସମ୍ମୁଖରେ ବସ୍ତିବାସିନ୍ଦାଙ୍କ ବିକ୍ଷୋଭ
- ନରସିଂହ ମିଶ୍ରଙ୍କ ବିରୋଧରେ ବର୍ଷିଲେ ବିଜେଡି ନେତା
- ଧନୀ ଜବରଦଖଲକାରୀଙ୍କ ସ୍ୱାର୍ଥ ପାଇଁ ଗରିବଙ୍କୁ ଅସ୍ତ୍ର କରିଛି ବିଜେଡି: ନରସିଂହ

ବଲାଙ୍ଗୀର ଅଫିସ, ୨୦।୨

ବଲାଙ୍ଗୀରରେ କିଛିଦିନ ହେଲା ବିଜେଡି ଓ କଂଗ୍ରେସ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ସୋମବାର ବିଜେଡି କର୍ମୀ ଓ ସହରର ବିଭିନ୍ନ ପଡାର ବସ୍ତିବାସିନ୍ଦା ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖୋଲାଖୋଲିଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ତାଙ୍କ ନିର୍ଦ୍ଦେଶରେ ସହରର ବସ୍ତିଅଞ୍ଚଳରେ ଉଚ୍ଛେଦ କାର୍ଯ୍ୟ ହେଉଛି ବୋଲି ଅଭିଯୋଗ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକେ ବିଧାୟକଙ୍କୁ ଗରିବଙ୍କ ଶତ୍ରୁ ବୋଲି ଅଭିହିତ କରିଥିଲେ।

ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ରାଲି ଡେଲିମାର୍କେଟ, ପାଟଣା ହୋଟେଲ ଛକ, ମେନ୍‌ମାର୍କେଟ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସମସ୍ତ ବିଜେଡି କାଉନସିଲର, ଇନ୍ଦିରାନଗର, ଇଚ୍ଛାପଡା, ତୁଳସୀନଗର ଓ ଅନ୍ୟପଡାର ବସ୍ତିବାସିନ୍ଦା ଯୋଗଦେଇଥିଲେ। ବଲାଙ୍ଗୀର ପୌରାପାଳିକାରେ ୨୧ୱାର୍ଡରୁ ୧୬ଟିରେ ବିଜେଡିର କାଉନସିଲର ଅଛନ୍ତି। ମୁଖ୍ୟତଃ ବସ୍ତିବାସିନ୍ଦା ବିଜେଡିକୁ ଭୋଟ ଦେଇଛନ୍ତି। ତେଣୁ କଂଗ୍ରେସ ବିଧାୟକ ମିଶ୍ର ସହରରେ ବିକାଶ ନାମରେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରି ହଇରାଣ କରିବାକୁ ହୀନ ଉଦ୍ୟମ କରୁଛନ୍ତି ବୋଲି ବିଜେଡି ଅଭିଯୋଗ ଆଣିଥିଲା। ଇନ୍ଦିରାନଗର ଓ ଇଚ୍ଛାପଡାରେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ନରସିଂହ ରାଜ୍ୟ ସରକାରଙ୍କ ଉପରେ ବାରମ୍ବାର ଚାପ ପ୍ରୟୋଗ କରୁଛନ୍ତି। ଏପରିକି ନିର୍ବାଚିତ କାଉନସିଲକୁ ଭାଙ୍ଗି ଦେବାକୁ ଧମକ ଦେଇଥିବା ଅଭିଯୋଗ ଆଣିଥିଲେ ବିଜେଡି ନେତା। ବିଧାୟକ ସିଂ କହିଥିଲେ ଯେ, ପଞ୍ଚାୟତ ଏବଂ ପୌର ନିର୍ବାଚନ ପରେ ଉଭୟ ଭାଜପା ଓ କଂଗ୍ରେସ ଦଳର ନେତୃବୃନ୍ଦ ଡିପ୍ରେଶନ୍‌ରେ ଅଛନ୍ତି। ଭାଜପା ବିରୋଧୀ ଦଳ ନେତା କିଛିଦିନ ତଳେ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ବଲାଙ୍ଗୀରରେ କଂଗ୍ରେସ ଗୁଣ୍ଡାମାନେ ଜଣେ ମହିଳା କାଉନସିଲରଙ୍କୁ ଆକ୍ରମଣ କରିଛନ୍ତି। ସହରରେ ଅନେକ ଖାଲି ଜାଗା ଅଛି, ସେଠାରେ ବିକାଶ କାର୍ଯ୍ୟ କରାଯାଉ। ଅପରପକ୍ଷରେ ବସ୍ତିବାସିନ୍ଦାଙ୍କୁ ନେଇ ବିଜେଡିର ବିକ୍ଷୋଭ ସମ୍ପର୍କରେ ପ୍ରତିକ୍ରିୟା ରଖି ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ, ଧନୀ ଜବରଦଖଲକାରୀଙ୍କ ସ୍ୱାର୍ଥ ପାଇଁ ଗରିବଙ୍କୁ ଶାସକ ଦଳ ଅସ୍ତ୍ର କରିଛି। ଯଦି ଗରିବଙ୍କ ଥଇଥାନ କଥା ଉଠେ ତେବେ ବିସ୍ଥାପିତ ହେବାକୁ ଥିବା ୪୧୭ଜଣ ଲୋକ ମାନବାଧିକାର କମିଶନରେ ମକଦ୍ଦମା କରିଥିଲେ। କମିଶନ ଜିଲାପାଳଙ୍କୁ ରିପୋର୍ଟ ମାଗିଥିଲା। ଜିଲାପାଳଙ୍କ ରିପୋର୍ଟ ଅନୁଯାୟୀ ସେଥିମଧ୍ୟରୁ କେବଳ ୧୩୮ଜଣ ଥଇଥାନ ହେବାକୁ ଯୋଗ୍ୟ ଥିଲେ। ତେଣୁ ବାକି ୨୭୯ଜଣ ଧନୀ ଲୋକ ବୋଲି ଜିଲାପାଳଙ୍କ ରିପୋର୍ଟ ସୂଚାଉଛି ବୋଲି ସେ କହିଛନ୍ତି। ଏଥିରୁ ବଲାଙ୍ଗୀରବାସୀ ଜାଣନ୍ତୁ ଗରିବର ପ୍ରକୃତବନ୍ଧୁ ନରସିଂହ ମିଶ୍ର ନା ସରକାରୀ ଜମିରେ ବସତି ସ୍ଥାପନ କରିଥିବା ଗରିବ ଜନସାଧାରଣଙ୍କ ବିରୋଧରେ କଡା ଆଇନ ଆଣିଥିବା ବିଜେଡି ସରକାର।

# ଶାସକ ଦଳ ଚିନ୍ତା ବଢ଼ାଇଲେଣି ପ୍ରଦୀପ

ବ୍ରହ୍ମପୁର ଅଫିସ,୨୦।୨

**ଚର୍ଚ୍ଚାରେ ଗୋପାଳପୁର**

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ପୁଣି ଚର୍ଚ୍ଚାକୁ ଆସିଛି। ସ୍ଥାନୀୟ ବିଧାୟକ ପ୍ରଦୀପ ପାଣିଗ୍ରାହୀ ସକ୍ରିୟ ହେବା ଶାସକ ଦଳର ଚିନ୍ତା ବଢାଇଲାଣି। ସୂଚନାଯୋଗ୍ୟ, ବିଧାୟକ ପ୍ରଦୀପ ବିଜେଡିରୁ ବହିଷ୍କୃତ ହେବା ପରେ ବିଭିନ୍ନ ମାମଲାରେ ଛନ୍ଦି ହୋଇ ହାଜତରେ କିଛି ମାସ କଟାଇଥିଲେ। ଜାମିନରେ ମୁକୁଳିବା ପରେ ଦୀର୍ଘଦିନ ଧରି ନିର୍ବାଚନ ମଣ୍ଡଳୀକୁ ଆସୁନଥିଲେ।


ପ୍ରଦୀପ ପାଣିଗ୍ରାହୀ

ଏବେ ସେ ପୁଣି ସକ୍ରିୟ ହୋଇ ଫେରୁଛନ୍ତି। ନିଜ ସମର୍ଥକଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଖାସ ସମର୍ଥକମାନେ ତାଙ୍କ ନାମରେ ପ୍ରଦୀପ ସେନା ଗଠନ କରିଛନ୍ତି। ବିଧାୟକ ମଧ୍ୟ ନିଜ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଟଙ୍କା ମଞ୍ଜୁର କରୁଛନ୍ତି। ପ୍ରଶାସନିକ କଳ ଟଙ୍କା ରିଲିଜ କରୁଛନ୍ତି କି ନାହିଁ ତାହା ଅସ୍ପଷ୍ଟ ରହିଛି। ତେବେ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଦୀପ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଲୋଚନା ଜୋର ଧରିଛି। ତେବେ କେଉଁ ଦଳରୁ ନା ସ୍ୱାଧୀନ ପ୍ରାର୍ଥୀ ହେବେ ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ନିର୍ବାଚନମଣ୍ଡଳୀକୁ ପ୍ରଦୀପଙ୍କ ଘନ ଘନ ଗସ୍ତ ଶାସକ ଦଳକୁ ଚିନ୍ତାରେ ପକାଇଛି। ଗୋପାଳପୁରରେ ବିଜେଡି ପ୍ରାର୍ଥୀ ଭାବେ କାହାକୁ ପ୍ରୋଜେକ୍ଟ କରାଯିବ ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ତେବେ ଜଣେ ପ୍ରଭାବଶାଳୀ ମହିଳା ପ୍ରାର୍ଥୀ ହେବାର ନିର୍ବାଚନ ମଣ୍ଡଳୀରେ ଦୀର୍ଘଦିନରୁ ଚର୍ଚ୍ଚା ହେଉଛି। ତେବେ ସେହି ମହିଳା କିଏ ତାହା ଦ୍ୱନ୍ଦ୍ୱରେ ସୃଷ୍ଟି କରିଛି।

ସଦ୍ୟ ଘଟିଥିବା ଘଟଣାରୁ ମହାଶିବ ରାତ୍ରି ଦିନ ପାଣିଗ୍ରାହୀ ହଠାତ୍ ଅଞ୍ଚଳବାସୀଙ୍କ ଡ଼ାକରାରେ ଭାବିନୀପୁରରେ ପହଞ୍ଚିଥିଲେ। ସେଠାର ଅଷ୍ଟଶମ୍ଭୁ ମହାଦେବଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରି ବିପୁଳ ପରିମାଣର ଟଙ୍କା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମଞ୍ଜୁର କରିଥିବା ଘୋଷଣା କଲେ। ପରେ ସେ ମହାନଗର ୪୧ନଂ ୱାର୍ଡ ଖୋଡ଼ାସିଙ୍ଗି ଆସିଥିଲେ। ସେଠାର ମନ୍ଦିର ପାଖରେ ଶତାଧିକ ସମର୍ଥକ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ଉପରେ ଫୁଲ ବର୍ଷା କରିଥିଲେ।


ବିଧାନସଭା ବଜେଟ୍ ଅଧିବେଶନ ପାଇଁ ଭାଜପା କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ବିଧାୟକ ଦଳ ବୈଠକ।

# କେବଳ କାଗଜକଲମରେ ଡିଜିପି: ମୋହନ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଅଧିବେଶନ ପୂର୍ବରୁ ବିଧାନସଭାର ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ଡିଜିପି ସୁନୀଲ କୁମାର ବଂଶଲ ଆସିଥିଲେ। ଏହି ଅବସରରେ ସେ ବିଧାନସଭା ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ସହିତ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ମଧ୍ୟ ଦେଇଛନ୍ତି। ତେବେ ନବ ଦାସ ହତ୍ୟା ଘଟଣାର କାରଣ ସମ୍ପର୍କରେ ତାଙ୍କୁ ପଚରାଯିବା ବେଳେ ସେ କିଛି ନ କହି ଚାଲିଯାଇଥିଲେ।

ଏହି ହତ୍ୟା ଘଟଣାରେ ଡିଜିପି ଥରେମାତ୍ର ମୁହଁ ଖୋଲିଥିଲେ। ଗତ ୩ ତାରିଖରେ ସେ କହିଥିଲେ ଯେ, ନବ ଦାସଙ୍କୁ ଗୋପାଳ ଦାସ କାହିଁକି ମାରିଲା, ତାହା କେବଳ ମହାପ୍ରଭୁ ଜଗନ୍ନାଥଙ୍କୁ ଜଣା। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ସେତେବେଳେ ତୀବ୍ର ନିନ୍ଦା କରାଗଲା। ଏହା ପରଠାରୁ ୧୭ ଦିନ ବିତି ଯାଇଥିବା ବେଳେ କ୍ରାଇମବ୍ରାଞ୍ଚର ତଦନ୍ତ କେତେ ବାଟ ଯାଇଛି ଏବଂ ହତ୍ୟା ପଛରେ କ'ଣ ଉଦ୍ଦେଶ୍ୟ ଥିଲା ଏସବୁ ବିଷୟରେ ପଚାରିବା ବେଳକୁ ଡିଜିପି ଚୁପ୍ ରହିବା ନେଇ ସବୁ ମହଲରୁ ନିନ୍ଦା କରାଯାଉଛି।

ଡିଜିପିଙ୍କ ଏଭଳି ନୀରବତା ଓ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟାକୁ ନେଇ ସରକାରଙ୍କୁ ବିରୋଧୀ ପୁଣିଥରେ ଘେରିଛନ୍ତି। ଡିଜିପିଙ୍କୁ ସମାଲୋଚନା କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ଇଏ ହେଉଛନ୍ତି କାଗଜକଲମର ଡିଜିପି। ଇଏ କ'ଣ କହିବେ। ପ୍ରକୃତ ଡିଜିପି ୩ୟ ମହଲାରେ ଅଛନ୍ତି। ଯୋଜନାବଦ୍ଧ ଭାବେ ନବ ଦାସଙ୍କ ମୃତ ଶରୀରରେ ଅପରେଶନ କରାଗଲା। କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ଘଟଣାସ୍ଥଳକୁ ଯୋଜନାବଦ୍ଧ ଭାବେ ପଠାଯାଇଥିଲା। ଏହି ହତ୍ୟାକାଣ୍ଡ ଏକ ପ୍ରାୟୋଜିତ


ମୋହନ ମାଝି

**ନବ ଦାସ ହତ୍ୟା ଘଟଣା**
- ନବଙ୍କ ହତ୍ୟା ବହୁଦିନର ଷଡ଼ଯନ୍ତ୍ରର ପରିଣାମ: ନରସିଂହ
- ଏହି ହତ୍ୟାକାଣ୍ଡରେ ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି: ସୁବାସ

କାର୍ଯ୍ୟକ୍ରମ ହୋଇଥିବାରୁ ୨୩ ଦିନ ପରେ ମଧ୍ୟ କ୍ରାଇମବ୍ରାଞ୍ଚ ଚୁପ୍ ରହିଛି। ଗୋପାଳକୁ ପାଗଳ ଦର୍ଶାଇ କେବେ ନିର୍ଦ୍ଦୋଷରେ ଖଲାସ କରିବେ ତାହା କେବଳ ବାକି ରହିଲା ବୋଲି ମୋହନ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ପୋଲିସ ଡିଜି ଅଛନ୍ତି ବୋଲି ଓଡ଼ିଶାବାସୀ ଜାଣିପାରୁ ନ ଥିବା କଥା ସେ ବହୁଦିନରୁ କହି ଆସୁଛନ୍ତି। ନବ ଦାସଙ୍କ ହତ୍ୟାକାଣ୍ଡ ହଠାତ୍ ହୋଇନାହିଁ। ଏହା ବହୁ ଦିନ ଷଡ଼ଯନ୍ତ୍ରର ପରିଣାମ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତଦନ୍ତକାରୀ ସଂସ୍ଥା ଉପରେ ଲୋକଙ୍କ ସନ୍ଦେହ ବଢ଼ୁଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ଓ ଏଠାରେ ଜଙ୍ଗଲୀ ଶାସନ ଚାଲିଛି ବୋଲି ନରସିଂହ କହିଛନ୍ତି। ଅନ୍ୟପକ୍ଷରେ କଟକ ମେୟର ସୁବାସ ସିଂ କହିଛନ୍ତି, ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି। ଠିକ୍ ତଥ୍ୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ତ୍ରିସ୍ତରୀୟ ସୁରକ୍ଷାବଳୟରେ ବିଧାନସଭା

ଭୁବନେଶ୍ୱର,୨୦।୨(ବ୍ୟୁରୋ)

**ଆଜିଠୁ ବଜେଟ ଅଧିବେଶନ**
- ସମୀକ୍ଷା କଲେ ପୋଲିସ ଡିଜି
- ୩୦ ପ୍ଲାଟୁନ ଫୋର୍ସ ମୁତୟନ

ବିଧାନସଭାରେ ମଙ୍ଗଳବାରଠାରୁ ବଜେଟ ଅଧିବେଶନ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା ରହିଛି। ସୋମବାର ପୂର୍ବାହ୍ନରେ ପୋଲିସ ଡିଜି ସୁନୀଲ ବଂଶଲ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତାଙ୍କ ସହ ଉପସ୍ଥିତ ଥିଲେ। ସେହିଭଳି ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସନ୍ଧ୍ୟାନୀ କୁକୁର ଦ୍ୱାରା ବିଧାନସଭା ଭିତର-ବାହାର ଯାଞ୍ଚ କରାଯାଇଥିଲା। ଏଥିସହ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ପୋଲିସ ଡିଜି ଆଲୋଚନା କରିଥିଲେ।

ଭୁବନେଶ୍ୱର ଡିସିପି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସୁରକ୍ଷା ବ୍ୟବସ୍ଥା ରହିଛି। ୩୦ ପ୍ଲାଟୁନ ଫୋର୍ସ, ୧୦ ଅତିରିକ୍ତ ଡିସିପି, ୧୧ ଏସିପି, ୧୩ ଇନ୍ସପେକ୍ଟର, ୮୫ ଏସ୍‌ଆଇ/ଏଏସ୍‌ଆଇ, ୧୬୦ ଏପିଆର୍/ଟ୍ରାଫିକ ହାବିଲଦାର ଓ କନଷ୍ଟେବଲ, ୨ ୟୁନିଟ ଏସ୍‌ଓଜି ଓ ୧୪ ଜଣିଆ ଗୃହରକ୍ଷୀ ବାହିନୀଙ୍କୁ ମୁତୟନ କରାଯାଇଛି। ଅନ୍ୟପକ୍ଷରେ ଧାରଣାସ୍ଥଳ ଅର୍ଥାତ୍ ମହାତ୍ମା ଗାନ୍ଧୀ ମାର୍ଗକୁ ସିସିଟିଭି ସ୍ଥାନରେ ରଖାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ୨ଟି ସ୍ପେଶାଲ ଟାକ୍ଟିକାଲ ୟୁନିଟ୍‌କୁ ସଜାଗ ରଖାଯାଇଛି। ଏଥିସହ ପଦଯାତ୍ରା, ଧାରଣା, ବିକ୍ଷୋଭ ଓ ସୁରକ୍ଷାକୁ ନଜରରେ ରଖି ୫ଟି କଣ୍ଟ୍ରୋଲ ରୁମ୍ ମଧ୍ୟ ଖୋଲାଯାଇଛି। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯାଇଛି। ବିଧାନସଭା ଚତୁର୍ପାର୍ଶ୍ୱରେ ରହିଥିବା ସର୍ବସାଧାରଣ ସ୍ଥାନକୁ ଜନସାଧାରଣଙ୍କ ଯାତାୟାତ ପାଇଁ ନିଷେଧ କରାଯାଇଛି। ପୋଲିସ ଡିଜି ବଂଶଲ କହିଛନ୍ତି, ୨ଟି ଫେଜ୍‌ରେ ହେବାକୁ ଥିବା ଏହି ଅଧିବେଶନରେ ରାଜ୍ୟପାଳ ବିଧାନସଭାକୁ ଆସି ସମ୍ବୋଧନ ଦେବେ। ତାଙ୍କୁ ସମସ୍ତ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ବିଧାନସଭା ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ ମଧ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।


ପୋଲିସ ଡିଜି ସୁନୀଲ ବଂଶଲ ଓ ଅନ୍ୟ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

**ସର୍ବଦଳୀୟ ବୈଠକ**

# ବିଧାନସଭାକୁ ଆସିପାରିବେ ସାଧାରଣ ଦର୍ଶକ



ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

ଭୁବନେଶ୍ୱର,୨୦।୨(ବ୍ୟୁରୋ)

କୋଭିଡ୍ ଯୋଗୁ ଗତ ୩ ବର୍ଷ ହେବ ବିଧାନସଭାକୁ ସାଧାରଣ ଦର୍ଶକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ତେବେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁଥିବା ବିଧାନସଭାର ବଜେଟ ଅଧିବେଶନକୁ ସାଧାରଣ ଦର୍ଶକମାନେ ଦର୍ଶକ ଗ୍ୟାଲେରିକୁ ଆସିପାରିବେ। ପୂର୍ବଭଳି ବିଧାୟକମାନଙ୍କ ଜରିଆରେ ଦର୍ଶକ ଗ୍ୟାଲେରି ପାଇଁ ପ୍ରବେଶ ପତ୍ର ପ୍ରଦାନ କରାଯିବ। ଗଣମାଧ୍ୟମ ପ୍ରତିନିଧିମାନେ ପ୍ରେସ୍ ଗ୍ୟାଲେରିରେ ଉପସ୍ଥିତ ରହିପାରିବେ। ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି, ଚଳିତ ଅଧିବେଶନରେ ସ୍ୱାସ୍ଥ୍ୟଗତ କାରଣରୁ ଗୃହରେ ଉପସ୍ଥିତ ହୋଇପାରୁ ନ ଥିବା ସଦସ୍ୟମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଗୃହକାର୍ଯ୍ୟରେ ଭାଗ ନେଇପାରିବେ। କରୋନା କଟକଣା ଉଠିଯାଇଥିବା ବେଳେ ବିଧାୟକମାନେ କାହିଁକି ଭିଡିଓ କନ୍‌ଫରେନ୍ସରେ ବିଧାନସଭାରେ ଯୋଗଦେଉଛନ୍ତି ବୋଲି ବିରୋଧୀମାନେ ଅଭିଯୋଗ କରିଆସୁଛନ୍ତି। ସମସ୍ତ ବିଧାୟକଙ୍କୁ ଗୃହକୁ ଆସିବାକୁ ଅନୁମତି ଦିଆଯାଉ ବୋଲି ବୈଠକରେ ବାଚସ୍ପତିଙ୍କୁ ବିରୋଧୀ ଦଳ ସଦସ୍ୟମାନେ ଅନୁରୋଧ କରିଛନ୍ତି। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ସଦସ୍ୟମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇପାରିବେ ବୋଲି ବାଚସ୍ପତି କହିଛନ୍ତି। ଏଥିସହିତ ବଜେଟ ଅଧିବେଶନରେ ଗୃହର ସୁପରିଚାଳନା ନେଇ ବାଚସ୍ପତି ସବୁ ଦଳର ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

**ସ୍ୱାସ୍ଥ୍ୟଗତ କାରଣ ଥିଲେ ବିଧାୟକ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇପାରିବେ**

ଏହି ବୈଠକରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର; ଅର୍ଥ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ; ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ; ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି; କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର; ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ବିଧାୟକ ପ୍ରଣବ ପ୍ରକାଶ ଦାସ; ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ରାଜ୍ୟର ୨୦୨୩-୨୪ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବା ସହ ବିଭିନ୍ନ ବିଲ୍ ଗୃହରେ ଆଗତ ଓ ପାରିତ ହେବାର କାର୍ଯ୍ୟକ୍ରମ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ରୀଭାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE ' SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 9178722970, 8018240892, 7894447167, 9338226625

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

Your classified advertisement published in Dharitri will be listed free in Dharitri online edition : dharitriepaper.in

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମାର୍ଗାଓରେ ଆଇଏସ୍ଏଲ୍ ଫାଇନାଲ

**ନୂଆଦିଲ୍ଲୀ, ୨୦।୨(ପି.ଟି.):** ମାର୍ଚ୍ଚ ୧୮ରେ ଗୋଆର ମାର୍ଗାଓସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍)ର ଫାଇନାଲ ମ୍ୟାଚ୍ ଖେଳାଯିବ। ସୋମବାର ଆୟୋଜକଙ୍କ ତରଫରୁ ଏହା ଘୋଷଣା କରାଯାଇଛି। ଟ୍ରେନିଂ ପାଇଁ ଗ୍ରାଉଣ୍ଡ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଉପଲବ୍ଧ ଥିବାରୁ ଫାଇନାଲ ମ୍ୟାଚ୍ ଗୋଆରେ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ମାର୍ଚ୍ଚ ୩ରେ ଆରମ୍ଭ ହେବ। ଲିଗ୍ ଶିଲ୍ଡ ବିଜେତା ମୁମ୍ବାଇ ସିଟି ଏଫ୍‌ସି, ହାଇଦ୍ରାବାଦ ଏଫ୍‌ସି, ଏଟିକେ ମୋହନ ବାଗାନ, ବେଙ୍ଗାଲୁରୁ ଏଫ୍‌ସି ଏବଂ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଇତିମଧ୍ୟରେ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି। ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଲିଗ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ କେବଳ ଖେଳାଯିବାକୁ ବାକି ରହିଛି। ଆଇଏସ୍ଏଲ୍ ଆୟୋଜକଗଣ, ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ଲିଗ୍ ପାଇଁ ଏକ ନୂଆ ପ୍ଲେ-ଅଫ୍ ଫର୍ମାଟ ପ୍ରସ୍ତୁତ କରିଥିଲେ। କ୍ୟାଲେଣ୍ଡରରେ ଦୁଇଟି ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ ସଂଯୁକ୍ତ କରିଥିଲେ। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଶ୍ରେଷ୍ଠ ଦୁଇ ଦଳ ଆପେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୩ୟ ରୁ ୬ଷ୍ଠ ସ୍ଥାନ ଅଧିକାର କରିଥିବା ଦଳ ଏକ ସିଙ୍ଗଲ-ଲେଗ୍ ପ୍ଲେଅଫ ଖେଳିବେ। ଏଥରୁ ଅନ୍ୟ ଦୁଇ ସେମିଫାଇନାଲିଷ୍ଟ ନିରୂପିତ ହେବେ।

# ଟେଷ୍ଟ ସିରିଜରୁ ହାଜେଲଉଡ୍ ବାଦ୍

**ଇନ୍ଦୋର, ୨୦।୨(ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିରେ ୦-୨ରେ ପଛୁଆ ରହିଥିବା ଅଷ୍ଟ୍ରେଲିଆକୁ ବଡ ଝଟ୍‌କା। ସୋମବାର ଦଳର ପ୍ରମୁଖ ଦ୍ରୁତ ବୋଲର ଜୋଶ ହାଜେଲଉଡ୍ ଆକିଲିଶ୍ ଇଞ୍ଜୁରି (ଗୋଇଠିର ଟେଣ୍ଡନ ଛିଡ଼ିବା) କାରଣରୁ ଇନ୍ଦୋର ଏବଂ ଅହମ୍ମଦାବାଦରେ ହେବାକୁ ଥିବା ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆ ଦଳରେ ସାମିଲ ଥିଲେ ମଧ୍ୟ ନାଗପୁର ଏବଂ ଦିଲ୍ଲୀ ଟେଷ୍ଟ ମ୍ୟାଚ୍‌ରେ ସେ ଖେଳି ନ ଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ଟେଷ୍ଟରେ ହାଜେଲଉଡ୍‌ଙ୍କ ବାମ ଗୋଇଠିରେ ଆଘାତ ଲାଗିଥିଲା। ଏବେ ସେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦେଇଛନ୍ତି ଅଷ୍ଟ୍ରେଲିଆ ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ। ତେବେ ଓପନର ଡେଭିଡ୍ ୱାର୍ନରଙ୍କ ଆହତ ସମସ୍ୟା ସମ୍ପର୍କରେ କିଛି ଅପ୍‌ଡେଟ୍ ପ୍ରଦାନ କରିନାହାନ୍ତି ମୁଖ୍ୟ କୋଚ୍। ୱାର୍ନରଙ୍କ ମୁଣ୍ଡରେ ଏବେ ସୁଦ୍ଧା ଫୁଲା ଏବଂ ଦରଜ ରହିଛି।

## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା


ରୀଭାନ୍
ବାପା: କିଶୋର କୁମାର ପରିଡ଼ା
ମାମା: ସାଗରିକା ପରିଡ଼ା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୮୧୭

# ସନ୍ତୋଷ ଟ୍ରଫି ସେମିଫାଇନାଲ ଚୂଡ଼ାନ୍ତ

## ପଞ୍ଜାବ-ମେଘାଳୟ, କର୍ଣ୍ଣାଟକ-ସର୍ଭିସେସ୍

ଭୁବନେଶ୍ୱର, ୨୦।୨ (କ୍ରୀଡ଼ା ପ୍ରତିନିଧି)

ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ରାଉଣ୍ଡ ଏଠାରେ ଶେଷ ହୋଇଛି। ସୋମବାର ଅନୁଷ୍ଠିତ ଗ୍ରୁପ୍ ବି'ର ୩ଟି ମ୍ୟାଚ୍‌ରେ ସର୍ଭିସେସ୍, ମେଘାଳୟ ଓ ଦିଲ୍ଲୀ ଦଳ ବିଜୟ ହାସଲ କରିଛନ୍ତି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଗ୍ରୁପ୍ ଏ'ର ଶୀର୍ଷ ଦଳ ପଞ୍ଜାବ ପ୍ରଥମ ସେମିଫାଇନାଲରେ ଗ୍ରୁପ୍ ବି'ର ଦ୍ୱିତୀୟ ଦଳ ମେଘାଳୟକୁ ଭେଟିବ। ସେହିପରି ଗ୍ରୁପ୍ ବି'ର ଶୀର୍ଷ ଦଳ ସର୍ଭିସେସ୍ ଦ୍ୱିତୀୟ ସେମିଫାଇନାଲରେ ଗ୍ରୁପ୍ ଏ'ର ଦ୍ୱିତୀୟ ସ୍ଥାନୀୟ ଦଳ କର୍ଣ୍ଣାଟକ ସହିତ ମୁକାବିଲା କରିବ। ୨ଟି ଯାକ ସେମିଫାଇନାଲ ମାର୍ଚ୍ଚ ୧ରେ ସାଉଦି ଆରବର କିଙ୍ଗ୍ ଫହଦ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଫାଇନାଲ ଏହି ଭେନ୍ୟୁରେ ୪ ତାରିଖରେ ଖେଳାଯିବ। ସୂଚନାଯୋଗ୍ୟ, ମେଘାଳୟ ପ୍ରଥମଥର ପାଇଁ ସନ୍ତୋଷ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି।


ଦିଲ୍ଲୀ ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ସର୍ଭିସେସ୍ ୪-୦ ଗୋଲରେ ରେଲ୍‌ୱେକୁ ପରାସ୍ତ କରିଛି। ଏଥିରେ ପରାଜୟ ଫଳରେ ରେଲ୍‌ୱେର ସେମିଫାଇନାଲ ଆଶା ଧୂଳିସାତ୍ ହୋଇଛି। ପ୍ରଥମ ଅଧଘଣ୍ଟା ତୀବ୍ର ସଂଘର୍ଷ ପରେ ବିଜୟୀ ଦଳ ପକ୍ଷରୁ ଓନିଅମ ଗୌତମ ସିଂ ୩୨ ଓ ୪୯ ଏବଂ ଆଦର୍ଶ ମଣ୍ଡୁମଲ ୩୪ ଓ ୬୫ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ଆଦର୍ଶ ମଣ୍ଡୁମଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଆୟୋଜିତ ଅନ୍ୟ ଏକ ମ୍ୟାଚ୍‌ରେ ମେଘାଳୟ ୨-୧ ଗୋଲରେ ପଶ୍ଚିମବଙ୍ଗକୁ ହରାଇ ଦେଇଛି। ପଶ୍ଚିମବଙ୍ଗ ପକ୍ଷରୁ ସୌଗତ ହାଂସ୍‌ଦା ୩୬ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମେଘାଳୟ ପକ୍ଷରୁ ଆଲେନ କାମ୍ପର ଲିଙ୍ଗ୍‌ଡୋ ନୋଙ୍ଗ୍‌ବ୍ରି ୪୪ତମ ମିନିଟ୍‌ରେ ଗୋଲଟି ପରିଶୋଧ କରିଦେଇଥିଲେ। ଏହି ଦଳର ନିକେଲସନ ବିନା ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୩ ମିନିଟ୍‌ରେ ଦେଇଥିବା ଗୋଲ୍‌ଟି ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଖେଳ ଖୁବ୍ ରୋମାଞ୍ଚକ ହୋଇଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ମେଘାଳୟର ନିକେଲସନ ବିନା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଦିଲ୍ଲୀ ୨-୦ ଗୋଲରେ ମଣିପୁରକୁ ହରାଇ ଦେଇଛି। ଦିଲ୍ଲୀ ଦଳର ଅଜୟ ସିଂ ୧୮ ଓ ୪୫+୧ ମିନିଟ୍‌ରେ ୨ଟି ଯାକ ଗୋଲ ଦେଇଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଅନ୍ତିମ ରାଉଣ୍ଡରେ ଦିଲ୍ଲୀର ଏହା ଥିଲା ପ୍ରଥମ ବିଜୟ।

# କାର୍ଲୋସ୍‌ଙ୍କ ଚୁକ୍ତି ମିଆଦ ବୃଦ୍ଧି

**ଭୁବନେଶ୍ୱର, ୨୦।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଅଧିନାୟକ କାର୍ଲୋସ୍ ଡେଲଗାଡୋଙ୍କ ସହିତ ଚୁକ୍ତି ମିଆଦ ବୃଦ୍ଧି କରିଛି। ସେଣ୍ଟର ବ୍ୟାକ ଭାବରେ ଖେଳୁଥିବା କାର୍ଲୋସ୍ ଡେଲଗାଡୋ ଓଏଫ୍‌ସି ରକ୍ଷଣଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୨୦୧୯-୨୦ ସିଜନରେ ସେ ଓଏଫ୍‌ସିରେ ଯୋଗ ଦେଇଥିଲେ। ପଡିଆ ବାହାରେ ଏବଂ ଭିତରେ ନିଜ ବଳିଷ୍ଠ ନେତୃତ୍ୱ ବଳରେ ଉଦାହରଣ ସୃଷ୍ଟି କରିବାରେ ସେ ସମର୍ଥ ହୋଇଛନ୍ତି। ଟ୍ୟାକେଲ ଏବଂ ହେଡର ଜରିଆରେ ସେ ସାଥୀ ଖେଳାଳିଙ୍କ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିଥାନ୍ତି। ଏହି କାରଣରୁ କାର୍ଲୋସଙ୍କ ସହିତ ଚୁକ୍ତିନାମା ଆଉ ଏକ ବର୍ଷ ବୃଦ୍ଧି ପାଇଛି। ଶକ୍ତିଶାଳୀ ଦଳ ଗଠନ କରିବାକୁ ହେଲେ ଏକ କୋର୍ ଟିମ୍ ଗଠନ କରିବାକୁ ହେବ। ୩୪ ବର୍ଷୀୟ କାର୍ଲୋସ୍ ଭାରତୀୟ ଫୁଟବଲ୍ ସର୍କିଟରେ ଏକ ପରିଚିତ ଚେହେରା। ତାଙ୍କ ଉପସ୍ଥିତି କେବଳ ଓଏଫ୍‌ସି ନୁହେଁ ଫୁଟବଲ ପାଇଁ ମଧ୍ୟ ଫାଇଦା ଆଣିବ ବୋଲି କୁହାଯାଇଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ଓଏଫ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଛି।


କାର୍ଲୋସ୍ ଡେଲଗାଡୋ

## ସ୍ପେନ୍ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ୨୦୨୩

# ଭାରତୀୟ ଦଳରେ ୪ ଓଡ଼ିଆ

**ଭୁବନେଶ୍ୱର, ୨୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ପାରା ଅଲିମ୍ପିକ୍ସ ପୂର୍ବର ପ୍ରଥମ କ୍ୱାଲିଫାଇଂ ମ୍ୟାଚ୍ ଭାବରେ ଆରମ୍ଭ ହେବାକୁ ଯାଉଛି ସ୍ପେନ୍ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩ । ୨୦ରୁ ୨୬ ଯାଏ ଲେବଲ-୨ ଟୁର୍ଣ୍ଣାମେଣ୍ଟ ଭିଟୋରିଆ ସହରରେ ଖେଳାଯିବ। ମାର୍ଚ୍ଚ ୧ରୁ ୫ ଯାଏ ଟୋଲୋଡୋ ସହରରେ ଲେବଲ-୧ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଦୁଇ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ପ୍ରମୋଦ ଭଗତ, ଦୀପ୍ ରଞ୍ଜନ ବିଷୋୟୀ, ଦିଲେଶ୍ୱର ରାଓ ଏବଂ ଶୁଭ୍ରଜିତ୍ ମହାରଣା ଏହି ଦଳରେ ସାମିଲ ଅଛନ୍ତି। ପ୍ରମୋଦ ଓ ଦୀପ୍ ରଞ୍ଜନ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଖେଳିବେ। ଶୁଭ୍ରଜିତ୍ ଓ ଦିଲେଶ୍ୱର ସିଙ୍ଗଲ୍ସ, ଡବଲ୍ସ ଖେଳିବେ। ପ୍ରମୋଦ ପୁରୁଷ ଡବଲ୍ସରେ ସୁକାନ୍ତ କଦମ ଏବଂ ମିକ୍ସଡ ଡବଲ୍ସରେ ମନୀଷା ରାମଦାସଙ୍କୁ, ଦୀପ୍ ରଞ୍ଜନ ପୁରୁଷ ଡବଲ୍ସରେ ମନୋଜ ସରକାର ଏବଂ ମିଶ୍ରିତ ଡବଲ୍ସରେ ଚିରଞ୍ଜିତ କରଙ୍କୁ ସାଥିକରି ଖେଳିବେ। ଶୁଭ୍ରଜିତ୍ ପୁରୁଷ ଡବଲ୍ସରେ ମହମ୍ମଦ ଅର୍ବଜ ଅନ୍‌ସାରୀଙ୍କୁ ଓ ଦିଲେଶ୍ୱର ସିଙ୍ଗଲ୍ସ ଏବଂ ଡବଲ୍ସରେ ୱିଲିଅମ ସ୍ମିଥ୍(ଇଂଲଣ୍ଡ)ଙ୍କୁ ସାଥି କରିବେ। କୋଚ୍ ଶିବପ୍ରସାଦ ଦାସ ଭାରତୀୟ ଦଳ ସହିତ ରହିଛନ୍ତି।

# ଷ୍ଟେଫିଗ୍ରାଫ୍‌ଙ୍କ ସମକକ୍ଷ ହେଲେ ଜୋକୋଭିଚ୍

**ଲଣ୍ଡନ, ୨୦।୨:** ବିଶ୍ୱ ପୁରୁଷ ର୍‍ୟାଙ୍କିଙ୍ଗରେ ନମ୍ବର ୱାନ୍ ସ୍ଥାନ ଅଧିକାର କରିବାର ୩୭୭ତମ ସପ୍ତାହ ଆରମ୍ଭ ପରେ ମହିଳା ଟେନିସ୍ କିମ୍ବଦନ୍ତୀ ଷ୍ଟେଫି ଗ୍ରାଫ୍‌ଙ୍କ ସମକକ୍ଷ ହୋଇପାରିଛନ୍ତି ନୋଭାକ ଜୋକୋଭିଚ୍। ୩୫ ବର୍ଷୀୟ ଏହି ସର୍ବୀୟ ଷ୍ଟାର ଟେନିସ୍ ଖେଳାଳି ୨୦୨୧ ମାର୍ଚ୍ଚରୁ ଜଣେ ପୁରୁଷ ଖେଳାଳି ହିସାବରେ ସବୁଠାରୁ ଅଧିକ ସପ୍ତାହ ନମ୍ବର ୱାନ୍ ସ୍ଥାନରେ ରହି ପୂର୍ବରୁ ରେକର୍ଡର ଅଧିକାରୀ ହୋଇ ରହିଆସିଛନ୍ତି। ସୋମବାର କିନ୍ତୁ ସେ ଜର୍ମାନୀର ଗ୍ରାଫ୍‌ଙ୍କ ସମକକ୍ଷ ହୋଇପାରିଛନ୍ତି, ଯିଏକି ପ୍ରଥମ ଥର ୧୯୮୭ରେ ମହିଳା ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ଅଧିକାର କରିଥିଲେ।

## Classified Everyday 0674-2580101, 2549949


REAL ESTATE
SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

More than 20 Lakhs income per month possible in future:- 7500-Sqft. land At Andharua, Bhubaneswar 49 Lakhs, which monthly rent Rs. 20,000/-, possible. Also a LPG-GAS DISTIBUTOR having Domestic and Commercial customer in all area of Bhubaneswar, BDA and nearby village upto 15-K.M. radios from Bhubaneswar want to sale 40% of his Business (by adding partner) 70 Lakhs, first invest 10 Lakhs then after taking per partner monthly 75000/-, rest pay in installment. Contact-9337106762 Broker are allowed (COMMISSION SELLER SIDE). D-2818

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

ତମାଣ୍ଡୋ 1500 sqft. 21,000,00/- ଘରବାରି 30' ରୋଡ୍ ଥାଇ contact- 8658864750, 9556393409. D-56671

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

ହଂସପାଳ ଛକଠାରୁ 4 Km. ଦୂରତାରେ ବାଲିଅନ୍ତା ମୌଜାରେ 20 ft. ରୋଡ ଥାଇ ବାସୋପଯୋଗୀ ଜାଗା ବିକ୍ରିହେବ ଏବଂ ବ୍ରାହ୍ମଣଝରିଲୋଠାରୁ 3 Km. ଦୂରତାରେ ବାଇଁଲୋ ଛକଠାରେ ଘରବାରି ଜାଗା ବିକ୍ରିହେବ। Mob.- 6370924748, 9337595805. D-73370

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି plot 30ft. ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। 9937450545. D-74813

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-2773

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

Residential gharabari plot at Brahmanjharilo, Cuttack with boundary wall, electry pole, inside Temple on Bank Loan facilities near English Medium High School 6 k.m. from Phulnakhara, 11k.m. from Bhubaneswar. 7809525452. D-74644

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197




Relax, Refresh your Body, Mind at Saikrupa Spa with best therapies. 8984068077. D-2744

Newly open SPA positively health benefits with expert therapist. 7849011931. D-73684

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2761

Asribadada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

AFFIDAVIT

By virtue of an affidavit before Notary, Semliguda I Nidadavolu Saikiran, W/o- Nidadavolu Vankata Satyanarayan Raju, At- Sector-3, B285, Damonjodi, PO/PS- Damonjodi. Dist.- Koraput- 763008, I declare that my maiden name before marriage was S.S.S. Kumari Biruduraju which is change to Nidadavolu Saikiran post marriage as per Hindu rights that Nidadavolu Saikiran and S.S.S. Kumari Biruduraju both are same and one person. Henceforth I shall be known as Nidadavolu Saikiran for all purpose. D-2814

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOST

ମୁଁ ଭାଗ୍ୟବାନ୍ ସେଠୀ, ପିତା- ନାକୁ ପ୍ରସାଦ ସେଠୀ, ନିବାସୀ- ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡି ଘୋଷଣା କରୁଛି କି ଯେ ମୋର ରେଜିଷ୍ଟ୍ରେସନ୍ ଡକ୍ୟୁମେଣ୍ଟ ନମ୍ବର- ୮୮୧୧୦୧୭୫୩ ତା।୦୯।୦୫।୨୦୧୧ରେ ଆମ୍ଭ ପାଖରୁ ତା।୨୫।୦୧।୨୦୨୩ରେ ହଜି ଯାଇଛି। ଆମ୍ଭେ ତା।୦୬।୦୨।୨୦୨୩ରେ ଟାଉନ୍ ଥାନା ଭବାନୀପାଟଣା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲୁ। ଏଣୁ କରି ଯଦି କେହି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ମୋବାଇଲ ନମ୍ବର- ୭୩୮୧୦୨୪୭୮୭ରେ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରବଣ କୁମାର ଅଗ୍ରୱାଲ (ଆଡ୍‌ଭୋକେଟ୍)। ଧ-୨୮୦୪

I, Sri Birendra Ranahandol aged about 42 years, S/o- Mahendranath Ranahandol resident at- Rashmi Home, Plot No.-2958/ 4683 Block-A, Nageswartangi, Bhubaneswar, Pin- 751002, Odisha. To inform you that my Father's Original sale deed document bearing No.-6851 dt. 02.11.2001 was lost on 15.02.23. I could not able to trace it out till today. I will not responsible for it's misuse. If done by any one else. Station diary No.- GD-09 dt.- 17.02.23. D-73749

ମନେ ପଡ଼ନ୍ତି

୨୩ତମ ଶ୍ରାଦ୍ଧବାର୍ଷିକୀ


ସ୍ୱର୍ଗତ ଡ. ପ୍ରଭାକର ରାଉତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, ୨୩ବର୍ଷ ହୋଇଗଲା। ଆପଣଙ୍କର ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ବନ୍ଧୁ ଓ ପରିବାରବର୍ଗ ।
ଧ-୨୮୧୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଫ୍ୟାଶନ

# ପଞ୍ଜାବୀ ସୁଟ୍

**ଟ୍ରାଡିଶନାଲ ଓ ଏଥେନିକ୍ ଲୁକ୍ ପାଇଁ ପଞ୍ଜାବୀ ଲୁକ୍ ଆପଣାଇ ପାରିବେ। ଫ୍ୟାଶନ ଦୁନିଆରେ ପଞ୍ଜାବୀ ସୁଟ୍ ଆଜି ବି ହଟ୍ ଟ୍ରେଣ୍ଡ ହୋଇ ରହିଛି। ଏହି ଡିଜାଇନ୍ ସୁଟ୍ ରେଡି ଟୁ ଗୋ ଏବଂ ସବୁବେଳେ ଫ୍ୟାଶନ ଟ୍ରେଣ୍ଡରେ ରହି ଆସିଛି।**



❖ପଞ୍ଜାବୀ ଲୁକ୍ ପାଇଁ କ୍ରେପ ସାଲୱାର ସୁଟ୍ ଏକ ସୁନ୍ଦର ବିକଳ୍ପ। ଏଥିରେ ପଟିଆଲା ସାଲୱାର ସହିତ ଦୁପଟ୍ଟା ବେଶ୍ ସୁନ୍ଦର ଦେଖାଯାଏ। ଯଦି ଆପଣ ଓଭର ଟ୍ରେଣ୍ଡ ହେବା ପାଇଁ ଚାହୁଁ ନ ଥିବେ ତେବେ ଏହି ଡ୍ରେସ ପିନ୍ଧିପାରିବେ। ଅନଷ୍ଟିଚ୍ ମାଟେରିଆଲର ଏହି ଡ୍ରେସ ବିଭିନ୍ନ ପ୍ରକାରର ରଙ୍ଗରେ ଉପଲବ୍ଧ।

❖ପଞ୍ଜାବୀ ଲୁକ ଦେଉଥିବା ରାଜନନ୍ଦିନୀ କଟନ ପ୍ରିଣ୍ଟେଡ୍ ଅନଷ୍ଟିଚ୍ ସାଲୱାର ସୁଟ୍ ବି ବହୁତ ସୁନ୍ଦର। ଏଥିରେ ବର୍ଡର ଥିବା ଏକ ପ୍ଲେନ୍ କଲରର ସୁଟ୍ ସହିତ ହେଭି ପ୍ରିଣ୍ଟଥିବା ଦୁପଟ୍ଟା ରହିଥାଏ। ହାଲୁକା ମେକଅପ୍ ଓ ଅଳ୍ପ ଜୁଏଲେରୀ ସହିତ ଏହି ଡ୍ରେସ ବହୁତ ସୁନ୍ଦର ଲାଗେ।

❖ଟ୍ରାଡିଶନାଲ ପଞ୍ଜାବୀ ଷ୍ଟାଇଲର ଏମ୍ବ୍ରୋଡରୀ ସୁଟ୍ ମଧ୍ୟ ଏବେ ବି ଫ୍ୟାଶନରେ ରହିଛି। ଏହି ସାଲୱାର ସହିତ ମ୍ୟାଚିଂ ଦୁପଟ୍ଟା ଓ ପଟିଆଲା ରହିଥାଏ। ତେବେ ପଟିଆଲା ପ୍ୟାଣ୍ଟରେ ଏହାର ଷ୍ଟାଇଲ ଟିକେ ଅଲଗା ନିଶ୍ଚୟ। ତେଣୁ ଏହାକୁ ଅଫିସ କିମ୍ବା ଯେକୌଣସି ଉତ୍ସବରେ ପିନ୍ଧିପାରିବେ।

❖ଫ୍ଲୋରାଲ ପ୍ରିଣ୍ଟେଡ୍ କୁର୍ତ୍ତା ସହିତ ପ୍ଲେନ କଲରର ପ୍ୟାଣ୍ଟରେ ପଞ୍ଜାବୀ ଲୁକ୍ ବି ବହୁତ ଆକର୍ଷଣୀୟ ଲାଗିବ। ରେଗୁଲାର ୱେରଭାବେ ଏହାକୁ ବ୍ୟବହାର କରିପାରିବେ।

❖ଏଥନିକ୍ ମୋଟିଫ୍ ପ୍ରିଣ୍ଟେଡ୍ ଗୋଟାପଟ୍ଟି କୁର୍ତ୍ତା ପଟିଆଲା ପ୍ୟାଣ୍ଟ ସହିତ ବି ସୁନ୍ଦର ଲାଗିବ। ଅଧିକ ସାଇନିଂ କପଡା ପିନ୍ଧିବାକୁ ପସନ୍ଦ କରୁଥିଲେ ଏହି ଡିଜାଇନ୍ ବହୁତ ଭଲ। ଖାସ୍ ଦିନରେ ଏଭଳି ଡ୍ରେସ ଭଲ ଲାଗିବ।

❖ଅଥେଣ୍ଟିକ୍ ଓ ଦେଶୀ ପଞ୍ଜାବୀ ଲୁକ୍ ପସନ୍ଦ କରୁଥିଲେ ଗାଢ କଲରର ଏମ୍ବ୍ରୋଡରୀ ଡିଜାଇନ୍ ପିନ୍ଧନ୍ତୁ।

❖ଫ୍ୟାଶନ ଟ୍ରେଣ୍ଡରେ ଅନାରକଲୀ ପଞ୍ଜାବୀ ସୁଟ୍ ବି ମାର୍କେଟରେ ଉପଲବ୍ଧ ହେଉଛି। ଏହା ଉଭୟ ପଞ୍ଜାବୀ ଓ ରାଜସ୍ଥାନୀ ଷ୍ଟାଇଲ ଦେଇଥାଏ।

# ପରୀକ୍ଷା ପୂର୍ବରୁ...

**ପରୀକ୍ଷା ପୂର୍ବରୁ ବେଳେବେଳେ ପିଲାମାନେ ଅତ୍ୟଧିକ ଚାପର ଶିକାର ହୋଇଯାନ୍ତି। ସେମାନଙ୍କ ଟେନ୍‌ସନ୍ ଦୂର କରିବା ପାଇଁ ଅଭିଭାବକମାନେ କ'ଣ କରିବେ ଜାଣି ରଖନ୍ତୁ।**

– ଭଲ ରେଜଲ୍ଟ କରିବା ପାଇଁ କିଛି ଅଭିଭାବକ ପିଲାଙ୍କୁ ବାରମ୍ବାର ଚେତାଇ ସେମାନଙ୍କ ଉପରେ ଚାପ ପକାନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ବରଂ ପିଲାଙ୍କ ପ୍ରତି ନିଜର ବିଶ୍ୱାସ ଥିବା କହି ଉତ୍ସାହିତ କରନ୍ତୁ।

– ଘର ପରିବେଶକୁ ସକାରାତ୍ମକ ରଖନ୍ତୁ। ପରୀକ୍ଷା ପାଇଁ ପିଲା ଯଦି ଚିନ୍ତାରେ ରହୁଥାଏ ତେବେ ତା ସହିତ ପାଠ ବ୍ୟତୀତ ଅନ୍ୟ ବିଷୟରେ ଚର୍ଚ୍ଚା କରନ୍ତୁ।

–ପିଲାଙ୍କୁ ପାଠ ପଢିବାକୁ ପରାମର୍ଶ ଦିଅନ୍ତୁ କିନ୍ତୁ ଗାଳି କରନ୍ତୁ ନାହିଁ।

– ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ ପିଲାଙ୍କୁ ଠିକ୍ ସମୟରେ ସୁଷମ ଖାଦ୍ୟ ଦିଅନ୍ତୁ।

– ପିଲା ଯଦି ଲଗାତର ଘଣ୍ଟା ଘଣ୍ଟା ବସି ପଢୁଥାଏ ତେବେ ତାକୁ ମଝିରେ ମଝିରେ ବ୍ରେକ୍ ନେବା ପାଇଁ କୁହନ୍ତୁ। ଫଳରେ ମୁଡ୍ ଫ୍ରେଶ୍ ରହିବ ଏବଂ ପିଲାମାନେ ଷ୍ଟ୍ରେସ୍ ଫ୍ରି ରହିଥାନ୍ତି।

# ଅନ୍ୟ ପାଇଁ ହସ





**ବେଳେବେଳେ ପଦେ ମିଠା କଥାରେ କେତେକ'ଣ ସମସ୍ୟା ସମାଧାନ ହୋଇଯାଏ। ଠିକ୍ ସେମିତି ଟିକିଏ ହସରେ ବି ଘରସାରା ଖେଳିଯାଏ ଆନନ୍ଦର ଲହରି। ସେଥିପାଇଁ ତ ଅନେକ ସମୟରେ ଇଚ୍ଛା ନ ଥିଲେ ବି ହସି ହସି ବଞ୍ଚିବାର କଳାକୁ ଆପଣାଇଥାନ୍ତି ଗୃହିଣୀମାନେ...**

ପରିବାରର ଖୁସି ନିର୍ଭର କରିଥାଏ ମହିଳାଙ୍କ ଉପରେ। ସମସ୍ତଙ୍କ ସହ ସମ୍ପର୍କ ମଧୁର କରିବା ପାଇଁ ହେଲେ ସେମାନଙ୍କୁ ସବୁବେଳେ ଖୁସିରେ ରହିବାକୁ ହେବ। ଏଥିପାଇଁ ତ ଇଚ୍ଛା ଥାଉ କି ନ ଥାଉ କୌଣସି ପରିସ୍ଥିତିରେ ବି ସେମାନେ ନିଜ ମନର ଦୁଃଖକୁ ଚେହେରାରେ ପ୍ରକାଶ କରିବାକୁ ଦିଅନ୍ତି ନାହିଁ। ତେବେ କୌଣସି କାରଣରୁ ମହିଳାମାନେ ଯଦି ନିଜେ ମାନସିକ ଅବସାଦର ଶିକାର ହୋଇଯାଆନ୍ତି ତେବେ କଥା ସରିଲା। ତେଣୁ ଅବସାଦରୁ ଦୂରେଇ ରହି ଖୁସି ରହିବାର ମନ୍ତ୍ର ଜାଣିଥିଲେ ସବୁ ସମସ୍ୟା ଦୂରେଇ ଯିବ।

**ଥେରାପି:** ପାରିବାରିକ ଜଞ୍ଜାଳ ଭିତରେ ଅନେକ ସମୟରେ ସମସ୍ୟା ତ ଆସିବ, କିନ୍ତୁ ତା ଭିତରୁ ମୁକୁଳି ନିଜକୁ ଖୁସି କରିବାର କଳା ଜାଣିବାକୁ ହେବ। ମନ ଖୁସି କରିବା ପାଇଁ ବିଭିନ୍ନ ପ୍ରକାରର ମାଧ୍ୟମ ରହିଛି। ତେଣୁ ନିଜର ରୁଚି ଅନୁସାରେ ସେସବୁ ମାଧ୍ୟମକୁ ମହିଳା ଆପଣାଇ ପାରିବେ। ନାଚ କରିବା, ଗୀତ ଗାଇବା ଟିଭି ଦେଖିବା, ବହି ପଢିବା କିମ୍ବା ଅନ୍ୟ ଯେକୌଣସି ପ୍ରକାରର କାମ ହେଉ ନିଜକୁ ଖୁସି କରିବା ପାଇଁ ନିଜେ ସେସବୁ ଆପଣାଇ ନେବା ଦରକାର। ସମୟ ସୁଯୋଗ ବାହାର କରି ମନଖୋଲି ନିଜ ଇଚ୍ଛା ପୂରା କରନ୍ତୁ। ଏସବୁ ଥେରାପି ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଦେବ। ଏହା ବ୍ୟତୀତ ଆଜିକାଲି ମୁଡ୍ ରିଲାକ୍ସ କରିବା ପାଇଁ ବିଭିନ୍ନ ପ୍ରକାରର ଅନୁଷ୍ଠାନ ମଧ୍ୟ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ସେସବୁକୁ ଆପଣାଇ ନିଜକୁ ଅବସାଦ ମୁକ୍ତ କରିହେବ।

**ଶପିଂରେ ରିଲାକ୍ସ:** ମନ ଖୁସି କରିବାକୁ ମହିଳାମାନଙ୍କ ପାଇଁ ସବୁଠାରୁ ସୁନ୍ଦର ବିକଳ୍ପ ହେଉଛି ସପିଂ। କାହିଁକିନା ସାଧାରଣତଃ ମହିଳାମାନେ ସପିଂ କରିବା ପାଇଁ ବହୁତ ଭଲପାନ୍ତି। ଏମିତିକି ସପିଂ କରି ଏତେ ଖୁସି ହୋଇଯାନ୍ତି ଯେ କାମର ଚାପ ଥିଲେ ବି ରିଲାକ୍ସ ହେଇଯାନ୍ତି। ସପିଂ ଏକ ଥେରାପି ଭଳି କାମ ଦେଇଥାଏ। ତେଣୁ ଘର ପାଇଁ ହେଉ କି ନିଜ ପାଇଁ, ବିଭିନ୍ନ ଜିନିଷ କିଣାକିଣି କରିଲେ ନିଶ୍ଚିତଭାବେ ମନ ଖୁସି ହେବ।

**ସମୟ କଟାନ୍ତୁ:** ମନର କୌଣସି ପ୍ରକାରର କଷ୍ଟକୁ ବନ୍ଧୁମାନଙ୍କ ଆଗରେ ବେଶ୍ ସହଜରେ ପ୍ରକାଶ କରିହେବ। ତେଣୁ ଆବଶ୍ୟକ ହେଲେ ସାଙ୍ଗମାନଙ୍କ ସହ କିଛି ସମୟ କଟାନ୍ତୁ। ଘରର କୌଣସି ସମସ୍ୟା ନେଇ ସେମାନଙ୍କ ସହ କଥା ବାଣ୍ଟି ନ ପାରିଲେ ବି ଅନେକାଂଶରେ ମନ ହାଲ୍‌କା ଲାଗିବ। ଏହା ବ୍ୟତୀତ ପିଲାଙ୍କ ସହ ପାର୍କକୁ ଯିବା କିମ୍ବା କୌଣସି ଏକ ଭିନ୍ନ ପରିବେଶରେ ବାହାରକୁ ବୁଲିବାକୁ ଗଲେ ମନ ପରିବର୍ତ୍ତନ ହୋଇଥାଏ। ପ୍ରାକୃତିକ ପରିବେଶରେ କିଛି ମୁହୂର୍ତ୍ତ କଟାଇଲେ ବି ଏକ ସକରାତ୍ମକ ଉର୍ଜା ସୃଷ୍ଟି ହୋଇଥାଏ।

**ମନ ଖୋଲି କଥା ହୁଅନ୍ତୁ:** ନିଜର କୌଣସି ପ୍ରକାରର ସମସ୍ୟାକୁ ନିଜେ ସମାଧାନ କରିବାକୁ ସକ୍ଷମ ନ ଥିଲେ ପ୍ରଥମେ ସ୍ୱାମୀଙ୍କ ସହ ମନ ଖୋଲି କଥା ହୁଅନ୍ତୁ। ଯଦି ଘର ପରିବେଶରେ ତାଙ୍କ ସହ କଥା ହୋଇ ପାରୁ ନାହାନ୍ତି ତେବେ ବାହାରକୁ ବୁଲିବା ପାଇଁ ଯାଇପାରିବେ। ବାହାରେ ଉଭୟ କଥା ହେବା ପରେ ସମାଧାନର ରାସ୍ତା ତ ମିଳିବ ତା ସହ ମନ ହାଲ୍କା ଲାଗିବ।





## ଏମାନେ କ'ଣ କରନ୍ତି



### ଘରର ଶାନ୍ତି ବେଶି ଗୁରୁତ୍ୱପୂର୍ଣ୍ଣ

କୌଣସି କାରଣରୁ ମୋ ମନ ଦୁଃଖ ଥିଲେ ବି ଘରଲୋକଙ୍କୁ ଜଣାଇବାକୁ ଦିଏନି। ଭୁଲରେ ଯଦି କେବେ ମୁହଁ ଶୁଖି ଯାଇଥାଏ ତେବେ ମୋ ଶ୍ୱଶୁର ଭାରି ଅଭିମାନ କରନ୍ତି। ମୋ ମୁହଁ ଶୁଖିଲେ ତାଙ୍କୁ ଭଲ ଲାଗେନି। ସେଥିପାଇଁ ମତେ ସମସ୍ତଙ୍କ ସହ ହସି ହସି କଥା ହେବାକୁ ପଡେ। ତା ଛଡା ହସି ହସି କଥା ହେଲେ ଘରେ ସବୁବେଳେ ଶାନ୍ତି ବଜାୟ ରହିଥାଏ। କେହି ରାଗିଥିଲେ ବି ମୁଁ ତାଙ୍କ ସହ ହସି ହସି କଥା ହେଇଯାଏ, ତେଣୁ ବେଶି ସମୟ କେହି ରୁଷି ପାରନ୍ତି ନାହିଁ।

*–ଅନ୍ନପୂର୍ଣ୍ଣା ବିଶ୍ୱାଳ, ଲିଙ୍ଗପଡା, ସୋରୋ, ବାଲେଶ୍ୱର*



### ସମସ୍ତଙ୍କ ସହ ହସି ହସି କଥା ହୁଏ

ହସ ହସ ମୁହଁ ସମସ୍ତଙ୍କୁ ଭଲ ଲାଗେ, ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ପିଲାବେଳରୁ ଆମକୁ ପ୍ରାର୍ଥନା ମାଧ୍ୟମରେ ବି ଏହି ଶିକ୍ଷା ଦିଆଯାଇଛି। ତେଣୁ ଭଲ କାମ କରିବା ସହିତ ମୁହଁରେ ସବୁ ସମୟରେ ହସ ରଖିବା ପାଇଁ ମୁଁ ଚେଷ୍ଟା କରିଥାଏ। ଘର ହେଉ କି ଅଫିସ୍ ସବୁ ସ୍ଥାନରେ ମୁଁ ଖୁସିରେ ଥାଏ ଓ ହସି ହସି ସମସ୍ତଙ୍କ ସହ କଥା ହୁଏ। କାହାକୁ କେବେ ଝଗଡା କରିବା ଭଳି କଥା କହେନି। ସେଥିପାଇଁ ସମସ୍ତେ ମତେ ବହୁତ ଭଲ ପାନ୍ତି।

*–ରାନୁ ମହାନ୍ତି, ଗଡେଇ ପୋଖରୀ, ଘଣ୍ଟେଶ୍ୱର, ଭଦ୍ରକ*

ସୌନ୍ଦର୍ଯ୍ୟ

# ଚକୋଲେଟ୍ ଫେସିଆଲ୍

**ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବା ପାଇଁ ନିୟମିତ ଫେସିଆଲ କରିବାକୁ ହୋଇଥାଏ। ତେବେ ଚକୋଲେଟ୍ ଫେସିଆଲ କରି ତ୍ୱଚାକୁ ସୁନ୍ଦର କରିବା ସହ ଉଜ୍ଜ୍ୱଳତା ବଢ଼ାଇହେବ...**



❖ପ୍ରଥମେ ୧ ଚାମଚ କୋକୋ ପାଉଡରରେ ୨ ଚାମଚ ଆଲୋଭେରା ଜେଲ୍ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ଗୋଲାକାରଭାବେ ମୁହଁରେ କିଛି ସମୟ ଘଷିବା ପରେ ୨ ମିନିଟ୍ ଛାଡି ଦିଅନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ।



❖ ଚିନି ୧ ଚାମଚ ନେଇ ସେଥିରେ ୨ ଚାମଚ କୋକୋ ପାଉଡର ଏବଂ ୨ ଚାମଚ ନଡିଆ ତେଲ ମିଶାଇ ମୁହଁରେ ଅତି କମ୍‌ରେ ୫ରୁ ୭ ମିନିଟ୍ ଘଷନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ମୃତ କୋଷଗୁଡିକ ବାହାରି ଯିବ ଓ ତ୍ୱଚା କୋମଳ ହୋଇ ପାରିବ।

❖କୋକୋ ପାଉଡର ୧ ଚାମଚ ସହିତ ମହୁ ୧ ଚାମଚ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଅତି କମ୍‌ରେ ମୁହଁରେ ଏହି ମିଶ୍ରଣକୁ ୧୫ ମିନିଟ୍ ରଖି ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚା କୋମଳ ହେବା ସହ ଉଜ୍ଜ୍ୱଳତା ବୃଦ୍ଧି ପାଇବ।

❖ ଚକୋଲେଟକୁ ତରଳାଇ ସେଥିରେ କିଛି ଦହି ମିଶାଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁ ତଥା ବେକରେ ଲଗାଇ ଅଧଘଣ୍ଟା ପରେ ଧୋଇ ଦିଅନ୍ତୁ। ତ୍ୱଚା ସୁନ୍ଦର ଦେଖାଯିବ।

❖ଚକୋଲେଟ୍ ଫେସିଆଲ କରିବାର ଦୁଇ ତିନି ଦିନ ପରେ ତ୍ୱଚାରେ ଚମକ ଆସିଥାଏ। ତେଣୁ କୌଣସି ବିଶେଷ ଉତ୍ସବ ପାଇଁ ଏହି ଫେସିଆଲ କରୁଥିଲେ ଦୁଇ ତିନି ଦିନ ପୂର୍ବରୁ କରନ୍ତୁ।

# ଘରକରଣା

➤ରୋଷେଇ ପରେ ଦାଗ ଲାଗିଥିବା ବାସନକୁ ସହଜରେ ସଫା କରିବା ପାଇଁ ବେକିଂ ସୋଡା ବ୍ୟବହାର କରିପାରିବେ। ପ୍ରଥମେ ବେକିଂ ସୋଡାକୁ ବାସନର ଚାରିକଡରେ ଲଗାଇ ୫– ୧୦ମିନିଟ୍ ଛାଡି ଦିଅନ୍ତୁ। ଏହାପରେ ଯେକୌଣସି ବାସନ ମଜା ସାବୁନ ନେଇ ସଫା କରି ଦିଅନ୍ତୁ। ବାସନରୁ ସବୁ ଦାଗ ଛାଡି ଯିବ।

➤ବାସନରେ ଯଦି ପୋଡା ଦାଗ ଲାଗି ଯାଇଥାଏ ତେବେ ସେଥିରେ ଫାଳେ



ଲେମ୍ବୁକୁ ଘଷିବା ପରେ ଗରମ ପାଣି ଭର୍ତ୍ତି କରି ଛାଡି ଦିଅନ୍ତୁ। କିଛି ସମୟ ପରେ ବାସନ ମାଜି ଦିଅନ୍ତୁ, ସବୁ ଦାଗ ସଫା ହୋଇଯିବ।

➤ ଦାଗ ଲାଗିଥିବା ବାସନରେ ପ୍ରଥମେ ଭିନେଗାର ଓ ବେକିଂ ସୋଡାକୁ ମିଶାଇ ଲଗାଇ କିଛି ସମୟ ରଖି ଦିଅନ୍ତୁ। ଏହାପରେ ବାସନ ମାଜି ସଫା କରନ୍ତୁ, ସବୁ ଦାଗ ସହଜରେ ସଫା ହୋଇଯିବ।

➤ ପୋଡି ଯାଇଥିବା ଚା କିମ୍ବା କ୍ଷୀର ବାସନରୁ ଦାଗ ଛଡାଇବା ପାଇଁ ୨ ବଡ ଚାମଚ ଲୁଣ ପକାଇ ସେଥିରେ ପାଣି ଓ କିଛି ଲିକୁଇଡ୍ ଡିସ୍‌ୱାସ୍ ପକାନ୍ତୁ। ସେହି ପାଣିକୁ ଚୁଲିରେ ବସାଇ କିଛି ସମୟ ଗରମ କରି ଘଣ୍ଟାଏ ଛାଡି ଦିଅନ୍ତୁ। ଏହାପରେ ବାସନ ମାଜି ସଫା କରନ୍ତୁ।

ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ–** ସାଗୁ– ୧ କପ୍, ଆଳୁ– ୨ଟି, ବାଦାମ– ଅଧାକପ୍, ଜିରା– ୧ ଚାମଚ, କଞ୍ଚାଲଙ୍କା–୨ଟି, ଲଙ୍କାଗୁଣ୍ଡ– ଅଳ୍ପ, ଧନିଆ ପତ୍ର– ଅଳ୍ପ, ସୈନ୍ଧବ ଲବଣ– ଅଳ୍ପ, ଆବଶ୍ୟକ ଅନୁସାରେ ରିଫାଇନ୍ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସାଗୁକୁ ଧୋଇ ୨–୩ ଘଣ୍ଟା ଭିଜାଇ ରଖି ଦିଅନ୍ତୁ। ଏହାପରେ ଆଳୁକୁ ସିଝାଇ ଛୋଟ ଛୋଟ କରି ରଖନ୍ତୁ। କଡେଇ ଗରମ କରି ସେଥିରେ ବାଦାମକୁ ବିନା ତେଲରେ ଭାଜି ବାହାର କରି ଦିଅନ୍ତୁ। ଏହାପରେ କଡେଇରେ ଦୁଇ ଚାମଚ ରିଫାଇନ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ସିଝା ଆଳୁ ପକାନ୍ତୁ। ଆଳୁ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ କଞ୍ଚାଲଙ୍କାକୁ କାଟି ପକାନ୍ତୁ। ଏବେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ଲଙ୍କାଗୁଣ୍ଡ ମଧ୍ୟ ପକାଇ ଦିଅନ୍ତୁ।

ଆଳୁ ଭାଜି ହୋଇଯିବା ପରେ ସେଥିରେ ଭଜା ହୋଇଥିବା ବାଦାମ ଓ ଧନିଆ ପତ୍ର ପକାନ୍ତୁ। ଏବେ ସେଥିରେ ସାଗୁକୁ ପାଣିରୁ ଛାଣି ପକାଇ ଗ୍ୟାସକୁ କମାଇ ଦିଅନ୍ତୁ। କମ୍ ଆଞ୍ଚରେ କିଛି ସମୟ ଗୋଳାନ୍ତୁ। ସାଗୁ ପକାଇବା ପରେ ଲଗାତର ଗୋଳାନ୍ତୁ, ନଚେତ୍ କଡେଇରେ ଲାଗିଯିବ। କିଛି ସମୟ ଗୋଳାଇବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି।



# ଭାରତ ସେମିଫାଇନାଲରେ

ଜିକ୍ବେବର୍‌ହା (ଦକ୍ଷିଣ ଆଫ୍ରିକା), ୨୦।୨

ଚଳିତ ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପର ସୋମବାର ଅନୁଷ୍ଠିତ ମ୍ୟାଚରେ ଭାରତ ଡକ୍‌ୱର୍ଥ ଲୁଇସ ନିୟମରେ ଆୟର୍ଲାଣ୍ଡକୁ ୫ ରନରେ ପରାସ୍ତ କରିଛି। ଏଥିସହ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ଆୟର୍ଲାଣ୍ଡ ୮.୨ ଓଭରରେ ୨ ଉଇକେଟ

**ମହିଳା ଟି୨୦ କ୍ରିକେଟ ବିଶ୍ୱକପ**

ହରାଇ ୫୪ ରନ କରିଥିବାବେଳେ ବର୍ଷା ଆରମ୍ଭ ହୋଇଥିଲା। ଆଉ ଖେଳ ସମ୍ଭବ ନ ହେବାରୁ ଫଳାଫଳ ପାଇଁ ଡକ୍‌ୱର୍ଥ ଲିୱିସ ନିୟମ ପ୍ରଣୟନ କରାଯାଇଥିଲା। ଏଥିରେ ଆୟର୍ଲାଣ୍ଡ ୫ ରନ ପଛରେ ରହି ଯାଇଥିଲା। ଭାରତ ୪ ମ୍ୟାଚରୁ ୩ ବିଜୟ ସହ ୬ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ସମସ୍ତ ୪ଟି ଯାକ ମ୍ୟାଚ ହାରି ଅଭିଯାନ ଶେଷ କରିଛି। ମଙ୍ଗଳବାର ଇଂଲଣ୍ଡ-ପାକିସ୍ତାନ ମ୍ୟାଚପରେ ଗ୍ରୁପ୍ 'ବି'ରୁ କେଉଁ ଦଳ ଶୀର୍ଷସ୍ଥାନ ଅଧିକାର କରିବ ସ୍ପଷ୍ଟ ହେବାପରେ ସେମିଫାଇନାଲ ଲାଇନ୍‌ଅପ୍ ସ୍ଥିର ହେବ। ଇଂଲଣ୍ଡ ୩ ମ୍ୟାଚରୁ ୬ ପଏଣ୍ଟ ପାଇ ସାରିଛି।



ପ୍ଲେୟର ଅଫ୍ ଦି ମ୍ୟାଚ୍ ସ୍ମୃତି ମନ୍ଧାନା

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୫୫/୬ (ସ୍ମୃତି ମନ୍ଧାନା-୮୭, ଶେଫାଳି ବର୍ମା-୨୪, ଲୌରା ଡେଲାନି-୩/୩୩, ଓର୍ଲା ପ୍ରେଣ୍ଡରଗାଷ୍ଟ-୨/୨୨, ଆର୍ଲେନେ କେଲି-୧/୨୮)। ଆୟର୍ଲାଣ୍ଡ ୮.୨ ଓଭରରେ ୫୪/୨(ଗାବି ଲିୱିସ-୩୨*, ଲୌରା ଡେଲାନି-୧୭*, ରେଣୁକା ସିଂ-୧/୧୦)। ଡକ୍‌ୱର୍ଥ ଲୁଇସ ନିୟମରେ ଭାରତ ୫ ରନରେ ବିଜୟୀ।

୧୫୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଆୟର୍ଲାଣ୍ଡ ପ୍ରଥମ ଓଭରରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆମି ହଣ୍ଟର ୧ ରନକରି ରନ୍‌ଆଉଟ ହୋଇଥିବାବେଳେ ଓର୍ଲା ପ୍ରେଣ୍ଡରଗାଷ୍ଟଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ପଠାଇଥିଲେ ରେଣୁକା ସିଂ। ଗାବି ଲିୱିସ ଓ ଲୌରା ଡେଲାନି ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ। ତେବେ ୮.୨ ଓଭରରେ ଆୟର୍ଲାଣ୍ଡ ୨ ଉଇକେଟ ହରାଇ ୫୪ ରନ କରିଥିବାବେଳେ ବର୍ଷା ଆରମ୍ଭ ହୋଇଥିଲା। ଡକ୍‌ୱର୍ଥ ଲିୱିସ ନିୟମ ଅନୁସାରେ ଏହା ବିଜୟ ଲକ୍ଷ୍ୟଠାରୁ ୫ ରନ୍ କମ୍ ଥିଲା। ବିଜୟୀ ହେବାପାଇଁ ଦଳକୁ ଏହି ସମୟରେ ଅତିକମ୍‌ରେ ୫୯ ରନ କରିବା ଆବଶ୍ୟକ ହେଉଥିଲା। ଭାରତ ଏହାର ପ୍ରଥମ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ଉଇକେଟରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଦଳ ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ଇଂଲଣ୍ଡଠାରୁ ୧୧ ରନରେ ହାରିଯିବାରୁ ବିଜୟରେ ବ୍ରେକ୍ ଲାଗିଥିଲା। ଗ୍ରୁପ୍ 'ବି'ରେ ଇଂଲଣ୍ଡ ସେମିରେ ପ୍ରବେଶ କରିଛି।

## ସ୍ମୃତି ଶ୍ରେଷ୍ଠ, କୌର ୩୦୦୦

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ଦୁଇ ଓପନର ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା ଓପନିଂ ଯୋଡ଼ିରେ ୫୭ ବଲ୍‌ରୁ ୬୨ ରନ ଯୋଗକରି ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ମ୍ୟାଚର ୧୦ମ ଓଭରରେ ଶେଫାଳି ବ୍ୟକ୍ତିଗତ ୨୪ (୨୯ ବଲ, ୩ ଚୌକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଆୟର୍ଲାଣ୍ଡ ଅଧିନାୟିକା ଲୌରା ଡେଲାନି ଦଳକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମନ୍ଧାନା କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଧିନାୟିକା ହରମନପ୍ରୀତ କୌରଙ୍କ ଖରାପ ଫର୍ମ ଏଠାରେ ମଧ୍ୟ ଜାରି ରହିଥିଲା। ସେ ୨୦ ବଲ୍‌ରୁ ମାତ୍ର ୧୩ ରନ କରି ପାରିଥିଲେ। ତେବେ ପ୍ରଥମ ଭାରତୀୟ ମହିଳା ଭାବେ ସେ ଟି୨୦ ଅନ୍ତର୍ଜାତୀୟରେ ୩୦୦୦ ରନ ପୂରଣ କରିଥିଲେ। ରିଚା ଘୋଷ ଓ ଦୀପ୍ତି ଶର୍ମା ଖାତା ଖୋଲିପାରି ନ ଥିବାବେଳେ ଜେମିମା ରୋଡ୍ରିଗ୍ୱେଜ ୧୯ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ମନ୍ଧାନା ୫୬ଟି ବଲ୍ ଖେଳି ସର୍ବାଧିକ ୮୭ ରନ କରିଥିଲେ। ଏହା ମଧ୍ୟରେ ସେ ୯ ଚୌକା ଓ ୩ ଛକା ମାରିଥିଲେ। ଟି୨୦ ଅନ୍ତର୍ଜାତୀୟରେ ଏହାଥିଲା ତାଙ୍କର ଶ୍ରେଷ୍ଠ ଇନିଂସ। ପୂର୍ବରୁ ସେ ସର୍ବାଧିକ ୮୬ ରନ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଅଧିନାୟିକା ଲୌରା ଡେଲାନି ୩ଟି, ଓର୍ଲା ପ୍ରେଣ୍ଡରଗାଷ୍ଟ ୨ଟି ଓ ଆର୍ଲେନେ କେଲି ଗୋଟିଏ ଉଇକେଟ ନେଇଥିଲେ।

## ଶ୍ରୀଲଙ୍କାକୁ ବିଦାକଲା ନ୍ୟୁଜିଲାଣ୍ଡ

**ପାର୍ଲ,୨୦।୨(ପି.ଟି.):** ମହିଳା ଟି ୨୦ କ୍ରିକେଟ ବିଶ୍ୱକପ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଓପ୍‌ନର ସୁଜି ବେଟ୍ସ (୫୬) ଓ ଆମେଲିଆ କେର୍‌ଙ୍କ (୬୬) ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କାକୁ ୧୦୨ ରନ୍‌ରେ ପରାସ୍ତ କରିବା ସହିତ ଟୁର୍ନାମେଣ୍ଟରୁ ବିଦା କରିଛି। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ୧୬୨ ରନ୍ କରିଥିବା ବେଳେ ଶ୍ରୀଲଙ୍କା ୧୫.୫ ଓଭରରେ ୬୦ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ବୃହତ୍ ବ୍ୟବଧାନର ପରାଜୟ ସହିତ ଶ୍ରୀଲଙ୍କାର ସେମିଫାଇନାଲ ଆଶା ଧୂଳିସାତ୍ ହୋଇଯାଇଥିଲା। ସୁଜି ୪୯ ବଲ୍ ଖେଳି ୬ ଚୌକା ମାରିଥିବା ବେଳେ ଆମେଲିଆ ୪୮ ବଲ୍‌ରୁ ୬ ଚୌକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅଚିନି କୁଳସୂର୍ଯ୍ୟା ଓ ଇନୋକା ରଣୱିରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୩ ରନ୍ ଜବାବରେ ଶ୍ରୀଲଙ୍କାର ୯ ଜଣ ବ୍ୟାଟର ଦୁଇଅଙ୍କରେ ପହଞ୍ଚିପାରି ନ ଥିବା ବେଳେ ଅଧିନାୟିକା ଚମାରି ଆଟ୍ଟାପଟ୍ଟୁ ୧୯ ରନ୍ କରିଥିଲେ। ଆମେଲିଆ କେର୍ ଓ ଲି ତାହୁହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ କେର୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କା ହାରିବା କାରଣରୁ ଆୟୋଜକ ଦକ୍ଷିଣ ଆଫ୍ରିକା ନିକଟରେ ସେମି ଫାଇନାଲ ପ୍ରବେଶର ସୁଯୋଗ ରହିଛି। ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହେଲେ ଦଳ ସେମିରେ ପ୍ରବେଶ କରିବ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୨/୩ (ଆମେଲିଆ କେର-୬୬, ସୁଜି ବେଟ୍ସ-୫୬, ବର୍ନାଣ୍ଡିନ୍ ବେଜୁଇଡେନହାଉଟ୍-୩୨, ଅଚିନି କୁଳସୂର୍ଯ୍ୟା-୧/୧୪, ଇନୋକା ରଣୱିରା-୧/୨୭)। ଶ୍ରୀଲଙ୍କା ୧୫.୫ ଓଭରରେ ୬୦/୧୦ (ଚମାରି ଆଟ୍ଟାପଟ୍ଟୁ-୧୯, ଆମେଲିଆ କେର୍-୨/୭, ଲି ତାହୁହୁ-୨/୧୨)।

# ଓଡ଼ିଶା ଏଫ୍‌ସିରେ ବ୍ରାଜିଲ ଖେଳାଳି

**ସିନ୍ଥିଆ ମାର୍ସୋଣ୍ଡେସ୍ ଡସ୍ ସାଣ୍ଟୋସ ଖେଳିବେ ଓମେନ୍ସ ଲିଗ୍**

ଭୁବନେଶ୍ୱର,୨୦।୨ (ସ୍ପୋର୍ଟ୍ସ ବ୍ୟୁରୋ)

ବ୍ରାଜିଲ ଖେଳାଳି ସିନ୍ଥିଆ ମାର୍ସୋଣ୍ଡେସ୍ ଡସ୍ ସାଣ୍ଟୋସଙ୍କ ସହ ଚୁକ୍ତି କରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ପ୍ରଥମ ବ୍ରାଜିଲ ଖେଳାଳି ଭାବରେ ସିନ୍ଥିଆ ଇଣ୍ଡିଆନ୍ ଓମେନ୍ସ ଲିଗ୍ ଖେଳିବାକୁ ଯାଉଛନ୍ତି। ଏହି ଟୁର୍ନାମେଣ୍ଟ ଏପ୍ରିଲ-ମେ ମଧ୍ୟରେ ଅନୁଷ୍ଠିତ ହେବ। ବ୍ରାଜିଲର ସାଓ ପାଓଲୋରେ ଜନ୍ମିତ ସିନ୍ଥିଆ ନିଜ କ୍ୟାରିୟରେ ବିଭିନ୍ନ ଲିଗ୍‌ରେ ଖେଳିଛନ୍ତି। ସିନ୍ଥିଆଙ୍କ ନିକଟରେ ଲେଫ୍ଟ ୱିଙ୍ଗ, ଫରୱାର୍ଡ କିମ୍ବା ଫୁଲବ୍ୟାକ୍ ଭାବରେ ଖେଳିବାର ଅଭିଜ୍ଞତା ରହିଛି। ବ୍ରାଜିଲିଏରୋ ଫେମିନାଇନରେ ସେରୀ ଏ-୧ ଓ ସେରୀ ଏ-୨ ଖେଳି ସାରିଥିବା ସିନ୍ଥିଆ ଗ୍ରେମିଓ ରିକ୍ରିଟିଭୋ, ଇସି ଭିକ୍ଟୋରିଆ ବିଏ, ସାଣ୍ଟାକ୍ରୁଜ୍ ପିଇ, ଏସ୍ପୋର୍ଟେ କ୍ଲବ ଟୁବାଟେ ପରି ଟିମ୍ ପକ୍ଷରୁ ଖେଳିଛନ୍ତି। ସାଓ ପାଓଲୋ ଓ ପେର୍‌ନାମବୁକାନୋର କାମ୍ପେଓନାଟୋ ଟୁର୍ନାମେଣ୍ଟ ବିଜୟୀ ହେବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ବ୍ରାଜିଲର ଘରୋଇ ଫୁଟବଲ ସର୍କିଟରେ ସିନ୍ଥିଆ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ତାଙ୍କ ଉପସ୍ଥିତି ଅନେକ ଯୁବ ଖେଳାଳିଙ୍କୁ ପ୍ରଫେଶନାଲ ଫୁଟବଲ ଆଡକୁ ଆକର୍ଷିତ କରିବ ବୋଲି ଓଏଫ୍‌ସି ପକ୍ଷରୁ କୁହାଯାଇଛି।



# ପୁରସ୍କାର ଦୌଡରେ ସ୍ଲମ୍ ସକ୍କର

ଲଣ୍ଡନ,୨୦।୨(ପି.ଟି.)

ନୂଆଦିଲ୍ଲୀରେ ଫୁଟବଲ ସଚେତନତା ଦିଗରେ କାର୍ଯ୍ୟ କରୁଥିବା ସ୍ଲମ୍ ସକ୍କର ସମ୍ମାନଜନକ ଲୌରିୟସ୍ ସ୍ପୋର୍ଟ୍ସ ଫର୍ ଗୁଡ୍ ଆୱାର୍ଡ ପୁରସ୍କାର ଦୌଡରେ ସାମିଲ ହୋଇଛି। ବାସହରା ଶିଶୁ ମାନଙ୍କୁ ଫୁଟବଲ ଓ ଶିକ୍ଷା ପ୍ରଦାନରେ ଏହି ସଂସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁ ମାନଙ୍କ ଜୀବନଶୈଳୀକୁ ପ୍ରଭାବିତ କରୁଥିବା କୌଣସି ବ୍ୟକ୍ତି ବିଶେଷ ଅଥବା ସଂସ୍ଥାକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ବର୍ଗରେ ଅନ୍ୟ ୪ଟି ସଂସ୍ଥା ମଧ୍ୟ ରହିଛନ୍ତି। ଲୌରିୟସ୍ ୱାର୍ଲ୍ଡ ସ୍ପୋର୍ଟ୍ସମ୍ୟାନ୍ ଅଫ୍ ଦ ଇୟର ତାଲିକାରେ ଆର୍ଜେଣ୍ଟିନାର ବିଶ୍ୱକପ ବିଜୟୀ ଅଧିନାୟକ ଲିଓନେଲ ମେସି, କିଲିଆନ୍ ଏମ୍‌ବାପେ, ମାକ୍ସ ଭର୍ଷ୍ଟାପେନ୍, ମଣ୍ଡୋ ଡୁପ୍ଲେଣ୍ଟିସ୍ ଓ ଷ୍ଟେଫ୍ କରି ରହିଛନ୍ତି। ଲୌରିୟସ୍ ୱାର୍ଲ୍ଡ ସ୍ପୋର୍ଟ୍ସଓମ୍ୟାନ୍ ଅଫ୍ ଦ ଇୟର ତାଲିକାରେ ଆମେରିକୀୟ ଆଥଲେଟ ସେଲି ଆନ୍ ଫ୍ରେଜର, ଅଷ୍ଟ୍ରେଲିଆର ମ୍ୟାକ୍‌ଲାଫ୍‌ଲିନ୍ ଲେବ୍ରନ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫୁଟବଲର ଆଲେକ୍ସିଆ ପୁଟେଲାସ୍, ମିକାଏଲା ଶିଫ୍‌ରିନ୍ ଓ ଟେନିସ୍ ଖେଳାଳି ଇଗା ସ୍ୱିଟେକ୍ ଏହି ତାଲିକାରେ ସାମିଲ ଅଛନ୍ତି। ଲୌରିୟସ୍ ୱାର୍ଲ୍ଡ ସ୍ପୋର୍ଟ୍ସ ଟିମ୍ ଅଫ୍ ଦ ଇୟର ତାଲିକାରେ ବିଶ୍ୱକପ

**ଲୌରିୟସ୍ ସ୍ପୋର୍ଟ୍ସ ଫର୍ ଗୁଡ୍ ଆୱାର୍ଡ**

ବିଜୟୀ ଆର୍ଜେଣ୍ଟିନା, ରିଅଲ ମାଡ୍ରିଡ୍, ଏନ୍‌ବିଏ ଚାମ୍ପିୟନ ଗୋଲ୍ଡେନ୍ ଷ୍ଟେଟ୍, ଫ୍ରାନ୍ସର ପୁରୁଷ ରଗ୍‌ବୀ ଦଳ ଏବଂ ଇଂଲଣ୍ଡ ମହିଳା ଫୁଟବଲ ଦଳକୁ ମନୋନୀତ କରାଯାଇଛି। ଲୌରିୟସ୍ ୱାର୍ଲ୍ଡ ବ୍ରେକ୍ ଥ୍ରୁ ଅଫ୍ ଦ ଇୟର ତାଲିକାରେ ଫିଫା ବିଶ୍ୱକପ ସେମି ଫାଇନାଲିଷ୍ଟ ମରକ୍କୋ ଦଳକୁ ସାମିଲ କରାଯାଇଛି। ଏହି ତାଲିକାରେ ଫିଗର ସ୍କେଟର ନାଥାନ ଚେନ୍, ୧୦୦ ମିଟର ବାଧା ଦୌଡ ଧାବକ ଟୋବି ଅମୁସାନ ପ୍ରମୁଖ ଏହି ତାଲିକାରେ ସାମିଲ ଅଛନ୍ତି।

# ସ୍ୱଦେଶ ଫେରିଲେ ପ୍ୟାଟ୍ କୁମିନ୍ସ

**ନୂଆଦିଲ୍ଲୀ, ୨୦।୨ (ପି.ଟି.):** ପରିବାରର କେହି ଗୁରୁତର ଅସୁସ୍ଥ ଥିବାରୁ ଦିଲ୍ଲୀରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ପରେ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ ପ୍ୟାଟ୍ କୁମିନ୍ସ ଭାରତ ଗସ୍ତ ଅଧାରୁ ସ୍ୱଦେଶ ଫେରିଛନ୍ତି। ତେବେ ଇନ୍ଦୋର ଓ ଅହମ୍ମଦାବାଦରେ ଖେଳାଯିବାକୁ ଥିବା ବର୍ଡର-ଗାଭାସ୍କାର ଟ୍ରଫିର ଅବଶିଷ୍ଟ ଦୁଇଟି ମ୍ୟାଚ୍ ବେଳକୁ ସେ ଫେରିଆସିଥିବେ ବୋଲି ଆଶା କରାଯାଉଛି। ଭାରତ ରବିବାର ୩ ଦିନ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ଜିତିନେଇଛି। ପରବର୍ତ୍ତୀ ମ୍ୟାଚ୍ ମାର୍ଚ୍ଚ ୧ରୁ ଇନ୍ଦୋରରେ ଖେଳାଯିବ। ଚତୁର୍ଥ ଟେଷ୍ଟ ଅହମ୍ମଦାବାଦରେ ମାର୍ଚ୍ଚ ୯ରୁ ଖେଳାଯିବାକୁ ଥିବାରୁ ଉଭୟ ଦଳକୁ କିଛିଦିନ ଛୁଟି ମିଳିଛି। ଭାରତ ଓ ଅଷ୍ଟ୍ରେଲିଆ ଆହୁରି ମଧ୍ୟ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଖେଳିବେ। ଏହା ମାର୍ଚ୍ଚ ୧୭ରୁ ଆରମ୍ଭ ହେବ। ଏହି ଟୁର୍‌ରେ ଭାରତର ସ୍ପିନରମାନଙ୍କ ବିପକ୍ଷରେ ଅଷ୍ଟ୍ରେଲିଆ ବିଫଳ ହୋଇଛି।




72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଡାଉନ୍ ପେମେଣ୍ଟ ପଲ୍‌ସର୍ P150 SD ଭେରିଏଣ୍ଟ ପାଇଁ ମିଳୁଛି । ଡାଉନ୍ ପେମେଣ୍ଟ ରେ ପ୍ରୋସେସିଙ୍ଗ ଫୀସ୍ ଆଉ ଅନ୍ୟ ଶୁଳ୍କ ମିଶିନାହିଁ ଆଉ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ଅଧୀନ ଅଟେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍‌ସ ନିର୍ଭର କରେ । ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌କୁ ରଦ କରିବାର ଅଧିକାର ରଖୁଛି । ପ୍ରଦର୍ଶିତ ଷ୍ଟଣ୍ଟସ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପରଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ରାସ୍ତା ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ବନ୍ଦ ସୀମିତ ପରିବେଶରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ । ସବୁବେଳେ ଟ୍ରାଫିକ୍ ନିୟମ ପାଳନ କରନ୍ତୁ । ଏଏମ୍‌ସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ । ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ । ରୋଡ୍ ସାଇଡ୍ ସହାୟତା ଅନ୍ୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road VINAYAK BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Chandikhole TARINI BAJAJ 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Iginia 7064422415, Rasulgad 9937284842, Nimapada 9437030368, Charichak 9658078583, Kaktpur 9776125534,, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh 9937289417, Bidharpur 7008503281, Banki 8895278126, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945, Nischintakoili 8917622159

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ